# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, August 22/2024 | Page 18 | ₹ 7.00

୫୦ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 268 | ମୂଲ୍ୟ ₹୭/-



DSPL - 82

ODISHA
INDIA'S BEST KEPT SECRET.



## ଦେଶକୁ ଗୌରବାନ୍ୱିତ କରିଥିବାରୁ ଭାରତୀୟ ହକି ଦଳର ସଫଳ ତାରକାମାନଙ୍କୁ ଧନ୍ୟବାଦ



"ପ୍ୟାରିସ୍‌ରେ ବ୍ରୋଞ୍ଜ, ଆମ ଦେଶର ଗର୍ବ"

**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତୀୟ ଜାତୀୟ ହକି ଦଳକୁ ସହଯୋଗର ହାତ ବଢ଼ାଇଥିବାରୁ
ଓଡିଶା ଆଜି ଗର୍ବିତ



OIPR-29001/13/0018/2425

**କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା**

# ମୃତଦେହ ବିକୁଥିଲେ ସନ୍ଦୀପ ଘୋଷ


ସନ୍ଦୀପ ଘୋଷ

**ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରଠୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ତତ୍କାଳୀନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କ ବିରୋଧରେ ସଙ୍ଗିନ ଅଭିଯୋଗର ତାଲିକା ଲମ୍ବିବାରେ ଲାଗିଛି। ଫର୍ଦ୍ଦ ପରେ ଫର୍ଦ୍ଦ ତାଙ୍କ କଳା କାରନାମା ଉପରୁ ପରଦା ହଟିବା ସହ ସମ୍ମାନଜନକ ଡାକ୍ତରୀ ବୃତ୍ତି ଲୋକଚକ୍ଷୁରେ ସନ୍ଦିଗ୍ଧ ହୋଇଯାଇଛି। ଏକ ଖ୍ୟାତନାମା ସରକାରୀ ହସ୍ପିଟାଲର ମୁଖ୍ୟ ପଦରେ ଥିବା ଜଣେ ଡାକ୍ତର ଟଙ୍କା ପାଇଁ ଏତେ ତଳକୁ ଖସିଯାଇପାରନ୍ତି, ସମ୍ଭବତଃ ଦେଶବାସୀ ତାହା ପ୍ରଥମ ଥର ଜାଣିବାକୁ ପାଉଛନ୍ତି।**

କୋଲକାତା,୨୧।୮

ସନ୍ଦୀପ ଘୋଷ ଆର୍.ଜି. କର ହସ୍ପିଟାଲର ଅଧ୍ୟକ୍ଷ ଥିବାବେଳେ ଅନେକ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ସେ ଉକ୍ତ ହସ୍ପିଟାଲରେ ପ୍ରାଣ ହରାଉଥିବା ରୋଗୀମାନଙ୍କ ମୃତଦେହକୁ ବିକ୍ରି କରୁଥିଲେ ବୋଲି ତାଙ୍କର ଜଣେ ପୂର୍ବତନ ସହଯୋଗୀ ଅଭିଯୋଗ ଆଣିଛନ୍ତି। ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଖତାର ଅଲୀ ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ କହିଛନ୍ତି, ଦାବି କରାଯାଇ ନ ଥିବା ଅନେକ ମୃତଦେହକୁ ସନ୍ଦୀପ ବିକ୍ରି କରିଦେଉଥିଲେ। ଏନେଇ ତାଙ୍କ ବିରୋଧରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏପରି କି ସେ ବାୟୋମେଡିକାଲ ଆବର୍ଜନ ଓ ମେଡିକାଲ ସାମଗ୍ରୀ ବାଂଲାଦେଶକୁ ଚାଲାଣ କରୁଥିଲେ। ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ସଞ୍ଜୟ ରୟ ସନ୍ଦୀପଙ୍କ ସୁରକ୍ଷା ଦାୟିତ୍ୱରେ ଥିବାବେଳେ ତାଙ୍କଠାରୁ ଏସବୁ କିଣି ବାଂଲାଦେଶକୁ ପଠାଉଥିଲେ।

ଆର୍.ଜି. କର ହସ୍ପିଟାଲରେ ୨୦୨୩ ଯାଏ କାର୍ଯ୍ୟରତ ଥିବା ଅଖତର ଆହୁରି କହିଛନ୍ତି, ସନ୍ଦୀପଙ୍କ ଏହି କେଳେଙ୍କାରୀ ସମ୍ପର୍କରେ ସେ ପଶ୍ଚିମବଙ୍ଗ ଭିଜିଲାନ୍ସ କମିଶନଙ୍କ ଆଗରେ ଉଠାଇଥିଲେ। ଏକ ତଦନ୍ତରେ ସନ୍ଦୀପଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହେବା ପରେ ବି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଅଖତର ଯେଉଁଦିନ ତଦନ୍ତ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ଦାଖଲ କରିଥିଲେ, ସେହିଦିନ ତାଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା। ଉକ୍ତ କମିଟିର ଅନ୍ୟ ୨ ସଦସ୍ୟଙ୍କୁ ମଧ୍ୟ ଟ୍ରାନ୍ସଫର କରାଯାଇଥିଲା। 'ଛାତ୍ରୀଛାତ୍ରଙ୍କୁ ଏହି ବ୍ୟକ୍ତିଙ୍କଠାରୁ ରକ୍ଷା କରିବା ପାଇଁ ଯାହା ଆବଶ୍ୟକ ମୁଁ ସବୁ କରିଥିଲି। କିନ୍ତୁ ଏଥିରେ ବିଫଳ ହୋଇଥିଲି' ବୋଲି ଅଖତର କହିଛନ୍ତି।

### ସବୁ ଟେଣ୍ଡରରେ ୨୦% କମିଶନ

ବଳାତ୍କାର ଓ ହତ୍ୟା ଘଟଣାରେ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ପ୍ରିନ୍ସିପାଲ ପଦରୁ ଇସ୍ତଫା ଦେବାର କିଛି ଘଣ୍ଟା ଭିତରେ ସନ୍ଦୀପଙ୍କୁ କାଲକାଟା ମେଡିକାଲ କଲେଜରେ ପୁଣି ଅବସ୍ଥାପିତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କୁ ଭର୍ତ୍ସନା କରିବା ସହ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ପଠାଇଦେଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ପରେ ମମତାଙ୍କ ସରକାର ଆର୍.ଜି. କର ହସ୍ପିଟାଲରେ ଚାଲିଥିବା ଆର୍ଥିକ ଅନିୟମିତତାର ୨୦୨୧ ଜାନୁଆରୀରୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଖତର କହିଛନ୍ତି, ସନ୍ଦୀପ ପିଲାଙ୍କୁ ପାସ୍ କରାଇବା ପାଇଁ ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଉଥିଲେ। କେତେଜଣ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଜାଣିଶୁଣି ସେମାନଙ୍କୁ ଫେଲ୍ କରିଦିଆଯାଉଥିଲା। ସନ୍ଦୀପ ପ୍ରତ୍ୟେକ ଟେଣ୍ଡରରେ ୨୦% କମିଶନ ନେଉଥିଲେ। ହସ୍ପିଟାଲ ସମ୍ପର୍କିତ ଟେଣ୍ଡରଗୁଡ଼ିକ କେବଳ ସନ୍ଦୀପଙ୍କ ଦୁଇଜଣ ଘନିଷ୍ଠ ସହଯୋଗୀ ସୁମନ ହଜ୍‌ରା ଓ ବିପ୍ଳବ ସିଂହାଙ୍କୁ ଦିଆଯାଉଥିଲା। ୨୦% କମିଶନ ପାଇବା ପରେ ହିଁ ସନ୍ଦୀପ ଟେଣ୍ଡର କାମ ଦେଉଥିଲେ। ସୁମନ ଓ ବିପ୍ଳବଙ୍କର ୧୨ଟି କମ୍ପାନୀ ରହିଛି। ଅତୀତରେ ସନ୍ଦୀପଙ୍କୁ ୨ ଥର ବଦଳି କରାଯାଇଥିଲା। କିନ୍ତୁ ତାଙ୍କ ପ୍ରତି ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସମର୍ଥନ ରହିଥିବାରୁ ସେ ପୁନର୍ବାର ଆର୍.ଜି. କର ହସ୍ପିଟାଲକୁ ଫେରିବାରେ ସକ୍ଷମ ହୋଇଥିଲେ। ସନ୍ଦୀପ ସମାଜ ପାଇଁ ଜଣେ କ୍ଷତିକାରକ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ ବୋଲି ଅଖତର ଦାବି କରିଛନ୍ତି।

**ଆର୍.ଜି. କରଃ କଳା ଇତିହାସ**

### ଯେଉଁଠି ପଢ଼ିଲେ, ସେଇଠି ପ୍ରିନ୍ସିପାଲ

ଅଗଷ୍ଟ ୮ ରାତିରେ କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସେମିନାର ହଲ୍‌ରେ ୩୧ ବର୍ଷୀୟା ଟ୍ରେନି ମହିଳା ଡାକ୍ତରଙ୍କ ସହ ବର୍ବରତା ସାମ୍ନାକୁ ଆସିବା ପରଠୁ ପୂର୍ବ ପ୍ରିନ୍ସିପାଲ ସନ୍ଦୀପ ଘୋଷ ଖବରର ଶିରୋନାମା ମଣ୍ଡନ କରିବାରେ ଲାଗିଛନ୍ତି। ସନ୍ଦୀପ କୋଲକାତା ନିକଟ ବନଗାଁଓ ହାଇସ୍କୁଲରେ ପାଠ ପଢ଼ିବା ପରେ ମେଡିକାଲ ଓ ଇଞ୍ଜିନିୟରିଂ ପାଇଁ ଉଦ୍ଦିଷ୍ଟ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)ରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଆର୍.ଜି. କର ମେଡିକାଲ କଲେଜରେ ପାଠ ପଢ଼ିଥିଲେ। ୧୯୯୪ରେ ଏମ୍‌ବିବିଏସ୍‌ରେ ଉତ୍ତୀର୍ଣ୍ଣ ହେବା ପରେ ଅସ୍ଥିଶଲ୍ୟ ସର୍ଜନ ହୋଇଥିଲେ। ୨୦୨୧ରେ ତାଙ୍କୁ ଆର.ଜି. କର ହସ୍ପିଟାଲରେ ପ୍ରିନ୍ସିପାଲ ନିଯୁକ୍ତ କରାଯାଇଥିଲା। ଏହା ପୂର୍ବରୁ ସେ କାଲକାଟା ନ୍ୟାଶନାଲ ମେଡିକାଲ କଲେଜରେ ଭାଇସ୍ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିଥିଲେ।


ପୂର୍ବତନ କ୍ରିକେଟର ସୌରଭ ଗାଙ୍ଗୁଲି, ତାଙ୍କ ସ୍ତ୍ରୀ ତଥା ନୃତ୍ୟଶିଳ୍ପୀ ଡୋନା ଗାଙ୍ଗୁଲିଙ୍କ ସହ ପରିବାର ସଦସ୍ୟମାନେ କୋଲକାତା ବାସଭବନରେ କ୍ୟାଣ୍ଡେଲ ଜାଳି ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ମିମି ଚକ୍ରବର୍ତ୍ତୀଙ୍କୁ ବଳାତ୍କାର ଧମକ



ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଚାଲିଥିବା ବିକ୍ଷୋଭରେ ଅଭିନେତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ଏମ୍‌ପି ମିମି ଚକ୍ରବର୍ତ୍ତୀ ସାମିଲ ହୋଇଛନ୍ତି। ଏଥିପାଇଁ ମିମିଙ୍କୁ ବଳାତ୍କାର ଧମକ ଦିଆଯାଇଛି। ତାଙ୍କ ପାଖକୁ ଲଗାତର ଭାବେ ମେସେଜ ଆସୁଛି। ଏନେଇ ସେ ମଙ୍ଗଳବାର ସୋସିଆଲ ମିଡିଆରେ ପ୍ଲାଟ୍‌ଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆମେ ଲଢ଼େଇ କରୁଛୁ। କିନ୍ତୁ ଆମକୁ ବଳାତ୍କାର ଧମକ ମିଳୁଛି। ଉକ୍ତ ପୋଷ୍ଟକୁ କୋଲକାତା ପୋଲିସର ସାଇବର ସେଲ୍ ବିଭାଗକୁ ଟ୍ୟାଗ୍ କରିଛନ୍ତି। ମିମି ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଯାଦବପୁର ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କ ବ୍ୟତୀତ ରିଦ୍ଧି ସେନ୍, ଅରିନ୍ଦମ ସିଲ ଏବଂ ମଧୁମିତା ସରକାରଙ୍କ ଭଳି ସେଲିବ୍ରିଟିମାନେ ଅଗଷ୍ଟ ୧୪ ରାତିରେ 'ରିକ୍ଲେମ୍ ଦି ନାଇଟ୍' ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ପୀଡ଼ିତାଙ୍କ ପରିଚୟ ପ୍ରଘଟକାରୀ ପୋଷ୍ଟ ହଟାଇବାକୁ ସାମାଜିକ ଗଣମାଧ୍ୟମକୁ କେନ୍ଦ୍ରର ନିର୍ଦ୍ଦେଶ

ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ପୀଡ଼ିତାଙ୍କ ନାମ, ଫଟୋ ଓ ଭିଡିଓ ପ୍ରକାଶ ପାଉଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାର ଦିନକ ପରେ ସୂଚନା ଓ ପ୍ରଯୁକ୍ତି (ଆଇଟି) ମନ୍ତ୍ରଣାଳୟ ସର୍ବୋଚ୍ଚ ଅଦାଲତଙ୍କ ରାୟର ଅନୁପାଳନ କରିବାକୁ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ପରାମର୍ଶ ଦେଇଛି। ମୃତ ମହିଳା ଡାକ୍ତରଙ୍କ ପରିଚୟ ପ୍ରଘଟ ହେଲା ଭଳି ପୋଷ୍ଟଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ କୁହାଯାଇଛି। ଏହାର ଅବମାନନା କଲେ ସମ୍ପୃକ୍ତ ପ୍ଲାଟଫର୍ମ ଏବଂ ୟୁଜର୍ସଙ୍କ ବିରୋଧରେ ଆଇନଗତ ଓ ନିୟାମକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

## ୨୦୨୫ ଏପ୍ରିଲ ସୁଦ୍ଧା ମହାକାଶ ଯିବେ ଶୁଭ୍ରାଂଶୁ

ନୂଆଦିଲ୍ଲୀ, ୨୧।୮

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ଏବଂ ଆମେରିକୀୟ ମହାକାଶ ସଂସ୍ଥା ନାସା ମଧ୍ୟରେ ସହଭାଗିତା ପଦକ୍ଷେପ ସ୍ୱରୂପ 'ଆକ୍ସିଓମ ସ୍ପେସ୍ ଏଏକ୍ସ-୪' ମିଶନ ଅନୁଯାୟୀ, ଆସନ୍ତାବର୍ଷ ଏପ୍ରିଲ ସୁଦ୍ଧା ଭାରତୀୟ ମହାକାଶଚାରୀ ଶୁଭ୍ରାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)କୁ ଉଡାଣ କରିବେ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏଥି ନିମନ୍ତେ ଗ୍ରୁପ୍ କ୍ୟାପଟେନ ଶୁଭ୍ରାଂଶୁ ଶୁକ୍ଲା ଓ ଗ୍ରୁପ୍ କ୍ୟାପଟେନ ପ୍ରଶାନ୍ତ ବାଲକୃଷ୍ଣନ ନାୟର ସମ୍ପ୍ରତି ଆମେରିକାରେ ତାଲିମ ନେଉଥିବା ସେ କହିଛନ୍ତି। 'ଆକ୍ସିଓମ ସ୍ପେସ୍ ଏଏକ୍ସ-୪' ମିଶନ ପାଇଁ ଇସ୍ରୋ ଶୁଭ୍ରାଂଶୁଙ୍କୁ ନିଯୁକ୍ତ କରିଥିବାବେଳେ ପ୍ରଶାନ୍ତ ଏହି ମିଶନରେ ବ୍ୟାକ୍‌ଅପ୍ ପ୍ରାର୍ଥୀ ଭାବେ ରହିଛନ୍ତି।


ଶୁଭ୍ରାଂଶୁ ଶୁକ୍ଲା

## ବଦଲାପୁରରେ ସ୍କୁଲ, ଇଣ୍ଟରନେଟ ବନ୍ଦ

### ୨ ନାବାଳିକାଙ୍କୁ ଯୌନ ଶୋଷଣ ମାମଲା

ଠାଣେ, ୨୧।୮

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ବଦଲାପୁରର ଏକ ସ୍କୁଲରେ ୨ ଜଣ ନର୍ସରୀ ପଢୁଥିବା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବାର ମାମଲା ସାମନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ବିରୋଧ ପ୍ରଦର୍ଶନ କରାଯିବା ସହ ଉତ୍ତେଜନା ସୃଷ୍ଟି ହୋଇଛି। ତେଣୁ ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଧବାର ବଦଲାପୁରରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ସହରର ସ୍ଥିତି ସମୀକ୍ଷା କରାଯିବା ପରେ ଇଣ୍ଟରନେଟ ପୁନଃ ସ୍ଥାପିତ କରାଯିବ ବୋଲି ଠାଣେ ଡିସିପି ସୁଧାକର ପଠାରେ କହିଛନ୍ତି। ସେହିପରି ବୁଧବାର ବଦଲାପୁରର ଅଧିକାଂଶ ସ୍କୁଲ ବନ୍ଦ ରହିଛି। ମଙ୍ଗଳବାର ସହରରେ ବିଭିନ୍ନ ସ୍ଥାନରେ ୨ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନାକୁ ବିରୋଧ କରି ବିକ୍ଷୋଭକାରୀ ପୋଲିସ ଉପରକୁ ଟେକା,ପଥର ଆଦି ଫିଙ୍ଗିଥିଲେ। ଏଥିରେ ବଦଲାପୁର ପୋଲିସର ୧୭ ଜଣ କର୍ମୀ ଓ ୮ ଜଣ ରେଲୱେ ପୋଲିସ କର୍ମୀ ଆହତ ହୋଇଛନ୍ତି। ତେବେ ଏହି ହିଂସାକୁ କେନ୍ଦ୍ର କରି ୭୨ ଜଣଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସୂଚନାଯୋଗ୍ୟ, ବଦଲାପୁରର ଏକ ସ୍କୁଲର ଜଣେ ୨୩ ବର୍ଷୀୟ ସଫେଇ କର୍ମଚାରୀ ୨ ଜଣ ୪ ବର୍ଷୀୟା ନର୍ସରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା କରିଥିବାର ଅଭିଯୋଗ ହୋଇଛି।

### ୨୪ରେ ଏମ୍‌ଭିଏର ମହାରାଷ୍ଟ୍ର ବନ୍ଦ ଡାକରା

ବଦଲାପୁରରେ ୨ ଜଣ ନର୍ସରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ମାମଲାରେ ରାଜ୍ୟର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି(ଏମଭିଏ) ପକ୍ଷରୁ ଆସନ୍ତା ଅଗଷ୍ଟ ୨୪ରେ ମହାରାଷ୍ଟ୍ର ବନ୍ଦ ଡାକରା ଦିଆଯାଇଛି। ବରିଷ୍ଠ ନେତା ଶରଦ ପାୱାରଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ଏମ୍‌ଭିଏର ଏକ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଥିବା ନେଇ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ବିଜୟ ୱଡେଟ୍ଟିୱାର୍ ସୂଚନା ଦେଇଛନ୍ତି। ତେବେ ମଙ୍ଗଳବାର ବଦଲାପୁରରେ ହୋଇଥିବା ବିରୋଧ ପ୍ରଦର୍ଶନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଅଧିକାଂଶ ବିକ୍ଷୋଭକାରୀ ଠାଣେ ଜିଲାର ବାସିନ୍ଦା ହୋଇ ନ ଥିବା ସେ କହିଛନ୍ତି। ଉକ୍ତ ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ସେ ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି।

## ଫାର୍ମା ଫ୍ୟାକ୍ଟ୍ରିରେ ବିସ୍ଫୋରଣ, ୧୭ ମୃତ




ଅମରାବତୀ, ୨୧।୮

ଆନ୍ଧ୍ରପ୍ରଦେଶ ଅନ୍‌କାପଲ୍ଲୀ ଜିଲାର ଅଚ୍ୟୁତପୁରମ ସ୍ପେଶିଆଲ ଇକୋନୋମିକ ଜୋନ୍ ସ୍ଥିତ ଏସ୍କିଏଣ୍ଟିଆ ନାମକ ଏକ ଫାର୍ମା କମ୍ପାନୀର କାରଖାନାରେ ବୁଧବାର ବିସ୍ଫୋରଣ ଘଟିବାରୁ ୧୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ଏନ୍‌ଟିଆର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଘଟଣାସ୍ଥଳରେ ୬ଟି ଅଗ୍ନିଶମ ଗାଡ଼ି ନିୟୋଜିତ ହୋଇଥିବାବେଳେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ(ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାରକାର୍ଯ୍ୟ କରାଯାଉଥିବା ଅନ୍‌କାପଲ୍ଲୀ ଜିଲାପାଳ ସୂଚନା ଦେଇଛନ୍ତି। ବିସ୍ଫୋରଣ ସମୟରେ କାରଖାନାର ୩୦୦ ଜଣ ଉପସ୍ଥିତ ଥିବା ସେ କହିଛନ୍ତି। ଦୁର୍ଘଟଣାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେ ସ୍ଥାନୀୟ ଅଧିକାରୀଙ୍କ ସମ୍ପର୍କରେ ଥିବା କହିଛନ୍ତି। ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଗୁରୁବାର ଉକ୍ତ କାରଖାନାକୁ ପରିଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି।



## ପୋଲାଣ୍ଡରେ ମୋଦି, ୨୩ରେ ୟୁକ୍ରେନ୍ ଯିବେ

ୱାର୍‌ସ, ୨୧।୮

ପୋଲାଣ୍ଡ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୱାର୍‌ସସ୍ଥିତ ନଓ୍ୱାନଗରର ମେମୋରିଆଲ ଜାମ୍ ସାହେବରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପୋଲାଣ୍ଡରେ ୨ ଦିନ ରହଣି ପରେ ଆସନ୍ତା ୨୩ରେ ୟୁକ୍ରେନ୍ ରାଜଧାନୀ କିଭ୍ ଗସ୍ତ କରିବେ। ସେଠାରେ ସେ ୭ ଘଣ୍ଟା ଅବସ୍ଥାନ କରିବେ। ୧୯୯୧ରେ ୟୁକ୍ରେନ୍ ସ୍ୱାଧୀନ ହେବା ପରେ ଏହା କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ କିଭ୍ ଗସ୍ତ। ରୁଷିଆ ସହ ୟୁକ୍ରେନ୍‌ର ଯୁଦ୍ଧ ଚାଲିଥିବାବେଳେ ଶାନ୍ତି ଫେରାଇ ଆଣିବା ଦିଗରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିବେ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ଇରାନରେ ବସ୍ ଦୁର୍ଘଟଣା, ୨୮ ମୃତ

ତେହେରାନ, ୨୧।୮

ପାକିସ୍ତାନର ଶିଆ ତୀର୍ଥଯାତ୍ରୀଙ୍କୁ ଧରି ଯାଉଥିବା ଏକ ବସ୍ ବୁଧବାର ମଧ୍ୟ ଇରାନର ୟଜ୍ଦ ପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଏହି ଦୁର୍ଘଟଣାରେ ୨୩ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ସ୍ଥାନୀୟ ଜରୁରିକାଳୀନ ଅଧିକାରୀ ମହମ୍ମଦ ଅଲ୍ଲୀ ମାଲେକଜାଦେହ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟିବାବେଳେ ବସ୍ ମଧ୍ୟରେ ୫୧ ଜଣ ତୀର୍ଥଯାତ୍ରୀ ଉପସ୍ଥିତ ଥିଲେ।

## ଟୋମିକୋ ଇଟୁକା ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି

ଟୋକିଓ, ୨୧।୮

ପଶ୍ଚିମ ଜାପାନର ଆଶିଆ ସହର ନିବାସୀ ଟୋମିକୋ ଇଟୁକା ଆଧିକାରିକ ଭାବେ ବୁଧବାର ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ହୋଇପାରିଛନ୍ତି। ୧୧୬ ବର୍ଷୀୟା ଇଟୁକା ସବୁଠୁ ବୟସ୍କ ବ୍ୟକ୍ତି ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନିତ ହୋଇଛନ୍ତି। ସ୍ପେନ୍‌ର ୧୧୭ ବର୍ଷୀୟା ମାରିଆ ବ୍ରାନ୍ୟାସ୍‌ଙ୍କ ମୃତ୍ୟୁ ପରେ ଇଟୁକୋ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ୩ ମାସ ତଳେ ସେ ନିଜର ୧୧୬ ତମ ଜନ୍ମଦିବସ ପାଳନ କରିଥିଲେ। ଜଣେ ପୂର୍ବତନ ପର୍ବତାରୋହୀ ଭାବେ ଇଟୁକାଙ୍କର ବହୁ ଖ୍ୟାତି ରହିଛି। ୭୦ ଦଶକରେ ଜାପାନର ୩ ହଜାର ମିଟର ଉଚ୍ଚତା ବିଶିଷ୍ଟ 'ମାଉଣ୍ଟ ଆଣ୍ଟେକ'କୁ ସେ ୨ ଥର ଚଢ଼ିବାରେ ସଫଳ ହୋଇଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୨୪ | Bhubaneswar, Thursday, August 22/2024 | ପୃଷ୍ଠା-୧




**ଶ୍ରୀଜେଶଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ**

ଭାରତୀୟ ହକି ଦଳର ଗୋଲ୍ କିପର ପି.ଆର. ଶ୍ରୀଜେଶଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

୧୫

୧୩

**ଅଲଗା ହେବେ ଜେନିଫର୍, ବେନ୍**

ବିବାହର ୨ ବର୍ଷ ପରେ ଆମେରିକୀୟ ଅଭିନେତ୍ରୀ ଜେନିଫର୍ ଲୋପେଜ୍ ଓ ଅଭିନେତା ବେନ୍ ଆଫ୍ଲେକ୍ ଅଲଗା ହେବାକୁ ଯାଉଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ହକି ଦଳର ଅଧିନାୟକ ହରମନପ୍ରୀତ ସିଂଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। **(ଅଧିକ ଫଟୋ ଓ ରିପୋର୍ଟ: ଖେଳ ପୃଷ୍ଠା)**

# ଚିକିଟିରେ ବିଷାକ୍ତ ମଦ ନେଲା ୨ ଜୀବନ

## ଏମ୍‌କେସିଜି ମେଡିକାଲରେ ୧୧ ଚିକିତ୍ସାଧୀନ

**ଚିକିଟି,୨୧।୮ (ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଚିକିଟି ଏନ୍‌ଏସି ଅନ୍ତର୍ଗତ ଜେନାପୁର ଗ୍ରାମର ଜୁର ବେହେରା (୪୭) ଓ ଲୋକନାଥ ବେହେରା (୩୪)। ମଙ୍ଗଳବାର ମଧ୍ୟ ରାତିରେ ଜୁର ଓ ବୁଧବାର ଅପରାହ୍ନରେ ଲୋକନାଥଙ୍କ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଯାଇଛି। ଏମ୍‌କେସିଜିରେ ଏବେ ୧୧ ଜଣଙ୍କ ଚିକିତ୍ସା ଚାଲିଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଇରୀ ସେଠୀ, ଲକ୍ଷ୍ମଣ ବେହେରା ଓ ଦୁର୍ଯ୍ୟୋଧନ ବେହେରା ଆଇସିୟୁରେ ଅଛନ୍ତି। ଅନ୍ୟପଟେ ଏହି ମଦମୃତ୍ୟୁ ଘଟଣା ଜଣାପଡିବା ପରେ ସକାଳେ ଜେନାପୁରରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଓ ମଦ ବନ୍ଦ ଦାବି ନେଇ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

ମାଉନ୍ଦପୁର ଗ୍ରାମରେ ଦେଶୀମଦ ପିଇ ଗତ ସୋମବାର ☞ପୃଷ୍ଠା-୨

## ବିଧାନସଭାରେ ମଦମୃତ୍ୟୁ ଝଡ଼

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ଗଞ୍ଜାମ ଜିଲା ଚିକିଟିରେ ବିଷାକ୍ତ ମଦ ପିଇ ୧୬ ଜଣ ଅସୁସ୍ଥ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ଚିକିଟିରେ ପ୍ରବଳ ଉତ୍ତେଜନା ଦେଖାଦେଇଥିବାବେଳେ ବିଧାନସଭାରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଛି। ବିଜେଡି ସଦସ୍ୟମାନେ ଚିକିଟି ମଦ ମୃତ୍ୟୁକୁ ନେଇ ସରକାରଙ୍କୁ ଘେରିଛନ୍ତି। ଏହି ମଦ ମୃତ୍ୟୁ ପାଇଁ ଦାୟୀ କିଏ। କି କି ତଦନ୍ତ ହୋଇଛି। କାହିଁକି ବିଷାକ୍ତ ମଦ ବିକ୍ରି ହେଉଥିଲା। ସରକାର ଏହାର ଜବାବ ଦେବା ସହ ଘଟଣାର ଆର୍‌ଡିସି ସ୍ତରୀୟ ତଦନ୍ତ କରିବାକୁ ଦାବିକରି ବିଜେଡି ସଦସ୍ୟମାନେ ପ୍ରବଳ ହଙ୍ଗାମା କରି ବିଧାନସଭାକୁ ଅଚଳ କରିଛନ୍ତି। ଅନ୍ୟପକ୍ଷରେ ଜନଜାତିଙ୍କ ସୁରକ୍ଷା ଦାବିକରି କଂଗ୍ରେସ ସଦସ୍ୟମାନେ ମଧ୍ୟ ବିଧାନସଭାରେ ହଙ୍ଗାମା କରିଛନ୍ତି। ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଧାନସଭା ଅଧିବେଶନର ଓଳିଏ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ☞ପୃଷ୍ଠା-୨

## ହଟିଲେ ବ୍ରହ୍ମପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ବେଆଇନ ମଦ କାରବାର ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଚିକିଟି ମଦମୃତ୍ୟୁ ଘଟଣା ପରେ ବ୍ରହ୍ମପୁରର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ଅପସାରଣ ପାଇଁ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ। ଏଥିସହିତ ବେଆଇନ ତଥା ଚୋରା ମଦ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ମଦମୃତ୍ୟୁ ଘଟଣା ନେଇ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ଅବକାରୀ କମିଶନର ନରସିଂହ ଭୋଲଙ୍କ ସହ ଆଲୋଚନା କରିବା ସହ ଏ ସମ୍ପର୍କରେ ସବିଶେଷ ତଥ୍ୟ ମାଗିଥିଲେ। ରାଜ୍ୟର ସମସ୍ତ ଅଞ୍ଚଳରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ବେଆଇନ ☞ପୃଷ୍ଠା-୨

# ମହିଳା ବିରୋଧୀ ଅପରାଧ | ୧୫୧ ଏମ୍‌ପି, ବିଧାୟକ ଅଭିଯୁକ୍ତ

## ଓଡ଼ିଶାର ୧୬ ବିଧାୟକ, ଜଣେ ଏମ୍‌ପି

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ଦେଶରେ ବର୍ତ୍ତମାନ ୧୫୧ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ବିଚାରାଧୀନ ରହିଛି। ଏହି କ୍ଷେତ୍ରରେ ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ପରେ ଓଡ଼ିଶାର ଜନପ୍ରତିନିଧିଙ୍କ ସ୍ଥାନ ତୃତୀୟରେ ରହିଛି। ନିର୍ବାଚନ ବେଳେ ନାମାଙ୍କନ ପାଇଁ ଏମ୍‌ପି, ବିଧାୟକ ପ୍ରାର୍ଥୀ ଦାଖଲ କରିଥିବା ସତ୍ୟପାଠଗୁଡ଼ିକୁ ବିଶ୍ଳେଷଣ କରି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ଏନେଇ ଏକ ରିପୋର୍ଟ ପ୍ରକାଶ କରିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଦେଶରେ ହୋଇଥିବା ବିଭିନ୍ନ ନିର୍ବାଚନବେଳେ ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ନିକଟରେ ଦାଖଲ ହୋଇଥିବା ବର୍ତ୍ତମାନର ବିଧାୟକ ଏବଂ ଏମ୍‌ପିମାନଙ୍କ ୪,୮୦୯ ସତ୍ୟପାଠରୁ ୪,୬୯୩ଟିକୁ ଯାଞ୍ଚ କରି ଏଡିଆର୍ ଉକ୍ତ ରିପୋର୍ଟ ପ୍ରକାଶ କରିଛି। ୧୩୫ ବିଧାୟକ ଓ ୧୬ ଏମ୍‌ପିଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ଚାଲିଛି। ରାଜ୍ୟଗୁଡ଼ିକ ମଧ୍ୟରୁ ଏହି ତାଲିକାରେ ପଶ୍ଚିମବଙ୍ଗ ସର୍ବାଗ୍ରେ ରହିଛି। ପଶ୍ଚିମବଙ୍ଗର ୨୫, ଆନ୍ଧ୍ରର ୨୧ ଓ ଓଡ଼ିଶାର ୧୭ ବିଧାୟକ ଏବଂ ଏମ୍‌ପି ନିଜ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଥିବା ବିଷୟ ସେମାନେ ଘୋଷଣା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଦେଶରେ ଭାଜପାର ସର୍ବାଧିକ

ADR
Association for Democratic Reforms

୫୪ ଏମ୍‌ପି ଏବଂ ବିଧାୟକଙ୍କ ନାଁରେ ମହିଳା ବିରୋଧୀ ଅପରାଧ ରହିଛି। ସେହିପରି କଂଗ୍ରେସର ୨୩ ଓ ତେଲୁଗୁ ଦେଶମ ପାର୍ଟି(ଟିଡିପି)ର ୧୭ ଏମ୍‌ପି ଓ ବିଧାୟକଙ୍କ ନାଁରେ ଏଭଳି ସଙ୍ଗିନ ମାମଲା ରହିଛି। ରିପୋର୍ଟ ଅନୁଯାୟୀ, ଭାରତର ୧୬ ବିଧାୟକ ଓ ଏମ୍‌ପିଙ୍କ ବିରୋଧରେ ବଳାତ୍କାର ମାମଲା ରହିଛି। ସେଥିମଧ୍ୟରୁ ୧୪ ବିଧାୟକ ଓ ୨ ଏମ୍‌ପି ରହିଛନ୍ତି। ଉଭୟ ଭାଜପା ଏବଂ କଂଗ୍ରେସର ୫ ଲେଖାଏ ବିଧାୟକ ଓ ଏମ୍‌ପିଙ୍କ ନାଁରେ ବଳାତ୍କାର ମାମଲା ରହିଛି।

ଓଡ଼ିଶାର ୧୭ ଜଣଙ୍କ ମଧ୍ୟରୁ ୧୬ ବିଧାୟକ ଏବଂ ଜଣେ ଏମ୍‌ପି ଅଛନ୍ତି। ଅଭିଯୁକ୍ତ ବିଧାୟକମାନଙ୍କ ମଧ୍ୟରୁ ତାଳଚେର ବ୍ରଜକିଶୋର ପ୍ରଧାନଙ୍କ ବିରୋଧରେ ବଳାତ୍କାର ମାମଲା ଚାଲିଥିବା ସେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ☞ପୃଷ୍ଠା-୨

# ଆସନ ଗୋଟିଏ, ୨ ନାମାଙ୍କନ

**ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)**

ଓଡ଼ିଶାରେ ଖାଲିଥିବା ଗୋଟିଏ ରାଜ୍ୟ ସଭା ଆସନ ଲାଗି ଭାଜପାରୁ ଦୁଇ ଜଣ ନେତା ନାମାଙ୍କନ ଦାଖଲ କରିବା ଏବେ ସମସ୍ତଙ୍କୁ ଚକିତ କରିଛି। ବୁଧବାର ବିଧାନସଭାର ରୁମ୍ ନଂ. ୨୨ରେ ରିଟର୍ନିଂ ଅଫିସର ଅବନୀକାନ୍ତ ନାୟକଙ୍କ ନିକଟରେ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଭାବେ ମମତା ମହାନ୍ତ ନାମାଙ୍କନ ଭରିଥିଲେ। ମମତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ ନଂ ପ୍ରସ୍ତାବକ ରହିଥିଲେ। ଏହାର ଘଣ୍ଟାକ ପରେ ୨୦୨୪ରେ ଭୁବନେଶ୍ୱର ମଧ୍ୟ ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିବା ଜଗନ୍ନାଥ ପ୍ରଧାନ ନାମାଙ୍କନ ଭରିଥିଲେ। ଜଗନ୍ନାଥଙ୍କ ପାଇଁ ୧୦ଭାଜପା ବିଧାୟକ ଅଗସ୍ତି ବେହେରା, ଦୁର୍ଗାପ୍ରସନ୍ନ ନାୟକ, ରଘୁନାଥ ଜଗଦଳା, ଗୁପୁ ଭତ୍ରା, ଗୌରିଶଙ୍କର ମାଝୀ, ଦୁଷ୍ମନ୍ତ କୁମାର ସ୍ୱାଇଁ, ଲକ୍ଷ୍ମଣ ବାଗ୍, ଉମା ଚରଣ ମଲ୍ଲିକ, ପ୍ରକାଶ ସୋରେନ୍ ଏବଂ ମନୋରଞ୍ଜନ ଦ୍ୟାନସାମନ୍ତରାୟ ପ୍ରସ୍ତାବକ ରହିଛନ୍ତି। ଜଗନ୍ନାଥ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିଥିବାବେଳେ ତାଙ୍କୁ ଡମି କ୍ୟାଣ୍ଡିଡେଟ୍ ଦିଆଯାଇଥିବା ଦଳ ତରଫରୁ କୁହାଯାଇଛି।

ଏହି ଘଟଣା ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି, କାରଣ ବିଧାନସଭାରେ ଭାଜପାର ୭୮ ବିଧାୟକ ଥିବାବେଳେ ବିଜେଡିର ୫୧ ଏବଂ କଂଗ୍ରେସର ୧୪ ଜଣ ଅଛନ୍ତି। ଅନ୍ୟପକ୍ଷରେ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଭାଜପା ସପକ୍ଷରେ ଥିବାବେଳେ ସିପିଆଇଏମ୍‌ରୁ ଜିତିଥିବା ଜଣେ ବିଧାୟକଙ୍କ ସମର୍ଥନ ବିରୋଧୀଙ୍କ ସପକ୍ଷରେ ରହିବ। ତେଣୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ପ୍ରାର୍ଥୀ ଜିତାଇବା ପାଇଁ ୨ ବିରୋଧୀ ବିଜେଡି ଏବଂ କଂଗ୍ରେସ ପାଖରେ ସଂଖ୍ୟା ନାହିଁ। ଏପରି କି ଉଭୟ ବିରୋଧୀ ଦଳ କେହି ପ୍ରାର୍ଥୀ ଦେଇନାହାନ୍ତି। ତେଣୁ କେବଳ ଭାଜପା ପ୍ରାର୍ଥୀଙ୍କ ପାଖରେ ସଂଖ୍ୟା ରହିଛି। ଏଭଳିସ୍ଥିତିରେ ଜଗନ୍ନାଥଙ୍କୁ ଡମି କ୍ୟାଣ୍ଡିଡେଟ କହିବା ରାଜନୈତିକ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନିକଟରେ ଜଗନ୍ନାଥ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଠାରୁ ମାତ୍ର ୩୭ ଖଣ୍ଡ ଭୋଟରେ ପରାଜିତ ହୋଇଥିବାରୁ ପୁନର୍ବାର ତାଙ୍କୁ ଏଭଳି ଅପଦସ୍ଥ କରିବାର ଉଦ୍ଦେଶ୍ୟ କ'ଣ ତାହା ବୁଝାପଡୁ ନାହିଁ। ରାଜନୈତିକ ପର୍ଯ୍ୟବେକ୍ଷକମାନେ ଏହା ମଧ୍ୟ କହୁଛନ୍ତି ଯେ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। କାରଣ ଦଳରେ ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ଅଧିକ ଗୁରୁତ୍ୱ ମିଳୁଥିବାବେଳେ ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**

**ରାମାୟଣ ଓ ମହାଭାରତ କଥା**

# ଆଇଏଏସ୍ ଅଫିସରସ୍ତରରେ ବଡ଼ ଅଦଳବଦଳ

## ସତ୍ୟବ୍ରତ-ଗୃହ, ଦେଓରଞ୍ଜନ-ରାଜସ୍ୱ, ଅଶ୍ୱସ୍ତି ଏସ୍.-ସ୍ୱାସ୍ଥ୍ୟ, ଶାଳିନୀ-ଗଣଶିକ୍ଷା

**ଭୁବନେଶ୍ୱର,୨୧।୮ (ଅନିଲ ଦାସ)**

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଗୃହ ବିଭାଗକୁ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଗୃହ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ଇସ୍ପାତ ଓ ଖଣି ବିଭାଗକୁ ବଦଳି କରାଯାଇଛି। ଏଥିସହିତ ସେ ପୂର୍ବପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ସଂସଦୀୟ ବ୍ୟାପାର ବିଭାଗ, ଓଡ଼ିଶା ଖଣି ନିଗମ ଅଧ୍ୟକ୍ଷ, ଖଣିଜ ଉତ୍ତୋଳନ ନିଗମ ଅଧ୍ୟକ୍ଷ ଓ ଇଡ୍‌କୋ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ☞ପୃଷ୍ଠା-୨

# ବଜ୍ରପାତରେ ଆଉ ୮ ମୃତ

**ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)**

ରାଜ୍ୟରେ ଏବର୍ଷ ବଜ୍ରପାତକୁ ନେଇ ଚିନ୍ତା ବଢ଼ିଛି। ଆକାଶରେ ମେଘ, ବିଜୁଳି ଦେଖିଲେ ଲୋକଙ୍କୁ ଭୟ ଘାରୁଛି। କିଛିଦିନ ହେବ ବଜ୍ରପାତଜନିତ ମୃତାହତ ସଂଖ୍ୟା ବଢ଼ି ଚାଲିଥିବାବେଳେ ବୁଧବାର ଜଣେ ଯୁବତୀଙ୍କ ସହ ଆଉ ୮ଜଣଙ୍କ ଜୀବନ ଯାଇଛି। ତେବେ ବିଲରେ କାମ କରୁଥିବାବେଳେ ବଜ୍ରପାତ ହେବାରୁ ଏମାନଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏଥିରେ ୬ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଭଦ୍ରକ ଓ ବାଲେଶ୍ୱର ଜିଲାରେ ୩ଜଣ ଲେଖାଏ ଏବଂ ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରେ ଜଣେ ଲେଖାଏ ଚାଷୀ ରହିଛନ୍ତି। ସେହିଭଳି ଭଦ୍ରକ ଓ ସମ୍ବଲପୁରରେ ୩ଜଣ ଲେଖାଏ ଚାଷୀ ଆହତ ହୋଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ ☞ପୃଷ୍ଠା-୨

# ଇନ୍‌ଷ୍ଟାଗ୍ରାମ୍‌ରେ ମୋଦିଙ୍କୁ ପଛରେ ପକାଇଲେ ଶ୍ରଦ୍ଧା

**ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ତାଙ୍କ ହରର ଓ କମେଡି ଫିଲ୍ମ 'ସ୍ତ୍ରୀ-୨'ର ସଫଳତାକୁ ନେଇ ବେଶ୍ ଚର୍ଚ୍ଚାରେ। ଏହି ଚଳଚ୍ଚିତ୍ରଟି ଅଗଷ୍ଟ ୧୫ରେ ମୁକ୍ତିଲାଭ କରିଛି। ବୁଧବାର ଫିଲ୍ମ ଏହାର ପ୍ରଥମ ସପ୍ତାହ ଶେଷ କରିବାକୁ ଯାଉଛି। ଏହି ଫିଲ୍ମ ଘରୋଇ ବକ୍ସ ଅଫିସରେ ୬ ଦିନରେ ୨୫୦ କୋଟି ଟଙ୍କା ଆୟ କରିଛି। ସ୍ତ୍ରୀ-୨ର ସଫଳତା ସହିତ ଶ୍ରଦ୍ଧା କପୁରଙ୍କ ଲୋକପ୍ରିୟତା ଆହୁରି ବଢ଼ିବାରେ ଲାଗିଛି। ସୋସିଆଲ ମିଡିଆରେ ଅଭିନେତ୍ରୀଙ୍କ ଫଲୋୟର୍ସ ସଂଖ୍ୟା ଏତେ ବୃଦ୍ଧି ପାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି ପଛରେ ରହିଯାଇଛନ୍ତି। ସ୍ତ୍ରୀ- ୨ର ସଫଳତା ପାଇଁ ବୁଧବାର ସନ୍ଧ୍ୟାସୁଦ୍ଧା ଶ୍ରଦ୍ଧା କପୁର ନିଜ ଇନ୍‌ଷ୍ଟାଗ୍ରାମରେ ୯୧.୫ ମିଲିୟନ ଫଲୋୟର୍ସ ପାଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କର ୯୧.୩ ମିଲିୟନ ଫଲୋୟର୍ସ ରହିଥିବା ଜଣାପଡିଛି।









ଅଭିନେତ୍ରୀ ଶ୍ରଦ୍ଧା କପୁର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ତେବେ ଅଭିନେତ୍ରୀଙ୍କ ମଧ୍ୟରେ ପ୍ରିୟଙ୍କା ଚୋପ୍ରାଙ୍କର ଇନ୍‌ଷ୍ଟାଗ୍ରାମରେ ସର୍ବାଧିକ ୯୧.୮ ମିଲିୟନ ଫଲୋୟର୍ସ ଅଛନ୍ତି। ତାଙ୍କ ତଳକୁ ଶ୍ରଦ୍ଧା କପୁରଙ୍କର ୯୧.୫ ମିଲିୟନ ଓ ନରେନ୍ଦ୍ର ମୋଦିଙ୍କର ୯୧.୩ ମିଲିୟନ ଫଲୋୟର୍ସ ରହିଛନ୍ତି। ଅନ୍ୟପଟେ କ୍ରିକେଟର ବିରାଟ କୋହଲିଙ୍କର ଭାରତରେ ସର୍ବାଧିକ ୨୭୦ ମିଲିୟନ ଫଲୋୟର୍ସ ଥିବାବେଳେ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କର ବିଶ୍ୱରେ ସର୍ବାଧିକ ୬୩୬ ମିଲିୟନ ଫଲୋୟର୍ସ ଅଛନ୍ତି।

**ଆଜିର ମନ୍ତବ୍ୟ**

“ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଓ ବିହାର ପରେ ମହାରାଷ୍ଟ୍ରରେ ଝିଅମାନଙ୍କ ବିରୋଧରେ ଲଜ୍ଜାଜନକ ଅପରାଧ ମାମଲା ସାମ୍ନାକୁ ଆସିଛି। ସମାଜ କେଉଁ ଆଡ଼କୁ ଗତି କରୁଛି ସେନେଇ ଚିନ୍ତା କରିବାକୁ ଏହି ଘଟଣାଗୁଡ଼ିକ ଆମକୁ ବାଧ୍ୟ କରୁଛି। **–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଇ.ଡି ଅଫିସ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ଢୁଙ୍କୁ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷ, ୟୁନିଟ୍‌–୩, ସମୟ: ଅପରାହ୍ନ ୫ଟା।
- ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସସ୍ନେହା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୭ମ ଗୁରୁ ନମନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଉତ୍ସବ 'ନୃତ୍ୟାଧାମ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ତୃତୀୟ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀର ଉଦ୍‌ଯାପନୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଚନ୍ଦନ ପ୍ରତିଭା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଚିକିତ୍ସା ଶିବିର, ସ୍ଥାନ: ଖାକି ମଠ ନୂଆସାହି, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, କାଳିଆବୋଦା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରାଣୀସମ୍ପଦ ଗଣନା ନିମନ୍ତେ ପ୍ରଶିକ୍ଷଣ, ସ୍ଥାନ: ଜିଲା ପରିଷଦର ନୂତନ ସମ୍ମିଳନୀ କକ୍ଷ, କଟକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଆୟୁଷ୍ମାନ ଆରୋଗ୍ୟ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରୂପସା, ସମୟ: ସକାଳ ୮ଟା।
- ଆର୍ଯ୍ୟ ସମାଜ ଓ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ ପକ୍ଷରୁ ବିଶ୍ୱ କଲ୍ୟାଣ ଯଜ୍ଞ ଓ ବେଦପାଠ, ସ୍ଥାନ: ଶ୍ରୀଜଙ୍ଗ ଜଗନ୍ନାଥ ମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ପର୍ଯ୍ୟାୟ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅସ୍ତପୁରା, କୈଳାସ ଫିସାରୀ ଫାର୍ମ, ରୂପସା, ସମୟ: ସକାଳ ୧୦ଟା।

## ଭଦ୍ରକ
- ଅଧ୍ୟକ୍ଷଙ୍କ ବିରୋଧରେ ଧାରଣା, ସ୍ଥାନ: ଇଞ୍ଜିନିୟରିଂ କଲେଜ ଫାଟକ, ବରପଦା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜା ଏବଂ ଯଜ୍ଞ, ସ୍ଥାନ: ବଂଚୋ, ହାଟଡିହୀ, ସମୟ : ସକାଳ ୭ ଟା।
- ମୋତିଆବିନ୍ଦୁ ଚିହ୍ନଟ ଶିବିର, ସ୍ଥାନ: ହରିଚନ୍ଦନପୁର ବ୍ଲକ୍ ଜିରଙ୍ଗ, ସମୟ : ପୂର୍ବାହ୍ନ ୧୦ଟା।
- ସତ୍ୟସାଇ ସେବା ସମିତି ତରଫରୁ ବାଲ ଶିକ୍ଷା ସଚେତନତା, ସ୍ଥାନ: ମରୈଗାଁ, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।
- ହରିହର ମନ୍ଦିର ନୂତନ ପାକଶାଳା ପ୍ରବେଶ, ସ୍ଥାନ: ହରିହର ମନ୍ଦିର, ବଡବିଲ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ମା' ପାଇଁ ବୃକ୍ଷଟିଏ ଅଭିଯାନ, ସ୍ଥାନ:ଉଦ୍ୟାନ କୃଷି କାର୍ଯ୍ୟାଳୟ, ଦେବେନ୍ଦ୍ରପୁର, ବାରିପଦା, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ ବିଭାଗ ପକ୍ଷରୁ କୌଶଳ ରଥ ପରିକ୍ରମା, ସ୍ଥାନ: ତକତପୁର ଟେକ୍ନିକାଲ ଇନଷ୍ଟିଚ୍ୟୁଟ୍, ବାରିପଦା, ସମୟ:ସକାଳ ୯ଟା। ସ୍ଥାନ: ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ଲକ୍ଷ୍ମୀପୋଷି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦। ସ୍ଥାନ:କେନ୍ଦ୍ରୀୟ ବିଦ୍ୟାଳୟ(୧), ଲକ୍ଷ୍ମୀପୋଷି, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ୩୦। ସ୍ଥାନ:ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା ୩୦। ସ୍ଥାନ:ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ବଣକାଟୀ, ବାରିପଦା, ସମୟ: ଅପରାହ୍ନ ୩ଟା।
- ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଦିବ୍ୟାଙ୍ଗ ଚିହ୍ନଟ ଶିବିର, ସ୍ଥାନ: ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୪ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୁଡ଼ୁଡ଼ିଆ ହାଇସ୍କୁଲ ପଡ଼ିଆ, ଶୀଳଘାଟୀ ପଞ୍ଚାୟତ, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ତହସିଲ ପ୍ରଶାସନ ଦ୍ୱାରା ରାସ୍ତା ମାପ, ସ୍ଥାନ: ଚିତ୍ରଡ଼ା ବଉଳ ଗଛ ଛକ, ମୋରଡ଼ା,ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ଗଞ୍ଜାମ
- ଆସିକା ପଞ୍ଚାୟତ ସମିତି ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଚାରିମାଇଲି ଛକ, ସମୟ: ସକାଳ ୮ଟା।
- ବିଜେଡିର ଜନ ଜାଗରଣ ଯାତ୍ରା, ସ୍ଥାନ: ଭଞ୍ଜନଗର ବ୍ଲକ ଜାମପଲ୍ଲୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ
- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ, ସ୍ଥାନ:ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ, ସମୟ:ସନ୍ଧ୍ୟା ୬ଟା ୩୦।

## ରାୟଗଡ଼ା
- ଜିଲାପାଳଙ୍କ ଦ୍ୱାରା ଡେଙ୍ଗୁ ସଚେତନତା ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡା, ସମୟ: ସକାଳ ୯ଟା ୩୦।

## ନବରଙ୍ଗପୁର
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ପୋକ୍‌ସୋ ଆଇନ ସଚେତନତା ଶିବିର, ସ୍ଥାନ: ନବରଙ୍ଗପୁର ହିର୍ଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ରାଜଶ୍ରୀ ବିକ୍ରମଦେବ ୱାକର୍ସ କ୍ଲବ ପକ୍ଷରୁ ବୈୟଜ୍ୟେଷ୍ଠ ଦିବସ, ସ୍ଥାନ : କୋରାପୁଟ ବ୍ଲକ ଗୌଡ଼ଗୁଡ଼ା ଗାଁ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ବିଭିନ୍ନ ଦାବିରେ ଷ୍ଟାଫ ନର୍ସମାନଙ୍କ ଧାରଣା, ଭୀମସାର ମେଡିକାଲ, ସମୟ : ପୂର୍ବାହ୍ନ ୧୦ଟା।
- ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ– ମେହେର ଆସୋସିଏଶନ ବନାମ ଅଫତାବ କ୍ଲବ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

## ସୁବର୍ଣ୍ଣପୁର
- ତରଭା ଆଞ୍ଚଳିକ କଳାକେନ୍ଦ୍ର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଞ୍ଚଳିକ କଳାକେନ୍ଦ୍ର ସଭାଗୃହ, ସମୟ: ସକାଳ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସନ୍ଧ୍ୟା ଆଳତୀ, ସ୍ଥାନ: ଦୁର୍ଗା ମନ୍ଦିର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଓଡିଶା ନର୍ସ ଏମ୍ପ୍ଲଇଜ ଆସୋସିଏଶନର ଧାରଣା, ସ୍ଥାନ: ଆରଜିଏଚ୍, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ ସାହିତ୍ୟ ଆଲୋଚନା ଚକ୍ର, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ ୧୧ଟା।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ସାମୂହିକ ବନୀକରଣ କାର୍ଯ୍ୟକ୍ରମ, ସ୍ଥାନ: ସୁନ୍ଦରଗଡ଼ ସଦର ବ୍ଲକ କିରେଇ ପଞ୍ଚାୟତ, ସମୟ: ସକାଳ ୯ଟା।
- ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ସୁନ୍ଦରଗଡ଼ର ଆୟୋଜନ କ୍ରମେ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ଚାନ୍ଦିଲ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଡେଇକଳା, ଲହୁଣୀପଡ଼ା, ସମୟ: ସକାଳ ୯ଟା ୩୦।
- ବିଶ୍ୱ ପରିବେଶ ଦିବସ ଓ ମା' ପାଇଁ ଗଛଟିଏ ଅଭିଯାନରେ ବୃକ୍ଷ ରୋପଣ ସ୍ଥାନ: କୁଳିପୋଷ କଲୋନୀ, ଲହୁଣୀପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ବାଲିଶଙ୍କରାସ୍ଥିତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା। ସ୍ଥାନ: ସବ୍‌ଡେଗା ବ୍ଲକସ୍ଥିତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର, ସମୟ: ଅପରାହ୍ନ ୪ଟା। ସ୍ଥାନ: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୁଆଁରମୁଣ୍ଡା ଉପକେନ୍ଦ୍ର ପରିସର, ସମୟ: ସନ୍ଧ୍ୟା ୭ଟା ୩୦।
- ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଭଜନ, ସ୍ଥାନ: ସାଇ ବିହାର ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବର୍ଦ୍ଧିତ ଭତ୍ତା ପ୍ରଦାନ ଦାବିରେ ବିଜେଡ଼ିର ଧାରଣା, ସ୍ଥାନ: ଗାନ୍ଧୀ ଛକ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି
- କୋଲକାତା ଡାକ୍ତର ହତ୍ୟା ଓ ବଳାତ୍କାର ଘଟଣାର ନ୍ୟାୟ ଦାବିରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା, ସ୍ଥାନ: ପିଆଇ ଡିଗ୍ରୀ କଲେଜ ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବେଦାନ୍ତ ସିଜିମାଲି ପ୍ରକଳ୍ପ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବିଶ୍ୱ ପରିବେଶ ଦିବସ, ସ୍ଥାନ:ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ହରଭଙ୍ଗା, ସମୟ: ଅପରାହ୍ନ ୨ଟା।

## ଦେବଗଡ଼
- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଝୁଲଣ ଯାତ୍ରା ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜିଲାପାଳଙ୍କ ରାଜସ୍ୱ ଅଦାଲତ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗାୟତ୍ରୀ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଫାଇଲେରିଆ ଔଷଧ ବଣ୍ଟନ, ସ୍ଥାନ: ବୁରୋମାଲ ଗ୍ରାମ ୟୁଜିଏମ୍‌ଇ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହାଆଳତି, ସ୍ଥାନ: ପାହାଡି ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ଜଗତ୍‌ସିଂହପୁର
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପାଳିକା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଓ ଚାରା ରୋପଣ, ସ୍ଥାନ: ୧୨ ନଂ ୱାର୍ଡ, ମଧୁବନ ପାରାଦୀପ, ସମୟ: ସକାଳ ୮ ଟା।

## ନୟାଗଡ଼
- ବ୍ଲକ ପ୍ରଶାସନ ପକ୍ଷରୁ ଚାରା ରୋପଣ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଳିସାହି ଅମୃତ ସରୋବର ନିକଟ, ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା ସଭା, ସ୍ଥାନ: ଶିବାନନ୍ଦ ଆଶ୍ରମ ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଜିଲା ପରିଷଦ ସଭାପତି ନିର୍ବାଚନ, ସ୍ଥାନ: ଡିଆରଡିଏ ହଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ୨୧ତମ ପ୍ରାଣୀ ଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସର, ଯାଜପୁର, ସମୟ : ପୂର୍ବାହ୍ନ ୧୦ଟା୩୦।

# ପ୍ରଥମ ପୃଷ୍ଠାରୁ...

## ଟିକିଟିରେ ବିଷାକ୍ତ ...

୧୮ ଜଣ ଓ ମଙ୍ଗଳବାର ୫ ଜଣ ଏପରି ମୋଟ ୨୩ ଜଣ ଅସୁସ୍ଥ ହୋଇ ଟିକିଟି ମେଡିକାଲ ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ ୧୬ ଜଣ ବ୍ରହ୍ମପୁର ବଡ଼ ମେଡିକାଲରେ ଥିଲେ। ମଙ୍ଗଳବାର ଆଇସିୟୁରେ ଥିବା ଜୁରଙ୍କ ମୃତ୍ୟୁ ପରେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେହି ରାତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ବୁଧବାର ସକାଳେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତଦେହକୁ ରାସ୍ତାରେ ରଖି ୨୦ ଲକ୍ଷ ଟଙ୍କା ଦାବିରେ ଟିକିଟି–ଦିଗପହଣ୍ଡି ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପ୍ରାୟ ୩ ଘଣ୍ଟା ରାସ୍ତାରୋକୋ ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ଟିକିଟି ତହସିଲଦାର ବଳଦେବ ବେହେରା, ବିଡିଓ ଲକ୍ଷ୍ମଣ ସୋରେନ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଟିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ ସେଠାରେ ପହଞ୍ଚି ଗ୍ରାମବାସୀ ଓ ମୃତକଙ୍କ ପରିବାର ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ସେମାନେ କିନ୍ତୁ ୨୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଦ୍ ଧରିଥିଲେ। ଟିକିଟି ତହସିଲ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ୨୦ ହଜାର ଏପରି ମୋଟ ୫୦ ହଜାର ଟଙ୍କା ମୃତ ଜୁରଙ୍କ ପରିବାରକୁ ଦିଆଯିବା ସହ ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇ ଚୋରା ମଦ କାରବାର ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ, ଚୋରାମଦ କାରବାର ଅଭିଯୋଗ ଆସିବା ପରେ କେ.ନୂଆଗାଁ ପୋଲିସ ମଙ୍ଗଳବାର ମାଉନ୍ଦପୁର ଗ୍ରାମରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିବା ବେଳେ ଟିକିଟି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜେଚଗାଁର ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ଜବତ ହୋଇଥିବା ଦେଶୀ ମଦକୁ ଫୋରେନ୍‌ସିକ ଲାବୋରେଟୋରିକୁ ପଠାଯାଇଛି।

## ବିଧାନସଭାରେ ମଦମୃତ୍ୟୁ ...

ହୋଇଯାଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ କୃଷି ବିଭାଗ ସମ୍ପର୍କିତ ୨୪୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଉତ୍ତର ପଢ଼ିବା କ୍ଷଣି ବିଜେଡି ସଦସ୍ୟମାନେ ଟିକିଟି ବିଷାକ୍ତ ମଦ ମୃତ୍ୟୁ ଘଟଣାକୁ ନେଇ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହୋହଲ୍ଲା କରିଥିଲେ। ମଦମୃତ୍ୟୁକୁ ନେଇ ସରକାର ଜବାବ ଦିଅନ୍ତୁ ବୋଲି ଦାବିକରି ହଟ୍ଟଗୋଳ କରିଥିଲେ। ସେହିପରି କଂଗ୍ରେସ ସଦସ୍ୟମାନେ ଆଦିବାସୀ ସୁରକ୍ଷାକୁ ନେଇ ଗୃହର ମଧ୍ୟଭାଗରେ ନାରାବାଜି କରିଥିଲେ। ଆଦିବାସୀ ସୁରକ୍ଷା ଆମର ଦାବି...ଆମର ଦାବି ସ୍ଲୋଗାନ ଦେଉଥିଲେ। ହଟ୍ଟଗୋଳ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଉତ୍ତର ପଢ଼ି ଚାଲିଥିଲେ। ବାଚସ୍ପତି ବିରୋଧୀ ଦଳ ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ଦଳ ସଦସ୍ୟମାନେ ନିଜ ଜିଦରେ ଅଟଳ ରହି ପାଟିତୁଣ୍ଡ ଜାରି ରଖିଥିଲେ। ବାଚସ୍ପତି ବାଧ୍ୟହୋଇ ପୂର୍ବାହ୍ନ ୧୦ଟା ୩୪ରୁ ୧୧ଟା ୩୪ ଯାଏ ଗୃହକୁ ମୁଲତବୀ ଘୋଷଣା କରିଦେଇଥିଲେ। ତେବେ ୧୧ଟା ୩୪ରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ପାରି ନ ଥିଲା। ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ଦାବିକରି ଗୃହରେ ପୁଣି ହୋହଲ୍ଲା କରିଥିଲେ। ହଟ୍ଟଗୋଳକୁ ଦେଖି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଗୃହ ବାହାରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଟିକିଟି ମଦ ମୃତ୍ୟୁର ଆରଡ଼ିସି ସ୍ତରୀୟ ତଦନ୍ତ ଆମେ ଦାବି କରିଛୁ। ଗୃହରେ ସରକାର ପ୍ରକାଶ କରନ୍ତୁ ଟିକିଟି ମଦ ମୃତ୍ୟୁର କି କି ତଦନ୍ତ ହୋଇଛି। ଏଥିରେ କେଉଁ ବ୍ୟବସାୟୀଙ୍କର ସମ୍ପୃକ୍ତି ରହିଛି। କାହିଁକି ବିଷାକ୍ତ ମଦ ବିକ୍ରି ହେଉଥିଲା। ସରକାର ଏହାର ଜବାବ ଦେବା ସହ ଘଟଣାର ଆରଡ଼ିସି ସ୍ତରୀୟ ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ଟିକିଟି ଭାଜପା ବିଧାୟକ ମନୋରଞ୍ଜନ ଦ୍ୟାନସମାନ୍ତରାୟ କହିଛନ୍ତି, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଉ। ଯେଉଁମାନେ ଗିରଫ ହୋଇଛନ୍ତି ସେମାନେ ବିଜେଡିର ଲୋକ। ଯେଉଁମାନେ ୨୦ ବର୍ଷ ଧରି ବେପାର କରୁଥିଲେ ତା'ର ତଦନ୍ତ ହେଉ। ଯେଉଁମାନେ ମଦ ପିଇ ଆକ୍ରାନ୍ତ ହୋଇଛନ୍ତି ସେମାନେ ମଧ୍ୟ କହିଛନ୍ତି, ସେମାନେ ୨୦ ବର୍ଷ ହେବ ଯେଉଁଠୁ ମଦ ପିଉଥିଲେ ତାଙ୍କରି ପାଖରୁ ପିଇ ଆକ୍ରାନ୍ତ ହୋଇଛନ୍ତି। ଯେଉଁମାନେ ଦୀର୍ଘ ୨୪ ବର୍ଷ ଧରି ମଦ ବିକ୍ରି କରୁଥିଲେ ସେମାନଙ୍କର ସରଜମିନ ତଦନ୍ତ ହେଉ। ତଦନ୍ତ ରୁଟ୍‌କୁ ଯାଉ ବୋଲି ସେ କହିଛନ୍ତି।

## ହଟିଲେ ବ୍ରହ୍ମପୁର ଅବକାରୀ ...

ମଦ ଭାଟି ଓ ବିକ୍ରିସ୍ଥାନରେ ଚଢ଼ାଉ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଟିକିଟି ଘଟଣାରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସହାୟତା ଯୋଗାଇଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସିତ ହେଉଥିବା ସମସ୍ତଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଟିକିଟି ବେଆଇନ ମଦ କାରବାର ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭,୨୭୪ ଲିଟର ବେଆଇନ ମଦ ଜବତ କରାଯିବା ସହ ୭୨ ଜଣଙ୍କୁ ଗିରଫ କରାଯାଇଛି। ସେମଧ୍ୟରୁ କେବଳ ଗଞ୍ଜାମ ଜିଲାରେ ୩୮୫ ଲିଟର ମଦ ଜବତ ହୋଇଛି। ଆଗାମୀ ଦିନରେ ଏପରି ଚଢ଼ାଉକୁ ଜୋରଦାର କରାଯିବା ସହ ବେଆଇନ ମଦ କାରବାରରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ୧୫୧ ଏମ୍‌ପି...

ସେହିପରି ଢେଙ୍କାନାଳର ଭାଜପା ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ନିମାପଡ଼ା (ଭାଜପା) ବିଧାୟିକା ପ୍ରଭାତୀ ପରିଡ଼ା, କଟକ ସଦର (ଭାଜପା) ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଖୋର୍ଦ୍ଧା (ଭାଜପା) ବିଧାୟକ ପ୍ରଶାନ୍ତ ଜଗଦେବ, କୁଚିଣ୍ଡା (ଭାଜପା) ବିଧାୟକ ରବିନାରାୟଣ ନାଏକ, ପାଲଲହଡ଼ା (ଭାଜପା) ବିଧାୟକ ଅଶୋକ ମହାନ୍ତି, ପିପିଲି (ଭାଜପା) ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ବଲପୁର (ଭାଜପା) ବିଧାୟକ ଜୟନାରାୟଣ ମିଶ୍ର, ସତ୍ୟବାଦୀ (ଭାଜପା) ବିଧାୟକ ଓମ୍ ପ୍ରକାଶ ମିଶ୍ର, ବାରିପଦା (ଭାଜପା) ବିଧାୟକ ପ୍ରକାଶ ସୋରେନ୍, ଧାମନଗର (ଭାଜପା) ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଚମ୍ପୁଆ (ବିଜେଡି) ବିଧାୟକ ସନାତନ ମହାକୁଡ଼, ଧର୍ମଶାଳା (ସ୍ୱାଧୀନ) ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ମ୍ବା (ସ୍ୱାଧୀନ) ବିଧାୟକ ବିଜୟ କୁମାର ଦଳବେହେରା ଏବଂ ସାନଖେମୁଣ୍ଡିର କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ବିରୋଧରେ ମଧ୍ୟ ମହିଳା ବିରୋଧୀ ଅପରାଧ ମାମଲା ବିଚାରାଧୀନ ରହିଛି। ସୁନ୍ଦରଗଡ଼ (ଭାଜପା) ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ବିରୋଧରେ ମଧ୍ୟ ମହିଳା ବିରୋଧୀ ହିଂସା ମାମଲା ରହିଛି। କୋଲକାତାର ଏକ ସରକାରୀ ଡାକ୍ତରଖାନାରେ ଜଣେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ ମଧ୍ୟରେ ଉକ୍ତ ରିପୋର୍ଟ ସାମ୍ନାକୁ ଆସିଛି। ଆପରାଧିକ ପୃଷ୍ଠଭୂମି ସହ ଜଡ଼ିତ, ବିଶେଷକରି ବଳାତ୍କାର ଏବଂ ବିଭିନ୍ନ ମହିଳା ବିରୋଧୀ ଅପରାଧ ସହ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିଙ୍କୁ ନିର୍ବାଚନରେ ଟିକେଟ ପ୍ରଦାନ ନ କରିବାକୁ ରାଜନୈତିକ ଦଳଗୁଡ଼ିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଏହି ଅବସରରେ ଏଡିଆର୍ କହିଛି। ଉକ୍ତ ରିପୋର୍ଟରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଚାଲିଥିବା ମାମଲାଗୁଡ଼ିକର ଅଦାଲତରେ ଶୀଘ୍ର ଶୁଣାଣି ହେବା ଆବଶ୍ୟକ ବୋଲି କୁହାଯାଇଛି। ସେହିପରି ଆପରାଧିକ ମାମଲା ଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ ନ କରିବାକୁ ଏଡିଆର୍ ଜନସାଧାରଣଙ୍କୁ ଅନୁରୋଧ କରିଛି।

## ବଜ୍ରପାତରେ ଆଉ...

କରିଛନ୍ତି। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିବା ସହ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି।ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନାନୁସାରେ, ବଜ୍ରପାତରେ ଭଦ୍ରକ ଜିଲା ଆଗରପଡ଼ା ଥାନା ଅନ୍ତର୍ଗତ ଭଗାରାମ ଗ୍ରାମର ଗୌରାଙ୍ଗ ଦାସ(୬୦) ଓ ଚାରିଗାଁ ଗ୍ରାମର ଗଣେଶ ଜେନା(୫୭)ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେହିଭଳି ଚାନ୍ଦବାଲିର ସୌମ୍ୟରଞ୍ଜନ ବାରିକ (୨୫)ଙ୍କର ମଧ୍ୟ ବଜ୍ରପାତରେ ଜୀବନ ଯାଇଛି। ବାଲେଶ୍ୱର ଜିଲାରେ ବଜ୍ରପାତ ହେବାରୁ ଏଥିରେ ଗରଡିହି ଅଞ୍ଚଳର ଭୀମ ମାଝୀ, ଖଇରା ଥାନାଞ୍ଚଳର ରାକେଶ କୁମାର ତିଆଡ଼ି (୩୨) ଓ ଚାନ୍ଦିପୁର ଥାନାଞ୍ଚଳର ଫୁଲ ହେମ୍ବ୍ରମ (୧୭)ଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ କାଦୁଆ ଗାଁର ଭୀମସେନ ପରିଡ଼ା ଓ କେନ୍ଦ୍ରାପଡ଼ାରେ ବଳରାମ ନାୟକ(୫୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଗତ ଶନିବାର ମଧ୍ୟ ବଜ୍ରପାତରେ ରାଜ୍ୟର ବିଭିନ୍ନ ଜିଲାରେ ୧୧ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଥିଲେ। ସେହିଭଳି ରବିବାର ୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଥିଲେ। ଏମାନଙ୍କ ଭିତରୁ ଅଧିକାଂଶ ମଧ୍ୟ ଚାଷୀ ଥିଲେ।

## ଆଇଏଏସ୍ ଅଫିସରସ୍ତରରେ ...

ତଥା ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ଶାଶ୍ୱତ ମିଶ୍ରଙ୍କୁ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସଚିବ ବିଷ୍ଣୁପଦ ସେଠୀଙ୍କୁ ଏସ୍‌ସି/ଏସ୍‌ଟି ଉନ୍ନୟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଦାୟିତ୍ୱରେ ଥିବା ଶାଳିନୀ ପଣ୍ଡିତଙ୍କୁ ଅବ୍ୟାହତି ଦିଆଯାଇଛି। ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ବାଣିଜ୍ୟ ଓ ପରିବହନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଉଷା ପାଢ଼ୀଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତେବେ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୯୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ ଗଗନଙ୍କୁ ନୂଆଦିଲ୍ଲୀଠାରେ ଆବାସିକ କମିଶନର ଭାବେ ବଦଳି କରାଯାଇଥିବାବେଳେ ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ଏନ୍.ବି.ଏସ୍. ରାଜପୁତଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତଙ୍କୁ ସ୍କୁଲ ଓ ଗଣଶିକ୍ଷା ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ ବଦଳି କରାଯାଇଛି। ସେହିପରି ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱସ୍ତି ଏସ୍‌ଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଭାବେ ବଦଳି କରାଯାଇଥିବାବେଳେ ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଏସ୍‌ସି/ଏସ୍‌ଟି ବିଭାଗ ସଚିବ ରୂପା ରୋଶନ ସାହୁଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆରଡ଼ିସି, ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କୁ ସମ୍ବଲପୁର ଉତ୍ତରାଞ୍ଚଳ ଆରଡ଼ିସି ଭାବେ ବଦଳି କରାଯାଇଛି। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଡ଼ିଶା ଖଣି ନିଗମ ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂଙ୍କୁ ପର୍ଯ୍ୟଟନ ବିଭାଗ ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ତାଙ୍କୁ ଓଡ଼ିଶା ଖଣି ନିଗମ, ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଯାମିନୀ ଷଡ଼ଙ୍ଗୀଙ୍କୁ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଭୁବନେଶ୍ୱର ଚକବନ୍ଦୀ କମିଶନର ଥିବା ବି. ପରମେଶ୍ୱରନ୍‌ଙ୍କୁ କଟକ କେନ୍ଦ୍ରାଞ୍ଚଳ ଆରଡ଼ିସି ଭାବେ ବଦଳି କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ଏନ୍. ଥିରୁମାଲା ନାଏକଙ୍କୁ ବିଡିଏ ଉପାଧ୍ୟକ୍ଷ ଭାବେ ବଦଳି କରାଯାଇଥିବାବେଳେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ସମର୍ଥ ବର୍ମାଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଓଟିଡିସି ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମ ସଚିବ ଥିବା ଅନନ୍ୟା ଦାସଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – କୌଣସି ବନ୍ଧୁଙ୍କ ଜରିଆରେ ସମସ୍ୟା ସମାଧାନ ସହ ଆଲୋଚନା ଫଳବତୀ ହୋଇପାରେ। କୃତ୍ତିକା ନକ୍ଷତ୍ରର ପରିବାର, ସଭାସମିତି ତଥା କର୍ମକ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଆତ୍ମୀୟସ୍ୱଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ।

**ବୃଷ** – ଅନ୍ୟମାନଙ୍କୁ ମନେଇବାକୁ କୌଶଳପୂର୍ଣ୍ଣ କଥା କହି କାମ ହାସଲ କରିବେ। ଲଘୁ କ୍ରୋଧ ପ୍ରକାଶ କରି କଡ଼ା କଥା କହିବା କାରଣରୁ କର୍ମକ୍ଷେତ୍ରରେ ତାହା ସମସ୍ୟା ସୃଷ୍ଟି କରିପାରେ। ମୃଗଶିରା ନକ୍ଷତ୍ର ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** – ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି କିଛି ନା କିଛି ସମସ୍ୟାଜନିତ ତାହା ସହଜ ହେବନାହିଁ। ଆରଦ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ଜଣେ ଆଗନ୍ତୁକ ସମସ୍ୟା ସୃଷ୍ଟିର କାରଣ ହେବେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ଓ ପ୍ରେମପ୍ରଣୟ ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**କର୍କଟ** – ଆଜି ରାହୁଯୁକ୍ତ ଚନ୍ଦ୍ର ହେତୁ ଦୈହିକ ଅସୁସ୍ଥତା ସହ ମାନସିକ ସନ୍ତୁଳନ ମଧ୍ୟ ହରାଇପାରନ୍ତି। ଚୋରି, ଅନ୍ୟମନସ୍କତାରୁ ଦରକାରୀ କାଗଜପତ୍ର ହଜିଯାଇପାରେ। ପରିବାର ସକାଶେ ଯାହା ଆଶା କରୁଛନ୍ତି ବିଳମ୍ବରେ ହେଉଉଛେ ତାହା ହିଁ ହେବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ** – ଏକାଧିକ ଗ୍ରହଙ୍କ କୁପ୍ରଭାବରୁ ବିଭିନ୍ନ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ଆର୍ଥିକ ଅନଟନ ହେତୁ ବିଳମ୍ବରେ କାମଗୁଡ଼ିକ ସମ୍ପନ୍ନ ହେବ। ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କନ୍ୟା** – ବ୍ୟୟବହୁଳ ଜୀବନଯାତ୍ରା ସାଙ୍ଗକୁ ବାରମ୍ବାର ସ୍ଥାନ ପରିବର୍ତ୍ତନ ଦୁଶ୍ଚିନ୍ତାର କାରଣ ହେବ। କାମ ଚାପରେ ଅବସର ସମୟର ଅଭାବ ସହ ଶାନ୍ତିରେ ଶୋଇ ପାରିବେ ନାହିଁ। ହିତୈଷୀଙ୍କ ମନ ବୁଝିଲାଭଳି କଥା ଦୁଃସମୟକୁ ଲାଘବ କରିପାରେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ରହିଛି।

**ତୁଳା** – ଆଜି ଆପଣଙ୍କ ସକାଶେ ସାମଗ୍ରିକ ସୁଖ, ସୁବିଧାକୁ ନେଇ କାର୍ଯ୍ୟକ୍ଷେତ୍ର ସନ୍ତୋଷଜନକ ରହିବ। ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ଲେଖାପଢ଼ା ତଥା ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଆଇନ, କଳାକ୍ଷେତ୍ର ମନ୍ଦ ହେବନି କିନ୍ତୁ ପାରିବାରିକ ଅସ୍ଥିରତା ସୃଷ୍ଟିହେବ।

**ବିଛା** – ଆଜିର ପରିସ୍ଥିତି ଅନୁକୂଳ ନ ହେଲେ ମଧ୍ୟ ଦୃଢ଼ ମନୋବଳ ହେତୁ କାମରେ ଅନ୍ତରାୟ ସୃଷ୍ଟି ହେବନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ବିଶାଖା ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି କ୍ଷେତ୍ରରେ ସଫଳତା ଅବଶ୍ୟ ମିଳିବ।

**ଧନୁ** – ବୃହସ୍ପତିଙ୍କ କେନ୍ଦ୍ର ସ୍ଥିତି ସାମଗ୍ରିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ଭାଗ୍ୟସ୍ଥ ଗ୍ରହମାନେ ସ୍ଥଗିତ କାମ ତ୍ୱରାନ୍ୱିତ କରାଇବା ସହ ପ୍ରତ୍ୟେକ ଦିଗରୁ ସାହାଯ୍ୟ ପାଇପାରିବେ। ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚିତ ହେବେ। ବାଣିଜ୍ୟ, ପରିବହନରେ ଝଗଡ଼ା ଲାଗିପାରେ।

**ମକର** – କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗକରି କାମ କଲେ ସବୁ ପ୍ରକାରର ସାହାଯ୍ୟ ସୁବିଧା ଅବଶ୍ୟ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଧନିଷ୍ଠା ନକ୍ଷତ୍ର ବନ୍ଧୁଙ୍କ ସମ୍ମୁଖରେ ମନକଥା ପ୍ରକାଶ କରି ନ ପାରି ଅନୁତାପ କରିବେ।

**କୁମ୍ଭ** – ଗ୍ରହମାନଙ୍କ ପ୍ରତିକୂଳ ପ୍ରଭାବରୁ ପ୍ରତିରୋଧ ଓ ପ୍ରତିବନ୍ଧକ ମଧ୍ୟରେ ସମସ୍ତ କାମ କରିବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା କଲେ କାମ ହାସଲ କରି ପାରିବେ। ଶତଭିଷା ନକ୍ଷତ୍ରର ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମୀନ** – ଆଜି ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ ଭିନ୍ନ ପ୍ରକାରର କଥା କହି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ମିଳିବ। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ଓ ଅଶାନ୍ତିର କାରଣ ହୋଇପାରେ।

ଆଜି ଅଗଷ୍ଟ ୨୨ ତାରିଖ, ଭାଦ୍ରବ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ, ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର– ଉତ୍ତରଭାଦ୍ର/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ମି. ଗତେ ଘ.୦୭।୧୨ମି. ମଧ୍ୟେ, ଘ.୧୦।୩୩ମି. ଗତେ ଘ.୦୧।୦୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୧।୨୩ମି. ଗତେ ଘ.୦୨।୫୭ମି. ମଧ୍ୟେ ରାହୁକାଳ ।।




# ଥାନା ଆଗରେ ନିଜକୁ ଜାଳିଥିବା ମହିଳା ଆଖିବୁଜିଲେ

## ସ୍ୱାମୀ ନିର୍ଦ୍ଦୋଷ ଦାବି ନ ଶୁଣି ପୋଲିସ ଦେଇଥିଲା ଗାଳି

ମାହାଙ୍ଗା/ କଟକ, ୨୧।୮ (ଯଜାତି ସିଂହ/ ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମାହାଙ୍ଗା ପୋଲିସ ଏକ ଚୋରି ମାମଲାରେ ଅଟକ ରଖିଥିବା ଜଣେ ବ୍ୟକ୍ତି ନିର୍ଦ୍ଦୋଷ ବୋଲି ଦାବି କରିଥିଲେ ତାଙ୍କ ସ୍ତ୍ରୀ। ସେ ଅନେକ କାକୁତିମିନତି ହୋଇଥିଲେ, କିନ୍ତୁ ପୋଲିସ ତାଙ୍କୁ ପ୍ରବଳ ଗାଳି ଦେଇଥିଲେ। ଏଥିରେ ମ୍ରିୟମାଣ ହୋଇ ମହିଳା ଜଣକ ୧୬ ତାରିଖ ଅପରାହ୍ଣରେ ମାହାଙ୍ଗା ଥାନା ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ହେଲେ ନୃତାଙ୍ଗ ପଞ୍ଚାୟତ ଖର୍ତ୍ତାଙ୍ଗ ଗାଁର ଶଙ୍କର ଦାସଙ୍କ ସ୍ତ୍ରୀ ରଶ୍ମିତା(୩୪)। ତାଙ୍କ ଶରୀରର ୫୦ ଭାଗରୁ ଅଧିକ ପୋଡ଼ିଯାଇଥିଲା। ସେହିଦିନଠାରୁ କଟକ ବଡ଼ ମେଡିକାଲ ବର୍ନ ୱାର୍ଡରେ ଚିକିତ୍ସାଧୀନ ଥିବା ରଶ୍ମିତା ବୁଧବାର ମଧ୍ୟାହ୍ନରେ ଆଖି ବୁଜିଛନ୍ତି। ଏ ନେଇ ମେଡିକାଲ ପକ୍ଷରୁ ମଙ୍ଗଳାବାଗ ଥାନାକୁ ଜଣାଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ଆଇଆଇସି ଉମାକାନ୍ତ ସାହୁ କହିଛନ୍ତି। ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ହେଲେ ପରିବାର ଲୋକେ ସହଯୋଗ ନ କରିବାରୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଜୁଲାଇ ୨୨ରେ ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୧୫ ତାରିଖ ରାତିରେ ଶଙ୍କରଙ୍କୁ ଉଠାଇ ନେଇଥିଲା। ୧୬ ତାରିଖ ସକାଳେ ଶଙ୍କରଙ୍କ ସ୍ତ୍ରୀ ରଶ୍ମିତା ଥାନାକୁ ଯାଇ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ଏବଂ ତାଙ୍କୁ ଛାଡ଼ିଦେବାକୁ ଆଇଆଇସି ବିଜୟ କୁମାର ମଲ୍ଲିକ ଓ ଦାୟିତ୍ୱରେ ଥିବା ତଦନ୍ତକାରୀ ଏସ୍ଆଇ ଈପ୍ସିତା ପ୍ରିୟଦର୍ଶିନୀଙ୍କୁ ଆକୁଳ ନିବେଦନ କରିଥିଲେ। ମାତ୍ର ଉଭୟ ପୋଲିସ ଅଧିକାରୀ ତାଙ୍କୁ ଗାଳିଗୁଲଜ କରିଥିଲେ।


ରଶ୍ମିତା

କୌଣସି ସୁଫଳ ନ ମିଳିବାରୁ ସେ ଥାନାରୁ ଚାଲି ଯାଇଥିଲେ। ପରେ ପ୍ରାୟ ଅପରାହ୍ଣ ୧ ଟାରେ ଥାନା ପରିସରରୁ ୧୦ ମିଟର ଦୂରରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଜନସାଧାରଣ ତାଙ୍କୁ ଉଦ୍ଧାରକରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୨ ପୋଲିସ ଅଧିକାରୀ ତାଙ୍କ କଥା କିଛି ନ ଶୁଣି ପ୍ରବଳ ଗାଳି ଦେଇଥିଲେ ବୋଲି ରଶ୍ମିତା କହିଥିଲେ। ତାଙ୍କର ଏଭଳି ଅବସ୍ଥା ପାଇଁ ସେ ପୋଲିସକୁ ଦାୟୀ କରିଥିଲେ। ଅପରପକ୍ଷେ ଚୋରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଶଙ୍କରଙ୍କ ସମେତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

ଉପରିସ୍ଥ ଅଧିକାରୀମାନେ ଏହାର ତଦନ୍ତ ଚାଲୁ ରଖିଥିଲେ। ଘଟଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ମନ୍ଥର ଗତିରେ ଚାଲିଥିବା ନେଇ ରଶ୍ମିତାଙ୍କ ଭାଇ ଭଞ୍ଜକିଶୋର ବେହେରା ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ରଶ୍ମିତାଙ୍କ ବାପା ଧୀରେନ୍ଦ୍ର ବେହେରା ଝିଅର ଏଭଳି ଘଟଣା ପାଇଁ ମାହାଙ୍ଗା ଥାନା ଅଧିକାରୀ ମଲ୍ଲିକ ଓ ମହିଳା ଏସ୍ଆଇ ଈପ୍ସିତାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଦାୟୀ ବୋଲି ଅଭିଯୋଗ କରିଥିଲେ। ସେହିପରି ୧୯ ତାରିଖରେ ଏ ନେଇ ମଧ୍ୟ ସାଲେପୁର ଏସ୍ଡିପିଓଙ୍କ ନିକଟରେ ଏବଂ ବୁଧବାର ସକାଳେ ମାହାଙ୍ଗା ଥାନାରେ ଝିଅର ଏପରି ଘଟଣା ନେଇ ବାପା ଧୀରେନ୍ଦ୍ର ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୬ ଦିନ ବିତିଥିଲେ ମଧ୍ୟ ତଦନ୍ତର କୌଣସି ନିର୍ଯାସ ବାହାରିନାହିଁ। ଅପରପକ୍ଷେ ମୃତା ରଶ୍ମିତା ଓ ସ୍ୱାମୀ ଶଙ୍କରଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ରଶ୍ମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଶଙ୍କର ଏବେ ଜେଲରେ ଅଛନ୍ତି। ଫଳରେ ତାଙ୍କ ପୁଅ ଝିଅ ଏବେ ମାମୁଘର ଛୋଟିପଡ଼ାରେ ରହିଥିବା ଜଣାପଡ଼ିଛି।

# ପାହାଡ଼ରୁ ମିଳିଲା ୨ ଗଳିତ ମୃତଦେହ

## ୮ ଦିନ ହେଲା ନିଖୋଜ ଥିଲେ

ଔପଦା, ୨୧।୮ (ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ଦେବଗିରି ପାହାଡ଼ ଶିଖରରୁ ବୁଧବାର ୨ ଆଦିବାସୀଙ୍କର ଗଳିତ ମୃତଦେହ ଜବତ ହୋଇଛି। ୮ଦିନ ହେଲା ଏମାନେ ଗ୍ରାମରୁ ନିଖୋଜ ଥିଲେ। ସେମାନେ ଆତ୍ମହତ୍ୟା କରିଛନ୍ତି ନା ସେମାନଙ୍କୁ ହତ୍ୟା କରାଯାଇଛି ଏନେଇ ସ୍ପଷ୍ଟ ହୋଇନାହିଁ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ଦ୍ୱୟ ହେଲେ ସୋର ଥାନା ମାଣିପୁର ପଞ୍ଚାୟତ ହଦ ଅଞ୍ଚଳର ଖୁଣ୍ଟିଆ ମାଝୀ ଓ ପାର୍ବତୀ ମୁର୍ମୁ।

ଖୁଣ୍ଟିଆ ମାଝୀ ପୂର୍ବରୁ ବିବାହିତ ଥିଲେ। ଗତବର୍ଷ ଅସୁସ୍ଥତା ଯୋଗୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପାର୍ବତୀ ମୁର୍ମୁ ମଧ୍ୟ ବିବାହିତା ଥିଲେ। ତାଙ୍କ ସ୍ୱାମୀଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି। ଉଭୟ ଖୁଣ୍ଟିଆ ଓ ପାର୍ବତୀ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିବା ଗ୍ରାମବାସୀ କହିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ୮ଦିନ ହେଲା ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ପୋଲିସକୁ ଅବଗତ କରାଇଥିଲେ। ମାତ୍ର ପୋଲିସ ତାଙ୍କ ପତ୍ତା ପାଇପାରି ନ ଥିଲା। ବୁଧବାର ଜାତପଦା ଗ୍ରାମର କେତେଜଣ ଲୋକ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଗୋଟିଏ ସ୍ଥାନରେ ୨ ଜଣଙ୍କର ମୃତଦେହ ପଡ଼ିଥିବା ଦେଖିଥିଲେ। ଏହି ଘଟଣା ଚାରିଆଡ଼େ ପ୍ରଚାରିତ ହେବା ପରେ ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିଲେ। ମୃତଦେହ ନିକଟରେ ଏକ ବୋତଲ, ଶାର୍ଟ ଓ ଗିନା ପଡ଼ିଥିବା ଦେଖିବାକୁ ମିଳିଛି। ପାହାଡ଼ର ଉକ୍ତ ସ୍ଥାନ ଔପଦା ଓ ସୋର ଥାନାର ସୀମାରେ ଥିବାରୁ ଉଭୟ ଥାନା ମଧ୍ୟରେ ଟଣାଓଟରା ଲାଗିଥିଲା। ଶେଷରେ ଦୁଇ ପରିବାରଙ୍କ ପକ୍ଷରୁ ଔପଦା ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୨୪ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ରହିଥିବାରୁ ରାଜ୍ୟରେ ବର୍ଷା ହେଉଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ କିଛି ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିବ। ଏଥିସହ ବଜ୍ରପାତ ହେବ। ତେବେ ୨୪ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଆଉଏକ ସାଇକ୍ଲୋନିକ ସର୍କୁଲେଶନ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଉକ୍ତଦିନଠାରୁ ବର୍ଷାର ପରିମାଣ ଆହୁରି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଏବଂ ଶୁକ୍ରବାର ସମ୍ବଲପୁର, ଦେବଗଡ଼, ବରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୨୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଆଦି ୫ଜିଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁଥିବାରୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଭଳି ୨୫ ତାରିଖରେ ସମ୍ବଲପୁର ଓ ଅନୁଗୋଳ ଜିଲା ପାଇଁ ଅରେଞ୍ଜ ୱାର୍ନିଂ କରାଯାଇଛି। ଏଥିସହ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ସେପଟେ ୨୨ରୁ ୨୫ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି। ଘଣ୍ଟାପ୍ରତି ପବନର ବେଗ ୩୫ ରୁ ୪୫ କି.ମି. ରହିବା ସହ ଘଣ୍ଟା ପ୍ରତି ୫୫ କି.ମି. ବେଗରେ ଧୂଳିଝଡ଼ ହେବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶା ଉପକୂଳକୁ ମତ୍ସ୍ୟଜୀବୀଙ୍କୁ ଯିବା ପାଇଁ ମନା କରାଯାଇଛି। ଅପରପକ୍ଷେ ବୁଧବାର ନୟାଗଡ଼ରେ ସର୍ବାଧିକ ୩୯ ମିମି ବର୍ଷା ରେକର୍ଡ କରାଯାଇଥିବା ସୂଚନା ଦିଆଯାଇଛି।

# ହାଇକୋର୍ଟରେ ହାଜର ହେଲେ ଓପିଏସ୍‌ସି ସଚିବ

## ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲା

କଟକ, ୨୧।୮ (କାର୍ତ୍ତିକ ସାହୁ)

ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲାରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ସଚିବ ସତ୍ୟବ୍ରତ ରାୟ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ବୁଧବାର ହାଜର ହୋଇଛନ୍ତି। ପୂର୍ବ ଶୁଣାଣିରେ ସଚିବ ରାୟଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଓପିଏସ୍‌ସି ଅନୁମୋଦନକ୍ରମେ ସର୍ବନିମ୍ନ ମାର୍କ ରଖି ବର୍ତ୍ତମାନ ଡେଣ୍ଟାଲ ସର୍ଜନ ଭାବେ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ସଂକ୍ରାନ୍ତରେ ହାଇକୋର୍ଟ ସଚିବ ରାୟଙ୍କଠାରୁ ଉତ୍ତର ଜାଣିବାକୁ ଚାହିଁଥିଲେ। ହାଇକୋର୍ଟଙ୍କ ପ୍ରଶ୍ନର ଉତ୍ତର ଦେବାରେ ରାୟ ଅସମର୍ଥ ହୋଇଥିଲେ। ଅପରପକ୍ଷରେ ସଚିବ ରାୟ କୌଣସି ଜବାବ ନ ରଖିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାରକୁ ସ୍ଥିର କରାଯାଇଛି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଓପିଏସ୍‌ସି ସଚିବ ପୁନର୍ବାର ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।







"ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ- ପୁଣ୍ୟ। ଏଇ ପୁଣ୍ୟବୋଧ ମଧ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ





# ରାମାୟଣ ଓ ମହାଭାରତ କଥା

ଦେବଦତ୍ତ ପଟ୍ଟନାୟକ

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଶ୍ୱରେ କେହି ବୁଦ୍ଧଙ୍କୁ ଜଣେ ଐତିହାସିକ ବ୍ୟକ୍ତି ରୂପେ ଦେଖି ନ ଥିଲେ। ଏହି ଧାରଣା ୟୁରୋପୀୟଙ୍କ ଦ୍ୱାରା ପ୍ରବର୍ତ୍ତିତ ହେଲା, ଯେଉଁମାନେ ବୈଜ୍ଞାନିକ ଆଧାରରେ ଅତୀତକୁ ଜାଣିବାକୁ ଚାହୁଁଥିଲେ। ପୁରାଣରୁ ଇତିହାସକୁ ଅଲଗା କରାଗଲା। ଇତିହାସ ଥିଲା ବାସ୍ତବ, ପୁରାଣ ଥିଲା ମିଛ ଏବଂ ଏହିପରି ଐତିହାସିକ ବୁଦ୍ଧଙ୍କ ବିଚାର ନୂଆ କରି ଅଣାଯାଇଥିଲା। ସନ୍ଥଙ୍କ ଜୀବନୀ ଲେଖାକୁ ବାସ୍ତବ ବୋଲି ଗ୍ରହଣ କରାଗଲା, ଏପରିକି ପ୍ରତିଷ୍ଠିତ ଐତିହାସିକମାନେ ମଧ ଏହାକୁ ଗ୍ରହଣ କଲେ। କେବଳ ଏତିକି ନୁହେଁ, ବୁଦ୍ଧଙ୍କ ପ୍ରତ୍ୟେକ କାହାଣୀ ତାଙ୍କ ଅନୁଗାମୀମାନେ ସୃଷ୍ଟି କରିଥିଲେ। ଏସବୁର ଏପରିକି ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ ପ୍ରମାଣ ନାହିଁ। ବାସ୍ତବରେ ଜୈନ ତୀର୍ଥଙ୍କରଙ୍କ ଜୀବନୀ ବର୍ଣ୍ଣନା କରିବା ପାଇଁ ସମାନ ପ୍ରକାର ମଡେଲ ଆପଣାଯାଇଥିଲା। ସେମାନଙ୍କ ରାଜ ପରିବାର, ବିଚାରଧାରା, ଅସାଧାରଣ ଜନ୍ମ, ଆରାମଦାୟକ ଜୀବନ, ନୈରାଶ୍ୟ, ତ୍ୟାଗ, ଜ୍ଞାନ ବିକାଶ, ଆଧ୍ୟାତ୍ମିକ ଉପଦେଶ, ଲୋକପ୍ରିୟତା, ବିରୋଧ ଏବଂ ମୃତ୍ୟୁ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

ସମାନ ପ୍ରକାର ମଡେଲ ଯିଶୁ, ମହମ୍ମଦ, ଆଦି ଶଙ୍କରାଚାର୍ଯ୍ୟ ଏବଂ ପଦ୍ମସମ୍ଭବଙ୍କ ଭଳି ପ୍ରମୁଖ ଆଧ୍ୟାତ୍ମିକ ଗୁରୁଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇଛି, ଯେଉଁମାନଙ୍କ ଐତିହାସିକ ସତ୍ୟାସତ୍ୟ ଓ ଜୀବନୀ ବିବାଦୀୟ ହୋଇ ରହିଛି। କିନ୍ତୁ ସେମାନଙ୍କ ଉପରେ ଅଗାଢ଼ ବିଶ୍ୱାସ ରଖିଥିବା ଲୋକ ଏହାକୁ ଏଭଳି ଦେଖନ୍ତି ନାହିଁ। ଇତିହାସ ବାସ୍ତବ ହୋଇଥିବାରୁ, ହିନ୍ଦୁମାନେ ସେମାନଙ୍କ ଦେବତାଙ୍କୁ ବାସ୍ତବ ତଥା ଐତିହାସିକ ବୋଲି ପ୍ରତିପାଦିତ କରିବାକୁ ଚାହିଁଲେ। ଏହିପରି ଭାବେ ପୃଥିବୀରେ ବିଷ୍ଣୁଙ୍କ କାହାଣୀ ପରିବର୍ତ୍ତେ ରାମାୟଣ ଓ ମହାଭାରତ ୫୦୦୦ ବର୍ଷର ପୁରୁଣା କଥା ବୋଲି ପ୍ରମାଣ କରିବାକୁ ଅନୁସନ୍ଧାନ ଆରମ୍ଭ ହୋଇଗଲା। ଅବଶ୍ୟ, ଏହି ଦୁଇ ମହାକାବ୍ୟ ପ୍ରାୟତଃ ୨୦୦୦ ବର୍ଷ ପୂର୍ବେ ଚୂଡ଼ାନ୍ତ ରୂପରେଖ ନେଇଥିଲା। ପାଖାପାଖି ସେହି ସମୟର ପାଲି ନିକାୟ ବା ବୌଦ୍ଧଧର୍ମକୁ ନେଇ ରଚିତ ପୁସ୍ତକ ଏବଂ ଅସଭାଘୋଷଙ୍କ ବୁଦ୍ଧ ଚରିତ ଭଳି ପୁରାତନ ସଂସ୍କୃତ କାବ୍ୟ ବୁଦ୍ଧଙ୍କ ଜୀବନୀକୁ ବର୍ଣ୍ଣନା କରୁଛି। ବୌଦ୍ଧଧର୍ମକୁ ପ୍ରତିହତ କରିବା ପାଇଁ ରାମାୟଣ ଓ ମହାଭାରତ ଲେଖାଯାଇଥିଲା। ବୌଦ୍ଧଧର୍ମ ଜ୍ଞାନୀ ସନ୍ନ୍ୟାସୀଙ୍କ ମୂଲ୍ୟବୋଧକୁ ବିଚାର କରିଥିବାବେଳେ ବୈଷ୍ଣବ ପୁରାଣଗୁଡ଼ିକ ଜ୍ଞାନୀ ଗୃହସ୍ଥଙ୍କ ଉପରେ ବିଚାର କରନ୍ତି।



ଖ୍ରୀଷ୍ଟପୂର୍ବ ୭୦୦୦ ଏବଂ ଖ୍ରୀଷ୍ଟପୂର୍ବ ୫୦୦୦ ମଧ୍ୟରେ ଯେଉଁମାନେ ଥିଲେ, ସେମାନଙ୍କୁ ହିନ୍ଦୁତ୍ୱ ଅଭିଯାନ ଐତିହାସିକ ବ୍ୟକ୍ତିତ୍ୱ କରିବାକୁ ଚାହେଁ। ସେହିଭଳି ବାଇବେଲ୍‌କୁ ମାନୁଥିବା ବ୍ୟକ୍ତିମାନେ ନୋହା, ଡାଭିଡ୍ ଏବଂ ସୋଲୋମୋନଙ୍କୁ ଐତିହାସିକ ବ୍ୟକ୍ତି ବୋଲି ବିଶ୍ୱାସ କରନ୍ତି। ଏପରିକି ହିନ୍ଦୁମାନେ ସେମାନଙ୍କ ଦାବିକୁ ପ୍ରମାଣ କରିବା ପାଇଁ ତଥ୍ୟ ପାଇବା ଲାଗି ବହୁ ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟ ଉପରେ ନିବେଶ କରିଥିଲେ। ସେଥିପାଇଁ ଉତ୍ତରପ୍ରଦେଶ ସନୌଲିର ପ୍ରସିଦ୍ଧ 'ମହାଭାରତ ରଥ'କୁ ଖ୍ରୀଷ୍ଟପୂର୍ବ ୧୮୦୦ର ବୋଲି କୁହାଯାଉଛି, କିନ୍ତୁ ସେଠାରେ କୌଣସି ଘୋଡ଼ାର ଅସ୍ଥି ନାହିଁ।

ସାଧାରଣତଃ, ହିନ୍ଦୁ ମନ୍ଦିରଗୁଡ଼ିକ ଦେବଦେବୀଙ୍କ ସ୍ଥଳୀ। କିନ୍ତୁ ଥରେ ଏକ ହିନ୍ଦୁ ଦେବତାଙ୍କୁ ଐତିହାସିକ କରାଯିବା ମାନେ ହିନ୍ଦୁ ମନ୍ଦିରଟିଏ କେବଳ ଏକ ଧର୍ମନିରପେକ୍ଷ ସ୍ମାରକୀ, ଏକ ସ୍ମାରକ ସଂଗ୍ରହାଳୟ ହୋଇଯିବ, ଯାହାପାଇଁ କୌଣସି କର୍ମକାଣ୍ଡର ଆବଶ୍ୟକତା ନାହିଁ। ଆମେ ଯେତେବେଳେ ବୌଦ୍ଧ ଓ ଜୈନ ପୁରାଣ ପଢ଼ୁ, ସେତେବେଳେ ସେଥିରେ ମହାଭାରତ ଓ ରାମାୟଣ ସହ ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଥିବା ଅନେକ କାହାଣୀ ଦେଖୁ। ଉଦାହରଣ ସ୍ୱରୂପ, ଜାଟକ ବା ବୌଦ୍ଧ ଶାସ୍ତ୍ରଗୁଡ଼ିକରେ ନିଜ ସ୍ତ୍ରୀକୁ ବ୍ୟଭିଚାରୀ ବୋଲି ସନ୍ଦେହ କରୁଥିବା ଜଣେ ରାଜକୁମାରଙ୍କ କାହାଣୀ ଅଛି। ଏହା ସହ ଦୃଷ୍ଟିବାଧିତ ମାତାପିତାଙ୍କ ଯତ୍ନ ନେଉଥିବା ଜଣେ ଯୁବକଙ୍କୁ ଜଣେ ରାଜା ହତ୍ୟା କରିବା କଥା ବର୍ଣ୍ଣନା କରାଯାଇଛି। କେବଳ ଏତିକି ନୁହେଁ, ଦଶ ମଲ୍ଲ ଭାଇ ସେମାନଙ୍କ ମାମୁଙ୍କୁ ହତ୍ୟା କରିବା କାହାଣୀ ମଧ ଦେଖିବାକୁ ମିଳେ। ଏହିସବୁ କାହାଣୀ ସୂଚିତ କରେ ଯେ, ହିନ୍ଦୁମାନେ ଯାହାକୁ ଇତିହାସ କହନ୍ତି, ତାହା କାହାଣୀ ଓ କଥାବସ୍ତୁଗୁଡ଼ିକ ନେଇ ଗଢ଼ାଯାଇଛି, ଯାହାସବୁ ଅଣ-ହିନ୍ଦୁଧର୍ମରେ ବି ଥିଲା।

ଦୁଇଟି ବୃହତ୍ ହିନ୍ଦୁ ମହାକାବ୍ୟର ଢାଞ୍ଚାଗତ ସମୀକ୍ଷାରୁ ଜଣାପଡ଼େ ଯେ, ସେସବୁ ସମାନ କାହାଣୀ କହନ୍ତି ଯେହେତୁ କଥାବସ୍ତୁର ଢାଞ୍ଚା ସମାନ। ପ୍ରଥମେ ରାଜପ୍ରାସାଦରେ ଗୁପ୍ତ ଯୋଜନା। ତା' ପରେ ବନବାସ। ତା' ପରେ ଯୁଦ୍ଧ ପୂର୍ବରୁ ବୁଝାମଣା ଓ ପରେ ଯୁଦ୍ଧ। ଶେଷରେ ଯୁଦ୍ଧ ପରେ ଦୁଃଖଦ ପରିଣାମ। ଦୁଇଟି ମହାକାବ୍ୟ ଜଣେ ବୀରଙ୍କ ଜନ୍ମରୁ ଆରମ୍ଭ ହୋଇଛି ଓ ଶେଷ ହୋଇଛି ଜଣେ ବୀରଙ୍କ ମୃତ୍ୟୁରେ। ଜଣେ ରାଜା କାହିଁକି ଆବଶ୍ୟକ ସେ ସମ୍ପର୍କିତ କଥାବସ୍ତୁଗୁଡ଼ିକ ଉଭୟରେ ଅଛି। ରାମାୟଣରେ ବାନର ଏବଂ ରାକ୍ଷସମାନଙ୍କ ରାଜା ତାଙ୍କ ଭାଇମାନଙ୍କୁ ଅନ୍ୟାୟରେ ଧମକ ଦେଇଛନ୍ତି। ମହାଭାରତରେ ରାଜାମାନଙ୍କ ସେବକମାନେ ରାଜ ପରିବାର ଦ୍ୱାରା ନିର୍ଯାତିତ ହୋଇଛନ୍ତି। ଉଭୟ ମହାକାବ୍ୟରେ ସାଧାରଣ ଢାଞ୍ଚାକୁ ଯତ୍ନର ସହ ଏବଂ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଛି। ରାଜତ୍ୱର ମହତ୍ତ୍ୱ ଉପରେ ରାଜାଙ୍କୁ ଶିକ୍ଷା ଦେବା ଲାଗି ଏହା ଉଦ୍ଦିଷ୍ଟ, ଯାହାକୁ ବୈଦିକ ପୁରାଣ ସମର୍ଥନ କରେ। ଉଭୟ ରାମାୟଣ ଓ ମହାଭାରତ ପର୍ଶୁରାମଙ୍କ ଦ୍ୱାରା ଦୁଷ୍ଟ ରାଜାଙ୍କ ଗଣହତ୍ୟାକୁ ଗ୍ରହଣ କରିଛି।

ମୌର୍ଯ୍ୟ ପରବର୍ତ୍ତୀ ସମୟରେ ବିଶେଷକରି ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତାଞ୍ଚଳ ମଧ୍ୟରେ ଥିବା କ୍ଷେତ୍ର ଓ ବିନ୍ଧ୍ୟର ଦକ୍ଷିଣାଞ୍ଚଳରେ ଯେତେବେଳେ ବହୁ ସଂଖ୍ୟାରେ ରାଜାଙ୍କ ସାମ୍ରାଜ୍ୟ ଗଢ଼ି ଉଠିଥିଲା, ସେତେବେଳେ ରାମାୟଣ ଏବଂ ମହାଭାରତ ରଚନା କରାଯାଇଥିଲ। ଏହି ନୂତନ ରାଜନୀତିରେ ବ୍ରାହ୍ମଣମାନେ ବୌଦ୍ଧଧର୍ମର ବହୁ ପୂର୍ବରୁ କାହାଣୀ ବର୍ଣ୍ଣନା କରିଥିଲେ, ଯେତେବେଳେ ରାଜାମାନେ ସେମାନଙ୍କୁ ସମର୍ଥନ କରୁଥିଲେ। ଏହି କାରଣରୁ ଉଭୟ ରାମାୟଣ ଏବଂ ମହାଭାରତ କାହାଣୀରେ ରାଣୀମାନଙ୍କୁ ଗର୍ଭଧାରଣ ସକ୍ଷମ କରିବା ପାଇଁ ଅଶ୍ୱମେଧ ଯଜ୍ଞ, ରାଜସୂୟ ଯଜ୍ଞ ଏବଂ ବିଭିନ୍ନ ଦେବତାଙ୍କୁ ଆକାଶରୁ ଆହ୍ୱାନ କରାଯାଉଥିବା ବିଷୟ ବର୍ଣ୍ଣନା କରାଯାଇଛି।

ଆଶ୍ଚର୍ଯ୍ୟର କଥା ଯେ, ସମ୍ପତ୍ତି ଏବଂ ଉତ୍ତରାଧିକାର ବିବାଦ ଉଭୟ ରାମାୟଣ ଏବଂ ମହାଭାରତର କଥାବସ୍ତୁରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜତ୍ୱ କେବଳ ରାଜନୀତି ଏବଂ ଅର୍ଥନୀତି ସମ୍ପର୍କିତ ନୁହେଁ ବୋଲି ଏଥିରେ ଦର୍ଶାଯାଇଛି। କୌତୂହଳର ବିଷୟ ହେଲା, ଉଭୟ ମହାକାବ୍ୟରେ ବ୍ରାହ୍ମଣମାନେ ବିଶେଷ ଅଧିକାର ପାଇନାହାନ୍ତି। ରାମାୟଣରେ ରାବଣ ଜଣେ ବ୍ରାହ୍ମଣ ଏବଂ କୌରବଙ୍କ ପକ୍ଷରେ ଥିବା ପାଣ୍ଡବଙ୍କର ବ୍ରାହ୍ମଣଗୁରୁ ଦ୍ରୋଣଙ୍କ ମୁଣ୍ଡ କାଟି ଦିଆଯାଇଛି। ଖୁବ୍ କମ୍ ଧର୍ମନିରପେକ୍ଷ ପଣ୍ଡିତମାନେ ଏହି ମହାକାବ୍ୟଗୁଡ଼ିକର ଏଭଳି ବିପରୀତ ଦିଗ ବିଷୟରେ ମନ୍ତବ୍ୟ ଦିଅନ୍ତି।

–devduttofficial@gmail.com

# ପାଇବାର ଲୋଭ



ଡ. ଚିନ୍ତାମଣି ପଣ୍ଡା

ଧାରାବାହିକ ଭାବେ ଭାରତୀୟମାନେ ବିଭିନ୍ନ ରାଜରାଜୁଡ଼ା ଶାସକମାନଙ୍କ ଦ୍ୱାରା ନିର୍ଯାତିତ, ନିଷ୍ପେଷିତ ହୋଇ ଜୀବନଯାପନ କରିବାରୁ ଏକ ଭୟାତୁର ମାନସିକତାର ଶିକାର ବନୁଥିଲେ। ପରବର୍ତ୍ତୀ ସମୟରେ ମୋଗଲ, ମରହଟ୍ଟାମାନେ ଶାସନ ଗାଦିକୁ ଅକ୍ତିଆର କରି ଅତି ଅମାନୁଷିକ ଦଣ୍ଡବ୍ୟବସ୍ଥାର ପ୍ରଚଳନ କରାଇଥିଲେ। ହତ୍ୟା, ଲୁଣ୍ଠନ ଆଦି ଅକଥନୀୟ ନିର୍ଯାତନା ଦ୍ୱାରା ଜନସାଧାରଣ ତ୍ରାହି ତ୍ରାହି ଡାକ ଛାଡ଼ିଲେ। ତା'ପରେ ଦୀର୍ଘବର୍ଷ ଧରି ଇଂରେଜମାନେ ଆମ ଦେଶକୁ କବଳିତ କରି ବିଭିନ୍ନ ସାମାଜିକ, ଧାର୍ମିକ ଓ ସର୍ବୋପରି ଶିକ୍ଷାବ୍ୟବସ୍ଥାକୁ ଷଡ଼ଯନ୍ତ୍ର ଦ୍ୱାରା ଘୁଣ ଖୁଆଇ ଦେଇଗଲେ। ଏମିତି ଏକ ନିର୍ଯାତିତ ପିଢ଼ିଙ୍କଠାରୁ ଆଜିର ସମାଜ ଜନ୍ମନେଇଛି। ତେଣୁ ଗଣତନ୍ତ୍ର ଶାସନକୁ ୭୭ ବର୍ଷ ପୂରି ଆମେ ୭୮ତମ ସ୍ୱାଧୀନତା ଦିବସ ପାଳନ କରିଛେ ମାତ୍ର ମାନସିକ ଭାବେ ପରାଧୀନ ରହିଯାଇଛେ। କହିବା ବାହୁଲ୍ୟ ଯେ, ଆନୁବଂଶିକୀ ମତବାଦରେ ଜିନୀୟ ପରିବର୍ତ୍ତନ ହେଲେ ଯାଇ ଉତ୍ତମ ପ୍ରକାର ବ୍ୟକ୍ତି ଚରିତ୍ରର ଉଦ୍ରେକ ହେବ। ନଚେତ୍ ଭୟାତୁର ବ୍ୟକ୍ତିଟି ପୂର୍ବବତ୍ ପ୍ରତିକଥାରେ ସରକାରଙ୍କ ଉପରେ ନିର୍ଭରଶୀଳ ତଥା ପରମୁଖାପେକ୍ଷୀ ହୋଇ ରହିଯିବ। ନିଜର ସ୍ୱାଧୀନ ଚେତନା ଉଦ୍ରେକ ନ ହେଲେ ଏପରିକି ଆତ୍ମରକ୍ଷା କରିବା ପାଇଁ ମଧ ପରାଂମୁଖ ହେବ। ଫଳତଃ ତା' ମନରେ କିମ୍ଭୂତକିମାକାର ଧାରଣାମାନ ସୃଷ୍ଟିହେବ। ଏ ପ୍ରକାରର ପରମୁଖାପେକ୍ଷୀ ବ୍ୟକ୍ତି ଚରିତ୍ରର ପର୍ଯ୍ୟାଲୋଚନା କଲେ ଆମକୁ ଦୃଶ୍ୟମାନ ହେବ ଗୋଟିଏ ହାସ୍ୟାସ୍ପଦ କଥା– ଯଥା ନଦୀବନ୍ଧରେ ବାଡ଼ ଦେଇ ଜନସାଧାରଣଙ୍କୁ କୁମ୍ଭୀର ଦାଉରୁ ରକ୍ଷା କରିବା ଏବଂ ତତ୍ ସଙ୍ଗେସଙ୍ଗେ ଆତ୍ମହତ୍ୟା ପ୍ରବଣତା ରୋକିବା। ସ୍ନାନ, ଶୌଚ କର୍ମଠାରୁ ଆରମ୍ଭକରି ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟ ତଥା କୃଷି, ପଶୁପାଳନ ନିମନ୍ତେ ଆମେ ନଦୀ ଉପରେ ନିର୍ଭରଶୀଳ। ସାରା ଦେଶରେ ଯେତିକି ନଦନଦୀ ଅଛନ୍ତି, କୁମ୍ଭୀର ଆକ୍ରମଣରୁ ସୁରକ୍ଷା ପାଇଁ ତା' କଡ଼ରେ ବାଡ଼ ଦେବା ସମ୍ଭବ କି? ନା ଆତ୍ମରକ୍ଷା ପାଇଁ ନିଜେ ସତର୍କ ରହିବା ଜରୁରୀ? ଭରାନଦୀକୁ ଗମନାଗମନ ପାଇଁ ଉଦ୍ଦିଷ୍ଟ ସେତୁ ଉପରୁ ଡେଇଁ ଯଦି କେହି ଜୀବନ ହାରିଲା ତେବେ କ'ଣ ପ୍ରତି ସେତୁ କଡ଼ରେ ବ୍ୟାରିକେଡ୍ ସମ୍ଭବ? ସେମିତି ହେଲେ ତ ରେଳଧାରଣା କଡ଼ରେ ଆତ୍ମହତ୍ୟା ରୋକିବା ପାଇଁ ତାରବାଡ଼ର ଆବଶ୍ୟକତା ପଡ଼ିବ। ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାରରୁ ଚୋରିକରି ମାଂସ ପାଇଁ ବାର୍‌ହା ଫାଶ କିମ୍ବା ଦାନ୍ତ ପାଇଁ ହାତୀ ଫାଶ ବସେଇଲେ ମଣିଷ ବି ବେଳେବେଳେ ଛନ୍ଦିହୋଇ ମରିବା ସ୍ୱାଭାବିକ। ଏହାର ଅର୍ଥ କ'ଣ ବିଦ୍ୟୁତ୍ ସରବରାହକୁ ବ୍ୟୟବହୁଳ ଅର୍ଥରେ ମାଟିତଳେ ବିଛାଇବା? ନଦୀ ଭିତରେ ଘରକରି ରହିଲେ ତ ବନ୍ୟାପାଣିରେ ପ୍ରତିବର୍ଷ ବୁଡ଼ିରହିବା ସ୍ୱାଭାବିକ। ସରକାର କ'ଣ ବର୍ଷା, ବନ୍ୟାକୁ ବନ୍ଦ କରିପାରିବେ? ବାରମ୍ବାର ସତର୍କ ସୂଚନା ଜାରି କରିବା ସତ୍ତ୍ୱେ କିଛି ଅମାନିଆ ନିଶ୍ଚୟ ବିଜୁଳି ମାରିବା ସମୟରେ ଗଛତଳେ ରହି ଜୀବନ ହାରିବେ। ବାରମ୍ବାର ତାଗିଦା ସତ୍ତ୍ୱେ ମଧ ଜୁଆରିଆ ସମୁଦ୍ର କିମ୍ବା ନଦୀଗର୍ଭରେ ସେଲ୍‌ଫି ନିଶାରେ ପ୍ରାଣ ହରେଇବେ। ବିଷାକ୍ତ ମଦ୍ୟପାନ କରି ମୃତ୍ୟୁମୁଖରେ ପଡ଼ିବେ। ଏଥିପାଇଁ ସରକାର କରିବେ କ'ଣ?

ଜନବସତିର ସୁରକ୍ଷା ପାଇଁ ହାତୀ ଚଲାପଥରେ ଯେଉଁ ଟ୍ରେଞ୍ଚ୍ ଖୋଳିଲେ ତାକୁ ବି ଥୋକାଏ ପୋତିପକାଇ ଜଙ୍ଗଲ ଭିତରକୁ ଅବାଧ ପ୍ରବେଶ କରିବେ; ନଚେତ୍ ତାରବାଡ଼ କାଟି ହିଂସ୍ରଜନ୍ତୁଙ୍କୁ ସାମ୍ନା କରିବେ। ଆଉ କିଛି ଯୁବକ ଯୁବତୀ ପ୍ରେମରେ ପ୍ରତାରଣା ପାଇଲେ ଆଜିକାଲି ସରକାରଙ୍କୁ ଦାୟୀ କଲେଣି। ସତେଅବା ସରକାର କହିଥିଲେ ବିବାହ ପୂର୍ବରୁ ମା' କି ବାପା ହେବା ପାଇଁ। ଭୋଟ ଖଣ୍ଡିଏ ଦେଉଥିବାରୁ ଯେ ସରକାର ଆମର ସବୁ ଦାୟିତ୍ୱ ନେବେ, ଏପରି ଏକ ମନୋବୃତ୍ତି ସେଇ ସମୟରୁ ହିଁ ଆରମ୍ଭ ହୋଇ ଆଜିପର୍ଯ୍ୟନ୍ତ ତିଷ୍ଠି ରହିଛି। ସରକାର ମଧ ଶସ୍ତା ଲୋକପ୍ରିୟତା ଲାଗି ଦିନକୁ ଦିନ ଏସବୁ ଦିଗରେ ଆବଶ୍ୟକଠାରୁ ଅଧିକ ସମ୍ବେଦନଶୀଳ ହୋଇ କରଦାତାଙ୍କର ଅଜସ୍ର ଅର୍ଥର ଅକୁଣ୍ଠିତରେ ଅପବ୍ୟୟ କରିଚାଲୁଛନ୍ତି। ଅତଏବ ଜନତାଙ୍କୁ ଆତ୍ମନିର୍ଭରଶୀଳ ନ କରାଇ, ଆତ୍ମରକ୍ଷା ପାଇଁ ସଶକ୍ତ ତଥା ସଚେତନ ନ କରାଇ ପିଢ଼ି ପରେ ପିଢ଼ି ଯୁବ ସମାଜକୁ ଦିଗହରା କରି ପରିଶ୍ରମକାତର ତଥା ପରମୁଖାପେକ୍ଷୀ କରି ରଖିଲେ ଏ ଜାତିଟା ବଙ୍ଗୋପସାଗରରେ ବୁଡି ସତ୍ତା ହରାଇଦେବା ପାଇଁ କେତେବର୍ଷ ବା ଲାଗିବ? ତେଣୁ ବେଳ ହୁଁ ସାବଧାନ ହେବା ଜରୁରୀ ମନେହୁଏ।

ପ୍ରାଧ୍ୟାପକ, ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ : ୮୧୪୪୦୬୬୦୧୬

## ଏଇ ଭାରତରେ

ରାଜସ୍ଥାନ ଯୋଧପୁରର ନିର୍ମଳା ଶେଖାୱତ ଜଣେ ସିଙ୍ଗଲ ମମ୍ ଭାବେ ବ୍ୟବସାୟରେ ସଫଳତା ପାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। 'ମାରୱାଡ଼ି ମ୍ୟାନୱାର' ନାମରେ ସେ ଫୁଡ୍ ବିଜ୍‌ନେସ ଚଳାଉଛନ୍ତି। ସେ ରାଜସ୍ଥାନୀ ସ୍ନାକ୍ସ, ଆଚାର ସହିତ ପାମ୍ପଡ଼ ଓ ଅନ୍ୟ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏଗୁଡ଼ିକୁ ଅନ୍‌ଲାଇନରେ ମଧ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ଭାଇ, ମା, ଭାଉଜ ଓ ଶ୍ୱଶୁରଘର ଲୋକେ ସହଯୋଗ କରୁଛନ୍ତି। ତାଙ୍କ ଭାଇ ଅନ୍‌ଲାଇନ ବ୍ୟବସାୟ ସମ୍ଭାଳୁଛନ୍ତି। ପ୍ରଥମେ ନିର୍ମଳା ମାସକୁ ମାତ୍ର ୧୫ ଟଙ୍କାର ଅର୍ଡର ପାଉଥିଲେ ଓ ଏବେ ପାଉଛନ୍ତି ଦେଢ଼ ଲକ୍ଷ ଟଙ୍କାର। ଏହି କାର୍ଯ୍ୟରେ ଘର ଲୋକଙ୍କ ବ୍ୟତୀତ ସେ ୩୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କୋଭିଡ୍ ସମୟରେ ନିର୍ମଳାଙ୍କ ସ୍ୱାମୀଙ୍କର ବ୍ରେନ ହାମ୍‌ରେଜରେ ଦେହାନ୍ତ ହେବା ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଯାଇଥିଲା। ପିଲାଙ୍କ ପଢ଼ା ସହ ପରିବାର ଚଳାଇବା ଲାଗି ସେ ପ୍ରଥମେ ରାଜସ୍ଥାନୀ ସ୍ନାକ୍ସ ତିଆରି କରି ବିକ୍ରି କରୁଥିଲେ। ପରେ ଚାହିଦା ବଢ଼ିବାରୁ ସ୍ନାକ୍ସ ସହିତ ଅନ୍ୟ ଉତ୍ପାଦ ବିକ୍ରି କରି ଅଧିକ ରୋଜଗାର କରିବା ସହ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।

## ଚିରନ୍ତନୀ

ଗଜଲ ଗୀତ ସମ ଗତିର ଚମକ
ବାଜଇ ତାଳେ ତାଳେ ଯତିର ଜମକ
ମରଣ ଚିତା ଉଠେ ମରମେ ଜଳି ଗୋ
ଦାରୁଣ ବ୍ୟଥା ବାଜେ ଜୀବନ ଦଳି ଗୋ
ଚାହିଁଲେ ଚାରୁ ତବ ପେଲେଲେବ ପଲକ
ଗଜଲ ଗୀତ ସମ ଗତିର ଝଲକ। –(ସୁଦୂର ଗାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | 6 | |
| | | 8 | | 6 | | 9 | | 7 |
| 2 | | | | | | | | |
| | | | | 8 | 3 | | 5 | |
| | | | | | | | 8 | |
| 9 | | | 4 | 2 | 1 | | | |
| | | 4 | | | 7 | | | |
| 6 | | | | 5 | | | | 3 |
| 8 | 5 | | | | | | 9 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 4 | 7 | 1 | 8 | 9 | 2 |
| 1 | 7 | 9 | 3 | 2 | 8 | 4 | 6 | 5 |
| 8 | 2 | 4 | 9 | 5 | 6 | 7 | 1 | 3 |
| 3 | 9 | 5 | 8 | 4 | 7 | 1 | 2 | 6 |
| 2 | 1 | 7 | 5 | 6 | 3 | 9 | 8 | 4 |
| 4 | 8 | 6 | 1 | 9 | 2 | 5 | 3 | 7 |
| 6 | 5 | 2 | 7 | 1 | 9 | 3 | 4 | 8 |
| 9 | 4 | 8 | 6 | 3 | 5 | 2 | 7 | 1 |
| 7 | 3 | 1 | 2 | 8 | 4 | 6 | 5 | 9 |

ଗତକାଲିର ଉତ୍ତର



# ବିକାଶ ଦେଖିବାକୁ ଚଷମାଟେ

ଡ. ସାରଦା ପ୍ରସାଦ କର

ବିକାଶ ପଥେ ଓଡ଼ିଶା, ଗାଁଠାରୁ ସହର ଚକାଚକ ରାସ୍ତାଘାଟ, ଚଳଚଞ୍ଚଳ ହାଟ ବଜାର, ଡାକଘର, ଡାକ୍ତରଖାନା, ଶିକ୍ଷାୟତନ, ବ୍ୟବସାୟ ପ୍ରତିଷ୍ଠାନ, ଗାଁରେ ବି କୋଠାଘର, କୋଠଘର, ଛୋଟ ବଡ଼ ଆୟ, ଚାଷବାସ, କୌଳିକବୃତ୍ତିର ପ୍ରତିଷ୍ଠାନ। ପିଛିଲା ପନ୍ଦର ବର୍ଷରୁ ଆଜି ପର୍ଯ୍ୟନ୍ତ ଆମେ ଯଦି ଉନ୍ନତିର ସୋପାନ ଦେଖିବା ତେବେ ନିଶ୍ଚିତ ହେବା ଯେ ଆମେ ଅନେକ ପାହାଚ ଚଢ଼ିଛୁ। ଶତକଡ଼ା ଷାଠିଏ ଭାଗଙ୍କ ହାତରେ ଦଶ କୋଡ଼ିଏ ହଜାର ଟଙ୍କିଆ ମୋବାଇଲଟାଏ, ସେଥିରେ ମାସିକିଆ ଖର୍ଚ୍ଚ ଧରାବନ୍ଧା। ବେରୋଜଗାର କି ରୋଜଗାରରୁ ଏ ସବୁ ହେଲା ଆମେ ଅନୁଧ୍ୟାନ କରିବା ପଛରେ ହେଲେ ଆୟର ଉତ୍ସ ନିହାତି କେଉଁଠୁ ତ ଆସୁଛି ଏ କଥା ଆମେ ଜୋରଦେଇ କହିପାରିବା। ପୁଣି ଛକରେ ବସି ଚା, ପାନ, ସିଗାରେଟ ଖାଇ ମନ ଉତ୍ଫୁଲ୍ଲିତରେ ଘରକୁ ଫେରୁଥିବା ଯୁବକଙ୍କୁ ଦେଖି କେହି ଭାବିବନି ଏ ରାଜ୍ୟ ବେକାରିସମୃଦ୍ଧ ହେଲାଣି ବୋଲି। ଯେମିତି ସାରା ବର୍ଷରେ ମାତ୍ର ଆଠ ପନ୍ଦର ଦିନ କେନାଲଗୁଡ଼ାକ ଟୁଲୁମୁଲୁ ହେଉଥିବା ଦେଖିଲେ କେହି ଭାବିବନି ଯେ ଏ ରାଜ୍ୟରେ ଜଳ କ୍ଲିଷ୍ଟତା ଅଛି ବୋଲି। ଗଣତନ୍ତ୍ରରେ ବିକାଶ ଏକ ସ୍ପଷ୍ଟ ଦୃଶ୍ୟମାନ ତାରା ପରି। କିନ୍ତୁ ଖଗୋଳବିତ୍ ନ ହେଲେ ଆପଣ ଆକାଶର ତାରାଗୁଡ଼ିକର ଆକାର ଦେଖି କହିପାରିବେନି ଯେ କେଉଁଟି ପୃଥିବୀର ନିକଟରେ କେଉଁଟି ଦୂରରେ।

ଦୁଇ ହଜାର ମସିହା ବେଳକୁ ଓଡ଼ିଶା ରାଜ୍ୟ ଋଣଭାର ଅଠର ହଜାର କୋଟିରୁ ଚଳିତବର୍ଷ ବିଜେଡି ସରକାରଙ୍କ ବିଦାୟ ବେଳକୁ ଛୟାନବେ ହଜାର ତିନିଶହ ଦଶ କୋଟିର ଶିଖର ଛୁଇଁବାରେ ବିକାଶର ସ୍ୱାଦ ଟିକେ ଖାରିଆ ଥିଲା। ଅବଶ୍ୟ ଶେଷ ତିନି ବର୍ଷରେ ୩୩ ହଜାର କୋଟି ପାଖାପାଖି ପୂର୍ବ ସରକାର ଶୁଝିଥିବାରୁ ନିଅଣ୍ଟିଆ ସ୍ଥିତିରୁ ଟିକେ ଆଶ୍ୱାସନା ମିଳିଥିଲା। ନୂଆ ସରକାର ଆସୁ ଆସୁ ନୂଆ ଋଣକରି ନିଅଣ୍ଟିଆ ବଜେଟ ଭେଟିଦେଲେ। "ଋଣଂ କୃତ୍ୱା ଘୃତଂ ପିବେତ" ପୂର୍ବରୁ ଥିଲା ଆଜି ବି ଚାଲିବ। ଗରିବୀ ରେଖାତଳେ ୧୫.୬୮ ପ୍ରତିଶତ ସହ ୭ଟି ଗରିବ ରାଜ୍ୟ ମଧ୍ୟରେ ଓଡ଼ିଶା, 'ନୀତି ଆୟୋଗ' କହିବାରେ ଆମେ ଗରିବୀକୁ ସ୍ୱୀକାର କରିବା ଜରୁରୀ। ତେବେ କେତେଦିନ ଆମେ ରତ୍ନଗର୍ଭା ଓଡ଼ିଶାରୁ ଖଣିଜ ଦେବା ସହ ନିଜ ପାଇଁ ଋଣ ଯନ୍ତାଟି ମୁଣ୍ଡେଇ ବୁଲିବା ଆଉ ଓଡ଼ିଶାବାସୀଙ୍କ ସଂଘର୍ଷ ଦେଖୁଥିବା?

ପୂର୍ବ ସରକାରରେ ଓଡ଼ିଶାର ପ୍ରଗତି ରଥ ଦେଖିବାଲାଗି ଜାତିସଂଘ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଡାକି ଭବ୍ୟ ସମ୍ବର୍ଦ୍ଧନା ଦେଇ ଛାଡ଼ି ଦିଆଯାଉଥିଲା। ରାଜ୍ୟର ବେକାରି, ଗରିବୀ, ଅଣଜଳସେଚିତ ଜମି, ବିନା ଶିକ୍ଷକରେ ବିଦ୍ୟାଳୟ, ବିନା ଡାକ୍ତରରେ ଡାକ୍ତରଖାନା, ଖଟିଆ ବୁହା ରୋଗୀ, ଦପ୍ତରରେ ଭରପୂର ପିସିଖିଆ ଆଦିକୁ କେହି ବିଦେଶୀ ଆସି ଦେଖିପାରିବନି। ନୂଆ ସରକାରଙ୍କୁ ଏ ବାବଦରେ ବିଭ୍ରାନ୍ତି ନ ହୋଇ ତଥ୍ୟଭିତ୍ତିକ କାର୍ଯ୍ୟ କରିବାକୁ ପଡ଼ିବ। ଲୋକର ଜୀବନ ସୁରକ୍ଷା ବାଞ୍ଛନୀୟ।



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ର, ରାଜ୍ୟଙ୍କ ଭିତରେ ଓଡ଼ିଶାର ସ୍ଥାନ ୧୫ ନମ୍ବର। ପୂର୍ବ ଅର୍ଥମନ୍ତ୍ରୀ ଆରୁଖଙ୍କ ଗଲା ଫେବୃଆରୀ ବଜେଟ ଭାଷଣ ଅନୁସାରେ ମାସକୁ ୨୬୦ କୋଟି ହସ୍ପିଟାଲଗୁଡ଼ିକ ଦେୟ ଦେଇ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗେଇ ଦେଇଛନ୍ତି କାଳେ ସରକାର। ଆଦିବାସୀ ସମୁଦାୟରେ ୪୫ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନଠାରୁ କମ୍। ଯେଉଁ ଜନସେବାକୁ ଗରିବଙ୍କ ହିତସାଧନରେ କହି ଡିଣ୍ଡିମ ପିଟା ଯାଉଛି ତାହାର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ। ଏହି ଦୁର୍ବଳ ସେବା ବ୍ୟବସ୍ଥାରେ ମୁଖ୍ୟ କାରଣଟି ହେଲା – ଗ୍ରାମୀଣ ଓଡ଼ିଶାରେ ଡାକ୍ତରଙ୍କ ଘୋର ଅଭାବ। ପ୍ରାଚୀନ ସେବାଗୃହ ଏସ.ସି.ବି. ବିଶ୍ୱସ୍ତରୀୟ ବୋଲି ଢୋଲ ବାଜୁଛି ୨୦୧୮ରୁ, କର୍କଟ ରୋଗୀ ବାହାରେ ଶୋଉଛି ଏବେ ନଜରକୁ ଆସିଛି। ପିଲା ଜନ୍ମ ପରେ ଆଖି ବୁଜୁଥିବା ମା'ଙ୍କ ସଂଖ୍ୟା ଓଡ଼ିଶାରେ ୧ ଲକ୍ଷରେ ୧୧୯, ଜାତୀୟସ୍ତରରେ ୯୭। ନବଜାତକ(ଚାରି ସପ୍ତାହ) ଶିଶୁ ମୃତ୍ୟୁରେ ଓଡ଼ିଶା ଲକ୍ଷେରେ ୧୪୫୮ (ଦେଶରେ ୨୪ତମ)। ଜଙ୍ଗଲ ଏବଂ ପାର୍ବତ୍ୟାଞ୍ଚଳରେ ୩୦୦୦ ଜନସଂଖ୍ୟାରେ ଗୋଟିଏ ଉପ-ସ୍ୱାସ୍ଥ୍ୟକେନ୍ଦ୍ର, ଅଧିକାଂଶରେ ଡାକ୍ତରଙ୍କ ଅନୁପସ୍ଥାନ କାରଣଟି ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଉପହାସ କରୁଛି। ନୂଆ ସରକାର ସହରମୁହାଁଙ୍କୁ ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଓ ଗ୍ରାମାଞ୍ଚଳ ପ୍ରାଥମିକ ହସ୍ପିଟାଲରେ ଡାକ୍ତର ନିଯୁକ୍ତି ଦେଖିବା ପାଇଁ ଲୋଡ଼ା ମାତ୍ର ମାନବିକତାର ଚଷମାଟିଏ।

୬୮୦୧ଟି ଗ୍ରାମପଞ୍ଚାୟତକୁ ନେଇ ଓଡ଼ିଶାର ପୂର୍ବ ଶାସକଗଣ କ୍ଷମତା ଉପଲବ୍ଧି କରିସାରିଥିବା ବେଳେ ବର୍ଷ ୨୦୨୩ସୁଦ୍ଧା ୬୪୧୨ଟି ଗ୍ରାମକୁ ରାସ୍ତା ସଂଯୋଗ ହେବାକୁ ବାକି ଥିଲା। ତହିଁରୁ କେବଳ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ୮୪୮ଟି ଗ୍ରାମ। ସାପ କାମୁଡ଼ିଲେ ଗୁଣିଆ, ଡାଆଣି ଲାଗିଲେ ଗୁଣିଆ, କେବେ କାହିଁ ପ୍ରସୂତିଟି ଡାକ୍ତରଖାନା ଯାଏ ଖଟିଆ ବୁହାହେଲା ତ ଅଧା ବାଟରେ ଡେଲିଭରି, ନ ହେଲେ ଆରପାରି। କନ୍ଦା ତାଡି, କରଡ଼ି ସଂଗ୍ରହ କରି ପରିବାରର ଭୋକ ମେଣ୍ଟାଉଥିବା ମହିଳା ସଶକ୍ତ ହୋଇଯାଇଛି ବୋଲି ସରକାର ସହରଟା ସାରା ଆଖି ଚହଟିଲା ବିଜ୍ଞାପନ ଲଗାଇ ବିକାଶ ବାଦଶାହ ବନିଗଲେ। ମାଲିକ ଖୁସି ହେଲାଭଳି ଖାତାପତ୍ର ହିସାବରେ ପ୍ରଶାସକଙ୍କ ସମୟ ଗଲା। ଚଳିତବର୍ଷ ପ୍ରକାଶିତ ଆନ୍ତର୍ଜାତିକ ଶ୍ରମ ସଂଗଠନର ନିଯୁକ୍ତି ଆଉ ଗୁଣବତ୍ତା ମାନକରେ ଓଡ଼ିଶାକୁ ମିଳିଛି ଏକୋଇଶ ସ୍ଥାନ। ସରକାର ମାନି ନ ପାରିବା କାରଣ ହେଲା, ଛକରେ ବସା, କୋଡ଼ିଏ ଟଙ୍କିଆ ସିଗାରେଟ ଟାଣୁଥିବା ବେକାର ଦିଶୁଥିବା ସବୁପିଲା ବେକାର ନୁହନ୍ତି। ରାଜ୍ୟରେ ଉତ୍ପାଦନଭିତ୍ତିକ ଶିଳ୍ପର ୩୦ ପ୍ରତିଶତ ରାଜସ୍ୱ, ସେବା ଶିଳ୍ପରୁ ୪୦ ପ୍ରତିଶତ ରାଜସ୍ୱ ପାଇ ସରକାର କୁଣ୍ଢେମୋଟ।

ଇଚ୍ଛାଶକ୍ତିଟିଏ ଥିଲେ ବେକାରି ହଟେଇ ହୁଅନ୍ତା। ପର୍ଯ୍ୟଟନ କ୍ଷେତ୍ରରୁ ସର୍ବାଧିକ ବୈଦେଶିକ ମୁଦ୍ରା ଆସିପାରନ୍ତା। ଗୋଆ ପର୍ଯ୍ୟଟନର ରାଜ୍ୟ ଜିଡିପିରେ ଦାନ ୧୬ ପ୍ରତିଶତ, ୨୦୩୦ ସୁଦ୍ଧା କେରଳ ୨୦ ପ୍ରତିଶତ ଛୁଇଁବା ଲକ୍ଷ୍ୟରେ, ଆମେ ସେହି ୧୨ ପ୍ରତିଶତରେ। ମାତ୍ର ଗୋଟିଏ ବର୍ଷରେ ଭିତ୍ତିଭୂମି ସୃଷ୍ଟିକରି ଦଶହଜାର ପ୍ରତ୍ୟକ୍ଷ କି ପରୋକ୍ଷ ନିଯୁକ୍ତି ପାଇଁ ଅଣ୍ଟାଭିଡ଼ିଲେ ସରକାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରନ୍ତେ। ମିଲେଟ ମିଶନ ଜରିଆରେ ସରକାର ଚାଷୀ ହାତ ଟାଣ କରିବା ସହିତ ମହିଳା ସ୍ୱୟଂସହାୟିକା ଜରିଆରେ ସଶକ୍ତୀକରଣର ଯେଉଁ ମାନସିକ କଲେ ତାହା ଅଧାରେ। ଓଡ଼ିଶାରେ ଚାଷ ହେଉଥିବା ୮୭,୪୬,୦୦୦ ହେକ୍ଟର ଅଞ୍ଚଳରୁ ମାତ୍ର ୧୮,୭୯,୦୦୦ ହେକ୍ଟର ପରିମିତ ଅଞ୍ଚଳ ଜଳପ୍ଳାବିତ। 'ପେଟ ପୋଡ଼ିଗଲେ ବଳେ ଚାଷୀ ବିଲକୁ ଯିବ' ଏକ ଅପରିପକ୍ୱ ମାନସିକତା। ଆଖୁ, କପା, ଝୋଟ ଚାଷକୁ ଶିଳ୍ପ ସହ ଯୋଡ଼ି ବିକଶିତ ଓଡ଼ିଶାର ଚିତ୍ର ନ ଦେଖି ପାରୁଛେ ଯଦି ଆମେ ଚଷମାଟିଏ ପିନ୍ଧିବା।

ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ବ୍ୟବସାୟୀଙ୍କ କଳାକାରନାମା

ମହାଶୟ,
କଥାରେ ଅଛି 'ବାଣିଜ୍ୟେ ବସତି ଲକ୍ଷ୍ମୀ'। ପୂର୍ବେ ଏହି ପଦ ଆଧାରରେ ବ୍ୟବସାୟୀମାନେ ବ୍ୟବସାୟ କରି ସୁଖ ସମୃଦ୍ଧିର ଅଧିକାରୀ ହୋଇପାରୁଥିଲେ। ମାତ୍ର ଏବେ କେତେକ ମୁନାଫାଖୋର ବ୍ୟବସାୟୀ ନାନାଦି ଅସାଧୁ ଉପାୟରେ ଅର୍ଥୋପାର୍ଜନ ପୂର୍ବକ ରାତାରାତି କୋଟିପତି ହେବା ପାଇଁ ମାତିଛନ୍ତି। ଅସାଧୁ ବ୍ୟବସାୟୀମାନେ ମସଲା ମସଲି ଇତ୍ୟାଦି ଅପମିଶ୍ରଣ ପୂର୍ବକ ବଜାରରେ ଉପଲବ୍ଧ କରାଇବା ଜଣାପଡୁଥିଲା। ଏବେ କେତେକ ଅସାଧୁ ବ୍ୟବସାୟୀ ନୂତନ ଦ୍ରବ୍ୟର ନକଲି ଜିନିଷ ବଜାରରେ ବିକ୍ରୟ କରୁଥିବା ଖବର ଲୋକଲୋଚନକୁ ଆସିଛି। ତନ୍ମଧ୍ୟରୁ ଗୋଟିଏ ହେଲା ସାଧାରଣତଃ ବଡ଼ ଯାନମାନଙ୍କରେ ଇନ୍ଧନ ସ୍ୱରୂପ ତରଳ ୟୁରିଆ ବ୍ୟବହୃତ ହୋଇଥାଏ। ଯାନଟି ପ୍ରତି ୨୦୦୦ କିମି ଅତିକ୍ରମ କରିବା ପରେ ଉକ୍ତ ତରଳ ୟୁରିଆ ଭରାଯାଏ। କାରଣ ଏହା ଇଞ୍ଜିନର ଦକ୍ଷତା ବୃଦ୍ଧି ଘଟାଇଥାଏ। ଏବେ ଅସାଧୁ ବ୍ୟବସାୟୀମାନେ ଏହି ବ୍ରାଣ୍ଡେଡ କମ୍ପାନୀ ନାମକୁ ନକଲି କରି ତରଳ ୟୁରିଆ ପ୍ରସ୍ତୁତି ପୂର୍ବକ ରୋଜଗାର କରୁଛନ୍ତି। ଦ୍ୱିତୀୟଟି ହେଲା ଚାଷୀମାନେ ମୁଣ୍ଡଖାଳ ତୁଣ୍ଡରେ ମାରି କ୍ଷେତରେ ବିଭିନ୍ନ ପ୍ରକାର ଫସଲ ଲଗାଇଥାନ୍ତି। ଅଧିକ ଫଳ ଲାଭ ଆଶାରେ ବ୍ୟବସାୟୀମାନେ ଲୁଣରେ ରଙ୍ଗ ମିଶାଇ ବ୍ରାଣ୍ଡେଡ କମ୍ପାନୀଙ୍କ ବସ୍ତାରେ ଏହାକୁ ପଟାସ ସାର କହି ବିକ୍ରୟ କରୁଛନ୍ତି। ଚାଷୀର ଫସଲ ଅଧିକ ଫଳୁନାହିଁ। ବରଂ କ୍ଷେତର ଉର୍ବରତା ନଷ୍ଟ ହୋଇଯାଉଛି। ଏହି ପରିପ୍ରେକ୍ଷୀରେ ସରକାର ଅସାଧୁ ବ୍ୟବସାୟୀମାନଙ୍କୁ ଗିରଫ ପୂର୍ବକ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଅନୁରୋଧ। ନଚେତ୍ ଏପରି ନକଲି ଦ୍ରବ୍ୟ ବ୍ୟବହାର କରୁ କରୁ ଜନସମାଜ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨୩ରୁ ରାଜନାଥଙ୍କ ଆମେରିକା ଗସ୍ତ**

ଆମେରିକା ପ୍ରତିରକ୍ଷା ସଚିବ ଲୟଡ ଅଷ୍ଟିନ୍‌ଙ୍କ ନିମନ୍ତ୍ରଣ କ୍ରମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ରହିବେ। ଏହି ଅବସରରେ ରାଜନାଥ ବିଭିନ୍ନ ପ୍ରସଙ୍ଗକୁ ନେଇ ଅଷ୍ଟିନ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ। ଉକ୍ତ ଗସ୍ତ ସମୟରେ ସେ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ରହିଛି।



**ରାଜ୍ୟ ଖବର**

# ରେଳ ଧାରଣାରୁ ପ୍ରେମୀଯୁଗଳଙ୍କ ମୃତଦେହ ଜବତ

କେନ୍ଦୁଝର,୨୧।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ଥାନା ଧନୁର୍ଜୟପୁର ନିକଟ ଟ୍ରେନ୍ ଲାଇନ୍‌ରୁ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରେମୀଯୁଗଳଙ୍କ ମୃତଦେହ ଜବତ ହୋଇଛି। ମୃତକ ଦ୍ୱୟ ହେଲେ ଧନୁର୍ଜୟପୁରର ବୁଲେଟ ନାୟକ(୨୨) ଓ ମୟୂରଭଞ୍ଜ ଜିଲା ଘାଗରବେଢ଼ାର ସ୍ୱପ୍ନ ନାୟକ(୨୫)। ରେଳବାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ଆଲୋଚନା ହେଉଛି। ଏଣୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ରେଳବାଇ ପୋଲିସ ଅଧିକାରୀ ସୁଶାନ୍ତ ସେଠୀ ସୂଚନା ଦେଇଛନ୍ତି।

# ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ନିଖୋଜ

ବ୍ରହ୍ମପୁର,୨୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ବୁଧବାର ସନ୍ଧ୍ୟାରେ ପ୍ରାୟ ଘଣ୍ଟାଏ କାଳ ବର୍ଷା ହୋଇଛି। ଏହି ସମୟରେ ବଡ଼ବଜାର ଥାନା ଲକ୍ଷ୍ମୀନୃସିଂହ ସାହିରେ ଏକ ମୁକୁଳା ଡ୍ରେନରେ ପଡି ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସାଇରାମ ପାତ୍ର(୧୧)। ଉକ୍ତ ଅଞ୍ଚଳରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜିବାରେ ଲାଗିଛନ୍ତି। ବିଏମ୍‌ସି କମିଶନର ଭବାନୀ ପ୍ରସାଦ ମିଶ୍ର ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ବର୍ଷା ଯୋଗୁ ସହର ଜଳାର୍ଣ୍ଣବ ହୋଇପଡିଥିଲା। ସାଇରାମ ଟ୍ୟୁଶନ ଯାଇ ସାଇକେଲରେ ଫେରୁଥିବା ବେଳେ ଜାଣି ନ ପାରି ମୁକୁଳା ଡ୍ରେନ ଭିତରକୁ ପଶିଯାଇଥିଲେ। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ସାଇକେଲ ସହିତ ସେ ଭାସି ନିଖୋଜ ହୋଇଯାଇଛନ୍ତି। ବର୍ତ୍ତମାନ ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଚାଲିଛି। ରାତି ପ୍ରାୟ ସାଢ଼େ ୧୦ଟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ବ୍ରାହ୍ମଣୀରେ ବୁଡ଼ିଗଲେ ଯୁବକ

ବ୍ରହ୍ମବରଦା,୨୧।୮ (ଯଯାତି କେଶରୀ ବେହେରା)

ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ୩ ଯୁବକ ବୁଧବାର ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ଗ୍ରାମର ସେକ୍ ମୁକ୍ତାର ମହମ୍ମଦଙ୍କ ପୁଅ ସେକ୍ ଜଲାଲ ମହମ୍ମଦ। ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ସେ ବୁଡ଼ି ଯାଇଛନ୍ତି। ଗ୍ରାମର ସେକ୍ ଜଲାଲ ମହମ୍ମଦଙ୍କ ସମେତ ସେକ୍ ତଫଜୁଲଙ୍କ ପୁଅ ସେକ୍ ରଫିକ୍ ଓ ସେକ୍ ପପୁଙ୍କ ପୁଅ ସେକ୍ ସାଦ୍ ବ୍ରହ୍ମବରଦା ମହାବିଦ୍ୟାଳୟରୁ ଫେରି ମଧ୍ୟାହ୍ନରେ ବ୍ରାହ୍ମଣୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଜଳସ୍ତର ଅଧିକ ଥିବାରୁ ସେକ୍ ରଫିକ୍ ପାଣିରେ ବୁଡ଼ି ଯାଇଥିଲେ। ଏହାଦେଖି ସେକ୍ ଜଲାଲ ମହମ୍ମଦ ତାଙ୍କୁ ଉଦ୍ଧାର କରିବା ପରେ ନିଜେ ନିଖୋଜ ହୋଇଯାଇଥିଲେ। ସେକ୍ ସାଦ ନିରୁପାୟ ହୋଇ ବଞ୍ଚାଅ ବଞ୍ଚାଅ ବୋଲି ପାଟି କରି ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ ସେକ୍ ଜଲାଲଙ୍କୁ ପାଇ ନ ଥିଲେ। ରସୁଲପୁର ଅଗ୍ନିଶମ ବାହିନୀ ହାବିଲଦାର ଖିଲାରାମ ମାରାଣ୍ଡିଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ପହଞ୍ଚି ବହୁ ଖୋଜା ଖୋଜି ପରେ ଯୁବକଙ୍କୁ ଠାବ ନ କରିପାରି ଫେରି ଯାଇଥିଲେ।

# ମିଞ୍ଜିରି ଗ୍ରାମରେ ଭୂସ୍ଖଳନ

ଗୁମ୍ମା,୨୧।୮(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଉଖୁରା ପଞ୍ଚାୟତ ମିଞ୍ଜିରି ଗ୍ରାମରେ ମଙ୍ଗଳବାର ପ୍ରବଳ ବର୍ଷା ହେବାରୁ ରାତି ପ୍ରାୟ ୩ଟାରେ ଭୂସ୍ଖଳନ ହୋଇଛି। ଏଥିରେ କୌଣସି ପ୍ରାଣହାନି ହୋଇ ନ ଥିଲେ ମଧ ପାଇପ ଭାଙ୍ଗି ଯାଇଥିବାରୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛ। ଏଥିସହ ଆଦିବାସୀମାନଙ୍କର ମୁଖ୍ୟ ଜୀବିକାର ସ୍ରୋତ କୁହାଯାଉଥିବା କାଜୁ ଗଛଗୁଡ଼ିକ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା ଓ ବିଭାଗୀୟ ଅଧିକାରୀ ତୁରନ୍ତ ଏହାର କ୍ଷୟକ୍ଷତି ଆକଳନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବନ୍ଦ ବେଳେ ସ୍କୁଲ ବସ୍ ଜାଳିବାକୁ ଉଦ୍ୟମ

ନୂଆଦିଲ୍ଲୀ/ପାଟନା,୨୧।୮



ବିହାରର ଗୋପାଳଗଞ୍ଜରେ ବୁଧବାର ଭାରତ ବନ୍ଦ ବେଳେ ବିକ୍ଷୋଭକାରୀମାନେ ଏକ ସ୍କୁଲ ବସ୍‌କୁ ଜାଳିଦେବା ପାଇଁ ଉଦ୍ୟମ କରିଛନ୍ତି। ପିଲାଙ୍କୁ ନେଇ ଯାଉଥିବା ହଳଦିଆ ରଙ୍ଗର ବସ୍‌କୁ ଠେଙ୍ଗାଧାରୀ ବିକ୍ଷୋଭକାରୀମାନେ ଅଟକାଇଥିଲେ। ସମ୍ପୃକ୍ତ ଅଞ୍ଚଳର ରାସ୍ତାରେ ଅନେକ ଟାୟାର ଜଳୁଥିଲା। ସେମାନେ ଉକ୍ତ ବସ୍‌ରେ ନିଆଁ ଲଗାଇବାକୁ ଉଦ୍ୟମ କରିବା ସମୟରେ ପୋଲିସ ଆସି ପିଲାଙ୍କୁ ରକ୍ଷା କରିଥିଲା। ପୋଲିସ ଘଉଡାଇବା ପରେ ବିକ୍ଷୋକାରୀମାନେ ସେଠାରୁ ପଳାଇଥିଲେ। ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଉପଜାତି (ଏସ୍‌ଟି)ଙ୍କ ମଧ୍ୟରେ ଉପବର୍ଗୀକରଣ ଓ ସଂରକ୍ଷଣ ପାଇଁ ରାଜ୍ୟଗୁଡ଼ିକୁ କ୍ଷମତା ପ୍ରଦାନ ନେଇ ଅଗଷ୍ଟ ୧ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ପ୍ରତିବାଦରେ ଦଳିତ ଓ ଆଦିବାସୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ' ଡାକରା ଆଂଶିକ ସଫଳ ହୋଇଛି। ଏହାକୁ କେତେକ ବିରୋଧୀ ଦଳର ସମର୍ଥନ ମିଳିଛି। ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନକାରୀମାନେ ରେଳ ଓ ରାସ୍ତାରୋକୋ କରିଛନ୍ତି। ଫଳରେ ଟ୍ରେନ୍ ଓ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି କେତେକ ରାଜ୍ୟରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ବିହାରର ପାଟନା, ଦରଭଙ୍ଗା ଓ ବେଗୁସରାଇରେ ଆନ୍ଦୋଳନକାରୀଙ୍କୁ ପୋଲିସ ଲାଠିମାଡ଼ କରିଛି।

## ଆମେରିକାରେ ନଗ୍ନ ଫଟୋ ଉଠାଇ ଭାରତୀୟ ଡାକ୍ତର ଗିରଫ

ୱାଶିଂଟନ, ୨୧।୮

ଆମେରିକାରେ ବର୍ଷ ବର୍ଷ ଧରି ଅନେକ ହଜାର ମହିଳା ଓ ଶିଶୁଙ୍କ ନଗ୍ନ ଫଟୋ ଓ ଭିଡିଓ ରେକର୍ଡ କରିବା ଅଭିଯୋଗରେ ଭାରତୀୟ ଡାକ୍ତର ଉମେର ଏଜାଜ୍(୪୦)ଙ୍କୁ ବୁଧବାର ଗିରଫ କରାଯାଇଛି। ପୋଲିସ ତାଙ୍କ ନିକଟରୁ ୧୩ ହଜାର ନଗ୍ନ ଭିଡିଓ ରହିଥିବା ଏକ ହାର୍ଡ ଡ୍ରାଇଭକୁ ଜବତ କରିଛି। ସେ ୬ ବର୍ଷ ଧରି ଉକ୍ତ ଭିଡିଓ ସଂଗ୍ରହ କରିଥିବା ଜଣାପଡ଼ିଛି। ଏଜାଜ୍ ବିଭିନ୍ନ ବାଥ୍‌ରୁମ୍, ପୋଷାକ ବଦଳାଇବା ସ୍ଥାନ, ହସ୍ପିଟାଲର ବିଭିନ୍ନ ରୁମ, ନିଜ ଘରର ବିଭିନ୍ନ ସ୍ଥାନ ଆଦିରେ ଲୁକ୍କାୟିତ କ୍ୟାମେରା ଖଞ୍ଜି ମହିଳା ତଥା ଶିଶୁଙ୍କ ନଗ୍ନ ଫଟୋ ଓ ଭିଡିଓ ରେକର୍ଡ କରୁଥିଲେ। ଏଜାଜ୍ ୨୦୧୧ରେ ଭାରତ ଛାଡ଼ି ଆମେରିକା ଯାଇଥିଲେ।

## ପୋଖରାନରେ ବାୟୁସେନା ବିମାନରୁ 'ଏୟାର ଷ୍ଟୋର' ଖସିଲା

ଜୟପୁର,୨୧।୮

ରାଜସ୍ଥାନର ଜୈସାଲମେର ଜିଲା ପୋଖରାନ ଅଞ୍ଚଳରେ ବୁଧବାରଭାରତୀୟ ବାୟୁସେନା (ଆଇଏଏଫ୍) ଯୁଦ୍ଧବିମାନରୁ ଏକ ସାମଗ୍ରୀ ଖସିପଡ଼ିଲା। ଏହାର ଶବ୍ଦ ଅନେକ କି.ମି. ବ୍ୟାପୀ ଶୁଣାଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଥିଲେ। ସେଠାରେ ବିମାନ ଯନ୍ତ୍ରପାତିର କେତେକ ଅଂଶ ପଡ଼ିଥିବା ଦେଖିବାକୁ ପାଇଥିଲେ ବୋଲି ରାମଦେବରା ଥାନା ସବ୍-ଇନ୍‌ସ୍ପେକ୍ଟର ଲାଲ ଶଙ୍କର କହିଛନ୍ତି। ତେବେ ଏହା ଏକ 'ଏୟାର ଷ୍ଟୋର' ଥିଲା, ଯାହାକି ଯୁଦ୍ଧବିମାନର ଯାନ୍ତ୍ରିକ ତ୍ରୁଟି ଯୋଗୁ ହଠାତ୍ ଖସିପଡ଼ିଛି ବୋଲି ଆଇଏଏଫ୍ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

# ଶ୍ରୀନଗରରେ ଖାର୍ଗେ, ରାହୁଲ

ଶ୍ରୀନଗର, ୨୧।୮

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଶ୍ରୀନଗରରେ ପହଞ୍ଚିଛନ୍ତି। ଉଭୟେ ଜମ୍ମୁ-କଶ୍ମୀରରେ ୨ ଦିନ ରହି ନଭେମ୍ବରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ସମୀକ୍ଷା କରିବେ। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାଶନାଲ କନଫରେନ୍ସ(ଏନ୍‌ସି) ସହିତ କଂଗ୍ରେସର ପ୍ରାକ୍ ନିର୍ବାଚନୀ ମେଣ୍ଟ ନେଇ ମଧ ଉଭୟେ ଆଲୋଚନା କରି ପାରନ୍ତି ବୋଲି କୁହାଯାଉଛି। ଗୁରୁବାର ବିରୋଧୀ ଦଳର ଏହି ୨ ଶୀର୍ଷନେତା ଶ୍ରୀନଗର ଓ ଜମ୍ମୁରେ କଂଗ୍ରେସ କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

# ଆର୍.ଜି. କର ହସ୍ପିଟାଲରେ ସିଆଇଏସ୍‌ଏଫ୍



ଆର୍.ଜି. କର ହସ୍ପିଟାଲ ପରିସରରେ ସିଆଇଏସ୍‌ଏଫ୍ ଡିଆଇଜି ପ୍ରତାପ ସିଂ ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ତାଙ୍କ ସହ ରହିଛନ୍ତି କୋଲକାତା ମହିଳା ପୋଲିସ କର୍ମଚାରୀ।

କୋଲକାତା,୨୧।୮

ପାର୍ଲାମେଣ୍ଟ ଓ ବିମାନବନ୍ଦରର ସୁରକ୍ଷା ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ର ଶୀର୍ଷ ଅଧିକାରୀମାନେ ବୁଧବାର ସକାଳେ କୋଲକାତାସ୍ଥିତ ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ପହଞ୍ଚି ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଆଇଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀ କେ. ପ୍ରତାପ ସିଂ କହିଛନ୍ତି, ଆମକୁ ଆମ କାର୍ଯ୍ୟ କରିବାକୁ ଦିଅନ୍ତୁ। ନିର୍ଦ୍ଦିଷ୍ଟ ଦାୟିତ୍ୱ ସମ୍ପାଦନ ପାଇଁ ଆମେ ଆସିଛୁ। ଅଗଷ୍ଟ ୧୪ ରାତିରେ ମହିଳା ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ଦାବିରେ କୋଲକାତା ସମେତ ବିଭିନ୍ନ ସହରରେ 'ରିକ୍ଲେମ୍ ଦି ନାଇଟ୍' ବିକ୍ଷୋଭ ଶୋଭାଯାତ୍ରା ଚାଲିଥିବାବେଳେ ଦୁର୍ବୃତ୍ତମାନେ ହସ୍ପିଟାଲକୁ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ। ସେହି ସମୟରେ କୋଲକାତା ପୋଲିସ କ'ଣ କରୁଥିଲା ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଏହା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଆଇଏସ୍‌ଏଫ୍ ଉକ୍ତ ହସ୍ପିଟାଲରେ ମୁତୟନ କରାଯାଇଛି। ଇତିମଧ୍ୟରେ

**୩ ପୋଲିସ ନିଲମ୍ବିତ**

କୋଲକାତା ପୋଲିସ ଦାୟିତ୍ୱରେ ଅବହେଳା ପାଇଁ ୨ ଆସିଷ୍ଟାଣ୍ଟ ପୋଲିସ କମିଶନରଙ୍କ ସମେତ ୩ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛି।

# ହାରିସ୍‌ଙ୍କୁ ରାଷ୍ଟ୍ରପତି ଭାବେ ଦେଖିବାକୁ ପ୍ରସ୍ତୁତ: ଓବାମା





ଶିକାଗୋ, ୨୧।୮

କମଳା ହାରିସ୍‌ଙ୍କୁ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦେଖିବା ପାଇଁ ଆମେରିକା ପ୍ରସ୍ତୁତ। ତାଙ୍କ ନେତୃତ୍ୱରେ ଦେଶ ଏକ ନୂତନ ଅଧ୍ୟାୟକୁ ଦେଖିପାରିବ ବୋଲି ଶିକାଗୋରେ ଅନୁଷ୍ଠିତ ଡେମୋକ୍ରାଟିକ ପାର୍ଟିର 'ଡେମୋକ୍ରାଟିକ ନ୍ୟାଶନାଲ କନ୍‌ଭେନ୍‌ସନ୍'ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା କହିଛନ୍ତି। ସେ ଦଳୀୟ ସମର୍ଥକଙ୍କୁ ସମ୍ବୋଧନ କରି ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କୁ ପ୍ରଶଂସା କରୁଛନ୍ତି। କମଳାଙ୍କ ସମର୍ଥନରେ ଓବାମା କହିଛନ୍ତି, ୟେସ ଶି କ୍ୟାନ୍। ଦେଶବାସୀ ହାରିସଙ୍କୁ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦେଖିବା ପାଇଁ ଅନାଇ ବସିଛନ୍ତି। ହାରିସ ନିଜ ସମସ୍ୟା ଉପରେ ନୁହେଁ ବରଂ ଦେଶବାସୀଙ୍କ ସମସ୍ୟା ଉପରେ ଧ୍ୟାନ ଦେବେ। ଆମେରିକାକୁ ଏପରି ଜଣେ ରାଷ୍ଟ୍ରପତି ଦରକାର ଯିଏ ଲୋକଙ୍କ ପାଇଁ ସର୍ବଦା କାର୍ଯ୍ୟ କରିବେ। ଏହି ସମ୍ବୋଧନରେ ଓବାମା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପ୍ରଶଂସା କରିଛନ୍ତି।

# ଦଳ ଗଢ଼ିବେ ଚମ୍ପାଇ ସୋରେନ୍

ରାଞ୍ଚି,୨୧।୮



ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍ ରାଜନୀତି ଛାଡ଼ିବେ ନାହିଁ। ସେ ଏକ ନୂଆ ଦଳ ଗଠନ କରିବା ଉପରେ ଚିନ୍ତା କରୁଥିବା ବୁଧବାର ସୂଚନା ଦେଇଛନ୍ତି। ଚମ୍ପାଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଛାଡ଼ି ଭାଜପାରେ ମିଶିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିବାବେଳେ ସେ କହିଛନ୍ତି, ମୁଁ ଜଣେ ଭଲ ବନ୍ଧୁଙ୍କୁ ଭେଟିଛି। ନୂଆ ଦଳ ଗଢ଼ି ସେମାନଙ୍କ ସହ ମିଶି ଆଗକୁ ବଢ଼ିବି। ଗୋଟିଏ ଦିନରେ ଯଦି ୩୦ରୁ ୪୦ ହଜାର କର୍ମୀ ଆସିବେ ତେବେ ସପ୍ତାହେ ଭିତରେ ଦଳ ଗଠନରେ ଅସୁବିଧା ନାହିଁ ବୋଲି ଗଣମାଧ୍ୟମକୁ ଚମ୍ପାଇ କହିଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ଜେଲ ଯିବା ପୂର୍ବରୁ ହେମନ୍ତ ଇସ୍ତଫା ଦେଇଥିଲେ। ଚମ୍ପାଇ ନୂଆ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ହେମନ୍ତ ଜେଲରୁ ଫେରିବା ପରେ ଚମ୍ପାଇ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେ କ୍ଷୁବ୍ଧ ଥିବାରୁ ପଛ ପରିବର୍ତ୍ତନ କରିବେ ବୋଲି କୁହାଯାଉଛି।


**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834008, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, गढ़वा**

मुख्यमंत्री ग्राम सड़क सुदृढ़ीकरण योजना
अल्पकालीन ई–निविदा आमंत्रण सूचना

ई–निविदा संख्या – 10/2024-25/RWD/GARHWA दिनांक – 20.08.2024

1. कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | गढ़वा | RWD/GARHWA /STPKG-02/2024-25 | पी0डब्लू0डी0 पथ प्रतापपुर ईदगाह से आर0ई0ओ0 रोड जाला तक पथ का सुदृढ़ीकरण कार्य। (5.750 कि0मी0) | 1436.482 | चौदह करोड़ छत्तीस लाख अड़तालीस हजार दो सौ रूपये। | 18 (अठारह) महीना |
| 2 | गढ़वा | | एन0एच0–343 से सोह तक पथ का सुदृढ़ीकरण कार्य। (1.530 कि0मी0) | | | |
| 3 | मेराल | | गढ़वा चिनियाँ मुख्य पथ (पेस्का ऑफिस) से बगेसर स्कूल तक पथ का सुदृढ़ीकरण कार्य। (7.700 कि0मी0) | | | |

2. वेबसाईट पर निविदा प्रकाशन की तिथि :– 23.08.2024
3. ई–निविदा प्राप्ति की अंतिम तिथि एवं समय :– 29.08.2024 अपराह्न 5:00 बजे तक।
4. निविदा खोलने की तिथि एवं समय :– 31.08.2024 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोष्ठ का दूरभाश सं0: 06561–299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गढ़वा

PR.NO.333242 Rural Work Department(24-25):D

**कार्यपालक अभियंता का कार्यालय**
ग्रामीण कार्य विभाग, कार्य प्रमंडल दुमका।
अति अल्पकालीन ई–निविदा आमंत्रण सूचना

निविदा संख्या– 08/2024-25/RWD/EE/DUMKA दिनांक– 20.08.2024

1. कार्यपालक अभियंता ग्रामीण कार्य विभाग, कार्य प्रमंडल, दुमका द्वारा निम्न विवरणी के अनुसार E-procurement पद्धति से निविदा आमंत्रित की जाती है।

| क्र. सं. | आईडेंटिफिकेशन संख्या/पैकेज संख्या | कार्य का नाम | लं0 (कि0मी0) | प्राक्कलित राशि (रु0 में) अंक में | प्राक्कलित राशि (रु0 में) अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | RWD/DUMKA/25/ STPKG-24/2024-25 | बनरा से लोहमरवा तक पथ का सुदृढ़ीकरण कार्य। | 2.600 | 10,25,76,600 | दस करोड़ पच्चीस लाख छिहत्तर हजार छः सौ | 15 महीने |
| 2 | | चम्पागढ़ से कारूडीह भाया जोकेला बनरा तक पथ का सुदृढ़ीकरण कार्य। | 10.90 | | | |
| 3 | | समय से झोपा तक पथ का सुदृढ़ीकरण कार्य। | 5.800 | | | |
| 4 | | पी0डब्ल्यू0डी0 कुरमाहाट से लकड़बांक भाया महेशखंदा तक पथ का सुदृढ़ीकरण कार्य। | 3.500 | | | |
| 5 | | आर0ई0ओ0 रोड समय झोपा से बाबुपुर तक पथ का सुदृढ़ीकरण कार्य। | 1.100 | | | |

1. वेबसाईट में निविदा प्रकाशन की तिथि 24.08.2024
2. ई–निविदा प्राप्ति की अंतिम तिथि एवं समय 03.09.2024 अपराह्न 5:00 बजे तक।
3. निविदा शुल्क एवं अग्रधन की राशि Online के माध्यम से जमा किया जाएगा।
4. निविदा खोलने की तिथि 05.09.2024 एवं समय पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, ग्रामीण कार्य विभाग, कार्य प्रमण्डल, दुमका।
6. ई–निविदा प्रकोष्ठ का सम्पर्क संख्या– 06434 291033
7. विस्तृत जानकारी के लिए jharkhandtenders.gov.in/नोटिस बोर्ड में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल दुमका।

PR 333277 Rural Work Department(24-25)D

Azadi Ka Amrit Mahotsav | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**WALK-IN-INTERVIEW**

Applications are invited from the eligible candidates for the following consultant posts for SVNIRTAR, CRCSREs and CDEICs (under the administrative control of SVNIRTAR, Cuttack) as per details given below:-

**Advertisement Ref. No.: AD6B37/08/2024, dated 20.08.2024**

**CDEICs -SVNIRTAR, Balangir and Ranchi**

| Sl. No. | Name of the post | No of posts | Date & time of Interview | Reporting Time |
|---|---|---|---|---|
| 1 | Clinical Psychologist / Rehabilitation Psychologist (Consultant) | 3 | 02.09.2024 at 01:30 PM | 09:30 AM |
| 2 | Occupational Therapist (Consultant) | 1 | 02.09.2024 at 01:30 PM | 09:30 AM |
| 3 | Audiologist and Speech Language Pathologist (ASLP) (Consultant) | 3 | 02.09.2024 at 01:30 PM | 09:30 AM |
| 4 | Special Educator (Visually Impaired) (Consultant) | 2 | 02.09.2024 at 01:30 PM | 09:30 AM |
| 5 | Trained Caregiver (Consultant) | 1 | 02.09.2024 at 01:30 PM | 09:30 AM |

**Advertisement Ref. No.: AD6B19/09/2024, dated 20.08.2024**

**SVNIRTAR, CRCSRE -Balangir, Ranchi, Guwahati, Imphal and Shillong**

| Sl. No. | Name of the post | No of posts | Date & time of Interview | Reporting Time |
|---|---|---|---|---|
| 1 | Indian Sign Language Master Trainer (Consultant) | 06 | 04.09.2024 at 01:30 PM | 09:30 AM |
| 2 | Indian Sign Language Interpreter (Consultant) | 06 | 04.09.2024 at 01:30 PM | 09:30 AM |
| 3 | Indian Sign Language Instructor (Consultant) | 06 | 04.09.2024 at 01:30 PM | 09:30 AM |

**Advertisement Ref. No.: AD6B19/10/2024, dated 20.08.2024**

**SVNIRTAR, Cuttack**

| Sl. No. | Name of the post | No of posts | Date & time of Interview | Reporting Time |
|---|---|---|---|---|
| 1 | Assistant Professor (Ortho/PMR) (Consultant) | 01 | 12.09.2024 at 01:30 PM | 09:30 AM |
| 2 | General Duty Medical Officer (Consultant) | 04 | 12.09.2024 at 01:30 PM | 09:30 AM |
| 3 | Senior Resident | 02 | 12.09.2024 at 01:30 PM | 09:30 AM |
| 4 | Hardware & Networking Assistant (Consultant) | 01 | 17.09.2024 at 01:30 PM | 09:30 AM |
| 5 | Optometrist (Consultant) | 01 | 17.09.2024 at 01:30 PM | 09:30 AM |

The aspiring applicants fulfilling the eligibility criteria in all respect may appear the interview as per the scheduled date, time and venue along with completed applications as per prescribed proforma which can be downloaded from the SVNIRTAR, Cuttack official Website i.e. **https://svnirtar.nic.in** and **https://crcguwahati.com.** Sd/- Director

Govt. of Jharkhand, Energy Department
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony
Doranda, Ranchi-834002.
Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com

**Short e-Procurement Notice**
**Tender Reference No.: 11/JREDA/SHP/24-25 Dated: 21.08.2024**

| | | |
|---|---|---|
| 1 | Name of the work | Request for Proposal (RFP) for selection of Technical Partner for implementation of "RENOVATE, OPERATE, MAINTAIN AND TRANSFER (ROMT)" of Two Hydro Projects in the State of Jharkhand. |
| 2 | Estimated Project cost (Rs.) | Rs. 50,00,00,000/- |
| 3 | Period of completion | 24 (Twenty Four) Months |
| 4 | | |
| 5 | Date of publication of RFP on website: http:// jharkhandtenders.gov.in | 22.08.2024 (Thursday) |
| 6 | Date & time of Pre-bid meeting | 30.08.2024 (Friday) at 2:30 P.M. |
| 7 | Last date & time for receipt of online RFP | 05.09.2024 (Thursday) upto 05:00 PM |
| 8 | Submission of original copies of RFP Fee &EMD through Online via SBI Payment Gateway of Jharkhand Tenders | 05.09.2024 (Thursday) upto 05:00 PM |
| 9 | Technical Bid Opening Date | 06.09.2024 (Friday) at 3.00 P.M. |
| 10 | Name & address of office inviting tender | Director, Jharkhand Renewable Energy DevelopmentAgency (JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 11 | Contact no. of procurement officer | 0651-2491163/61/7004806449 |
| 12 | Helpline no. of e-procurement | 0651-2491163/61 |

Any corrigendum/addendum can be seen on website: http://jharkhandtenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com

Sd/-
Director,
JREDA, Ranchi

PR 333238 Energy (24-25)_D

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A No. 164 of 2024**

**BANK OF INDIA, SAILASHREE VIHAR BRANCH ...Applicant**
**VERSUS**
**M/S ANWESHA ENTERPRISES & ANOTHER ...Defendants**

To
1. **M/S ANWESHA ENTERPRISES,** a proprietorship Firm having its unit at Duplex No.: 159, Gati Krushna Green, Rangabazar, Allarpur, Gadashreerampur, PO/P.S.: Balianta, Bhubaneswar, Dist.: Khurda, PIN-752100, represented by its sole **proprietress Smt. Sudipta Biswal,** W/o.: Chinmaya Kumar Biswal.
2. **SMT. SUDIPTA BISWAL,** W/o.: Chinmaya Kumar Biswal, resident of Flat No.: C-201, Prestige Residency, Mahadev Nagar, Jharapada, Bhubaneswar, Dist.: Khurda, PIN-751006.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 164 of 2024** in the Court of the Debts Recovery Tribunal, Cuttack for recovery of **Rs.27,05,315/-** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorized agent in support of their defense to show cause within **30 days** from the date of publication or on **25/09/2024** at **10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **2nd day of August, 2024.**

**Sd/- NIKHILA RANJAN PATI**
**REGISTRAR**

# କାର୍ଯ୍ୟକ୍ଷେତ୍ରରେ ବୁଦ୍ଧିମତ୍ତାର ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ

## ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶିକ୍ଷାନବିସଙ୍କ ନିଯୁକ୍ତି ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୨୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶିକ୍ଷାନବିଶ(ସିଧାସଳଖ ନିଯୁକ୍ତି ୨୦୨୧ ବ୍ୟାଚ)ଙ୍କ ନିଯୁକ୍ତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହି ନିଯୁକ୍ତି ପ୍ରଶିକ୍ଷଣକୁ ଉଦ୍‌ଘାଟନ କରିଛନ୍ତି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥି ଭାଥନନଙ୍କ ପରିଚାଳନାରେ ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୨୦୧୭ ବ୍ୟାଚ୍‌ର ଜଣେ ପ୍ରୋବେସନରଙ୍କ ସମେତ ମୋଟ ୪୮ଜଣ ପ୍ରୋବେସନର ଯୋଗଦେଇଛନ୍ତି । ଏହି ପ୍ରୋବେସନରଙ୍କ ମଧ୍ୟରେ ୨୦ ଜଣ ମହିଳା ଅଛନ୍ତି, ଯାହା ରାଜ୍ୟର ପ୍ରଶାସନିକ ସେବାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଦର୍ଶାଉଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆହୁଜା କହିଲେ, ପରିବର୍ତ୍ତନ ଆଣିବାରେ ବହୁ ଆହ୍ୱାନର ମୁକାବିଲା କରିବାକୁ ପଡ଼ିଥାଏ। ନିୟାମକ କ୍ଷମତାକୁ ବୁଝିବା ଏବଂ କ୍ଷେତ୍ରରେ ଥିବା ସମୟରେ ଏହାକୁ ବୁଦ୍ଧିମତା ସହିତ ବ୍ୟବହାର କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାକୁ ୧୦% ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ପାଇଁ ଶୃଙ୍ଖଳିତ ଧାରା, ସ୍ଥିର ଚିତ୍ତରେ ଓ ବୃତ୍ତିଗତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଏଏର ଅତିରିକ୍ତ ନିର୍ଦ୍ଦେଶିକା ତଥା ପାଠ୍ୟକ୍ରମ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସ ଦ୍ୱାରା ପ୍ରସ୍ତୁତ ଓ ସମ୍ପାଦିତ ୨୦୨୦ ବ୍ୟାଚ୍‌ର ଓଏଏସ ପ୍ରୋବେସନରଙ୍କ ଦ୍ୱାରା ପରିଚାଳିତ ୩ଖଣ୍ଡ ପୁସ୍ତକ ସମୀକ୍ଷାକୁ ମୁଖ୍ୟ ଶାସନ ସଚିବ ଉନ୍ମୋଚନ କରିଥିଲେ। ପ୍ରଶିକ୍ଷଣର ଆସୋସିଏଟ କୋର୍ସ ଡାଇରେକ୍ଟର ତଥା ଯୁଗ୍ମ ନିର୍ଦ୍ଦେଶକ (ଏଫ୍‌ଆଣ୍ଡ୍‌ଏ) ଦେବ କଲ୍ୟାଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ କମିଶନର ଡ. ହିମାଂଶୁ ଭୂଷଣ ପଣ୍ଡା, ଏକାଡେମୀର ଉପ ମହାନିର୍ଦ୍ଦେଶକ ଲାଲା ମନୋଜ କୁମାର ରାୟ, ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସର ନିର୍ଦ୍ଦେଶକ ଡ. ଶଶାଙ୍କ ଗ୍ରହାଚାର୍ଯ୍ୟଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଶିକ୍ଷାନବିସଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅଧିକାରୀମାନେ।

# ଗୀତା ମହାଲିକଙ୍କୁ 'ସସ୍ନେହା ସମ୍ମାନ'




ଭୁବନେଶ୍ୱର,୨୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଆରାଧନା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆରାଧନାର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, କେନ୍ଦ୍ର ପାରା ମିଲେଟାରୀ ସ୍ୱାସ୍ଥ୍ୟସେବା ଅଧିକାରୀ ଡ. ରାଜେନ୍ଦ୍ରନାଥ ସାମନ୍ତରାୟ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଏସ୍‌ଏନ୍ ଆୱାଡ଼ି ଗୁରୁ ଆଲୋକା କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଭିପ୍ସା ପତି, ଅଙ୍ଗୀକ ଅନୁଷ୍ଠାନର ଗୁରୁ ଶ୍ରାବଣୀ ମିତ୍ର, ସୂର୍ଯ୍ୟ ଗୁରୁକୁଳ ଟ୍ରଷ୍ଟର ଗୁରୁ ସଙ୍ଗୀତା ଛୋଟରାୟ ପ୍ରମୁଖ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କୁ 'ସସ୍ନେହା ସମ୍ମାନ'ରେ ଗୁରୁ ସ୍ନେହପ୍ରଭା ସାମନ୍ତରାୟ ସମ୍ମାନିତ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସ୍ମୃତିମୟୀ, ସୌର୍ମିଲି ଦେ, ମଧୁସ୍ମିତା ପ୍ରଧାନ, କରୁଣାକର ସ୍ୱାଇଁ, ବିଦ୍ୟୁତଲତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ରାଜ୍ୟସ୍ତରୀୟ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ନାଗରିକ ମଞ୍ଚ, ଓଡ଼ିଶା ପକ୍ଷରୁ ବୁଧବାର ସୂଚନା ଭବନଠାରେ ନାଗରିକ ସମ୍ବର୍ଦ୍ଧନା ଓ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚତୁର୍ଥଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିବା ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଆଦିବାସୀ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ରାଜ୍ୟସ୍ତରୀୟ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ସିପିଆଇ (ଏମ୍)ର ପୂର୍ବତନ ପଲିଟ୍‌ବ୍ୟୁରୋ ସଦସ୍ୟ କମ୍ରେଡ ବିମାନ ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିପିଆଇ (ଏମ) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଭାରେ ବିମାନ ବୋଷ, ଲକ୍ଷ୍ମଣ ମୁଣ୍ଡା, ଜନାର୍ଦ୍ଦନ ପତି, ବିଷ୍ଣୁ ମହାନ୍ତି, ପ୍ରମୋଦ ସାମଲ ପ୍ରମୁଖ ବାମପନ୍ଥୀ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ସୁରେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ସନ୍ତୋଷ ଦାସ, ଦୁଷ୍ମନ୍ତ ଦାସ, ଶିଶିର ହୁଇ, ପୁଷ୍ପା ଦାଶ, ଜମେଶ୍ୱର ସାମନ୍ତରାୟ, ବଦ୍ରି ନାରାୟଣ ଦାଶ ପ୍ରମୁଖ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଏହି ଭବ୍ୟ ସମ୍ବର୍ଦ୍ଧନାକାର୍ଯ୍ୟକ୍ରମରେଯୋଗଦେଇଥିଲେ।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀ ଏକାଠି

## ୨୯ରେ ମିଳିତ ବୈଠକ

କଟକ,୨୧।୮
(କାର୍ତ୍ତିକ ସାହୁ)

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀକୁ ଗୋଟିଏ ମଞ୍ଚରେ ଏକାଠି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଚଳିତବର୍ଷ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେବ। ଏଥିସହ ଗଣତାନ୍ତ୍ରିକ ପଦ୍ଧତିରେ ଆସନ୍ତା ୨ ବର୍ଷ ପାଇଁ ବିଭିନ୍ନ ପଦାଧିକାରୀ ନିର୍ବାଚନ ହେବ ବୋଲି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ବୁଧବାର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷର ପଦାଧିକାରୀ ଯୋଗଦେଇ ଦୁଇ ସଂଘର ମିଶ୍ରଣ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ସଂଘରେ ବିବାଦ ଦେଖାଦେଇଥିବାରୁ ରାଜ୍ୟରେ ଆଇନଜୀବୀଙ୍କ ସମସ୍ୟା ସମାଧାନ ହୋଇପାରୁ ନ ଥିବା ଉଭୟ ପକ୍ଷ ସ୍ୱୀକାର କରିଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଗୋପାଳକୃଷ୍ଣ ମହାନ୍ତି ଓ ଧରଣୀଧର ନାୟକ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସଂଘ ଏକତ୍ରୀକରଣ ହେବାର ଆବଶ୍ୟକତାକୁ ଉପଲବ୍ଧି କରି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିଲା। ପରିଷଦର ବରିଷ୍ଠ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଦେବୀପ୍ରସାଦ ଧଳ, ବିଭୁ ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଦୀନେଶ ଚନ୍ଦ୍ର ରାୟ, ଅରୂପାନନ୍ଦ ଦାସ, ସଞ୍ଜିତ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ମାନସ କୁମାର ଚାନ୍ଦ, ତପନ କୁମାର ବିଶ୍ୱାଳ ଓ ପୀତବାସ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ। ଆସନ୍ତା ୨୯/୩୦ ତାରିଖରେ ମିଳିତ କାର୍ଯ୍ୟକ୍ରମ ପାଇଁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ୧୫ ଜଣିଆ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ ଉପାଧ୍ୟକ୍ଷ ରହିବେ। ଉକ୍ତ କମିଟିରେ ପରିଷଦର ୫ ଜଣ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫ ଜଣ ସଦସ୍ୟଙ୍କୁ ସାମିଲ କରାଯାଇ ଆଗାମୀ କାର୍ଯ୍ୟପନ୍ଥା କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ଓ ମାନସ ରଞ୍ଜନ ମହାପାତ୍ର ନିଃସର୍ତ୍ତ ଭାବେ ପରିଷଦର ଏକତ୍ରୀକରଣ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ମିଳିମିଶି ଆଇନଜୀବୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସଂଘର ଅନ୍ୟତମ ସଦସ୍ୟ ଶିଶିର କୁମାର ପାଢ଼ୀ, ଅନିଲ କୁମାର ପରିଡ଼ା, ଭୂପେଷ ଚନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ମିଶ୍ର, ଦିଲୀପ କୁମାର ଦାସ, ନିରଞ୍ଜନ ନାୟକ, ଜ୍ୟୋତିପ୍ରକାଶ ରଥ, ସୁବାସ ଚନ୍ଦ୍ର ମିଶ୍ର, ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଏହି ଉଦ୍ୟମକୁ ରାଜ୍ୟର ୧୮୦ଟି ପଞ୍ଜୀକୃତ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥର ୫୩ତମ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତୁତି ପାଇଁ ପରିଷଦର ଅଧ୍ୟକ୍ଷ ଉଭୟ ଗୋଷ୍ଠୀରୁ ୫ ଜଣ ଲେଖାଏ ସଦସ୍ୟଙ୍କୁ ମନୋନୀତ କରି ସେମାନଙ୍କ ନାମ ୧୦ ଦିନ ମଧ୍ୟରେ ପଠାଇବାକୁ ଅନୁରୋଧ କରାଯାଇଛି।


ଡେଙ୍ଗୁ ସଂକ୍ରମଣ ରୋକିବାକୁ ଏଜି ଛକସ୍ଥିତ ରାଜ୍ୟ ପରିବହନ ନିଗମ ଅଫିସ୍ ପରିସର ସଫେଇ ସମୟରେ ଏକ ବଡ଼ ଆମ୍ବଗଛ କଟାଯାଉଛି।

# 'ଆମ ପରିବେଶ ଆମ ସମ୍ପଦ'

ଭୁବନେଶ୍ୱର, ୨୧।୮(ଅସମାପିକା ସାହୁ)

'ଆମ ପରିବେଶ ଆମ ସମ୍ପଦ'ର ବାର୍ତ୍ତା ନେଇ ଶହୀଦନଗର ଦୁର୍ଗାପୂଜା ମଣ୍ଡପ ସନ୍ନିକଟ ପଡ଼ିଆରେ ବୁଧବାର ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମେୟର ସୁଲୋଚନା ଦାସ, କର୍ପୋରେଟର ରାଜକିଶୋର ଦାସ ନନ୍ଦିଆ, ୱାର୍ଡ ଅଫିସର ସୁଜିତ ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ନିଶାକର ରାଉତ, ଅକ୍ଷୟ କୁମାର ପ୍ରଧାନ, ସୂର୍ଯ୍ୟ ଭଞ୍ଜ, ପ୍ରଫୁଲ୍ଲ ସ୍ୱାଇଁ, ଶହୀଦନଗରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତରେ ମାଟି ମା' ଓ ଭବିଷ୍ୟତ ବଂଶଧର ସୁରକ୍ଷା ପାଇଁ ଚାରା ରୋପଣ କରାଯାଇଥିଲା। ସଂଘ ସମ୍ପାଦକ ଶହୀଦନଗରକୁ ସବୁଜ ସ୍ୱଚ୍ଛ କରିବା ପାଇଁ ଆହ୍ୱାନ ଦେବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅକ୍ଷୟ ପ୍ରଧାନ ଧନ୍ୟବାଦ ଦେଇ ଥିଲେ।

# ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଲୋଚନା

ଭୁବନେଶ୍ୱର,୨୧।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଏକାମ୍ର ସାହିତ୍ୟ ସଂସଦ, ଭୁବନେଶ୍ୱର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୮ତମ ଜୟନ୍ତୀ ଡୁମଡୁମାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସକ ଲୋକନାଥ ଶାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସାହିତ୍ୟିକମାନେ ମା', ମାଟି ଓ ମାତୃଭାଷାର ପ୍ରତୀକ ଭାବେ ପରିଚିତ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ତାଙ୍କ କବିତା ପାଠ କରିଥିଲେ। ନିରୁପମା କର, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, କୁଳମଣି ମହାନ୍ତି, ବିଜୟ ସାମଲ, ଅନୀଲ ବିଶୋଇ, ଶ୍ରୀନିବାସ ପଣ୍ଡା, ସୋମନାଥ ସୁନ୍ଦରରାୟ, ପ୍ରଭାତ ରଞ୍ଜନ ପରିଡ଼ା, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ବନ୍ଦ: ଘଣ୍ଟାଏ ଫସିଲେ


ଆନ୍ଦୋଳନ ଯୋଗୁ ହଂସପାଳ ଛକରେ ଗାଡ଼ିମୋଟର ଅଟକି ରହିଛି।

ବାଲିଅନ୍ତା,୨୧।୮
(ନୀଳମାଧବ ସାହୁ)

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡ଼ାକରା ପରିପ୍ରେକ୍ଷୀରେ ୧୬ନଂ. ଜାତୀୟ ରାଜପଥର ହଂସପାଳଠାରେ ରାସ୍ତାରୋକୋ କରାଯାଇଥିଲା। ଶତାଧିକ ଆନ୍ଦୋଳନକାରୀ ହଂସପାଳ ଛକର ଫ୍ଲାଏ ଓଭର ଆପ୍ରୋଚ ରାସ୍ତାର ଶେଷ ମୁଣ୍ଡରେ ବସି ରହିଥିଲେ। ଏଥିଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ଓ ଲୋକେ ପ୍ରାୟ ଏକ ଘଣ୍ଟା ଧରି ଲୋକେ ଫସି ରହିଥିଲେ। ବହୁ ଗାଡି ବାଲିଅନ୍ତା ମହାତ୍ମା ସେତୁ ଦେଇ ପୁରୁଣା ଜଗନ୍ନାଥ ସଡ଼କରେ ଟଙ୍କପାଣି ରାସ୍ତା ସାଇ ମନ୍ଦିର ଦେଇ ଭୁବନେଶ୍ୱର ସହର ଓ ପୁରୀ ଅଭିମୁଖେ ଯାଇଥିଲେ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର, ପାହାଳ ଥାନା ଅଧିକାରୀ ବିଚ୍ଛୁଟି ମହାନ୍ତି ସମେତ ରାଜଧାନୀର ବିଭିନ୍ନ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ପୁରୁଣା ଭୁବନେଶ୍ୱର,୨୧।୮
(ସୁବାସ ଚନ୍ଦ୍ର ପ୍ରଧାନ)

କୋଲକାତାର ଆର.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସମଗ୍ର ଭାରତରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି। ସମଗ୍ର ଭାରତବାସୀ ଏହି ଘଟଣାକୁ ଦୃଢ ପ୍ରତିବାଦ କରୁଛନ୍ତି। ଏହିକ୍ରମରେ ଏକାମ୍ର ନାଗରିକ ସଂଘ ପକ୍ଷରୁ ମଧ୍ୟ ବୁଧବାର ପ୍ରତିବାଦ କରାଯାଇଛି। ସଂଘର ସଦସ୍ୟାସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ ବିରାଟ ପଟୁଆରରେ କ୍ୟାଣ୍ଡେଲ ଏବଂ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ପୁରୁଣା ଭୁବନେଶ୍ୱର ହାଟଛକଠାରୁ ବାହାରି ମୁଖ୍ୟରାସ୍ତା ଦେଇ ଲିଙ୍ଗରାଜ ମନ୍ଦିରଠାରେ ପହଞ୍ଚି ଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ସଙ୍ଗଠନର ଉପସଭାପତି ଅଶୋକ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ଘଟଣାର ଦୃଢ ନିନ୍ଦା କରିଥିଲେ। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ଦେଶର ସଚେତନ ବୁଦ୍ଧିଜୀବୀ ଏହି ଘଟଣାରେ କେତେଯେ ବ୍ୟଥିତ ଆଜିର ସମାବେଶ ତାହା ପ୍ରମାଣ କରୁଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ଏହି ଘଟଣା ପ୍ରତିବାଦରେ ସଚେତନତା ସୃଷ୍ଟି ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଆଜି ବରିଷ୍ଠ ନାଗରିକଙ୍କ ଏହୁ କ୍ୟାଣ୍ଡେଲ ଶୋଭାଯାତ୍ରା ଉଦ୍ଦିଷ୍ଟ ବୋଲି କହିଥିଲେ। ମୃତାଙ୍କ ପରିବାର ବର୍ଗଙ୍କୁ ନ୍ୟାୟ ଦେବାକୁ ଆଜିର ଏହି ସମାବେଶ ଦୃଢ ଦାବି କରୁଛି ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଯୁଗ୍ମ ସମ୍ପାଦକ ଅଜିତ୍ ବିଶ୍ୱାଳ, ସକଳେଶ୍ୱର ପଟ୍ଟନାୟକ, ହରିହର ସାହୁ, ରମେଶ ଚନ୍ଦ୍ର ବେହେରା, ସମୀକ୍ଷକ ପି.ପ୍ରଦୀପ ପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ବିମଳ ପଟ୍ଟନାୟକ, ବିଜୟ ମହାନ୍ତି, ହେମନ୍ତ ପଣ୍ଡା, ପ୍ରସନ୍ନ ରଥ, ଗୋକୁଳ ପ୍ରଧାନ, ବାବୁଲାଲ ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର, ନବୀନ ମହାନ୍ତି, ଅଲେଖ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ବିଜୟ ମଲିଆ, ସରୋଜ ପ୍ରଧାନ, ସରୋଜ ପଣ୍ଡା, ଅମିତ ମଲିଆ, ଜ୍ଞାନେନ୍ଦ୍ର ପଟ୍ଟନାୟକ, ସୁନନ୍ଦ ସାହୁ(ଲୁନା), ଗୌରି ପ୍ରସାଦ ମହାନ୍ତି, ଗୌର ମୋହନ ଦାଶ,ଦିପ୍ତି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଏକାମ୍ର ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପ୍ରତିବାଦ ଜଣାଉଛନ୍ତି।




ଭାରତ ବନ୍ଦ ଯୋଗୁ (ବାମରୁ)ଭୁବନେଶ୍ୱର ରାଜମହଲ ଛକରେ ଆନ୍ଦୋଳନରତ ଜଣେ ମହିଳାଙ୍କୁ ପୋଲିସ ଉଠାଇ ନେଉଛି। ମାଷ୍ଟରକ୍ୟାଣ୍ଟିନ ଛକରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ପିକେଟିଂ କରୁଛନ୍ତି। ଗାଡିମୋଟର ବନ୍ଦ ରହିଥିବାରୁ ମାଷ୍ଟରକ୍ୟାଣ୍ଟିନ ବସ୍ ଷ୍ଟାଣ୍ଡରୁ ଲୋକେ ଚାଲି ଚାଲି ଆସୁଛନ୍ତି।

# ଜିଲାରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ

**ଜାନୁଆରୀରୁ ଅଗଷ୍ଟ ୧୮ ସୁଦ୍ଧା ଜିଲାରେ ୫୫୨ ଆକ୍ରାନ୍ତ**

- ଜିଲାସ୍ତରୀୟ ଡେଙ୍ଗୁ ଓ ମ୍ୟାଲେରିଆ ସମୀକ୍ଷା ବୈଠକ
- ସଚେତନତା ସୃଷ୍ଟି, ସମନ୍ୱୟ ରଖି କାମ କରିବାକୁ ଗୁରୁତ୍ୱ

ଖୋର୍ଦ୍ଧା,୨୧।୮(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହି ସଂଖ୍ୟା ଅଧିକ ରହିଛି। ରାଜଧାନୀ ଭୁବନେଶ୍ୱରର ସ୍ଥିତି ଉଦ୍‌ବେଗଜନକ ହୋଇଛି। ଜିଲାରେ ଡେଙ୍ଗୁ ରୋଗ ପ୍ରତିରୋଧ ଓ ନିରାକରଣ ପାଇଁ ଜିଲାସ୍ତରୀୟ ଡେଙ୍ଗୁ ଓ ମ୍ୟାଲେରିଆ ସମୀକ୍ଷା ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ଅଧ୍ୟକ୍ଷତା କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ଜିଲାର ଡେଙ୍ଗୁ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ଜୀବନ୍ତ ଆଚାର୍ଯ୍ୟ ତଥ୍ୟ ରଖିଥିଲେ। ଜାନୁୟାରୀ ଠାରୁ ଅଗଷ୍ଟ ୧୮ ସୁଦ୍ଧା ଜିଲାରେ ୫୫୨ ରୋଗୀ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରରେ ୪୧୪ ଜଣ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୩୮ ରହିଛି।



ସମୀକ୍ଷା ବୈଠକରେ ଅଧିକାରୀମାନେ।

ଏନେଇ ଏଡିପିଏଚ୍‌ଓ (ଭିଭିଡି) ଆଚାର୍ଯ୍ୟ କହିଲେ ଯେ, ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାସ୍ତରରେ ଏହା ପରିଚାଳନା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଜିଲା ସ୍ତରରେ ଏକ କମିଟି ରହିଥିବାବେଳେ ପ୍ରତି ବ୍ଲକସ୍ତରରେ କମିଟି ଗଠନ କରାଯାଇଛି। ଜୁଲାଇ ପହିଲାରୁ ଡୋର୍ ଟୁ ଡୋର୍ କ୍ୟାମ୍ପେନ ଆରମ୍ଭ ହୋଇଛି। ସପ୍ତାହକୁ ଦୁଇଦିନ ଡ୍ରାଏ ଡେ ଘୋଷଣା କରାଯାଇଛି। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଗାଁ କଲ୍ୟାଣ ସମିତି, ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜ ଅଞ୍ଚଳରେ ସଚେତନ କାର୍ଯ୍ୟକ୍ରମ କରିବେ। ଘର ଛାତ, ବାର ଅଗଣାରେ ଖାଲି ସ୍ଥାନରେ ପାଣି ଜମିବାକୁ ଦେବେ ନାହିଁ। ଆବର୍ଜନା ଏଣେତେଣେ ପକାଇବେ ନାହିଁ। ମଶାରି ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରିବେ। ସାଧାରଣତଃ ଜୁନ୍‌ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମସ୍ତଙ୍କ ସହଯୋଗ ରହିଲେ ଡେଙ୍ଗୁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ। ନିରାକରଣ ପାଇଁ ମିଶନଶକ୍ତି, ଏସ୍‌ଏଚ୍‌ଜି, ଶିକ୍ଷା, ଜଙ୍ଗଲ ଓ ଉଦ୍ୟାନ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ନିଆଯିବ। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ୧୨ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଶଯ୍ୟା କରାଯାଇଛି। ଡେଙ୍ଗୁ ୱାର୍ଡରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ବିଏମ୍‌ସି ପକ୍ଷରୁ ରାପିଡ ରେସ୍‌ପନ୍ସ ଟିମ ଏବଂ ରାପିଡ ଆକ୍ସନ ଟିମ୍ ଗଠନ କରାଯାଇଛି। ଜିଲା ଶିକ୍ଷାଧିକାରୀ ସମସ୍ତ ବିଦ୍ୟାଳୟ, ହାଇସ୍କୁଲ ସ୍ତରରେ ପିଲାଙ୍କୁ ସଚେତନ କରିବା ବ୍ୟବସ୍ଥା କରିବେ। ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଇଓ, ସିଆରସିସିମାନେ ନିଜ ସ୍ତରରେ ଏହାକୁ ସଂଯୋଜନା କରିବେ। ପଞ୍ଚାୟତ ସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବେ। ସହରାଞ୍ଚଳର ପରିବା ବଜାରରେ ଦୋକାନୀମାନଙ୍କୁ ପୌର ପ୍ରଶାସନ ପକ୍ଷରୁ ଅବଗତ କରାଯିବ। ସମସ୍ତ ଡ୍ରେନକୁ ଜରୁରିକାଳୀନ ଭିତ୍ତିରେ ସଫା ସହ ମଶାମରା ତେଲ, ମଶାଧୂଆଁ ବ୍ୟବସ୍ଥା କରାଯିବ। ପ୍ରତି ୱାର୍ଡରେ ସ୍ୱଚ୍ଛ ସାଥିମାନେ ଲୋକଙ୍କୁ ସଚେତନ କରିବେ। ଅଳିଆବୁହା ଗାଡ଼ିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଡେଙ୍ଗୁ ପ୍ରତିରୋଧ ସମ୍ପର୍କରେ ସୂଚନା ଦେବେ। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ସଚେତନତା ପାଇଁ ଲୋକଙ୍କୁ ଲିଫଲେଟ ବଣ୍ଟନ କରାଯିବ। ବିଭିନ୍ନ ସ୍ଥାନରେ ଅବ୍ୟବହୃତ ହୋଇପଡି ରହିଥିବା ଗାଡ଼ି, ଗ୍ୟାରେଜ ପ୍ରଭୃତି ସ୍ଥାନରେ ଯେପରି ଡେଙ୍ଗୁ ନ ବ୍ୟାପିବ ସେଥିଲାଗି ପରିବହନ ବିଭାଗ ଯତ୍ନବାନ ହେବା ଲାଗି ଜିଲାପରିଷଦ ଉପାଧ୍ୟକ୍ଷ ମହାରଣା କହିଥିଲେ। ଭେକ୍ଟର ବାହିତ ରୋଗ କନସଲଟାଣ୍ଟ ଅଧିକାରୀ ସ୍ମୃତିରଞ୍ଜନ ରାଉତ ଏବଂ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

**ଗତ ୯ ବର୍ଷରେ ଜିଲାରେ ଡେଙ୍ଗୁ ଆକ୍ରାନ୍ତ**

| ବର୍ଷ | ବିଏମ୍‌ସି | ଜିଲା | ମୋଟ |
|---|---|---|---|
| ୨୦୧୫ | ୧୨୪ | ୩୭ | ୧୬୧ |
| ୨୦୧୬ | ୩୨୭ | ୧୧୩ | ୪୪୦ |
| ୨୦୧୭ | ୨୬୬ | ୪୨ | ୩୦୮ |
| ୨୦୧୮ | ୯୯୧ | ୧୨୧ | ୧୧୧୨ |
| ୨୦୧୯ | ୨୯୯ | ୧୯ | ୩୧୮ |
| ୨୦୨୦ | ୫୩ | ୧୦ | ୬୩ |
| ୨୦୨୧ | ୩୮୫୧ | ୧୭୬ | ୪୦୨୭ |
| ୨୦୨୨ | ୩୪୬୪ | ୨୦୧ | ୩୬୬୫ |
| ୨୦୨୩ | ୪୨୫୪ | ୧୪୦୩ | ୫୬୫୭ |
| ୨୦୨୪ ଜାନୁଆରୀରୁ ଅଗଷ୍ଟ ୧୮ ସୁଦ୍ଧା | | | |
| | ୪୧୪ | ୧୩୮ | ୫୫୨ |

## ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ଟିକେଟ ଯାଞ୍ଚ ଅଭିଯାନ


ଟ୍ରେନ୍ ଭିତରେ ଯାତ୍ରୀଙ୍କ ଟିକେଟ୍ ଯାଞ୍ଚ କରାଯାଉଛି।

ଜଟଣୀ,୨୧।୮(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳପକ୍ଷରୁଟ୍ରେନ୍‌ଯାତ୍ରୀଙ୍କନିୟମିତ ଟିକେଟ ଚେକିଂ ଅଭିଯାନ ପରିପ୍ରେକ୍ଷୀରେ ବୁଧବାର ମଣ୍ଡଳ ଅଧୀନରେ ବିଭିନ୍ନ ରେଳ ଷ୍ଟେଶନରେ ବ୍ୟାପକ ଟ୍ରେନ୍ ଟିକେଟ ଯାଞ୍ଚ କରାଯାଇଛି। ବିନା ଟିକେଟରେ ଟ୍ରେନ୍ ଯାତ୍ରାକୁ ରୋକିବାକୁ ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜବା ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରକୃତ ଟିକେଟଧାରୀ ଯାତ୍ରୀଙ୍କୁ ସୁବିଧାଜନକ ଯାତ୍ରା ପ୍ରଦାନ କରିବା ଅଭିଯାନର ଏହା ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି। ପଟିଆ ପାସେଞ୍ଜର ହଲ୍ଟ ଏବଂ ବାରଙ୍ଗ ରେଳ ଷ୍ଟେଶନରେ ଚାଲିଥିବା ଅଚାନକ ଟିକେଟ ଯାଞ୍ଚ ସମୟରେ ୨୫୨ଟି ବିନା ଟିକେଟ୍ ଏବଂ ଅନିୟମିତ ଟିକେଟ ଯାତ୍ରୀଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କଠାରୁ ଭଡ଼ା ସହିତ ଜରିମାନା ଆକାରରେ ୬୭ ହଜାର ୪୩୫ ଟଙ୍କା ସଂଗ୍ରହ କରାଯାଇଥିଲା। ବାରଙ୍ଗ ରେଳ ଷ୍ଟେଶନରେ ଟିକେଟ ଯାଞ୍ଚ ସମୟରେ ଡିଆର୍‌ଏମ୍, ଖୋର୍ଦ୍ଧାରୋଡ଼ ଏଚ୍.ଏସ୍. ବାଜବା, ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନୀଲ କୁମାର ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକୃତ ଯାତ୍ରୀଙ୍କୁ କୌଣସି ଅସୁବିଧା ନ କରି ଟିକେଟ ଯାଞ୍ଚ କରିବାକୁ ସେ ଟିକେଟ ଯାଞ୍ଚ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ସମସ୍ତ ଯାତ୍ରୀଙ୍କୁ ଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ଉପଯୁକ୍ତ ଟିକେଟ୍/ପ୍ରାଧିକରଣ ସହିତ ଟ୍ରେନ୍‌ରେ ଯାତ୍ରା କରିବାକୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ବୋହୂଙ୍କୁ ଆକ୍ରମଣ ଅଭିଯୋଗରେ ଶାଶୁ ଗିରଫ, ଶ୍ୱଶୁର ଫେରାର

ବାଲୁଗାଁ,୨୧।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ବଡ଼କୁଳ ଗ୍ରାମରେ ବୋହୂଙ୍କୁ ମରଣାନ୍ତକ ଆକ୍ରମଣ କରି ଘରୁ ତଡ଼ିଦେବା ଅଭିଯୋଗରେ ପୋଲିସ ଅଭିଯୁକ୍ତା ଶାଶୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତା ହେଲେ ଅଧିକା ବେହେରା। ତେବେ ଅଭିଯୁକ୍ତ ଶ୍ୱଶୁର ଫେରାର ହୋଇଯାଇଥିବା ଜଣାଯାଇଛି। ଏନେଇ ପୋଲିସ ୨୫୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ବଡ଼କୁଳ ଗ୍ରାମର ସୁଦର୍ଶନ ବେହେରାଙ୍କ ପୁଅ ନିରଞ୍ଜନ ବେହେରା ୫ ବର୍ଷ ପୂର୍ବେ ସ୍ଥାନୀୟ ସୋରଣ ଗ୍ରାମର ମିତୁନାଙ୍କୁ ବିବାହ କରିଥିଲେ। ୨ ମାସ ତଳେ ମିତୁନା ଯୌତୁକଜନିତ ନିର୍ଯାତନା ନେଇ ସ୍ୱାମୀ, ଶାଶୁ ଓ ଶଶୁରଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ। ମାମଲା ବିଚାରାଧୀନ ଥିବାବେଳେ ଶାଶୁଘର ଲୋକେ ବୋହୂ ଆଣିଥିବା ଯୌତୁକ ସାମଗ୍ରୀ ଫେରାଇ ନ ଥିଲେ। ବୁଧବାର ମିତୁନା ବାପା ଓ ସମ୍ପର୍କୀୟଙ୍କ ସହ ବଡ଼କୁଳ ଗ୍ରାମରେ ପହଞ୍ଚିଥିଲେ। ମିତୁନା ଶାଶୁଘରକୁ ପ୍ରବେଶ କରୁଥିବାବେଳେ ଶାଶୁ ଓ ଶ୍ୱଶୁର ମିଶି ବିରୋଧ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଝିଅକୁ ବଞ୍ଚାଇବାକୁ ଯାଇ ମିଥୁନାଙ୍କ ବାପା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଉଭୟ ଚିକିତ୍ସାଧୀନ ଥିବାବେଳେ ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି।

### ଜନସେବା କେନ୍ଦ୍ର ଅଧିକାରୀଙ୍କ ଏକାଦଶାହରେ ସ୍ମୃତିସଭା

କଳାପଥର,୨୧।୮(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ବଘେଇ ଜନସେବାକେନ୍ଦ୍ର ଅଧିକାରୀ ତଥା ଖଳିପଲ୍ଲୀ ଗ୍ରାମର ସ୍ୱର୍ଗତ ପବିତ୍ର ପରିଡ଼ାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତାଙ୍କ ନିଜ ବାସଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ଜିଲା ଏସ୍.ବି.ଆଇ. ସି.ଏସ୍.ପି ୟୁନିୟନର ସଭାପତି ପ୍ରମୋଦ ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଜନହିତକର କାର୍ଯ୍ୟାବଳୀ ଉପରେ ବର୍ଣ୍ଣନା କରିଥିଲେ। ସଂଘ ପକ୍ଷରୁ ସ୍ୱର୍ଗତ ପରିଡ଼ାଙ୍କ ସ୍ତ୍ରୀ କୁନିଲତା ପରିଡ଼ାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ସି.ଏସ୍.ପି ସଂଘ ସମ୍ପାଦକ ଅନୁପ କୁମାର ମଲ୍ଲ, କୋଷାଧ୍ୟକ୍ଷ ଅୟଶକାନ୍ତ ସାହୁ, ଉପସଭାପତି ହରପ୍ରସାଦ ଶତପଥୀ, ବଳଦେବ ସ୍ୱାଇଁ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଜନସେବା ଓ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପରିଡ଼ାଙ୍କ ସାନଭାଇ ରବୀନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ନର୍ସିଂ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ କଳାବ୍ୟାଜ ପିନ୍ଧି ଧାରଣା


ନର୍ସିଂ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରୁଛନ୍ତି।

ଖୋର୍ଦ୍ଧା,୨୧।୮(ପ୍ରଭାତ ପାଣିଗ୍ରାହୀ)

**୧୦ ଦଫା ଦାବି ନେଇ ଆନ୍ଦୋଳନ**

ନିଖିଳ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ (ଓନା) ପକ୍ଷରୁ ୧୦ଦଫା ଦାବି ନେଇ ବୁଧବାରଠାରୁ ସପ୍ତାହ ବ୍ୟାପୀ ଧାରଣା ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନର୍ସମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ପୂର୍ବାହ୍ନରେ ନର୍ସିଂ ସଂଘ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିଲେ। ୨୦୧୩ ନଭେମ୍ବର ୧୧ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କୁ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଓ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ। ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ଦିଆଯାଉ। ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ଥିବା ସ୍ଥିରୀକୃତ ଅବଧିକୁ କମ୍ କରି ୧୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରମାନଙ୍କର ଏକ ସମୟରେ ଦୁଇଟି ପଦୋନ୍ନତି ଦିଆଯାଉ ବୋଲି ଦାବି କରାଯାଇଛି। ଏଥିସହ ଅନ୍ୟାନ୍ୟ ଦାବି ରହିଛି। ଜିଲା ସଂଘ ସଭାନେତ୍ରୀ ପ୍ରତିମା ରାଉତ ଓସମ୍ପାଦକ ସାଧନା ଗୁମାନସିଂଙ୍କ ନେତୃତ୍ୱରେ ଉପସଭାନେତ୍ରୀ ମଞ୍ଜୁଲତା ବେହେରା, ଯୁଗ୍ମସମ୍ପାଦକ ଅନିତା ସାହୁ, କୋଷାଧ୍ୟକ୍ଷ ଭାରତୀ ସାହୁ, ସ୍ୱପ୍ନାମଞ୍ଜରୀ ପ୍ରଧାନ, ସୁଲୋଚନା ନାୟକ, ସ୍ମିତାରାଣୀ ପୃଷ୍ଟି, ଅଞ୍ଜଳି ବରାଳ, ସୁମିତ୍ରା ଦାସ, ସଂଯୁକ୍ତା ମହାରଣା, କାଶ୍ୟପ୍ରଭା ବେହେରା, ସୌମ୍ୟକାନ୍ତି ରାଉତ, ପ୍ରଦୀପ ସ୍ୱାଇଁ, ସଂଗ୍ରାମୀ କେଶରୀ ବେହେରା ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ଆଇଚରକୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ, ହେଲ୍‌ପର୍ ମୃତ

ବାଲୁଗାଁ,୨୧।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ବାଇପାସ୍ ରାସ୍ତାର ପାଇକ କୁଶଡ଼ିହ ଛକଠାରେ ଏକ ପିକ୍‌ଅପ୍ ଭ୍ୟାନକୁ ଆଇଚର ଟ୍ରକ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆସାମର ଦୀପକ ମାଧା (୨୩)। ଏନେଇ ପୋଲିସ ୨୬୦/୨୪ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରିଛି। ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଭୁବନେଶ୍ୱରରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଆଇଚର ପାଇକକୁଶ ଛକଠାରେ ରାସ୍ତାପାର୍ଶ୍ୱରେ ଅଟକି ପାଲ ଭିଡୁଥିଲା। ପଛପଟୁ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଆଇଚରକୁ ଧକ୍କା ଦେଇଥିଲା। ଫଳରେ ଆଇଚର ଭିତରେ ଥିବା ହେଲପର ଚାପି ହୋଇ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତାଙ୍କ ପରିବାରକୁ ସୂଚନା ଦେଇଛି।

## ଟାଙ୍ଗୀ ମଣ୍ଡଳସ୍ତରୀୟ ମୌଳିକ ସାକ୍ଷରତା ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅତିଥି।

ଟାଙ୍ଗୀ(ଖୋର୍ଦ୍ଧା),୨୧।୮(ରଘୁନାଥ ସାହୁ)

ଟାଙ୍ଗୀ ମଣ୍ଡଳସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ କ୍ରୀତଦାସ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ପ୍ରଥମ ପର୍ଯ୍ୟାୟ ପ୍ରୟୋଗ ବଳରାମ ଦେବ ବିଦ୍ୟାପୀଠ ପରିସରରେ ଆରମ୍ଭ ହୋଇଯାଇଛି। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ମଞ୍ଜରୀ ଦେବୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲେଇ, ସିଆର୍‌ସିସି ପ୍ରଶାନ୍ତ ମହାପାତ୍ର, ପଞ୍ଚାନନ ପ୍ରଧାନ, କାହ୍ନୁଚରଣ ବେହେରା, ପ୍ରସନ୍ନ ପାଇକରାୟ, ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଅତିଥି ରୂପେ ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଆବଶ୍ୟକତା ଏବଂ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଆସିଥିବା ମୋଟ ୪୩ ଜଣ ଏଫ୍‌ଏଲ୍‌ଏନ୍ ଶିକ୍ଷକ ପ୍ରଶିକ୍ଷଣରେ ଅଂଶଗ୍ରହଣ ତାଲିମ ନେଉଛନ୍ତି। ସିଆର୍‌ସିସି ମହାପାତ୍ର, ପଞ୍ଚାନନ ଭୁଜବଳ, ସଞ୍ଜୁଲତା ବେହେରା, ଦୀନବନ୍ଧୁ ପୃଷ୍ଟି, ପ୍ରସନ୍ନ ପାଇକରାୟ ପ୍ରମୁଖ ପ୍ରଶିକ୍ଷକ ରୂପେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମ ପର୍ଯ୍ୟାୟର ଏହି ପ୍ରଶିକ୍ଷଣ ଶିବିର ୩ ଦିନ ଧରି ଚାଲିବ ଏବଂ ଏହାପରେ ମଧ୍ୟ ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଶିକ୍ଷାଦାନ ଦେଉଥିବା ଏଫ୍‌ଏଲ୍‌ଏନ୍ ଶିକ୍ଷକଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବ ବୋଲି ସହଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜରୀ ଦେବୀ ସୂଚନା ଦେଇଛନ୍ତି।

## ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଜନ୍ମ ଦିବସ ପାଳିତ



କଳାପଥର,୨୧।୮(ଗଙ୍ଗାଧର ସାହୁ)

ଡମପ ବ୍ଲକ ଅଧୀନ ତୁଳସୀପୁର ଗ୍ରାମରେ ବାଙ୍କୀ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ତୁଳସୀପୁର ଗ୍ରାମର ଧନଞ୍ଜୟ ମହାପାତ୍ର ଓ ଚନ୍ଦ୍ରକାନ୍ତି ମହାପାତ୍ରଙ୍କ ପୁତ୍ର ତତ୍ତ୍ୱମସୀ ଭାରତୀନିଙ୍କ ୨୧ତମ ଜନ୍ମ ଦିବସ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଆର୍ଯ୍ୟ ସମାଜ ନୀତି ଅନୁସାରେ ବେଦପାଠ, ମନ୍ତ୍ରଧ୍ୱନୀ ଓ ପୂଜା ଯଜ୍ଞ କରାଯାଇଥିଲା। ଚନ୍ଦ୍ରମଣି ମହାପାତ୍ର ପୂଜାପାଠ କରିଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ, ଖୋର୍ଦ୍ଧା ସଭାପତି ଉଦୟନାଥ ସ୍ୱାଇଁ ଯୋଗଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ଏପରି ଜନ୍ମ ଦିବସ ତିଥି ପାଳନ କରିବା ଆମ ସନାତନ ସଂସ୍କୃତିର ଏକ ଅନନ୍ୟ ଉଦାହରଣ ବୋଲି କହିଥିଲେ। ଅତିଥି ଭାବେ ଡମପ ବ୍ଲକର ପୂର୍ବତନ ସ୍କୁଲ ନିରୀକ୍ଷକ ଭୀମସେନ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ମାଗୁଣୀ ଚରଣ ସାହୁ, ଗୀତିକାର ଅମୂଲ୍ୟ ଚରଣ ଦାସ, ପ୍ରକୃତିବନ୍ଧୁ ପ୍ରସନ୍ନ ସାହୁ, ଯୁବ ସାମାଜିକ କର୍ମୀ ଦୁଷ୍ମନ୍ତ ଛାଟୋଇ, ମୋନାଲିସା ମହାପାତ୍ର ଓ କୃପାସିନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିରେ ବେଦ ଓ ଯଜ୍ଞ ଉପରେ ଆଲୋକପାତ କରିଥିଲେ। ଧନଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗଣେଶ ପୂଜା ଭସାଣିରେ ଡିଜେ ବ୍ୟବହାରକୁ ବାରଣ

**ପାରମ୍ପରିକ ବାଦ୍ୟ, ନୃତ୍ୟରେ ଝଲସିବ ଭସାଣି ଯାତ୍ରା**

ଜଟଣୀ,୨୧।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ୟବସାୟୀ ମହାସଂଘ ପକ୍ଷରୁ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ବୁଧବାର ଆୟୋଜିତ ହୋଇଯାଇଛି। ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜଟଣୀର ୨୦ଟି ବ୍ୟବସାୟ ସଂଘ ସଭାପତି, ସମ୍ପାଦକଙ୍କ ସହିତ ବହୁ ବ୍ୟବସାୟୀ ଭାଇ ଯୋଗ ଦେଇଥିଲେ। ବୈଠକରେ ୭ ତାରିଖ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ଭସାଣି ପର୍ଯ୍ୟନ୍ତ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ସେ ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଜଟଣୀ ବ୍ୟବସାୟ ପେଣ୍ଟସ୍ଥଳରେ ଥିବା ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟିରେ ରହିଥିବା ସୁବିଧା ଅସୁବିଧାକୁ ଉପସ୍ଥିତ ବଜାର କମିଟି ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଚଳିତବର୍ଷ ଗଣେଶ ବିସର୍ଜନ ଶୋଭାଯାତ୍ରାରେ କମିଶନରେଟ ପୋଲିସର ନିର୍ଦ୍ଦେଶ ମୁତାବକ ଡିଜେ ବଜାଇବା ବନ୍ଦ ପାଇଁ ସର୍ବସମ୍ମତି କ୍ରମେ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂଜା ସମୟରେ ୨୪ ଘଣ୍ଟା ବିଦ୍ୟୁତ୍, ସହର ଏବଂ ପୂଜା ପେଣ୍ଡାଲ ଚାରିପାଖର ପରିମଳ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ପେଣ୍ଡାଲରେ ଅଗ୍ନି ନିରାପତ୍ତା, ପାନୀୟ ଜଳ ଏବଂ ଆଶୁ ଚିକିତ୍ସା ଆଦି ଦିଗକୁ ନେଇ ଆଲୋଚନା କରାଯାଇଥିଲା। ପୂଜା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ବିଭିନ୍ନ ସରକାରୀ ଅନୁମତି ପାଇଁ ସିଙ୍ଗଲ ବିଣ୍ଡୋ ବ୍ୟବସ୍ଥା ମାଧ୍ୟମରେ ସବୁ ପୂଜା କମିଟିକୁ ପ୍ରଶାସନ ପକ୍ଷରୁ ପୂଜା ଆୟୋଜନ ପାଇଁ ପରମିଶନ ଦେବାକୁ ପ୍ରଶାସନକୁ ଅନୁରୋଧ କରାଯିବ। ଶୀଘ୍ର ଏବଂ ସୁବିଧାରେ ମୂର୍ତ୍ତି ବିସର୍ଜନ ପାଇଁ ଚଳିତବର୍ଷ ଅଧିକ ୨ଟି ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରିବା ଓ ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ବିସର୍ଜନ ସ୍ଥଳ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା କରିବା, ଭସାଣି ଯାତ୍ରାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବାକୁ ଛୋଟ ଛୋଟ ସାହିବସ୍ତି ଏବଂ କ୍ଲବ ପକ୍ଷରୁ ପୂଜା ପାଉଥିବା ବିଗ୍ରହଙ୍କ ବିସର୍ଜନ ଯାତ୍ରା ପାଇଁ ପୃଥକ୍ ଶୋଭାଯାତ୍ରା ସମୟ ଓ ମାର୍ଗ ନିର୍ଦ୍ଧାରଣ ବ୍ୟବସ୍ଥା କରିବା, ଭସାଣି ପର ଦିନ ଜଟଣୀର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିବର୍ଷ ଭଳି ବନ୍ଦ ରଖିବା ଆଦି ଦିଗ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଟଣୀର ପୂର୍ବତନ ନଗରପାଳ ତଥା ଭସାଣି କମିଟି ସଭାପତି ସଂଗ୍ରାମକେଶରୀ ରାଉତରାୟ, ବ୍ୟବସାୟୀ ମହାସଂଘ ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ସାହୁ, ରବୀନ୍ଦ୍ର ଅଗ୍ରୱାଲ, ଶରତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିରରେ ଝୁଲଣ ଉତ୍ସବ

କଟକ,୨୧।୮ (କାର୍ତ୍ତିକ ସାହୁ)

ଖପୁରିଆ ପଞ୍ଚମୁଖୀ ହନୁମାନ ମନ୍ଦିର ସମ୍ମୁଖ ଜୟ ଜଗନ୍ନାଥ କଲୋନୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଝୁଲଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରାଜକିଶୋର ମହାନ୍ତି ଓ ସାଥୀ ଭଜନ ପରିବେଷଣ କରିଥିଲେ। ଉପସଭାପତି ଜୟପ୍ରକାଶ ନାରାୟଣ ପ୍ରହରାଜ, କୋଷାଧ୍ୟକ୍ଷ ନିର୍ମଳ ବାରିକ, ସହକାରୀ ସମ୍ପାଦିକା ହରପ୍ରିୟା ମିଶ୍ର, ବିଶ୍ୱନାଥ ସାହୁ, ବିଜୟ ରାଉତରାୟ, ଶଶାଙ୍କ ପାଟୋଡ଼ିଆ, କେଶବ ଚନ୍ଦ୍ର ବେହେରା, ମୋହନ ସେଠୀ, ସୁବାସ ମହାରଣା, ଚନ୍ଦ୍ରକାନ୍ତ ଲେଙ୍କାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ସପ୍ତାହ ସମୟ ନେଲେ ରାଜ୍ୟ ସରକାର

କଟକ,୨୧।୮ (କାର୍ତ୍ତିକ ସାହୁ)

**ବିଦ୍ୟାଳୟରେ ଉଠ୍‌ବସ୍ ହୋଇ ଚତୁର୍ଥ ଶ୍ରେଣୀ ଛାତ୍ର ମୃତ ମାମଲା**

**■ସେପ୍ଟେମ୍ବର ୪ରେ ପରବର୍ତ୍ତୀ ଶୁଣାଣି**



ଯାଜପୁର ଜିଲାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଉଠ୍‌ବସ୍ କରାଇବା ହେତୁ ତାଙ୍କର ମୃତ୍ୟୁ ଘଟିବା ନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଦଣ୍ଡ ଦିଆ ନ ଯିବା ଉପରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ସେନେଇ ଜବାବ ଦାଖଲ କରିବାକୁ ରାଜ୍ୟ ସରକାର ଆହୁରି ୨ ସପ୍ତାହ ସମୟ ନେଇଛନ୍ତି। ଗତ ଜୁନ୍ ୨୬ ତାରିଖ ଶୁଣାଣିବେଳେ ହାଇକୋର୍ଟ ଏନେଇ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ନଭେମ୍ବର ୨୧ରେ ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ଥାନା ଓରାଳି ଗ୍ରାମର ସୂର୍ଯ୍ୟ ନାରାୟଣ ନୋଡାଲ ୟୁପି ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରୁଦ୍ରନାରାୟଣ ସେଠୀଙ୍କୁ ଜଣେ ଶିକ୍ଷୟିତ୍ରୀ ଉଠ୍‌ବସ୍ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପଢ଼ାରେ ମନୋଯୋଗୀ ହୋଇ ନ ଥିବାରୁ ଶିକ୍ଷୟିତ୍ରୀ ଉଠ୍‌ବସ୍ ହେବାକୁ କହିଥିଲେ। ରୁଦ୍ର ଉଠ୍‌ବସ୍ ହେଉଥିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆବେଦନକାରୀ ପ୍ରବୀର କୁମାର ଦାସ ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ଦର୍ଶାଇଛନ୍ତି, ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଶାରୀରିକ ଦଣ୍ଡ କିମ୍ବା ମାନସିକ ନିର୍ଯାତନା ସ୍କୁଲରେ ପିଲାଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆଇନ୍ ହୋଇଛି। ତଥାପି ଯାଜପୁରରେ ଏଭଳି ଘଟଣା ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଲା। ତେଣୁ ଏହି ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା, ଦୋଷୀ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଆଗାମୀ ଦିନରେ ଏଭଳି ଘଟଣା ଯେପରି ବିଦ୍ୟାଳୟରେ ନ ଘଟିବା, ପିଲାମାନେ ଯେପରି ଶାରୀରିକ ଓ ମାନସିକ ନିର୍ଯାତନା ନ ଭୋଗିବେ ସେଥିପାଇଁ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ବ୍ୟବସ୍ଥା ସରକାର କରିବା ଦରକାର ବୋଲି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଭଳି କେତେ ଘଟଣା ଘଟିଛି, କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ସରକାର କୌଣସି ତଥ୍ୟ ଦେଉନାହାନ୍ତି। ଯଦ୍ୱାରା ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଆବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି।

# ଏଥରର ଆକର୍ଷଣ ୪୦ ଫୁଟ୍ ବୋଇତ ତୋରଣ



କଟକ,୨୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱରୂପ କ୍ଲବ୍‌ର ଗଣେଶ ପୂଜା ପ୍ରସ୍ତୁତି**

କଟକ ନୂଆପଡାର ବିଶ୍ୱରୂପ କ୍ଲବ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଗଣେଶ ପୂଜା ପାଳନ କରାଯିବ। ଏଥର ପ୍ଲାଏରେ ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ବୋଇତ ଆକୃତିର ତୋରଣ ସହ ୧୧ ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ନିର୍ମାଣ କରାଯିବ। ୨୦୦୩ରୁ ଏହି କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଳନ କରାଯାଉଛି। କ୍ଲବ୍ ସଭାପତି ସୋମେନ ବେଉରା ଓ ସମ୍ପାଦକ ସ୍ଫୂର୍ତ୍ତି ରଞ୍ଜନ ଜେନାଙ୍କ ସମେତ ୨୧ ଜଣ ସଦସ୍ୟ ଅଛନ୍ତି। କ୍ଲବ୍ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ, ଗଣେଶ ପୂଜାରେ ସମଗ୍ର ଅଞ୍ଚଳକୁ ଆଲୋକରେ ସଜ୍ଜିତ କରାଯିବ। ଚଳିତବର୍ଷ ପ୍ରାୟ ୪ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ କ୍ଲବ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗ ବ୍ୟବସ୍ଥା କରାଯିବ। ବ୍ରହ୍ମପୁରର ପ୍ରସିଦ୍ଧ ବାଦ୍ୟ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟରେ ଭସାଣ ଯାତ୍ରା ଅନୁଷ୍ଠିତ ହେବ।

# ମୁଗ୍ଧକଲା କଳାକାରଙ୍କ ନୃତ୍ୟ

**ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ବାର୍ଷିକ ଉତ୍ସବ**

କଟକ,୨୧।୮ (କାର୍ତ୍ତିକ ସାହୁ)

ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ୧୪ତମ ବାର୍ଷିକ ଉତ୍ସବ 'ପଞ୍ଚମ-୨୦୨୪' କଟକ ଲିଙ୍କରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ଶନ୍ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥି ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ଏମ୍‌ପି ଭକ୍ତ ବଲ୍ଲଭ ଦାସ, ଶିକ୍ଷାବିତ୍ ଡ. ପ୍ରଭୁ ଚରଣ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦକ ଶ୍ୟାମକୁମାର କଳାକାରମାନଙ୍କ ଭତ୍ତା ଓ ସଂଘର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ମେୟର ଓ ଅତିଥିଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରସେନ୍‌ଜିତ ମହାନ୍ତି, ଅବସରପ୍ରାପ୍ତ ଏସ୍‌ପି ପ୍ରମୋଦ ରଥ, ଗୀତିକାର ଅରୁଣ ମନ୍ତ୍ରୀ ଓ କଣ୍ଠଶିଳ୍ପୀ ସୁଜାତା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରର ଆରିଅନ୍ ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଆସୋସିଏଶନ୍‌ର ମୁଖ୍ୟ ଉପଦେଷ୍ଟା ପ୍ରଭାତ ରଞ୍ଜନ ବୋଷ, ଉପସଭାପତି ବୀରେନ୍ଦ୍ର ଦାସ, ସହସମ୍ପାଦକ ଲୁଲୁ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଅଞ୍ଜନ ମାହାନା, କୋଷାଧ୍ୟକ୍ଷ ବାପି ମହାପାତ୍ର, ମୁଖ୍ୟ ସଂଯୋଜକ କୁସୁନ୍ ମହାନ୍ତି, ସଂଯୋଜକ ଅରବିନ୍ଦ ବଳିଆରସିଂ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀକାନ୍ତ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସୋସିଏଶନ୍ ସଭାପତି ନିଲୁ ମହାନ୍ତି ଧନ୍ୟବାଦ ଦେଇଥିଲେ।



କଟକ ଲିଙ୍କରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍ ହଲ୍‌ଠାରେ ଓଡ଼ିଶା ମେଲୋଡି ଆସୋସିଏଶନ୍‌ର ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜାଲ୍ କାଗଜପତ୍ରରେ ଜମି ବିକ୍ରି ଘଟଣା: ହେଡ୍ କ୍ଲର୍କ ଗିରଫ

କଟକ,୨୧।୮ (କାର୍ତ୍ତିକ ସାହୁ)



ନଳିନୀକାନ୍ତ ମହାନ୍ତି

ଜାଲ୍ କାଗଜପତ୍ର ଜରିଆରେ ଜଣଙ୍କ ଜମି ଅନ୍ୟ ୪ ଜଣଙ୍କୁ ବିକ୍ରି କରିବା ଘଟଣାରେ ଚାଉଳିଆଗଞ୍ଜ ପୋଲିସ ବୁଧବାର ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସବ୍ ରେଜିଷ୍ଟ୍ରାର ଅଫିସ୍‌ର ହେଡ୍ କ୍ଲର୍କ ନଳିନୀକାନ୍ତ ମହାନ୍ତି (୫୪)। ତାଙ୍କ ଘର କନ୍ଦରପୁର ଥାନା ନିମେଇସାପୁର ଗ୍ରାମରେ ହୋଇଥିବାବେଳେ ସେ ମର୍କତନଗର ସେକ୍ଟର-୭ରେ ରହୁଥିଲେ। ପୂର୍ବରୁ ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ପୁରୀ ଜିଲା ପିପିଲି ଥାନା ଅଧୀନ ସିଂଘପୁର ଗ୍ରାମର ନିହାର ରଞ୍ଜନ ସେନାପତିଙ୍କର କଟକ ଗଣ୍ଡରପୁର ଅଞ୍ଚଳରେ ଏକ ଜମି ରହିଛି। ଉକ୍ତ ଜମିରେ ଏକ କୋଠା ଘର ରହିଛି। ଶାରୀରିକ ଅସୁସ୍ଥତା ହେତୁ ସେ ନିଜେ ଜମି ଓ ଘରର ଦେଖାଶୁଣା କରିପାରୁ ନ ଥିଲେ। ତେଣୁ ତାଙ୍କ ଶାଳକ ସମସ୍ତ ଦାୟିତ୍ୱ ବୁଝୁଥିଲେ। କିଛିଦିନ ହେବ ନିହାରଙ୍କ ନିକଟକୁ ଉକ୍ତ ଜମି ବିକ୍ରି ସଂକ୍ରାନ୍ତରେ ବହୁ ଫୋନ୍‌କଲ୍ ଆସୁଥିଲା। ସେଠାରେ 'ପ୍ଲଟ୍-ନଟ୍ ଫର୍ ସେଲ'ର ଏକ ବୋର୍ଡ ଲଗାଇ ସେଥିରେ ସେ ତାଙ୍କ ଶାଳକଙ୍କ ଫୋନ୍ ନମ୍ବର ଲେଖିଦେଲେ। ତଥାପି ତାଙ୍କ ପାଖକୁ ପୂର୍ବ ଭଳି ଜମି ବିକ୍ରି ନେଇ ଫୋନ୍‌କଲ୍ ଚାଲୁ ରହିଲା। ଏପରିସ୍ଥିଳେ ଜଣେ ବ୍ୟକ୍ତି ନିଜକୁ ଉକ୍ତ ଜମିର ମାଲିକ କହି ତାଙ୍କ ଶାଳକଙ୍କୁ ଫୋନ କରି ଧମକ ଦେଲେ। ବାରମ୍ବାର ଏଭଳି ହେବାରୁ ସେନାପତି ଉକ୍ତ ଜମିର ଇସି ବାହାର କଲେ। ସେଥିରୁ ଜାଣିବାକୁ ପାଇଲେ ଗତ ଜୁନ୍ ୧୯ରେ ବିଶ୍ୱନାଥ ଦାସ ନାମକ ବ୍ୟକ୍ତିଙ୍କୁ ସେହି ଜମି ବିକ୍ରି ହୋଇଛି। ସେ କ୍ରେତା ବିଶ୍ୱନାଥ କିମ୍ବା ବିକ୍ରେତାଙ୍କ ବିଷୟରେ କିଛି ବି ଜାଣି ନ ଥିଲେ। ପରେ ଆଉ ୩ ଜଣ ଫୋନ୍ କରି ନିଜକୁ ଉକ୍ତ ଜମିର ମାଲିକ କହି ସାଇନ୍ ବୋର୍ଡ ହଟାଇବାକୁ ଧମକ ଦେଲେ। ଏଭଳି ସ୍ଥିତିରେ କେହି ଜାଲିଆତି କରି ତାଙ୍କ ଜମିକୁ ବିକ୍ରି କରିଥିବା ନେଇ ସେନାପତି ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୧୮୭/୨୪) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଜମି ଜାଲିଆତି ଘଟଣା ପଛରେ ଏକ ଗ୍ୟାଙ୍ଗ୍ କାମ କରୁଥିବା ତଦନ୍ତରୁ ଜଣା ପଡ଼ିଥିଲା। ଏହି ମାମଲାରେ ପୋଲିସ ଗତ ୧୪ ତାରିଖରେ ସେକ୍ ଆବିଦ୍, ଇଖ୍ତାର ଅହମଦ ଖାନ୍, ସ୍ମୃତିରଞ୍ଜନ ସମଦର୍ଶୀ, ପର୍ଶୁରାମ ଭୋଇ ଏବଂ ସୁଶାନ୍ତ କୁମାର ରାଉତରାୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୯୯ ହଜାର ଟଙ୍କା, ନକଲି ଭୋଟର ଓ ଆଧାର କାର୍ଡ, ସରକାରୀ ଅଧିକାରୀଙ୍କ ନକଲି ସିଲ୍, କମ୍ପ୍ୟୁଟର, ପ୍ରିଣ୍ଟର, ମୋବାଇଲ ଆଦି ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଜେରା କରିବାବେଳେ ସବ୍ ରେଜିଷ୍ଟ୍ରାର ଅଫିସର ବରିଷ୍ଠ କିରାଣି ନଳିନୀଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ନଳିନୀ ଉକ୍ତ ଜମିର କାଗଜପତ୍ର ପ୍ରସ୍ତୁତ କରିଥିଲେ। ମୁଖ୍ୟ ଅଭିଯୁକ୍ତ ସ୍ମୃତିରଞ୍ଜନ ନିଜକୁ ଉକ୍ତ ଜମିର ମାଲିକ ଦର୍ଶାଇ ଜାଲ୍ ପଟ୍ଟାରେ ନିଜର ଫଟୋ ଲଗାଇଥିଲେ। ଏହା ବଳରେ ଜମି ଅନ୍ୟ ଜଣଙ୍କ ନାଁରେ ପଞ୍ଜିକୃତ ହେବାବେଳେ ନଳିନୀ ଦସ୍ତାବିଜ ଯାଞ୍ଚ କରି ନ ଥିଲେ। ବେଆଇନ କାରବାରରେ ନଳିନୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି। ଏଭଳି ଅଭିଯୋଗରେ ଗତବର୍ଷ ଅଭିଯୁକ୍ତ ନଳିନୀଙ୍କ ନାଁରେ ଲାଲବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ରେକର୍ଡରୁ ଜଣାପଡିଛି।

# ଏକାଠି ହେଲେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀ

କଟକ,୨୧।୮ (କାର୍ତ୍ତିକ ସାହୁ)

**୨୯ରେ ମିଳିତ ବୈଠକ ପାଇଁ ନିଷ୍ପତ୍ତି**

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀକୁ ଗୋଟିଏ ମଞ୍ଚରେ ଏକାଠି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଚଳିତବର୍ଷ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେବ। ଏଥିସହ ଗଣତାନ୍ତ୍ରିକ ପଦ୍ଧତିରେ ଆସନ୍ତା ୨ ବର୍ଷ ପାଇଁ ବିଭିନ୍ନ ପଦାଧିକାରୀ ନିର୍ବାଚନ ହେବ ବୋଲି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ବୁଧବାର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷର ପଦାଧିକାରୀ ଯୋଗଦେଇ ଦୁଇ ସଂଘର ମିଶ୍ରଣ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ସଂଘରେ ବିବାଦ ଦେଖାଦେଇଥିବାରୁ ରାଜ୍ୟରେ ଆଇନଜୀବୀଙ୍କ ସମସ୍ୟା ସମାଧାନ ହୋଇପାରୁ ନ ଥିବା ଉଭୟ ପକ୍ଷ ସ୍ୱୀକାର କରିଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଗୋପାଳକୃଷ୍ଣ ମହାନ୍ତି ଓ ଧରଣୀଧର ନାୟକ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସଂଘ ଏକତ୍ରୀକରଣ ହେବାର ଆବଶ୍ୟକତାକୁ ଉପଲବ୍ଧି କରି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିଲା। ପରିଷଦର ବରିଷ୍ଠ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଦେବୀପ୍ରସାଦ ଧଳ, ବିଭୁ ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଦୀନେଶ ଚନ୍ଦ୍ର ରାୟ, ଅରୂପାନନ୍ଦ ଦାସ, ସଞ୍ଜିତ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ମାନସ କୁମାର ଚାନ୍ଦ, ତପନ କୁମାର ବିଶ୍ୱାଳ ଓ ପୀତବାସ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ। ଆସନ୍ତା ୨୯/୩୦ ତାରିଖରେ ମିଳିତ କାର୍ଯ୍ୟକ୍ରମ ପାଇଁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ୧୫ ଜଣିଆ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ ଉପାଧ୍ୟକ୍ଷ ରହିବେ। ଉକ୍ତ କମିଟିରେ ପରିଷଦର ୫ ଜଣ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫ ଜଣ ସଦସ୍ୟଙ୍କୁ ସାମିଲ କରାଯାଇ ଆଗାମୀ କାର୍ଯ୍ୟପନ୍ଥା କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ଓ ମାନସ ରଞ୍ଜନ ମହାପାତ୍ର ନିଃସର୍ତ୍ତ ଭାବେ ପରିଷଦର ଏକତ୍ରୀକରଣ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ମିଳିମିଶି ଆଇନଜୀବୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସଂଘର ଅନ୍ୟତମ ସଦସ୍ୟ ଶିଶିର କୁମାର ପାଢ଼ୀ, ଅନିଲ କୁମାର ପରିଡ଼ା, ଭୂପେଷ ଚନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ମିଶ୍ର, ଦିଲୀପ କୁମାର ଦାସ, ନିରଞ୍ଜନ ନାୟକ, ଜ୍ୟୋତିପ୍ରକାଶ ରଥ, ସୁବାସ ଚନ୍ଦ୍ର ମିଶ୍ର, ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଏହି ଉଦ୍ୟମକୁ ରାଜ୍ୟର ୧୮୦ଟି ପଞ୍ଜୀକୃତ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥର ୫୩ତମ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତୁତି ପାଇଁ ପରିଷଦର ଅଧ୍ୟକ୍ଷ ଉଭୟ ଗୋଷ୍ଠୀରୁ ୫ ଜଣ ଲେଖାଏ ସଦସ୍ୟଙ୍କୁ ମନୋନୀତ କରି ସେମାନଙ୍କ ନାମ ୧୦ ଦିନ ମଧ୍ୟରେ ପଠାଇବାକୁ ଅନୁରୋଧ କରାଯାଇଛି।

# ଗୀତା ମହାଳିକଙ୍କୁ 'ସସ୍ନେହା ସମ୍ମାନ'

ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଆରାଧନା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଦ୍ୱିତୀୟ ସସ୍ନେହା ସମ୍ମାନ ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଆରାଧନାର ସମ୍ପାଦକ ଚିତ୍ରସେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, କେନ୍ଦ୍ର ପାରା ମିଲେଟାରୀ ସ୍ୱାସ୍ଥ୍ୟସେବା ଅଧିକାରୀ ଡ. ରାଜେନ୍ଦ୍ରନାଥ ସାମନ୍ତରାୟ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଏସ୍‌ଏନ୍ ଆୱାଡ଼ି ଗୁରୁ ଆଲୋକା କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଭିପ୍ସା ପତି, ଅଙ୍ଗୀକ ଅନୁଷ୍ଠାନର ଗୁରୁ ଶ୍ରାବଣୀ ମିତ୍ର, ସୂର୍ଯ୍ୟ ଗୁରୁକୁଳ ଟ୍ରଷ୍ଟର ଗୁରୁ ସଙ୍ଗୀତା ଛୋଟରାୟ ପ୍ରମୁଖ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଗୀତା ମହାଳିକଙ୍କୁ 'ସସ୍ନେହା ସମ୍ମାନ'ରେ ଗୁରୁ ସ୍ନେହପ୍ରଭା ସାମନ୍ତରାୟ ସମ୍ମାନିତ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତ୍ୟେକ ବ୍ୟକ୍ତି ସଚେତନ ହୁଅନ୍ତୁ

କଟକ,୨୧।୮ (କାର୍ତ୍ତିକ ସାହୁ)

**ଓଡ଼ିଆ ଅସ୍ମିତା ଆଲୋଚନାଚକ୍ର, କବିତା ପାଠ**

ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ ଓଡ଼ିଆ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ର ଶତାବ୍ଦୀ ବିହାରସ୍ଥିତ ନଳିନୀ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଦିତ୍ୟ କୁମାର ଧଳ ଉଦ୍‌ଘାଟନ କରି କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ଅଧିକରୁ ଅଧିକ ଓଡ଼ିଆ ଲିଖନ, ପଠନ ଓ କଥନ ପ୍ରତି ସଚେତନ ହେବା ଆବଶ୍ୟକ। ମୁଖ୍ୟ ଅତିଥି କଥାକାର କାଞ୍ଚିନାରାୟଣ ମହାନ୍ତି, ସମ୍ମାନିତ ଅତିଥି ସାହିତ୍ୟିକ ସୁଦର୍ଶନ ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷାର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ପଟ୍ଟନାୟକ ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି, ଆଧ୍ୟାତ୍ମିକ ଭାବଧାରା, ମହାଭାରତ ଓ ଭାଗବତ ଅସ୍ମିତାର ପରିଚୟ ବୋଲି କହିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଜୟ କୁମାର ନାଥ ଓ ଶରତ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଦେଶାତ୍ମବୋଧକ କବିତା ପାଠ ହୋଇଥିଲା। ସୁନି ଦାସ, ସସ୍ମିତା ଜେନା, ନମିତା ମହାନ୍ତି, କ୍ଷୀରୋଦ ଜେନା, ଛବିରାମ ସେଠୀ, ସ୍ୱର୍ଣ୍ଣଲତା ସିଂହସାମନ୍ତ, ସୁରେନ୍ଦ୍ର ମହାପାତ୍ର, ମନ୍ମଥ ନାଥ ବରାଳ, ଅପର୍ଣ୍ଣା ମିଶ୍ର, ସନ୍ଧ୍ୟା ଶତପଥୀ, ନିରୁପମା କର, ଶାନ୍ତି ସେଠୀ, ଜୟନ୍ତୀ ବାରିକ ଏବଂ ସୁଷମା ରାଉତ ପ୍ରମୁଖ କବିତା ପାଠ କରିଥିଲେ। ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ନୃସିଂହ ଚରଣ ଜେନା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ନାଟକରେ ଡାକ୍ତରଙ୍କ ସୁରକ୍ଷା ଦାବି

କଟକ,୨୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ସପ୍ତମ ଦିନରେ ଡାକ୍ତର ଆନ୍ଦୋଳନ**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଜୁନିୟର ଡାକ୍ତର ସଂଘ ଆହ୍ୱାନକ୍ରମେ ଆନ୍ଦୋଳନ ଜାରି ରହିଛି। ବୁଧବାର ସପ୍ତମ ଦିନରେ ଆନ୍ଦୋଳନ ସ୍ଥଳରେ ଡାକ୍ତରମାନେ ନୁକ୍କଡ ନାଟକ 'ଦାୟୀ କିଏ' ପରିବେଷଣ କରିଥିଲେ। ଡାକ୍ତରମାନେ କିଭଳି ନିଜକୁ ରୋଗୀ ସେବାରେ ସମର୍ପିତ କରିଥାନ୍ତି, ବେଳେବେଳେ ରୋଗୀ ସେବା ସମୟରେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇଥାନ୍ତି ତାହାକୁ ଏହି ନାଟକ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଏନେଇ ଜୁନିୟର ଡାକ୍ତର ସଂଘର ସଦସ୍ୟ ଡା. ନଗେନ୍ ରାଏ ପଟ୍ଟନାୟକ କହିଛନ୍ତି, ଡାକ୍ତରଙ୍କ ପ୍ରତି ଯେଉଁ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି ତାହାକୁ ଏହି ନାଟକ ପରିବେଷଣ କରାଯାଇଛି। ଅପରପକ୍ଷରେ ହାଉସ ସର୍ଜନ ଡାକ୍ତର ସଂଘର ସଦସ୍ୟ ଡା. ନୀହାରିକା ମହାନ୍ତି କହିଛନ୍ତି, ଚିକିତ୍ସା ମାଧ୍ୟମରେ ରୋଗୀ ସୁସ୍ଥ ହେବା ହେବା ପାଇଁ ଡାକ୍ତର ଉଦ୍ୟମ କରିଥାନ୍ତି। ହେଲେ ଡାକ୍ତରମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ତେଣୁ ଡାକ୍ତରଙ୍କ ସୁରକ୍ଷା ଦାବି ନେଇ ଏହି ନାଟକ ପରିବେଷଣ କରାଯାଇଛି। ସୂଚନାଯୋଗ୍ୟ, କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ଏହାକୁ ଡାକ୍ତର ଛାତ୍ର ସଂଘ ଓ ହାଉସ୍ ସର୍ଜନ ସଂଘ ସହମତି ଦେଇଛି।



ଏସ୍‌ସିବି ମେଡିକାଲ ପୁରୁଣା ଆଉଟ୍‌ଡୋର ସମ୍ମୁଖ ଧାରଣାସ୍ଥଳରେ ଡାକ୍ତରମାନେ ନାଟକ ପରିବେଷଣ କରୁଛନ୍ତି।

# 'ପ୍ରତିଶୋଧ ପାଇଁ କରାଯାଇଥିଲା ହତ୍ୟା'

**ଖଜା ବ୍ୟବସାୟୀ ହରିହର ସାହୁ ହତ୍ୟା ଘଟଣା**

■ ୭ ନାବାଳକଙ୍କ ସମେତ ୯ ଧରାପଡ଼ିଲେ, ୨ ଫେରାର

■ ଖଣ୍ଡା, ଭୁଜାଲି ଓ ୨ କଟୁରି ଜବତ

ପୁରୀ,୨୧।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍ ଅଞ୍ଚଳରେ ଗତ ୧୯ ତାରିଖରେ ଘଟିଥିବା ଖଜା ବ୍ୟବସାୟୀ ହରିହର ସାହୁଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ହତ୍ୟାକାଣ୍ଡରେ ୧୧ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ୯ ଜଣଙ୍କୁ ପୋଲିସ ଧରିଛି। ଦୁଇଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଧରାପଡ଼ିଥିବା ୯ଜଣଙ୍କ ମଧ୍ୟରେ ବାପ,ପୁଅଙ୍କ ସମେତ ୭ ନାବାଳକ ରହିଛନ୍ତି। ଦୀନେଶ ଖୁଣ୍ଟିଆ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ହରିହରଙ୍କୁ ହତ୍ୟା କରାଯାଇଥିଲା ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି।

ଏସ୍‌ପି ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଗତ ୧୯ ତାରିଖ ସନ୍ଧ୍ୟାରେ ଟାଉନ ଥାନା ଅନ୍ତର୍ଗତ ରାଧାଗୋବିନ୍ଦ ଲେନ୍‌ଠାରେ ହରିହରଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପୋଲିସ ଖବର ପାଇ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ୯ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ରାଧାଗୋବିନ୍ଦ ଲେନ୍‌ର ବିଜୟ ଖୁଣ୍ଟିଆ ଓ ତାଙ୍କ ପୁଅ ରାକେଶ କୁମାର ଖୁଣ୍ଟିଆଙ୍କ ସମେତ ୭ ନାବାଳକ। ଏହି ନାବାଳକମାନଙ୍କ ବୟସ ୧୫ରୁ ୧୭ବର୍ଷ ଭିତରେ ହେବ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି କଟୁର ଏବଂ ଗୋଟିଏ ଭୁଜାଲି ଜବତ ହୋଇଛି। ହତ୍ୟାକାଣ୍ଡର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତିଶୋଧ। ଖଜା ବ୍ୟବସାୟ ଓ ପୁରୁଣା ବିବାଦକୁ ନେଇ ଗତ ୮ତାରିଖରେ ବିଜୟ ଖୁଣ୍ଟିଆଙ୍କ ନାବାଳକ ପୁଅ ଦିନେଶ ଖୁଣ୍ଟିଆଙ୍କୁ ହରିହର ସାହୁଙ୍କ ପୁଅ ପ୍ରଦୀପ ସାହୁ ଓ ତାଙ୍କ ସହଯୋଗୀମାନେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ପ୍ରଦୀପଙ୍କ ସହ ଅନ୍ୟ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉକ୍ତ ଘଟଣାକୁ କେନ୍ଦ୍ରକରି ମୃତ ଦିନେଶଙ୍କ ବଡ଼ଭାଇ ରାକେଶ ଖୁଣ୍ଟିଆ ଓ ବାପା ବିଜୟ ଖୁଣ୍ଟିଆ ପ୍ରତିଶୋଧ ପରାୟଣ ହୋଇ ଗତ ୧୯ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ପ୍ରଦୀପ ସାହୁଙ୍କ ବାପା ହରିହର ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡରେ ଦିନେଶଙ୍କୁ ସମର୍ଥନ କରୁଥିବା କେତେଜଣ ନାବାଳକଙ୍କୁ ନିୟୋଜିତ କରିଥିଲେ। ତେବେ ଘଟଣାରେ ସଂପୃକ୍ତ ଆଉ ୨ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରାଯିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ। ସେହିପରି ମାରଣାସ୍ତ୍ର ଯୋଗାଇଥିବା ଦୁଇ ନାବାଳକ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ଆପରାଧିକ ମାମଲା ରହିଛି। ମୃତକ ହରିହର ମଧ୍ୟ ଆପରାଧିକ ମାମଲାରେ ଜଡ଼ିତ ଥିଲେ। ଏହି ଘଟଣାରେ ଧରାପଡ଼ିଥିବା ୮୦ ଭାଗ ଅଭିଯୁକ୍ତ ନାବାଳକ। ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ନାବାଳକମାନେ ଅପରାଧରୁ କିଭଳି ନିବୃତ୍ତ ରହିବେ ସେ ନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ପୁରୀ ସହରରେ ଥିବା ସବୁ ଥାନାକୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଅପରାଧ ମାମଲା ଥିବା ନାବାଳକଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ସେମାନଙ୍କୁ କାଉନସେଲିଂ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।





ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଉଛନ୍ତି।

# ଉତ୍ତମ ଶିକ୍ଷା ସଂସ୍କାର ଦ୍ୱାରା ଶିଶୁ ରାଷ୍ଟ୍ର ହିତରେ ଲାଗିପାରିବ




'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସାକ୍ଷୀଗୋପାଳ,୨୧।୮(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଶିଶୁ ହେଉଛନ୍ତି ମାଟି କଣ୍ଢେଇ। ଏହି ସମୟରେ ତାଙ୍କୁ ଯେଉଁଭଳି ଗଢ଼ିବା ସେମାନେ ସେହିଭଳି ପ୍ରସ୍ତୁତ ହେବେ। ଉତ୍ତମ ଶିକ୍ଷା ସଂସ୍କାର ଦେବା ଦ୍ୱାରା ଶିଶୁ ଭବିଷ୍ୟତରେ ରାଷ୍ଟ୍ରର ହିତରେ ଆସିପାରିବେ ବୋଲି ବିଧାୟକ ମିଶ୍ର ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ସଂଯୋଜକ ରଞ୍ଜିତା ଦାସ, ସତ୍ୟବାଦୀ ବ୍ଲକ ଅତିରିକ୍ତ ବିଡିଓ ସଲିଳ ଦାସ, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ପ୍ରୀତମ ବାଗ୍, ବ୍ଲକ ଶିକ୍ଷା ଅଧିକାରୀ ଭବମ ଦାସ, ଶିଶୁ ସୁରକ୍ଷା ପରିଷଦ ସଭ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶିଶୁ ଅଧିକାର, ୨୦୨୫ ସୁଦ୍ଧା ବାଲ୍ୟବିବାହ ମୁକ୍ତ ସତ୍ୟବାଦୀ, ଶିଶୁ ଶ୍ରମିକ ଉଚ୍ଛେଦ, ଲିଙ୍ଗଗତ ପାତର ଅନ୍ତର, ଯୌନ ନିର୍ଯାତନା, ଘରୋଇ ମହିଳା ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବା, ସ୍କୁଲକୁ ହଁ ବାଲ୍ୟ ବିବାହକୁ ନା କରିବା ଆଦି ବିଷୟ ଉପରେ ଅନେକ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ଅଙ୍ଗନୱାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି ଓ ସରପଞ୍ଚମାନେ ମଧ୍ୟ ଉପସ୍ଥିତ ଥିଲେ।

# ଗୋମାଂସ ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ନିମାପଡ଼ା,୨୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ରଡ଼ ବଜାର ବରିହାପଡ଼ା ଗ୍ରାମରୁ ଏକ ଗୋମାଂସ ବୋଝେଇ ଟ୍ରକ୍‌କୁ ମଙ୍ଗଳବାର ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଘଟଣାସ୍ଥଳେ ପହଞ୍ଚି ଗୋମାଂସ ବୋଝେଇ ଟ୍ରକ୍‌କୁ ଜବତ କରିଛି। ଏଥିସହ ଗୋମାଂସ ଚାଲାଣକାରୀ ରଡ଼ ବଜାର ଲୋକେଇଗୋରଡ଼ା ଗ୍ରାମର ଅକତର ଅଲିଖାନ, ଗାଡ଼ି ଚାଳକ ପଶ୍ଚିମବଙ୍ଗ ଦକ୍ଷିଣ ସେୟାପୁର ଗ୍ରାମର ଅବଦୁଲ ମଣ୍ଡଳ, ହେଲପର ପଶ୍ଚିମବଙ୍ଗ ନାଚୁରିଆ ଗ୍ରାମର ଆରିଫ ମୁନା ପ୍ରମୁଖଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଟ୍ରକ୍‌ରେ ୩୦ କୁଇଣ୍ଟାଲ ଗୋମାଂସ ରହିଥିବାବେଳେ ତା'ର ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଏଏସ୍‌ଆଇ ଖଦାଳ ବିଶୋଇ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୨୫୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଳିଛି। ଏହି ଗୋମାଂସ ନିମାପଡ଼ା ଥାନା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଜବତ ଗୋମାଂସ ବୋଝେଇ ଟ୍ରକ(ଡବ୍ଲୁବି ୨୫ଏଲ୍ ୮୨୩୮)ଟି ପଶ୍ଚିମବଙ୍ଗ ଅଞ୍ଚଳର ବୋଲି ଜଣାପଡ଼ିଛି। ଗୋମାଂସ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ରଞ୍ଜନ ପ୍ରଧାନ, ତାପସ କୁମାର ବରିହା, ସୋମନାଥ ପରିଡ଼ା, ସୂର୍ଯ୍ୟକାନ୍ତ ବାରିକ୍, ଲୋକନାଥ ପରିଡ଼ା, ବାଲୁଙ୍କେଶ୍ୱର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।




ବାଂଲାଦେଶୀ ଓ ରୋହିଙ୍ଗ୍ୟା ତଥା ସମସ୍ତ ଅନୁପ୍ରବେଶକାରୀଙ୍କୁ ଓଡ଼ିଆ ମାଟିରୁ ହଟାଇବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭାରତ ରକ୍ଷା ମଞ୍ଚର ସଦସ୍ୟମାନେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା

ପୁରୀ/କଣାସ, ୨୧।୮(ଅଜିତ କୁମାର ମହାନ୍ତି/ବିଭୂତି ଭୂଷଣ ତ୍ରିପାଠୀ)

କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ବୁଧବାର ପୁରୀସ୍ଥିତ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ପକ୍ଷରୁ ମହମବତି ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ମେଡିକାଲ ପରିସରରୁ ଶୋଭାଯାତ୍ରା ବାହାରି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ଅମର ଆତ୍ମାର ସଦଗତି କାମନା ସହ ଘଟଣାକୁ ତୀବ୍ର ନିନ୍ଦା କରାଯାଇଥିଲା। ଦୋଷୀଙ୍କୁ ସବୁଠୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଥିଲା। ଶୋଭାଯାତ୍ରାରେ ମେଡିକାଲର ଛାତ୍ରୀଛାତ୍ର ଏବଂ ଅଧ୍ୟାପିକାଅଧ୍ୟାପକମାନେ ସାମିଲ ହୋଇଥିଲେ। ସେହିପରି ମଙ୍ଗଳବାର ପୁରୀ ଜିଲା କିନ୍ନର ସଂଘ ଏବଂ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ 'ଦି ବେଲ୍'ର ମିଳିତ ଆନୁକୂଲ୍ୟରେ ଏକ ପ୍ରତିବାଦ ଶୋଭାଯାତ୍ରା 'ମାର୍ଚ୍ଚ ଫର୍ ଜଷ୍ଟିସ୍' ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଶୋଭାଯାତ୍ରା ବଳଗଣ୍ଡିଠାରେ ଶେଷ ହେବା ପରେ ସମସ୍ତେ ଶ୍ରଦ୍ଧାସୁମନ ଅର୍ପଣ ସହ ନୀରବ ପ୍ରାର୍ଥନା କରିଥିଲେ। ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଓ ପୁରୀ ଜିଲା କିନ୍ନର ସଂଘ ସଭାପତି ପ୍ରିୟାଂଶୀ ଦାସଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେହିପରି ବୁଧବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପି.ଏସ୍. କ୍ୟାରିୟର ପକ୍ଷରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇଛି। କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ମହମବତି ଧରି ଡାକ୍ତରଖାନା ପରିସରରୁ ବାହାରି ଗୋଲାବଜାର, ବସ୍‌ଷ୍ଟାଣ୍ଡ, କୁଶେଶ୍ୱରୀ ବଜାର, ବାଲିଘାଇ ଛକ ଏବଂ ବ୍ଲକ ବଜାର ପର୍ଯ୍ୟନ୍ତ ଆସିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ।

# ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତିଙ୍କୁ ଆକ୍ରମଣ

ପୁରୀ,୨୧।୮(ଅଜିତ କୁମାର ମହାନ୍ତି)

ଟାଉନ୍ ଥାନା ଅଞ୍ଚଳରେ ଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଦୁର୍ଗା ମିଶ୍ରଙ୍କୁ ଜଣେ ଦୁର୍ବୃତ୍ତ ଛୁରିରେ ଆକ୍ରମଣ କରିଛନ୍ତି। ମଠ ଜମି ଜବରଦଖଲ କରିଥିବା ଜଣେ ବ୍ୟକ୍ତି ସଭାପତି ମିଶ୍ରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ମିଶ୍ରଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ନାବାଳିକାଙ୍କୁ ଅପହରଣ ନେଇ ଅଭିଯୋଗ

ନିମାପଡ଼ା,୨୧।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟାଙ୍କୁ ଜଣେ ଯୁବକ ଗତ ୧୩ ତାରିଖରେ କେଉଁଆଡ଼େ ଅପହରଣ କରିନେଇଥିବା ନେଇ ଅପହୃତାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଅପରହଣକାରୀ ଯୁବକଙ୍କ ବିରୋଧରେ ୨୫୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଗତ କିଛି ମାସ ପୂର୍ବରୁ ପିପିଲି ଥାନା ଅଞ୍ଚଳରେ ଥିବା ତାଙ୍କ ମାମୁଁ ଘରେ ରହି ସ୍କୁଲରେ ପାଠ ପଢୁଥିବାବେଳେ ସଂପୃକ୍ତ ଯୁବକ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ଖୋଜାଖୋଜି ପରେ ନାବାଳିକାଙ୍କ କୌଣସି ସନ୍ଧାନ ନ ପାଇ ପରିବାର ବର୍ଗ ପୋଲିସର ଆଶ୍ରୟ ନେଇଛନ୍ତି ବୋଲି ଅପହୃତାଙ୍କ ବାପା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ହତ୍ୟାକାଣ୍ଡର ୭ବର୍ଷ ପରେ ୨ ଫେରାର ଅଭିଯୁକ୍ତ ଗିରଫ

କଣାସ,୨୧।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ଗଡ଼ସାନପୁଟ ପଞ୍ଚାୟତର ହଳଦିଆପଡ଼ା ଗ୍ରାମରେ ଗତ ୧୫.୯.୨୦୧୭ରେ ହତ୍ୟାକାଣ୍ଡ ଘଟାଇଥିବା ଦୁଇ ଆସାମୀକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ରାତିରେ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଏଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା, ହାବିଲଦାର ଇସ୍ମାଇଲ୍ ଖାନ୍ ପ୍ରମୁଖ ମିଳିତ ହୋଇ ଭୁବନେଶ୍ୱର ଓ ନୟାଗଡ଼ ଅଞ୍ଚଳରୁ ଫେରାର ଥିବା ଦୁଇ ଅଭିଯୁକ୍ତ ଭାଇ ଗୋବିନ୍ଦ ବେହେରା ଓ ଗଣେଶ ବେହେରାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଛି। କଣାସ ଥାନା ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପୁରୀ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଏଥିରେ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଗତ ୭ବର୍ଷ ମଧ୍ୟରେ କଣାସ ଥାନାରୁ ୪ଜଣ ଥାନା ଅଧିକାରୀ ବଦଳି ହୋଇଥିଲେ ମଧ୍ୟ ସେମାନେ ଅଭିଯୁକ୍ତଦ୍ୱୟଙ୍କୁ ଧରିପାରି ନ ଥିଲେ। ତେବେ ବର୍ତ୍ତମାନର ଆଇଆଇସି ତ୍ରିପାଠୀ ଗତ ୮ଦିନ ହେବ ଉଦ୍ୟମ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବାରୁ ତାଙ୍କୁ ଅତିରିକ୍ତ ଏସ୍‌ପି ଏବଂ ଏସ୍‌ଡିପିଓ ସାଧୁବାଦ ଜଣାଇଥିଲେ। ଦୀର୍ଘଦିନ ହେଲା ବିଭିନ୍ନ ମାମଲାରେ ସଂଶ୍ଳିଷ୍ଟ ଥାଇ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତ୍ରିପାଠୀଙ୍କୁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରକାଶଥାଉ କି, ୧୫।୦୯।୨୦୧୭ରେ ନିତ୍ୟାନନ୍ଦ ବେହେରାଙ୍କୁ ଗୋବିନ୍ଦ ବେହେରା, ଗଣେଶ ବେହେରା ଲୁହାରଡ୍ ଓ ଶାବଳରେ ଆକ୍ରମଣ କରି ମାରିଦେଇଥିବା ନିତ୍ୟାନନ୍ଦଙ୍କ ସ୍ତ୍ରୀ ରଶ୍ମିତା ବେହେରା କଣାସ ଥାନାରେ ୧୬।୦୯।୨୦୧୭ରେ ଅଭିଯୋଗ କରିଥିଲେ। ଏ ନେଇ କେସ୍ ନଂ. ୧୧୩/୨୦୧୭ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କଠାରୁ ଗୋଟିଏ ଲୁହାରଡ୍, ଗୋଟିଏ ଶାବଳ, ୩ଟି ମୋବାଇଲ ଫୋନ୍ ଜବତ କରିଥିଲେ। ଅଭିଯୁକ୍ତଦ୍ୱୟ ସେହିଦିନଠାରୁ ଫେରାର ଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ସୂଚନା ଦେଉଛନ୍ତି।

# ଏକତା ସହଯୋଗ ସାଙ୍ଗଠନିକ ବିଚାରଧାରାକୁ ବଦଳାଇ ଦେବ

ଗୋପ,୨୧।୮(ଭାରତୀ ଭୂଷଣ ଉପାଧ୍ୟାୟ)

ସହଯୋଗ ସହିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଏକତା ରହିଲେ, ପୁରୀ ଜିଲାର ୧୧ଟି ବ୍ଲକରେ ସାଂଗଠନିକ ବିଚାରଧାରାକୁ ବଦଳାଇ ଦେବ। ବୁଧବାର ଅପରାହ୍ନରେ ଗୋପ ବ୍ଲକ ଶିକ୍ଷକ ଭବନଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୁରୀ ଜିଲାର ନବ ନିର୍ବାଚିତ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିବଦତ୍ତ ନାୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ସୂଚନା ଦେଇଥିଲେ। ଗୋପ ବ୍ଲକ ସମନ୍ୱିତ ଶିକ୍ଷକ ସମିତି ସମ୍ପାଦକ ସରୋଜ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ସମନ୍ୱିତ ଶିକ୍ଷକ ସମିତିର ପୂର୍ବତନ ସଭାପତି ସୁଶାନ୍ତ ନାଏକ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଜମ୍ବେଶ୍ୱର ସ୍ୱାଇଁ, ଯୁବରାଜ ବିଶ୍ୱାଳ, କୈଳାସ, ରବୀନ୍ଦ୍ର ନାଥ ବାହିନିପତି, ସଦାଶିବ ବେହେରା, କୃପାସିନ୍ଧୁ ବିଶ୍ୱାଳ, ରାଜକିଶୋର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଗୋପ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘ, ଓଷ୍ଟା ସଂଘ, ଅଲ୍ ଓଷ୍ଟା ସଂଘ ସହିତ ଅନ୍ୟ ବର୍ଗର ଶିକ୍ଷକ ସଂଘ ପକ୍ଷରୁ ନବ ନିର୍ବାଚିତ ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିବଦତ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିବଦତ୍ତ ଇସ୍ତଫା ଦେବା ପରେ ଗୋପ ବ୍ଲକ ସମନ୍ୱିତ ଶିକ୍ଷକ ସମିତି ଉପସଭାପତି ପବିତ୍ରମୋହନ ନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା।




ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିବଦତ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ସ୍ମୃତି ସ୍ଥାପନ ହେଉ

ପୁରୀ,୨୧।୮(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାଂସ୍କୃତିକ ପରମ୍ପରାର ପ୍ରତିଭାଶାଳୀ ଦାର୍ଶନିକ ଥିଲେ ଆଚାର୍ଯ୍ୟ ଦିଗ୍‌ନାଗ୍। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ସେ ଭୋରଶୈଳ ବୁଦ୍ଧ ବିହାରର ପ୍ରତିଷ୍ଠାତା ଓ ଶିକ୍ଷକ ଥିଲେ। ଏହି ନାମରେ ପୁରୀ ଜିଲା ଡେଲାଙ୍ଗ ନିକଟ ପାହାଡ଼ରେ ଏକ ବିଶ୍ୱବିଦ୍ୟାଳୟ ଥିଲା ବୋଲି ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁ ମତ ଦିଅନ୍ତି। ଦୟାନଦୀ କୂଳରେ ୫ଟି ପାହାଡ଼କୁ ନେଇ ଅବସ୍ଥିତ ଥିଲା ଜଗଦଳ ପାହାଡ଼। ଏହି ପାହାଡ଼ର ଗୋଟିଏ ମୁଣ୍ଡିଆ ଅଧୁନା ବିଶ୍ୱନାଥ ମୁଣ୍ଡିଆ ଭାବେ ଦଣ୍ଡାୟମାନ। ଇଂରେଜ ଶାସନ ବେଳେ ଚାରୋଟି ପାହାଡ଼କୁ ନିଲାମଧାରୀମାନେ ଧ୍ୱସ୍ତ କରିଦେଇଥିଲେ। ୩୮୦ରୁ ୪୦୦ ମସିହା ମଧ୍ୟରେ ଆଚାର୍ଯ୍ୟ ଦିଗ୍‌ନାଗ୍ ଭୋରଶୈଳର କୁଳପତି ଥିଲେ। ଏହି ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିବା ପାଇଁ ନିମନ୍ତ୍ରଣ ପାଇଥିଲେ। ଜଣେ ତର୍କଶାସ୍ତ୍ରୀ ସମେତ ଭାରତରେ ଯୋଗାଚାର୍ଯ୍ୟ ବିଜ୍ଞାନବାଦର ପ୍ରବକ୍ତା ଭାବେ ତାଙ୍କର ପ୍ରସିଦ୍ଧି ଥିଲା। ଭାରତରେ ବୌଦ୍ଧ ନ୍ୟାୟଦର୍ଶନର ଭିତ୍ତିଭୂମି ସେ ପକାଇଥିଲେ। ପ୍ରାୟ ୧୭୦୦ ବର୍ଷ ପରେ ମଧ୍ୟ ତାଙ୍କ ନ୍ୟାୟଦର୍ଶନ ବିଶ୍ୱରେ ଅଧ୍ୟୟନ କରାଯାଉଛି। ସଂଖ୍ୟା ଦର୍ଶନର ପ୍ରବକ୍ତା ଶ୍ରେଷ୍ଠ ଦାର୍ଶନିକ ଆଚାର୍ଯ୍ୟ ଈଶ୍ୱରକୃଷ୍ଣଙ୍କୁ ଶାସ୍ତ୍ରାର୍ଥରେ ସେ ପରାଜିତ କରିଥିଲେ। ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ପରେ ତାଙ୍କ ଶିଷ୍ୟ ଧର୍ମପାଳ ନାଳନ୍ଦାର କୁଳପତି ପଦ ମଣ୍ଡନ କରିଥିଲେ। ପରମଗୁରୁ ରାହୁଲ ନାଳନ୍ଦା ବିଶ୍ୱବିଦ୍ୟାଳୟର ଧର୍ମଣାଧ୍ୟକ୍ଷ (ଆଜିର ସ୍ନାତକୋତର ବିଭାଗ ଅଧ୍ୟକ୍ଷ) ହୋଇଥିଲେ। ଓଡ଼ିଶାର ୧୯ଜଣ ବୌଦ୍ଧ ଦର୍ଶନ ବିଶାରଦ ବିଶ୍ୱରେ ଚର୍ଚ୍ଚିତ ଥିଲେ। ଆଚାର୍ଯ୍ୟ ପିତୋପାଦ କାଳଚକ୍ର ଯାନ ସମ୍ବନ୍ଧରେ ପ୍ରଥମେ ଓଡ଼ିଶାରେ ଗ୍ରନ୍ଥ ରଚନା କରିଥିଲେ। ବୌଦ୍ଧ ଦର୍ଶନର ନ୍ୟାୟବିନ୍ଦୁ, ପ୍ରମାଣ କର୍ତ୍ତକ କାରିକା, ପ୍ରମାଣ ସମୁଚ୍ଚୟ ଗ୍ରନ୍ଥ ଓଡ଼ିଶାରେ ଲେଖାଯାଇଥିଲା। ପ୍ରଥମେ ଓଡ଼ିଆ ବୌଦ୍ଧ ପଣ୍ଡିତ ଆଚାର୍ଯ୍ୟ ପ୍ରାଜ୍ଞ (୭୯୬-୭୯୮) ଚାଇନାକୁ ଯାଇଥିଲେ। ସେ ଗଣ୍ଡବ୍ୟୂହ ଅବତଂସଙ୍କ ଗ୍ରନ୍ଥ ସେଠାରେ ଦେବା ପରେ ତ୍ରିପିଟକର ବ୍ୟାଖ୍ୟା କରି ବୁଝାଇଥିଲେ। ସେ ଥିଲେ ପ୍ରସିଦ୍ଧ ଭାଷାବିଜ୍ଞାନୀ। ବୌଦ୍ଧ ଦର୍ଶନର ପ୍ରାଚୀନ ପରମ୍ପରାର ଭୂମି ଥିଲା ଓଡ଼ିଶା। ଶୀର୍ଷସ୍ତରକୁ ଯାଇଥିଲେ ଆଚାର୍ଯ୍ୟ ଦିଗ୍‌ନାଗ୍। ଏବେ ଭାରତ ସରକାର ନୂତନ ବୌଦ୍ଧିକ କଳେବରରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ କରୁଛନ୍ତି। ଆଚାର୍ଯ୍ୟ ଦିଗ୍‌ନାଗଙ୍କ ସ୍ମୃତି ସେଠାରେ ପ୍ରଭାବିତ ଢଙ୍ଗରେ ଉପସ୍ଥାପନ କରିବା ପାଇଁ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଲ୍ଲେଖ ଥାଉ କି, ଇତିହାସ ଅଧ୍ୟାପକ ପବିତ୍ର ମୋହନ ବାରିକଙ୍କ ମତରେ ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ନାମାନୁସାରେ ଡେଲାଙ୍ଗ ନାମକରଣ ହୋଇଛି। ସେହିପରି ଆଚାର୍ଯ୍ୟ ଦିଗ୍‌ନାଗ ଭାରତର ମହାନ ସଂସ୍କୃତ କବି କାଳିଦାସଙ୍କ ସମସାମୟିକ ଥିଲେ ବୋଲି ଇତିହାସ ତଥ୍ୟରୁ ସୂଚନା ମିଳେ।



ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ପ୍ରତିମୂର୍ତ୍ତି।



ଡେଲାଙ୍ଗ ଅଞ୍ଚଳରେ ଥିବା ବିଶ୍ୱନାଥ ମୁଣ୍ଡିଆ।

# କେନାଲରେ ଫିଙ୍ଗିଦେଲେ ଚାଉଳ

- ଆଉ ଗୋଟିଏ ଚାଉଳ ଭର୍ତ୍ତି ଗାଡ଼ି ଘଟଣାସ୍ଥଳରୁ ଚମ୍ପଟ
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବିକଲେ ଜଗନ୍ନାଥପ୍ରେମୀ
- ମିଲ୍‌ରେ ଆମ ଚାଉଳ ଅଛି: ସୁଆର ମହାସୁଆର ନିଯୋଗ


ଗୋପ ବ୍ରାଞ୍ଚ କେନାଲରେ ଚାଉଳ ଢ଼ଳା ଯାଉଛି।

ଗୋପ/ପୁରୀ,୨୧।୮ (ଭାରତୀ ଭୂଷଣ ଉପାଧ୍ୟାୟ/ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ଗୋପ ବାୟାକୁଦା ନିକଟସ୍ଥ ଗୋପ ବ୍ରାଞ୍ଚ କେନାଲରେ ବୁଧବାର ଗୋଟିଏ ଗାଡ଼ିରୁ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ କଢ଼ାଯାଇ କେନାଲ ପାଣିରେ ଢଳା ହୋଇଥିବା ଦେଖିବାକୁ ମିଳିଛି। ଆଉ ଗୋଟିଏ ଚାଉଳ ଭର୍ତ୍ତି ଗାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଛି। ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ କେନାଲରେ ଢାଳି ଦିଆଯାଇଥିବା ଚର୍ଚ୍ଚା ହେଉଛି। ଏହା ଅର୍ପଣ ଚାଉଳ ବୋଲି କୁହାଯାଉଛି। କାରଣ ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାରରେ ରହିଥିବା ଅର୍ପଣ ଚାଉଳକୁ ଗତ ରବିବାର ଯେଉଁ ଗାଡ଼ିରେ ମିଲ୍‌କୁ ନିଆଯାଇଥିଲା, ସେହିଗାଡ଼ିରେ ଚାଉଳ ଅଣାଯାଇ କେନାଲ୍‌ରେ ଫିଙ୍ଗାଯାଇଥିବାରୁ ଆଲୋଚନା ବଢ଼ିବାରେ ଲାଗିଛି। ଅପରପକ୍ଷରେ ଶ୍ରୀମନ୍ଦିରରୁ ଆସିଥିବା ଅର୍ପଣ ଚାଉଳ ମିଲ୍‌ରେ ରହିଛି ବୋଲି ସୁଆର ମହାସୁଆର ନିଯୋଗ ପକ୍ଷରୁ କୁହାଯାଇଛି। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭକ୍ତଙ୍କ ଭାବାବେଗ ସହ ଶ୍ରୀମନ୍ଦିର ପ୍ରଶାସନ ଖେଳୁଛି ଏବଂ ମହାପ୍ରଭୁଙ୍କ ନାମରେ ବିଭାଗୀୟ ଅଧିକାରୀମାନେ ଖସିଯିବାକୁ ବସିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ବୁଧବାର ମଧ୍ୟାହ୍ନରେ ଗୋପ ବାୟାକୁଦା ନିକଟସ୍ଥ ଗୋପ ବ୍ରାଞ୍ଚ କେନାଲରେ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଢଳା ହେଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ଖବର ପ୍ରଚାର ହେବା ପରେ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିଥିଲେ। ତେବେ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଆଉ ଗୋଟିଏ ଚାଉଳ ଭର୍ତ୍ତି ଗାଡ଼ି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ତେବେ ଏହି ଚାଉଳ କିଏ ଏବଂ କାହିଁକି ଢଳା ହେଉଛି ତାହା ସମସ୍ତଙ୍କୁ ଚକିତ କରିଛି। କେତେକ ଏହାକୁ ଅର୍ପଣ ଚାଉଳ କହୁଥିବାବେଳେ ଆଉକେତେକ ଗରିବ ଲୋକଙ୍କ ବିପିଏଲ୍ ଚାଉଳ ବୋଲି କହୁଛନ୍ତି। ଏପରି ଏକ ଘଟଣାକୁ ନେଇ ଜିଲାପ୍ରଶାସନର କେତେକ ଅଧିକାରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ଜିଲାପାଳ ଏପରି ଏକ ଘଟଣା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଳନ ସମୟରେ ସାରା ରାଜ୍ୟରେ ଅର୍ପଣ ରଥ ବୁଲିବା ସମୟରେ କୁଇଣ୍ଟାଲ କୁଇଣ୍ଟାଲ ଅର୍ପଣ ଚାଉଳ ସଂଗ୍ରହ ହୋଇଥିଲା। ଉକ୍ତ ଚାଉଳରେ ଗତ ଫେବୃଆରୀ ୪ ତାରିଖରୁ ଜୁନ ୬ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିର ତିନିଦ୍ୱାରଠାରେ ଭକ୍ତମାନଙ୍କୁ ଖେଚୁଡ଼ି ଓ କାନିକା ବଣ୍ଟା ଯାଇଥିଲା। ତବେ ନିବାଚନ ପରେ ବଣ୍ଟନ ବନ୍ଦ କରାଯାଇଥିଲା। ଫଳରେ ଶ୍ରୀମନ୍ଦିର ଉତ୍ତର ଦ୍ୱାରଠାରେ ରଖାଯାଇଥିବା ଅର୍ପଣ ଚାଉଳ ନଷ୍ଟ ହୋଇ ଗନ୍ଧ ସୃଷ୍ଟି ହେଉଥିଲା। ଉକ୍ତଚାଉଳକୁ ଶ୍ରୀମନ୍ଦିରରେ ରଖାଯାଇଥିବାବେଳେ ତାହା ନଷ୍ଟ ହୋଇଯାଉଥିବା ଅଭିଯୋଗ ହେବା ପରେ

ଗତ ୧୮ ତାରିଖରେ ଶ୍ରୀମନ୍ଦିର ଉତ୍ତର ଏବଂ ପଶ୍ଚିମ ଦ୍ୱାର ଠାରେ ଥିବା ଅର୍ପଣ ଚାଉଳକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ମିଲ୍‌କୁ ପଠାଯାଇଥିଲା। ଓଡି଼୦୨-ବି- ୫୮୯୯ ନମ୍ବର ବିଶିଷ୍ଟ ଏକ ମିନି ଟ୍ରକ ଯୋଗେ ଚାଉଳକୁ ମିଲ୍‌କୁ ନିଆଯାଇଥିଲ। ତେବେ କେନାଲ ନିକଟକୁ ନେଇଯାଇଥିବା ମିନି ଟ୍ରକ୍ ରଙ୍ଗ ଓ ନମ୍ବର ଶ୍ରୀମନ୍ଦିର ନିକଟରୁ ଗତ ୧୮ତାରିଖରେ ମିଲ୍‌କୁ ନେଇଥିବା ଅର୍ପଣ ଚାଉଳର ଟ୍ରକ ସହ ସମାନ ରହିଛି। ତେଣୁ ଶ୍ରୀମନ୍ଦିରରୁ ନିଆଯାଇଥିବା ଅର୍ପଣ ଚାଉଳକୁ କେନାଲରେ ଫିଙ୍ଗା ଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ସୁଆର ମହାସୁଅର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ମିଲ୍‌କୁ ପଠାଯାଇଥିବା ଅର୍ପଣ ଚାଉଳ ବର୍ତ୍ତମାନ ମିଲ୍‌ରେ ସୁରକ୍ଷିତ ଭାବରେ ରହିଛି। ଅର୍ପଣ ଚାଉଳ ପାଣିରେ ଫିଙ୍ଗା ଯାଇ ନାହିଁ। ଯେଉଁ ମିନି ଟ୍ରକରେ ଅର୍ପଣ ଚାଉଳ ଯାଇଥିଲା ସେହି ଟ୍ରକ୍ ମିଲ୍‌ର ମଧ ଚାଉଳ ନେବା ଆଣିବା କରିଥାଏ। ତେଣୁ ମିଲ୍‌ରେ ଥିବା ଖରାପ ତଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଉଳକୁ କେନାଲରେ ଫିଙ୍ଗା ଯାଇଛି। ଅପରପକ୍ଷରେ ଯେଉଁ ଚାଉଳ ଫିଙ୍ଗା ଯାଇଛି ତାହା ମିଲ୍‌ର ବ୍ୟକ୍ତିଗତ ଚାଉଳ। ବର୍ଷା ପାଣି ପଶି ଚାଉଳ ନଷ୍ଟ ହେବା କାରଣରୁ ଚାଉଳକୁ ପାଣିରେ ଭସାଯାଇଛି। ଅର୍ପଣ ଚାଉଳ ମିଲ୍‌ରେ ସୁରକ୍ଷିତ ଥିବା ମିଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ପୁରୀରୁ ଉକ୍ତ ଚାଉଳ ଗୋପ ଅଞ୍ଚଳକୁ କାହିଁକି ଅଣାଗଲା। ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଆଉ ଗୋଟିଏ ଚାଉଳ ଭର୍ତ୍ତି ଗାଡ଼ି କୁଆଡ଼େ ଗଲା। ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତାଙ୍କୁ ପଚାରିବାରେ ଅର୍ପଣ ଚାଉଳ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନ ଥିବା କହିବା ସହ ରାଶନ୍ କାର୍ଡ ଚାଉଳ ଅଭିଯୋଗ ଉପରେ ତଦନ୍ତ ରିପୋର୍ଟ ମାଗିବେ ବୋଲି କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୮।୨୦୨୪

| ୩,୦୯, ୨୯୯ ଟଙ୍କା | |
|---|---|
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୪୮.୩୦୦ ଗ୍ରାମ୍ |

# ଡିଜିଟାଲ ସ୍କିଲିଂ, ଅପ୍‌ସ୍କିଲିଂ ପ୍ରୋଗ୍ରାମର ଶୁଭାରମ୍ଭ


ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଡିଜିଟାଲ୍ ସ୍କିଲିଂ, ଅପ୍‌ସ୍କିଲିଂ ପ୍ରୋଗ୍ରାମର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୨୧।୮ (ଅନୁରାଧା ମହାରଣା)

ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ପକ୍ଷରୁ କୋର୍ସେରା ସହଭାଗିତାରେ ଡିଜିଟାଲ ସ୍କିଲିଂର ଶୁଭାରମ୍ଭ କରାଯାଇଛି। ଏହାସହ ଆଇଆଇଟି ନୂଆଦିଲ୍ଲୀ ସହଭାଗିତାରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅପ୍‌ସ୍କିଲିଂ ପ୍ରୋଗ୍ରାମ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ଠାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୁଧବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ନୂଆ ଓଡ଼ିଶା ଯୋଜନା ଅଧୀନରେ ଜେନେରେଟିଭ୍ ଏଆଇ, ସାଇବର ସିକ୍ୟୁରିଟି, ଏଆଇ ଏବଂ ଏମ୍‌ଏଲ୍‌ଆଇଓଟି, ରୋବୋଟିକ୍ସ, କ୍ଲାଉଡ ଏଣ୍ଡ ଡାଟା ଆପ୍ଲିକେଶନ୍ ଏବଂ ଡାଟା ସାଇନ୍ସେସ୍ କ୍ଷେତ୍ରରେ ତାଲିମ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ୩୦ ଜିଲାରେ ଯୁବକଙ୍କୁ ୬ ହଜାର ପାଠ୍ୟକ୍ରମ ପ୍ରଦାନ କରାଯିବ। ୧ଲକ୍ଷ ବିଦ୍ୟାର୍ଥୀଙ୍କୁ କୋର୍ସେରା ଲାଇସେନ୍ସ ଦିଆଯିବ। ସେହିପରି ବ୍ଲକ୍‌ଚେନ୍ ବିକାଶ, ଅଗ୍‌ମେଣ୍ଟେଶନ୍ ରିୟଲିଟି, ଭର୍ଚୁଆଲ ରିୟଲିଟି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଆଇଓଟି ଆଦି କ୍ଷେତ୍ରରେ ୪ ହଜାର ଜଣଙ୍କୁ ତାଲିମ୍ ଓ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର କଳାହାଣ୍ଡି, ଭବାନୀପାଟଣା ଓ କଟକରେ ଆରମ୍ଭ ହେବ। ଅନ୍ୟପଟେ ଏସ୍‌ଡିଟିଇ ଓ ବିମାନ ଚଳାଚଳ କ୍ଷେତ୍ରରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ପଦକ୍ଷେପ ବିମାନ ବନ୍ଦର ପରିଚାଳନା, ସୁରକ୍ଷା ଏବଂ ସୁରକ୍ଷା ନିୟମାବଳୀ, ଗ୍ରାହକ ସେବା ଏବଂ ପରିଚାଳନା ଅଭ୍ୟାସରେ ବ୍ୟକ୍ତିମାନଙ୍କୁ ତାଲିମ ପ୍ରଦାନ କରିବ। ବର୍ତ୍ତମାନ ହାଇଦ୍ରାବାଦ୍‌ରେ ୪୦ ଜଣ ଓ କୋଚିର ବାର୍ଡସ ଆଭିଏଶନ୍ ଏକାଡେମୀରେ ୧୭ ଜଣ ତାଲିମାର୍ଥୀ ଅଛନ୍ତି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶକ ରଶ୍ମିତା ପଣ୍ଡା, ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ.ଜୀ, କୋର୍ସେରାର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

# ଚଣ୍ଡିଆ ହତ୍ୟା ମାମଲା: ସୁଶାନ୍ତ ଧଳସାମନ୍ତ ନିର୍ଦ୍ଦୋଷରେ ଖଲାସ

କଟକ,୨୧।୮ (କାର୍ତ୍ତିକ ସାହୁ)

ଶେଖ୍ ବଜାରର ଚଣ୍ଡିଆ ଓରଫ ହେମନ୍ତ ପୃଷ୍ଟି ହତ୍ୟା ମାମଲାରେ ସୁଶାନ୍ତ ଧଳସାମନ୍ତଙ୍କୁ କଟକ ପ୍ରଥମ ଅତିରିକ୍ତ ଜିଲା ଓ ଦୌରା ଜଜ୍ କୋର୍ଟ ବୁଧବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆବଶ୍ୟକ ପ୍ରମାଣ ଅଭାବରୁ ସୁଶାନ୍ତ ଏହି ମାମଲାରୁ ମୁକ୍ତ ହୋଇଛନ୍ତି। ପୂର୍ବରୁ ମଧ ଏକାଧିକ ମାମଲାରେ ସୁଶାନ୍ତ ନିର୍ଦ୍ଦୋଶରେ ଖଲାସ ହୋଇସାରିଛନ୍ତି। ସୂଚନାଯୋଗ୍ୟ, ୨୦୦୬ ଜାନୁଆରୀ ୧୯ରେ ଚଣ୍ଡିଆଙ୍କୁ ସୁଶାନ୍ତ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଚଣ୍ଡିଆଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ଅଭିଯୋଗର ତଦନ୍ତ କରି ସୁଶାନ୍ତ ଧଳସାମନ୍ତ ଓ ତାଙ୍କ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ଘଟଣାର ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। କଟକ ପ୍ରଥମ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। ଧଳସାମନ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ପ୍ରସନ୍ନ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଦୀପୁ, ଓମ୍ ହତ୍ୟା ମାମଲା

# ଜିଲା କୋର୍ଟରେ ଅଭିଯୁକ୍ତଙ୍କ ଜମାନବନ୍ଦୀ ଶେଷ

କଟକ,୨୧।୮ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଦିପୁ, ଓମ୍ ହତ୍ୟା ମାମଲାରେ ଧଳସାମନ୍ତ ଭ୍ରାତା କଟକ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ହାଜର ହୋଇଥିଲେ। ଏହି ମାମଲାରେ ସୁଶିଲ ଧଳସାମନ୍ତ, ସୁଶାନ୍ତ ଧଳସାମନ୍ତ, ପିଣ୍ଟା ଓରଫ ଶୁଭେନ୍ଦୁ ଦାସ, ଦେବାଶିଷ କର, ଆରିଫ୍ ଖାନ୍‌ଙ୍କ ସମେତ ୭ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସମସ୍ତ ଅଭିଯୁକ୍ତଙ୍କ ଜମାନବନ୍ଦୀ କୋର୍ଟରେ ବୁଧବାର ଶେଷ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ୨୦୧୩ ନଭେମ୍ବର ୧୨ରେ ଧଳସାମନ୍ତ ଭ୍ରାତା ସେମାନଙ୍କ ସହଯୋଗୀ ଚାଉଳିଆଗଞ୍ଜର ଦିପୁ ଓରଫ ମନୋଜ ମଲ୍ଲିକ ଏବଂ କଲ୍ୟାଣୀନଗରର ଓମ୍ ଓରଫ ଓମ୍ ପ୍ରକାଶ ସ୍ୱାଇଁଙ୍କୁ ଅପହରଣ କରି ନେଇ ଆଠଗଡ଼ର ଖୁଣ୍ଟକଟାଠାରେ ଥିବା ଏକ ଫାର୍ମ ହାଉସରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଧଳସାମନ୍ତ ଭ୍ରାତାଙ୍କ ଟେଣ୍ଡର ଫିକ୍ସିଂ, ଦାଦାବଟି ଆଦାୟ ଆଦି କାର୍ଯ୍ୟ ଦୀପୁ ଓ ଓମ୍ କରୁଥିବାବେଳେ ଧଳସାମନ୍ତ ଭ୍ରାତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ନ କରିବା କାରଣରୁ ଉଭୟଙ୍କୁ ମାରି ଦିଆଯାଇଥିଲା। ଏହି ମାମଲାରେ ଏସ୍‌ଡିଜେଏମ୍ ଅଦାଲତରେ କମିଶନରେଟ୍ ପୋଲିସ ୨୦୧୬ ମେ' ୨୬ରେ ୧୪ ଜଣଙ୍କ ବିରୋଧରେ ୧୧୨୦ ପୃଷ୍ଠାର ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିରେ ସୁଶିଲ, ସୁଶାନ୍ତ, ଶୁଭେନ୍ଦୁ, ଆରିଫ୍, ନିର୍ମଳ ରାଉତ, ଭୋଲାରାମ ଭଗତ, ସଞ୍ଜୟ ସାହୁ, ଭରତ ବେହେରାଙ୍କ ନାମ ରହିଛି। ଏହି ମାମଲାରେ ତଦନ୍ତକାରୀ ଅଧିକାରୀ ଅଜୟ ଦାସ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରି ସାରିଛନ୍ତି।

# ବିଦ୍ୟୁତ୍ ତାର ମିଳୁନି, ବିଭାଗୀୟ ଅବହେଳା ଜଳଜଳ

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

## ଦନ୍ତାହାତୀ 'ରାମୁ'ର ମୃତ୍ୟୁ: ଆସିଲା ପ୍ରାଥମିକ ରିପୋର୍ଟ



ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ଜଙ୍ଗଲରେ ଦନ୍ତାହାତୀ 'ରାମୁ'ର ମୃତ୍ୟୁକୁ ତିନିଦିନ ବିତିଯାଇଛି। ଇତିମଧ୍ୟରେ ପ୍ରାଥମିକ ତଦନ୍ତ ରିପୋର୍ଟ ଆସିଥିଲେ ମଧ ରାମୁ ମୃତ୍ୟୁର କାରଣ ସାଜିଥିବା ବିଦ୍ୟୁତ୍ ତାର ଏଯାଏ ମିଳୁନି। ଫଳରେ ଏଥିପାଇଁ ଦୋଷୀ କିଏ ଓ କ'ଣ କାର୍ଯ୍ୟାନୁଷ୍ଠାନ ହେବ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିସହ ହାତୀ ଶିକାର କରାଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପ୍ରାଥମିକ ରିପୋର୍ଟ, ଅଧିକାରୀଙ୍କ ମନ୍ତବ୍ୟ ଓ ପୂରା ଘଟଣାବଳୀକୁ ଦେଖିଲେ ବିଭାଗୀୟ ଅବହେଳା ଜଳଜଳ ହୋଇ ଦିଶୁଛି।

ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ହୋଇଥିବା ନେଇ ପୂର୍ବରୁ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଥିଲେ, କିନ୍ତୁ ସେହି ବିଦ୍ୟୁତ ତା'ର କେଉଁଠୁ ଆସିଲା ଓ ହାତୀ ଚଳପ୍ରଚଳ ଅଞ୍ଚଳରେ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ତାର କୁଆଡୁ ଆସିଲା ତାହା ଧୀରେ ଧୀରେ ରହସ୍ୟ ହେବାକୁ ବସିଛି। ବ୍ୟବଚ୍ଛେଦ ବେଳେ ହାତୀ ଶୁଣ୍ଢରେ ବିଦ୍ୟୁତ ଆଘାତର ଚିହ୍ନ ଥିବା ଓ ହାତୀଟିର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତବେଳେ ଜଣାପଡିଥିଲା। ତେଣୁ ତଦନ୍ତ ଏବେ ସେହି ଦିଗରେ ଚାଲିଥିବାବେଳେ ଚନ୍ଦକା ଡିଏଫ୍‌ଓ ମଧ ତାଙ୍କ ରିପୋର୍ଟ ଦେଇସାରିଛନ୍ତି। ଏ ନେଇ ପିସିସିଏଫ ନନ୍ଦ କହିଛନ୍ତି, ପ୍ରାଥମିକ ରିପୋର୍ଟ ଆସିଛି। ବିଦ୍ୟୁତ ଆଘାତରେ ରାମୁର ମୃତ୍ୟୁ ନିଶ୍ଚିତ ହୋଇଛି। କିନ୍ତୁ ସେହି ବିଦ୍ୟୁତ୍ କେଉଁଠୁ ଆସିଲା, ତାହା ଏଯାଏ ଜଣାପଡ଼ିନାହିଁ। ଏପରିକି ଜଏଣ୍ଟ ଟାସ୍କ ଫୋର୍ସ ବି ଏପର୍ଯ୍ୟନ୍ତ ଏନେଇ କୌଣସି ପ୍ରମାଣ ପାଇପାରି ନାହିଁ। ଏଥିପାଇଁ ଟିକେ ସମୟ ଲାଗିବ। ତେବେ ବିଭାଗର ଅବହେଳା ତ' ନିଶ୍ଚିତ ହୋଇଛି। କିନ୍ତୁ କିଏ ଅବହେଳା କରିଛି, ତାହା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ନିଆଯିବ ବୋଲି ପିସିସିଏଫ୍ କହିଛନ୍ତି। ସୂଚନାନୁସାରେ, ଯେଉଁ ସ୍ଥାନରେ ରାମୁର ମୃତଦେହ ପଡ଼ିଥିଲା, ସେହି ସ୍ଥାନରେ ପାଚେରି ସେପଟେ କଦଳୀ ଗଛ ରହିଛି। ହେଲେ ପାଚେରିଟି ଉଚ୍ଚ ହୋଇଥିବାବେଳେ ଏହା ଉପରେ କଣ୍ଟା ତାରବାଡ଼ ମଧ ରହିଛି। ପୁଣି ହାତୀଟି ପାଚେରିଠାରୁ ମାତ୍ର ୫-୬ ମିଟର ଦୂରରେ ମରି ପଡ଼ିଥିଲା। ଯଦି ରାମୁ ସେହି ପାଚେରି ସେପଟେ ଥିବା କଦଳୀ ଗଛ ଖାଇବା ବେଳେ ବିଦ୍ୟୁତ୍ ଆଘାତ ପାଇଥାନ୍ତା, ତେବେ ସେହି ପାଚେରି ନିକଟରେ ହିଁ କିଛି ସଂଘର୍ଷର ଚିହ୍ନ ପଡ଼ିଥାନ୍ତା। କିନ୍ତୁ ତାହା ବିପରୀତ ଦିଗରେ ଥିଲା। ସେହିଦିଗରେ ଜଙ୍ଗଲ ରହିଥିବାବେଳେ ଏହା ମଧ୍ୟରେ କୌଣସି ବିଦ୍ୟୁତ୍ ତାର ଯାଇ ନ ଥିଲା। ତେଣୁ ରାମୁ ଘଟଣା ଦିନ ଭରତପୁର ସୀମା ଛୁଇଁବା ପୂର୍ବରୁ ହିଁ ବିଦ୍ୟୁତ୍ ଆଘାତ ପାଇଥିଲା ବୋଲି କୁହାଯାଉଛି। ତେବେ ବିଭାଗର ତଦନ୍ତ କେଉଁପଟେ ଯାଉଛି ଏବଂ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ 'ରାମୁ' ମୃତ୍ୟୁ କେବଳ ପ୍ରାଣୀପ୍ରେମୀ ନୁହେଁ, ସାଧାରଣ ଲୋକଙ୍କୁ କଷ୍ଟ ଦେଇଛି। ଏପରିକି ଏହି ଘଟଣାକୁ ପିସିସିଏଫ୍ ନିଜେ ଗୁରୁତ୍ୱର ସହ ନେଇଛନ୍ତି। ତେଣୁ ପୂର୍ବର ଘଟଣା ଭଳି ବନ ବିଭାଗ ଚୁପ୍ ନ ବସି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଦାବି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଶିଷ


@ ରବିନାରାୟଣ


@ ରୁଦ୍ରମାଧବ


@ ଆଦିତ୍ୟ


@ ଚନ୍ଦ୍ରଶେଖର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜରିମାନା ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ

ପୁରୀ,୨୧।୮ (ଅଜିତ କୁମାର ମହାନ୍ତି)

### ୫ କୋଟି ୨୧ ଲକ୍ଷ ଟଙ୍କା ଦଣ୍ଡ ଗଣିଲେଣି ଖଣି ଲିଜ୍‌ଧାରୀ

ଖୋର୍ଦ୍ଧା ଜିଲାରେ ଥିବା ମହାପ୍ରଭୁଙ୍କ ପଥର ଖଣିରୁ ଲିଜ୍‌ଧାରୀମାନେ ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣର ନିର୍ମାଣ ପଥର ଏବଂ ମାଙ୍କଡ଼ା ପଥର ଉତ୍ତୋଳନ କରିଥିବାରୁ ଜରିମାନା ମୂଲ୍ୟ ଦାଖଲ କରିବାକୁ ୧୯ଜଣ ଖଣି ଲିଜଧାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ କ୍ରମେ ୭ଦିନିଆ ନୋଟିସ୍ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଏବେସୁଦ୍ଧା ଖଣି ଲିଜଧାରୀମାନେ ସମୁଦାୟ ୫ କୋଟି ୨୧ ଲକ୍ଷ ଟଙ୍କା ଜରିମାନା ଶ୍ରୀମନ୍ଦିର ପ୍ରଶାସନରେ ଦାଖଲ ଦେଇଛନ୍ତି। ତେବେ ବାରମ୍ବାର ନୋଟିସ ପରେ ମଧ ଜରିମାନା ଦାଖଲ କରୁ ନ ଥିବା ଲିଜଧାରୀଙ୍କୁ କଳା ତାଲିକାଭୁକ୍ତ କରିବା ସହ ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ ଦାଖଲ ଏବଂ ଓ.ପି.ଡି.ଆର୍ ମାମଲା ରୁଜୁ କରିବାକୁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ମୁଖ୍ୟ ପ୍ରଶାସକ ଖଣି ଲିଜଧାରୀମାନଙ୍କୁ କେଉଁ ପରିସ୍ଥିତିରେ ଏଭଳି ବ୍ୟତିକ୍ରମ ହେଲା ସେ ନେଇ କୈଫିୟତ ଦାଖଲ କରିବାକୁ ନୋଟିସ୍ ଜାରି କରିଥିଲେ। ଏଥିରେ ଖିଲାପ ହେଲେ ଖଣିର ଚୁକ୍ତିପତ୍ର ରଦ୍ଦ କରାଯିବ ବୋଲି ସତର୍କ କରାଇଥିଲେ।

# ସଡ଼କ ଦୁର୍ଘଟଣାରେ ୨ମୃତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଉପକଣ୍ଠ ଧଉଳି ଥାନା ଅଞ୍ଚଳରେ ବୁଧବାର ରାତି ୭ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ସଡ଼କ ଦୁର୍ଘଟଣାରେ ୨ବ୍ୟକ୍ତିଙ୍କ ଜୀବନ ଚାଲିଯାଇଛି। ମୃତକଦ୍ୱୟ ହେଲେ ପୁରୀ ଟାଉନ ଅଞ୍ଚଳର ନବକିଶୋର ପାତ୍ର ଓ ଚିଲିକାର ଦୀପକ ମଲ୍ଲିକ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଦୀପକ ବାଇକ ଯୋଗେ ଉତ୍ତରାରୁ ଧଉଳି ଆଡ଼କୁ ଯାଉଥିବାବେଳେ ଉକ୍ତ ରାସ୍ତାର ବିପରୀତ ଦିଗରୁ ଆସୁଥିବା ନବକିଶୋର ଡିଭାଇଡର ପାର ହେଉଥିଲେ। ଏହି ସମୟରେ ଦୀପକ ହଠାତ ଜାଣି ନ ପାରି ନବକିଶୋରଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ଶବ ସଂରକ୍ଷଣ ଗୃହରେ ରଖିଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଧଉଳି ଥାନା ଅଧିକାରୀ ପ୍ରଦୀପ କିଶୋର ନାୟକ କହିଛନ୍ତି।

# ଅଭିଯୁକ୍ତଙ୍କୁ ଜେରା ପାଇଁ ଭୁବନେଶ୍ୱରରେ ଏନ୍ଆଇଏ ଟିମ୍

## ସିମ୍‌ବକ୍ସ ନେଟ୍‌ୱର୍କରେ ଆତଙ୍କୀ ଲିଙ୍କ୍

- ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ଏନ୍ଆଇଏ
- ରାଜୁଙ୍କୁ ଖୋଜି ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଆସିଲେ ପରିବାର ଲୋକ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ସିମ୍‌ବକ୍ସ ନେଟ୍‌ୱର୍କ ମାମଲାରେ କମିଶନରେଟ୍ ପୋଲିସ ଅଧିକ ଛାନଭିନ୍ ଚଳାଇବା ସହ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳଙ୍କୁ ରିମାଣ୍ଡରେ ଆଣି ମାରାଥନ୍ ଜେରା କରୁଛି। ସିମ୍‌ବକ୍ସ ଜରିଆରେ ପାକିସ୍ତାନ, ଆଫଗାନିସ୍ତାନ ଆଦି ମଧ୍ୟପ୍ରାଚ୍ୟ ଦେଶରୁ କଲ୍ ଯାଆସ କରିଥିବାରୁ ଏଥିରେ ଆତଙ୍କୀ ଲିଙ୍କ୍ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏପରିକି ଦେଶର ଗୁପ୍ତ ତଥ୍ୟ ପ୍ରଘଟ ଆଶଙ୍କାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍ଆଇଏ) ତଦନ୍ତ ଆରମ୍ଭ କରିଛି। ରାଜୁଙ୍କୁ ଜେରା କରିବାକୁ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି ଏନ୍ଆଇଏ ଟିମ୍। କମିଶନରେଟ୍ ପୋଲିସ ସହ ଏନ୍ଆଇଏ ଆଲୋଚନା କରି ରାଜୁଙ୍କୁ ମାରାଥନ୍ ଜେରା ପ୍ରକ୍ରିୟା ଆରମ୍ଭ କରିଛି। ଆତଙ୍କୀ ଲିଙ୍କ୍ ନେଇ କୌଣସି ବଳିଷ୍ଠ ପ୍ରମାଣ ମିଳିଲେ ଏନ୍ଆଇଏ ରାଜୁଙ୍କୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ ବୋଲି ସୂଚନା ମିଳିଛି। ତେବେ ଏହି ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ବାଂଲାଦେଶର ଅଶାଦୁର ଜମାନ୍‌ଙ୍କୁ ଗିରଫ କରିବା ପୋଲିସ ଓ ଏନ୍ଆଇଏ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ତେବେ ରବିବାରଠାରୁ ରାଜୁ ୫ ଦିନିଆ ରିମାଣ୍ଡରେ ଥିବାବେଳେ ଏହାର ଅବଧି ଆଉ ଗୋଟିଏ ଦିନ ବାକି ରହିଛି। ତେଣୁ ଗୁରୁବାର ପୋଲିସ ଓ ଏନ୍ଆଇଏ ରାଜୁଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିବାକୁ ଯୋଜନା କରିଛି।

ଅନ୍ୟପକ୍ଷରେ ଗିରଫ ପରଠାରୁ ରାଜୁଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଛି। ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାସ୍ଥିତ ସ୍ଥାନୀୟ ଥାନାକୁ ଜଣାଇଥିଲେ। ପୋଲିସ ପକ୍ଷରୁ ରାଜୁଙ୍କ ମୋବାଇଲ୍ ଟ୍ରେସ୍ କରାଯିବା ପରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାରେ ଶେଷ ଲୋକେଶନ୍ ଦେଖାଇଥିଲା। ତେଣୁ ୩ଦିନ ତଳେ ରାଜୁଙ୍କ ଭାଇ ଓ ଗାଁର କିଛି ଲୋକଙ୍କ ସମେତ ୪ଜଣ ଲକ୍ଷ୍ମୀସାଗର ଥାନାକୁ ଆସି ରାଜୁଙ୍କ ବିଷୟରେ ପଚାରି ବୁଝିଥିଲେ। ପୋଲିସ ଘଟଣା ସଂକ୍ରାନ୍ତରେ ଜଣାଇବା ସହ ସେମାନଙ୍କଠାରୁ ରାଜୁ ବିଷୟରେ ବହୁ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି।

ଉଲ୍ଲେଖ୍ୟଯୋଗ୍ୟ, ଗୋଇନ୍ଦା ସୂଚନା ଆଧାରରେ କମିଶନରେଟ୍ ପୋଲିସ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ୍)ରେ ଚଢ଼ାଉ କରିଥିଲା। ଗତ ୧୬ ତାରିଖରେ ରାଜୁଙ୍କୁ ଗିରଫ କରିବା ସହ ୭ଟି ସିମ୍‌ବକ୍ସ, ୫୦୦ରୁ ଊର୍ଦ୍ଧ୍ୱ ସିମ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ପରେ ଏହି ନେଟ୍‌ୱର୍କର ପୂରା ଗୁମର ଖୋଲିବା ସହ ଏହାର ମାଷ୍ଟରମାଇଣ୍ଡ ବାଂଲାଦେଶର ଅଶାଦୁରଙ୍କ ବିଷୟରେ ଜଣାପଡିଥିଲ। ଏଥିସହ କଟକ ଓ ଝାଡ଼ଖଣ୍ଡରେ ମଧ୍ୟ ରାଜୁ ମଣ୍ଡଳ ଦ୍ୱାରା ଅଶାଦୁର ଏଭଳି ସିମ୍‌ବକ୍ସ ନେଟ୍‌ୱର୍କ ଚଳାଇଥିବା ସୂଚନା ମିଳିବା ପରେ ସେସବୁ ସ୍ଥାନରେ ଚଢ଼ାଉ କରାଯାଇ ବହୁ ସିମ୍‌ବକ୍ସ, ସିମ୍ କାର୍ଡ ଜବତ ହୋଇଛି।

## ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କନିଷ୍ଠ ରାଜସ୍ୱ ସହାୟକ

ବୌଦ୍ଧ,୨୧।୮(ଅଜିତ କୁମାର ବାରିକ)


ଚୌଧୁରୀ ପପୁନ କୁମାର ଦାସ

୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲା ପଞ୍ଚାୟତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଚୌଧୁରୀ ପପୁନ କୁମାର ଦାସ ବୁଧବାର ବ୍ରହ୍ମପୁର ଭିଜିଲାନ୍ସଜାଲରେ ପଡ଼ିଗିରଫ ହୋଇଛନ୍ତି।

ସୂଚନା ମୁତାବକ, ବୌଦ୍ଧ ଜିଲା ସଂଗ୍ରହାଳୟରେ ୨୦୨୧-୨୨ରେ ଆକ୍ୱାରିୟମ ଲଗାଇଥିବା ଭୁବନେଶ୍ୱରର ଏକ ସଂସ୍ଥାର ମାଲିକ ମୁକେଶ କୁମାର ଭୁଜବଳ ଦୀର୍ଘ ୨ବର୍ଷ ହେଲା ତାଙ୍କର ପ୍ରାପ୍ୟ ପାଇବା ପାଇଁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଥିଲେ। ଏହାର ସୁଯୋଗ ନେଇ ଜିଲା ପଞ୍ଚାୟତ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ଦାସ ବକେୟା ପ୍ରାପ୍ୟ କରାଇଦେବାକୁ କହି ଭୁଜବଳଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ଦେବା ପାଇଁ କହିଥିଲେ। ବାରମ୍ବାର ଧାଇଁ ଧାଇଁ ନିରାଶ ହୋଇଥିବା ଭୁଜବଳ ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଜନା ଅନୁଯାୟୀ ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ୍ ବୌଦ୍ଧ ଆସି କନିଷ୍ଠ ରାଜସ୍ୱ ସହାୟକ ଦାସ ନିଜ ସରକାରୀ କ୍ୱାର୍ଟର ସମ୍ମୁଖରେ ଭୁଜବଳଙ୍କ ନିକଟରୁ ୨୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ତାଙ୍କୁ ଧରିଥିଲେ। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଗିରଫ କରାଯାଇଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ କେସ୍ ନଂ. ୧୩/୨୪ରେ ଏକ ମାମଲା ରୁଜୁ ହୋଇଛି। ଏହି ଚଢ଼ାଉରେ ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁ, କୁମୁଦିନୀ ସାହୁ ଏବଂ ଇନ୍ସପେକ୍ଟର ନିରଞ୍ଜନ ରାଉତ ସାମିଲ ଥିଲେ। ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟର ସଂସ୍କୃତି ବିଭାଗରେ ଏ ନେଇ ଅଧିକ ତଦନ୍ତ ଚଳାଇଥିବା ଜଣାଯାଇଛି।

## ପ୍ରେମିକ ସହ କଥା ହେଉଥିବାବେଳେ ଭରାନଦୀକୁ ଡେଇଁଲେ ଯୁବତୀ


ଚିକୁନା ମଲିକ

- ଉଦ୍ଧାର କରିବାକୁ ଯାଇ ପ୍ରେମିକ ଗୁରୁତର
- ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି, ଯୁବତୀ ନିଖୋଜ

ଡେରାବିଶ,୨୧।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଲୁଣାନଦୀର ଦାନପୁର ପୋଲ ଉପରୁ ବୁଧବାର ସନ୍ଧ୍ୟାରେ ଜଣେ ଯୁବତୀ ଭରାନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଯୁବତୀ ଜଣକ ହେଲେ ମହାଙ୍ଗା ବ୍ଲକ୍ ନାହାଙ୍ଗ ପଞ୍ଚାୟତ ଗୌଡ଼ଗୋପ ଗ୍ରାମର ହୃଷୀକେଶ ମଲିକଙ୍କ ଝିଅ ସ୍ୱର୍ଣ୍ଣଲତା (୨୦)।

ସୂଚନା ଅନୁଯାୟୀ, ସ୍ୱର୍ଣ୍ଣଲତା ଗରଦପୁର ବ୍ଲକ୍ ଅନ୍ତର୍ଗତ ପନ୍ଦିଆ ଗ୍ରାମର ଚିକୁନା ମଲିକ(୨୬)ଙ୍କୁ ଭଲପାଉଥିଲେ। ବୁଧବାର ଅପରାହ୍ନରେ ଏହି ପ୍ରେମୀ ଯୁଗଳ ଏକ ବାଇକ୍ ଆସି ଦାନପୁର ପୋଲ ନିକଟରେ ବସି କଥା ହେଉଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉଭୟେ କଥା ହେଉଥିବା ବେଳେ କୌଣସି କାରଣରୁ ହଠାତ୍ ସ୍ୱର୍ଣ୍ଣଲତା ପୋଲର ବାଡ଼ା ଉପରକୁ ଚଢ଼ି ମଝିନଦୀକୁ ଡେଇଁପଡ଼ିଥିଲେ। ଚିକୁନା ବି ତାଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁ ପଡିଥିଲେ। ହେଲେ ନଦୀର ପ୍ରଖର ସ୍ରୋତ ଓ ଭଉଁରିରେ ସ୍ୱର୍ଣ୍ଣଲତା ବୁଡ଼ିଯାଇଥିଲେ। ତେବେ ଚିକୁନାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଖୋଜ ଯୁବତୀଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏକ ବୋଟ୍‌ରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଖୋଜାଖୋଜି କରୁଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସ୍ୱର୍ଣ୍ଣଲତାଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ପହଞ୍ଚି ଘଟଣା ଉପରେ ନଜର ରଖିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଣ୍ଣଲତା କଟକ ଏସ୍‌ସିବି ମେଡ଼ିକାଲ୍ କଲେଜର ଜଣେ ନର୍ସିଂ ଛାତ୍ରୀ।

## ଜଜ୍‌ଙ୍କ ଘରୁ ଚୋରିରେ ନାବାଳକ


ଜବତ ଚୋରି ସାମଗ୍ରୀ।


ଗିରଫ ଅଭିଯୁକ୍ତ।

- ରାଜଧାନୀରେ ସିନ୍ଧି ଚୋର ଗ୍ୟାଙ୍ଗର ଅନ୍ୟ ୭ ସଦସ୍ୟ ଗିରଫ
- ସୁନା ଅଳଙ୍କାର, ପିତଳ ସାମଗ୍ରୀ ଆଦି ଜବତ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ଜଜ୍‌ଙ୍କ ଘରୁ ନାବାଳକ ଚୋରି କରି ଧରାପଡ଼ିଛନ୍ତି। ବଡ଼ଗଡ଼ ଥାନା ପୋଲିସ ୫ ନାବାଳକଙ୍କ ସମେତ ୧୨ ଜଣଙ୍କୁ ଧରିବା ପରେ ଘଟଣାର ପର୍ଦ୍ଦାଫାଶ କରିଛି। ନାବାଳକମାନେ ଜଜ୍‌ଙ୍କ ଘରୁ ଚୋରି କରିଥିବାବେଳେ ଅନ୍ୟ ୭ ଅଭିଯୁକ୍ତ ଉକ୍ତ ଅଞ୍ଚଳରେ ଥିବା ଆଉ ଏକ ସରକାରୀ କ୍ୱାର୍ଟର୍ସରୁ ଗତ ୯ ତାରିଖରେ ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ୭ ଅଭିଯୁକ୍ତମାନେ ହେଲେ ରାହୁଲ ଧଳ, ରବି ସେଠୀ, ରମେଶ ସେଠୀ, ବାସୁଦେବ କହଁର, କିଶୋର ଲେଙ୍କା, ରାଜୁ ଦାସ, ନରେନ୍ଦ୍ର କୁମାର ପାତ୍ର। ନରେନ୍ଦ୍ର ଅଭିଯୁକ୍ତଙ୍କଠାରୁ ଚୋରି ସାମଗ୍ରୀ କିଣିଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ୫ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିଲା। ସେଠାରୁ ସେମାନଙ୍କୁ ବ୍ରହ୍ମପୁରସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଭୁବନେଶ୍ୱର କୋର୍ଟର ପୂର୍ବତନ ଏସ୍‌ଡିଜେଏମ୍ ତଥା ବର୍ତ୍ତମାନ ପୁରୀରେ ଦେବୋତ୍ତର ବିଭାଗର ସହକାରୀ ଆୟୁକ୍ତ ଥିବା ବିଚାରପତି ଶିଶିର କୁମାର ସାହୁ ବଡ଼ଗଡ଼ ଥାନା ଅନ୍ତର୍ଗତ ବିଜେବି ନଗର ସରକାରୀ କ୍ୱାର୍ଟର୍ସ ଜିଆର/୩ ରେ ରୁହନ୍ତି। ରକ୍ଷା ବନ୍ଧନ ଲାଗି ଗତ ଶନିବାର ପରିବାର ସହ ଯାଜପୁରସ୍ଥିତ ଭଉଣୀଙ୍କ ଘରକୁ ଯାଇଥିଲେ। ଫଳରେ ବାସଭବନର ସମ୍ମୁଖରେ ଗୃହରକ୍ଷୀ ଜଗାରଖା କରୁଥିଲେ। ଏହାସତ୍ତ୍ୱେ ଅଭିଯୁକ୍ତମାନେ ପଛପଟୁ ପାଚେରି ଡେଇଁ କବାଟ ତାଲା ଭାଙ୍ଗି ଘର ଭିତରେ ଥିବା ଆଲମାରିରୁ ୨ ଟି ସୁନା ହାର, ୭ଟା ଚେନ, ମୁଦି, ୮ ହଳ କାନଫୁଲ, ସୁନା ଚୁଡ଼ି ୫ହଳ, ନଗଦ କିଛି ଟଙ୍କା, ଠାକୁରଙ୍କ ସମସ୍ତ ପିତଳ ବାସନ, ଗାଧୁଆ ଘରୁ ସବୁ ପାଣି ଟ୍ୟାପ ଆଦି ସାମଗ୍ରୀ ନେଇଯାଇଥିଲେ। ଅଗଷ୍ଟ ୧୯ ସନ୍ଧ୍ୟାରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିପାରି ବଡ଼ଗଡ଼ ଥାନାରେ ଜଜ୍ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ପୋଲିସ ତଦନ୍ତ କରି ୫ନାବାଳକଙ୍କୁ ଅଟକ ରଖିବା ସହ ଗତ ୯ତାରିଖରେ ଅନ୍ୟ ଏକ ସରକାରୀ କ୍ୱାର୍ଟର୍ସରୁ ଚୋରି କରିଥିବା ଅଭିଯୋଗରେ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ବହୁ ସୁନା ଓ ରୁପା ଅଳଙ୍କାର, ବାସନକୁସନ, ଫ୍ୟାନ୍, ଗ୍ୟାସ ସିଲିଣ୍ଡର ଏବଂ ୨୦ହଜାର ନଗଦ ଟଙ୍କା ଜବତ ହୋଇଛି।

## ୧୧ ବନ୍ଦୀଙ୍କ ମଧ୍ୟରେ ଥାଇ ଆତ୍ମହତ୍ୟାକୁ ନେଇ ପ୍ରଶ୍ନବାଚୀ

- ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ଘଟଣା
- ମୃତଦେହ ମିଳିଥିବା ସ୍ଥାନର ସିସିଟିଭି ଫୁଟେଜ୍ ମିଳିନି

ବଡ଼ବିଲ,୨୧।୮(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସବ୍‌ଜେଲରେ ମଙ୍ଗଳବାର ଭୋରରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ପରେ ଜେଲ କୋଠରି ଅସୁରକ୍ଷିତ ହୋଇପଡ଼ିଛି। ଜେଲ ଭିତରେ ସବୁଆଡ଼େ ସିସି କ୍ୟାମେରା (କ୍ଲୋଜ୍ ସର୍କିଟ କ୍ୟାମେରା) ଲାଗିଥିଲେ ହେଁ ଜେଲ ୱାର୍ଡ ନଂ. ୬ର ଝରକା ଲୁହା ରେଲିଂରୁ ତୁଷାରକାନ୍ତ ମଲ୍ଲିକଙ୍କ ମୃତଦେହ ଜବତ ହୋଇଥିଲା। ମାତ୍ର ଉକ୍ତ ସ୍ଥାନର ସିସି କ୍ୟାମେରାର ଫୁଟେଜ ମିଳିପାରିନାହିଁ ବୋଲି ବଡ଼ବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି। ଏଥିସହ ଉକ୍ତ ୱାର୍ଡରେ ଆହୁରି ୧୧ ବନ୍ଦୀ ରହିଥିବା ବେଳେ ଘଟଣା ସମ୍ପର୍କରେ କେହି ଜାଣିପାରିଲେ ନାହିଁ। ଏହା ଘଟଣାରୁ ଅଧିକ ସନ୍ଦେହଘେରକୁ ଟାଣିନେଉଛି।

ପୋଲିସ ସୂଚନା ଅନୁଯାୟୀ, ତୁଷାର ରହିଥିବା (ଜେଲ କୋଠରି) ୱାର୍ଡ ନଂ. ୬ରେ ଆହୁରି ୧୧ ଜଣ ବନ୍ଦୀ ରହିଥିଲେ। ହେଲେ ତୁଷାରଙ୍କ ମୃତ୍ୟୁ ବେଳକୁ କେହି ଏହି ଘଟଣା ବିଷୟରେ ଜାଣିପାରି ନ ଥିଲେ। ସମସ୍ତେ ଶୋଇପଡ଼ିଥିଲେ ବୋଲି ଥାନାଧିକାରୀ ମୁଦୁଲି କହିଛନ୍ତି। ନିୟମ ଅନୁଯାୟୀ ଘଟଣାର ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁଯାୟୀ, ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ ତୁଷାରଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇପାରିନାହିଁ। ବଡ଼ବିଲ ସବ୍‌ଜେଲର ସୁପରିଣ୍ଟେଣ୍ଡେଣ୍ଟ ପୁନମପ୍ରଭା ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ଆତ୍ମହତ୍ୟାର ୨ ଦିନ ପୂର୍ବରୁ ସିସି କ୍ୟାମେରା ଖରାପ ହୋଇଯାଇଥିବାରୁ ଫୁଟେଜ୍ ମିଳିପାରିନାହିଁ। ଜେଲ ଭିତରେ ଥିବା ପ୍ରତି ୱାର୍ଡ ନିମନ୍ତେ ଜଣେ ଲେଖାଏ ଗାର୍ଡ ରହିଛନ୍ତି। ସେମାନେ ସମସ୍ତେ ରାତି ୪ଟା ପର୍ଯ୍ୟନ୍ତ ସେହି ଅଞ୍ଚଳ ବୁଲି ଦେଖିଛନ୍ତି। ପରେ ଏଭଳି ଘଟଣା ଦେଖି ତୁରନ୍ତ ସୂଚନା ଦେଇଥିଲେ। ଏ ନେଇ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସର୍କଲ ଜେଲ ସୁପରିଣ୍ଟେଣ୍ଡେଣ୍ଟ ରିପୋର୍ଟ ମାଗିଥିଲେ ଓ ତାଙ୍କୁ ବୁଧବାର ରିପୋର୍ଟ ଦାଖଲ କରାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣ୍ଟା ଦରାଣ୍ଡିଲି କଉଡ଼ି ନାହିଁ;**
**ଦୁଧ ଦହି ଗଲା ଦୁଆର ଡେଇଁ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଅର୍ଥ ନ ଥିଲେ ସବୁକିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଅର୍ଥାଭାବ କାରଣରୁ ନିଜର ଇପ୍ସିତ ଦ୍ରବ୍ୟ ହାତ ପାଆନ୍ତାରେ ଥାଇ ମଧ୍ୟ ଅପହଞ୍ଚ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଲୋକର ବିସ୍ତର ବୋଝ,**
**ତାକୁ ଜାଣିବ କପା,**
**ମହର୍ଗ କାଳରେ ଯାଚି ପରଷେ,**
**ତାକୁ ଜାଣିବ ଅପା।**

କପା ବୋଝ ଯେତେ ଅଧିକ ଦିଶୁଥିଲେ ମଧ୍ୟ ଆକାର ଅନୁସାରେ ତାହାର ଓଜନ ଅପେକ୍ଷାକୃତ କମ ହିଁ ହୋଇଥାଏ। ସେହିପରି ଅସୁବିଧା ସମୟରେ ଭଉଣୀ ହିଁ ଭାଇକୁ ସାହା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗଳାକାଟି ମହିଳାଙ୍କୁ ହତ୍ୟା, ୨ ଗିରଫ

ବାରିପଦା, ୨୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଧୀନ ମେଣ୍ଢାମୁଣ୍ଡି ଗ୍ରାମରେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୨ ଭାଇ ସାନ ପିଙ୍ଗୁଆ ଓ ସୋନୁ ପିଙ୍ଗୁଆ ଏକ ଧାରୁଆ ଅସ୍ତ୍ରରେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୬/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳା ଜଣକ ହେଲେ ମଙ୍ଗୁଳି ପୂର୍ତ୍ତି (୨୭)।

ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ୩ ପିଲାଙ୍କ ସହ ମଙ୍ଗୁଳି ଓ ସ୍ୱାମୀ ନାଲିଆ ନାଏକ ଘରେ ଥିଲେ। ଏହି ସମୟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସାନ ଓ ସୋନୁ ପିଙ୍ଗୁଆଙ୍କ ସହ ସେମାନଙ୍କର ପାଟିତୁଣ୍ଡ ହୋଇଥିଲା। ସୋନୁ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ମଙ୍ଗୁଳିଙ୍କ ଗଳାକୁ କାଟି ଦେଇଥିଲେ। ସ୍ୱାମୀ ନାଲିଆଙ୍କୁ ସାନ ପିଙ୍ଗୁଆ ଜାବୁଡ଼ି ଧରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ସେ ପାଟି କରିଥିଲେ ହେଁ ଭୟରେ କେହି ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ଘଟଣାସ୍ଥଳରେ ମଙ୍ଗୁଳିଙ୍କ ମୃତ୍ୟୁ ଘଟିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପୁତୁରା ଟାଙ୍ଗିଆ ଚୋଟରେ କକା ମୃତ, ଅଭିଯୁକ୍ତ ଗିରଫ

କେନ୍ଦୁଝର,୨୧।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଚମ୍ପାଝର ଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ନିଜର ବୃଦ୍ଧ କକାକୁ ଟାଙ୍ଗିଆରେ ହାଣି ପୁତୁରା ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଗୁରୁ କମାଲ (୬୫)। ଘଟଣାରେ ପୋଲିସ ଅଭିଯୁକ୍ତ ପୁତୁରା ମଧୁ କମାଲ (୪୦)ଙ୍କୁ ଗିରଫକରି ତଦନ୍ତ କରୁଛି।

ସୂଚନା ମୁତାବକ, ସୋମବାର ଗ୍ରାମରେ ହର୍ଷ ଉଲ୍ଲାସରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହେଉଥିଲା। ରାତି ପ୍ରାୟ ୯ଟାରେ ଗୁରୁ ଓ ତାଙ୍କ ସ୍ତ୍ରୀ ରୁଖ ଘରେ ନାତିକୁ ଖେଳାଉଥିଲେ। ଏହି ସମୟରେ ମଧୁ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଦାଦା ପୁତୁରାଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ମଧୁ ଟାଙ୍ଗିଆରେ ଗୁରୁଙ୍କୁ ଆକ୍ରମଣ କରିଥିଲେ। ରୁଖ ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ। ପାଟି ଶୁଣି ଝିଅ ଘରୁ ଧାଇଁ ଆସିଥିଲେ। ତେବେ ଦୁର୍ବୃତ୍ତ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛେଇ ନ ଥିଲେ। ମାଆ ଓ ଝିଅ ଜୀବନ ବଞ୍ଚାଇବାକୁ ଧାଇଁ ପଳାଇଥିଲେ। ତେବେ ଗୁରୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ, ରକ୍ତଭିଜା ଟାଙ୍ଗିଆ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇବା ପରେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ଏକ ମାମଲା(ନଂ. ୧୭୫/୨୪) ରୁଜୁ କରି ଅଧିକ ତଦନ୍ତ କରୁଥିବା ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି।

## ଯୁବତୀଙ୍କୁ ବଳାତ୍କାର ପରେ ହାତଗୋଡ଼ ବାନ୍ଧି ଫେରାର

### ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ଯୁବତୀଙ୍କୁ ବଳାତ୍କାର କଲେ। ବିରୋଧ କରିବାରୁ ପୀଡ଼ିତାଙ୍କ ହାତଗୋଡ ବାନ୍ଧି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଭରତପୁର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଦିଲୀପ କୁମାର ନାୟକ ଓରଫ ଦିଲୁ(୨୩)। ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଦିଲୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭରତପୁର ଥାନା ଅଞ୍ଚଳରେ ପୀଡ଼ିତାଙ୍କ ଘର। ଗତବର୍ଷ ପୀଡ଼ିତା ଓ ଦିଲୀପଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ବିବାହ କରିବେ ବୋଲି କଥା ଦିଆନିଆ ହୋଇଥିଲେ।

ଚାରିମାସ ତଳେ ଦିଲୀପ ଅନ୍ୟତ୍ର ବିବାହ କରିଥିଲେ। ଏ ବିଷୟରେ ଜାଣିବା ପରେ ପୀଡ଼ିତା ତାଙ୍କ ସହିତ କୌଣସି ସମ୍ପର୍କ ରଖି ନ ଥିଲେ। ଫଳରେ ଦିଲୀପ ରାଗି ଯାଇଥିଲେ। ଗତ ରବିବାର ପୀଡ଼ିତା ଘରେ ଏକୁଟିଆ ଥିଲେ। ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ରାତି ପ୍ରାୟ ୧୨ଟା ୧୦ରେ ଅଭିଯୁକ୍ତ ଦିଲୀପ ଯୁବତୀଙ୍କ ଘରକୁ ଆସି ତାଙ୍କୁ ଅସଦାଚରଣ କରିଥିଲେ। ବିରୋଧ କରିବାରୁ ସେ ବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଉଚ୍ଚ ପାଟି କରି ବିରୋଧ କରିବାରୁ ଦିଲୀପ ଧରାପଡିଯିବା ଭୟରେ ଯୁବତୀଙ୍କ ହାତ ଓ ଗୋଡ ବାନ୍ଧି ସେଠାରୁ ଖସି ପଳାଇଥିଲେ। ପରିବାର ଲୋକେ ପହଞ୍ଚି ପୀଡିତାଙ୍କୁ ଉଦ୍ଧାର କରି ଘଟଣା ସମ୍ପର୍କରେ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତାଙ୍କ ଏତଲାକ୍ରମେ ଭରତପୁର ଥାନା ପୋଲିସ ସୋମବାର ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୬୪(୧)ରେ ଏକ ମାମଲା (ନଂ.୫୫୩/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନାବାଳକ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୧।୮(ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ନାବାଳକ ମାଓବାଦୀ(ମଝି)।

ମାଲକାନଗିରି ଜିଲା ପୋଲିସ ନିକଟରେ ଛତିଶଗଡ଼ ସୁକ୍‌ମା ଜିଲାର ଜଣେ ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ନାବାଳକ ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲାକୁ ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା ଆସିଥିବା ବେଳେ ଏସ୍‌ପି ନୀତେଶ ବାଧ୍ୱାନୀଙ୍କ ନିକଟରେ ଉକ୍ତ ନାବାଳକ ଜଣକ ଆତ୍ମସମର୍ପଣ କରିଛନ୍ତି।

ଏ ସମ୍ପର୍କରେ ଡିଆଇଜି ମୀନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଛତିଶଗଡ଼ ସୁକ୍‌ମା ଜିଲା ଜାଗୁରକୋଣ୍ଡା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଓଡ଼ିଶା ସରକାର ତାଙ୍କ ଉପରେ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିବା ବେଳେ ସେ ୨୦୨୩ରେ ସିପିଆଇ(ମାଓବାଦୀ) ସଂଘରେ ଯୋଗଦେଇଥିଲେ। ସେ ପିଏଲ୍‌ଜିଏ ବାଟାଲିୟନ ନଂ. ୧(କମ୍ପାନୀ ନଂ. ୩ର ହିଡମା ବାଟାଲିୟନ) ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ସେ ଡିସେମ୍ବର ୨୦୨୩ରେ ଘଟିଥିବା ପୋଲିସ ଓ ମାଓବାଦୀଙ୍କ ଗୁଳି ବିନିମୟରେ ସାମିଲ ଥିଲେ। ଏଥିରେ ୫ ପୋଲିସ ଓ ୩ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ମେ ୨୦୨୪ରେ ଜିରାମଠାରେ ଘଟିଥିବା ଗୁଳି ବିନିମୟରେ ସେ ସାମିଲ ଥିଲେ। ଏହି ଗୁଳି ବିନିମୟରେ ମଧ୍ୟ ୪ ଜଣ ପୋଲିସଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ମାଓବାଦୀ ଆହତ ହୋଇଥିଲେ। ଏଥିସହ ତିମାପୁରମରେ ପିକ୍‌ଅପ୍ ଭ୍ୟାନ୍‌କୁ ଲାଣ୍ଡମାଇନ୍‌ରେ ଉଡ଼ାଇବା ଘଟଣାରେ ମଧ୍ୟ ସାମିଲ ଥିଲେ। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଡିଆଇଜି ମୀନା ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ପ୍ରିଣ୍ଟିଂ ପ୍ରେସ୍‌ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳ ଭିତରେ ଥିବା ଏକ ପ୍ରିଣ୍ଟିଂ ପ୍ରେସ୍‌ରେ ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବହୁ କାଗଜ ଓ ବହି ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଖବରପାଇ ମଞ୍ଚେଶ୍ୱର ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଶର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସେହିପରି ଏଥିରେ କୌଣସି ଲୋକଙ୍କ କିଛି କ୍ଷତି ହୋଇ ନ ଥିବା ସୂଚନା ମିଳିଛି।

### ଟ୍ରେନ୍ ଟିକେଟ ଯାଞ୍ଚ ଅଭିଯାନ

ଜଟଣୀ,୨୧।୮ (ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ଟ୍ରେନ୍ ଯାତ୍ରୀଙ୍କ ନିୟମିତ ଟିକେଟ ଚେକିଂ ଅଭିଯାନ ପରିପ୍ରେକ୍ଷୀରେ ବୁଧବାର ମଣ୍ଡଳ ଅଧୀନରେ ବିଭିନ୍ନ ରେଳ ଷ୍ଟେଶନରେ ବ୍ୟାପକ ଟ୍ରେନ୍ ଟିକେଟ ଯାଞ୍ଚ କରାଯାଇଛି। ବିନା ଟିକେଟରେ ଟ୍ରେନ୍ ଯାତ୍ରାକୁ ରୋକିବାକୁ ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜବା ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରକୃତ ଟିକେଟଧାରୀ ଯାତ୍ରୀଙ୍କୁ ସୁବିଧାଜନକ ଯାତ୍ରା ପ୍ରଦାନ କରିବା ଅଭିଯାନର ଏହା ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି। ପଟିଆ ପାସେଞ୍ଜର ହଲ୍ଟ ଏବଂ ବାରଙ୍ଗ ରେଳ ଷ୍ଟେଶନରେ ଚାଲିଥିବା ଅଚାନକ ଟିକେଟ ଯାଞ୍ଚ ସମୟରେ ୨୫୨ଟି ବିନା ଟିକେଟ୍ ଏବଂ ଅନିୟମିତ ଟିକେଟ ଯାତ୍ରୀଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କଠାରୁ ଭଡ଼ା ସହିତ ଜରିମାନା ଆକାରରେ ୬୭ ହଜାର ୪୩୫ ଟଙ୍କା ସଂଗ୍ରହ କରାଯାଇଥିଲା। ବାରଙ୍ଗ ରେଳ ଷ୍ଟେଶନରେ ଟିକେଟ ଯାଞ୍ଚ ସମୟରେ ଡିଆରଏମ୍, ଖୋର୍ଦ୍ଧାରୋଡ଼ ଏଚ୍.ଏସ୍. ବାଜବା, ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନୀଲ କୁମାର ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧିକୃତ ଯାତ୍ରୀଙ୍କୁ କୌଣସି ଅସୁବିଧା ନ କରି ଟିକେଟ ଯାଞ୍ଚ କରିବାକୁ ସେ ଟିକେଟ ଯାଞ୍ଚ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ସମସ୍ତ ଯାତ୍ରୀଙ୍କୁ ଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ଉପଯୁକ୍ତ ଟିକେଟ୍/ପ୍ରାଧିକରଣ ସହିତ ଟ୍ରେନ୍‌ରେ ଯାତ୍ରା କରିବାକୁ ଅନୁରୋଧ କରିଥିଲେ।

# ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେଉ

ଭୁବନେଶ୍ୱର, ୨୧।୮ (ଅସମାପିକା ସାହୁ)

**ଆଜିଠୁ କଲେଜ, ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବ ଏବିଭିପି**

ରାଜ୍ୟ ସରକାର ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରିବେ ନାହିଁ ବୋଲି ସ୍ପଷ୍ଟ କରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଶିକ୍ଷା କ୍ୟାଲେଣ୍ଡରରେ ସରକାର ଛାତ୍ର ସଂସଦ ନିର୍ବାଚନକୁ ସାମିଲ କରି ଏବର୍ଷ ନିର୍ବାଚନ କରିବା ପାଇଁ ଏବିଭିପି ଦାବି କରିଛି। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଗୁରୁବାରଠାରୁ ଏବିଭିପି ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ଓ ଦାବି ପ୍ରଦର୍ଶନ କରାଯିବ ବୋଲି ଏବିଭିପି ପ୍ରାନ୍ତ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି, ନେତୃତ୍ୱ ବିକାଶର ଅନ୍ତୁଡ଼ିଶାଳ ଛାତ୍ରସଂସଦ ନିର୍ବାଚନର ଆବଶ୍ୟକତା ରହିଛି। ପୂର୍ବ ସରକାର ଛାତ୍ରନେତାଙ୍କ ଭ୍ରୁଣହତ୍ୟା କରିବା ପାଇଁ ନିର୍ବାଚନ ବନ୍ଦ କରି ଏକଚ୍ଛତ୍ରବାଦ ଶାସନ ଚଳାଇଥିଲେ। କିନ୍ତୁ ଆଜି ରାଜ୍ୟରେ ସରକାର ପରିବର୍ତ୍ତିତ ହୋଇଛି। ଛାତ୍ରସଂସଦ ନିର୍ବାଚନ ହେବାଦ୍ୱାରା କଲେଜର ସାଧାରଣ ସମସ୍ୟା ସାମ୍ନାକୁ ଆସେ ଏବଂ ତା'ର ସମାଧାନ ହୁଏ। ଚଳିତବର୍ଷ ଛାତ୍ରୀଛାତ୍ର ଉତ୍ସାହିତ ଅଛନ୍ତି ଯେ, ନିର୍ବାଚନ ହେଉ ଓ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସେମାନେ ଲାଭ କରନ୍ତୁ। ଆମେ ୬ ବର୍ଷ ଧରି ଏହି ବିଷୟରେ ଦାବିକରି ଆସିଛୁ, କୋର୍ଟକୁ ମଧ୍ୟ ଯାଇଛୁ। ରାଜ୍ୟ ସରକାର ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବା ସହ ନିର୍ବାଚନ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ବଡ଼ଗଡ଼ ଶ୍ରୀଗଣେଶ ମହୋତ୍ସବ ପାଇଁ ଶ୍ରୀଲିଙ୍ଗରାଜଙ୍କଠାରୁ ଆସିଲା ଆଜ୍ଞାମାଳ



ପୁରୁଣା ଭୁବନେଶ୍ୱର,୨୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଅଗ୍ରପୂଜ୍ୟ ଶ୍ରୀଗଣପତିଙ୍କ ପୂଜା ଆରାଧନାର ସମୟ ପାଖେଇ ଆସିଲାଣି। ରାଜଧାନୀର ସର୍ବ ଜନ ବିଦିତ ବଡ଼ଗଡ଼ ଗ୍ରାମର ଶ୍ରୀଗଣେଶ ମହୋତ୍ସବର ପ୍ରାରମ୍ଭିକ ଆୟୋଜନ ପାଇଁ ଗ୍ରାମବାସୀଙ୍କ ସମେତ ବ୍ରାଇଟ୍ ଷ୍ଟାର ୟୁଥ୍ କ୍ଲବ କର୍ମକର୍ତ୍ତା ତତ୍ପର ହୋଇ ଉଠିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ସମସ୍ତେ ଶ୍ରୀଲିଙ୍ଗରାଜ ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜକଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ଓ ନୈବେଦ୍ୟ ନିବେଦନ କରି ସକଳ ଦେବତାଙ୍କୁ ନିମନ୍ତ୍ରଣ କରି ପ୍ରଭୁ ଲିଙ୍ଗରାଜଙ୍କ ଆଜ୍ଞାମାଳ ଆଣିଥିଲେ। ପରେ ବଡ଼ଗଡ଼ ଶ୍ରୀଗଣେଶ ମହୋତ୍ସବ ମଣ୍ଡପରେ ତ୍ରିଶୂଳିଆରୁ ଅଣାଯାଇଥିବା ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପବିତ୍ର ମାଟିରେ କୋଲକାତା ଓ ଜଟଣୀରୁ ଆସିଥିବା ୨୭ ଜଣ ମୂର୍ତ୍ତୀ ଶିଳ୍ପୀ ୫୭ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀଗଣେଶ ପ୍ରତିମା ନିର୍ମାଣ କରିବେ। ଏହି କାର୍ଯ୍ୟକ୍ରମ ବଡ଼ଗଡ଼ ଶ୍ରୀଗଣେଶ ମହୋତ୍ସବ କମିଟିର ସଭାପତି ସଂଗ୍ରାମ ମାର୍ଥା ଓ ବ୍ରାଇଟ୍ ଷ୍ଟାର୍ ୟୁଥ୍ କ୍ଲବର ଉତ୍ସାହି ସହଯୋଗୀମାନେ ସକ୍ରିୟ ଭୂମିକା ନିଭାଇଥିଲେ।

# ଓଡ଼ିଆ ସାହିତ୍ୟର କ୍ରମବିକାଶରେ ପଣ୍ଡିତ ଗୋପୀନାଥ, ପଦ୍ମଶ୍ରୀ ସତ୍ୟନାରାୟଣଙ୍କ ଅବଦାନ ରହିଥିଲା



ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଓ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଓ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସାହିତ୍ୟିକ ନୀଳାଦ୍ରି ଭୂଷଣ ହରିଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଲେ, ଭାଷାତତ୍ତ୍ୱବିତ୍ ଓ ଗବେଷକ ପଣ୍ଡିତ ଗୋପୀନାଥଙ୍କ ଓଡ଼ିଆ ଭାଷାର ଇତିହାସରେ ଉଲ୍ଲେଖନୀୟ ଅବଦାନ ରହିଛି। ଏଥିସହ ସେ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ କାଳଜୟୀ ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରଫେସର ନାରାୟଣ ସାହୁ କହିଲେ, ଓଡ଼ିଆ ସାହିତ୍ୟର କ୍ରମବିକାଶରେ ପଣ୍ଡିତ ଗୋପୀନାଥ ଓ ପଦ୍ମଶ୍ରୀ ରାଜଗୁରୁଙ୍କ ଅବଦାନ ରହିଥିଲା। ସେମାନେ ଓଡ଼ିଶାରେ ଭାଷା ଓ ସାହିତ୍ୟର କୋଣାର୍କ ଗଢ଼ିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ପ୍ରେମାନନ୍ଦ ମହାପାତ୍ର ସମସାମୟିକ ଯୁବପିଢ଼ି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମର୍ପିତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ପ୍ରକଳ୍ପ ପରାମର୍ଶଦାତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ତଥା ଧ୍ୱନି ବିଜ୍ଞାନରେ ଉଭୟ ଗୋପୀନାଥ ଓ ରାଜଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଡ. ଜ୍ଞାନ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବ୍ୟବହାରିକ କଳା ବିଭାଗ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ସ୍ୱପ୍ନ' ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ସମ୍ଭୁରୁ ଶୋଭରା, ଡ. ଧୀରଜ କୁମାର ମହାପାତ୍ର, ଡ. ନୀଳାଦ୍ରି କଲ୍ୟାଣ ଦାସ, ଡ. ସସ୍ମିତା କାମିଲା ଓ ମୋନାଲିସା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ନର୍ସିଂ କର୍ମଚାରୀ ସଂଘର କଳାବ୍ୟାଜ୍ ପିନ୍ଧି ଧାରଣା

**୧୦ ଦଫା ଦାବି ନେଇ ଆନ୍ଦୋଳନ**

ଖୋର୍ଦ୍ଧା,୨୧।୮ (ପ୍ରଭାତ ପାଣିଗ୍ରାହୀ)

ନିଖିଳ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ (ଓନା) ପକ୍ଷରୁ ୧୦ଦଫା ଦାବି ନେଇ ବୁଧବାରଠାରୁ ସପ୍ତାହ ବ୍ୟାପୀ ଧାରଣା ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନର୍ସମାନେ କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ପୂର୍ବାହ୍ନରେ ନର୍ସିଂ ସଂଘ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିଲେ। ୨୦୧୩ ନଭେମ୍ବର ୧୧ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କୁ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଓ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ। ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ଦିଆଯାଉ। ସହକାରୀ ନର୍ସିଂ ଅଧୀକ୍ଷକ ପଦବୀରେ ପଦୋନ୍ନତି ପାଇଁ ଆବଶ୍ୟକ ଥିବା ସ୍ଥିରୀକୃତ ଅବଧିକୁ କମ୍ କରି ୧୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ବରିଷ୍ଠ ନର୍ସିଂ ଅଫିସରମାନଙ୍କର ଏକ ସମୟରେ ଦୁଇଟି ପଦୋନ୍ନତି ଦିଆଯାଉ ବୋଲି ଦାବି କରାଯାଇଛି। ଏଥିସହ ଅନ୍ୟାନ୍ୟ ଦାବି ରହିଛି। ଜିଲା ସଂଘ ସଭାନେତ୍ରୀ ପ୍ରତିମା ରାଉତ ଓସମ୍ପାଦକ ସାଧନା ଗୁମାନସିଂଙ୍କ ନେତୃତ୍ୱରେ ଉପସଭାନେତ୍ରୀ ମଞ୍ଜୁଲତା ବେହେରା, ଯୁଗ୍ମସମ୍ପାଦକ ଅନିତା ସାହୁ, କୋଷାଧ୍ୟକ୍ଷ ଭାରତୀ ସାହୁ, ସ୍ୱପ୍ନାମଞ୍ଜରୀ ପ୍ରଧାନ, ସୁଲୋଚନା ନାୟକ, ସ୍ମିତାରାଣୀ ପୃଷ୍ଟି, ଅଞ୍ଜଳି ବରାଳ, ସୁମିତ୍ରା ଦାସ, ସଂଯୁକ୍ତା ମହାରଣା, କାଶ୍ୟପ୍ରଭା ବେହେରା ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ପଦ୍ମକେଶରୀପୁର ଗୋଷ୍ଠୀ ସଂଘର୍ଷ ଘଟଣା: ଭଉଣୀଭାଇଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୧।୮ (ସୂର୍ଯ୍ୟକାନ୍ତ ବେହେରା)

ସୁଧ କାରବାରକୁ ନେଇ ଭୁବନେଶ୍ୱର ପଦ୍ମକେଶରୀପୁରରେ ସଂଗଠିତ ଗୋଷ୍ଠୀ ସଂଘର୍ଷ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ କିଛି ଦିନର ବ୍ୟବଧାନ ପରେ ଭଉଣୀଭାଇଙ୍କ ସମେତ ପୁଣି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତଳସାହିର ମୁଖ୍ୟ ଅଭିଯୁକ୍ତ ସୌଦାମିନୀ ଦାସ ଓ ତାଙ୍କ ଭାଇ ସୁରଥ ଦାସ ଏବଂ ଅନ୍ୟ ଜଣେ ହେଲେ କାବେରୀ ଦାସ। ମଞ୍ଚେଶ୍ୱର ଥାନାରେ ରୁଜୁ ହୋଇଥିବା ୩ଟି ମାମଲାରେ ମଧ୍ୟ ଏହି ୩ ଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଏହି ଘଟଣାରେ ସୌଦାମିନୀଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ସୂଚନାନୁସାରେ ଗତ ଜୁଲାଇ ୬ ତାରିଖ ରାତି ସାଢେ ୧୦ ଟାରେ ସୌଦାମିନୀ, କାବେରୀ ଏବଂ ସୁରଥ କିଛି ସହଯୋଗୀଙ୍କ ଜରିଆରେ ସୁଧ ଟଙ୍କା ମାଗିବାକୁ ବିପକ୍ଷ ଗୋଷ୍ଠୀ ପାଖକୁ ଯାଇଥିଲେ। ସେଠାରେ ସୁଧ ଟଙ୍କାକୁ ନେଇ ପ୍ରଥମେ ବଚସା ପରେ ମାରପିଟ୍ ହୋଇଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ପଥର ଓ କାଚ ବୋତଲ ମାଡ କରିଥିଲେ, ଯାହାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଏବଂ ୨ ପ୍ଲାଟୁନ ଫୋର୍ସ ପହଞ୍ଚିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଘଟଣାରେ ପୋଲିସ ପରବର୍ତ୍ତୀ ସମୟରେ ୮ଜଣଙ୍କୁ ଗିରଫ କରିଥିଲା।

## 'ବାହୁଡ଼ା ବସନ୍ତରେ ତମେ' ଓ 'ଆସ ଆମେ ଭଲ ପିଲା ହେବା' ଲୋକାର୍ପିତ

ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଶିଳାଶ୍ରୀ ପବ୍ଲିକେଶନ ପକ୍ଷରୁ ବୁଧବାର ବୁଦ୍ଧମନ୍ଦିରଠାରେ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ପ୍ରେମ ପ୍ରଣୟର କବିତା ସଂକଳନ 'ବାହୁଡ଼ା ବସନ୍ତରେ ତମେ' ଓ ଶିଶୁ କିଶୋର ଗପ ସଂକଳନ 'ଆସ ଆମେ ଭଲ ପିଲା ହେବା' ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ କବି ତଥା ନାଟ୍ୟକାର ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ କବି ରାଧାଶ୍ୟାମ ପାତ୍ର ଓ ଲେଖିକା ତଥା ସମ୍ପାଦିକା ବାସନ୍ତୀ ଦାସ ଉପସ୍ଥିତ ଥିଲେ। ଲେଖିକା ରାଜଲକ୍ଷ୍ମୀ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ବର୍ଷା ଓ ପ୍ରେମ ଶୀର୍ଷକରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଗୀତାଞ୍ଜଳି ମହାପାତ୍ର ଏବଂ ସଂଯୋଜନା କରିଥିଲେ ଅଧ୍ୟାପିକା ରଜନୀ ରଣସିଂହ ଓ ସରୋଜିନୀ ମିଶ୍ର। ଇଂ. ପୂଜା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏଏସ୍‌ବିଏମ୍‌ରେ ସେଣ୍ଟର ଅଫ୍ ଥିଏଟର ଫର୍ ମ୍ୟାନେଜମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୮ (ଅନୁରାଧା ମହାରଣା)





ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ଅଭିନୟ : ଜ୍ଞାନ ଓ ପ୍ରତିଫଳନ' ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ବଲିଉଡ୍ ଅଭିନେତା ପଦ୍ମଶ୍ରୀ ଡ. ମୋହନ ଆଗ୍‌ସେ ଏବଂ ଅଭିନେତା ତଥା ନିର୍ଦ୍ଦେଶକ ଏମ୍‌କେ ରାଇନା ଯୋଗଦେଇ ଏଏସ୍‌ବିଏମ୍ ସେଣ୍ଟର ଅଫ୍ ଥିଏଟର ଫର୍ ମ୍ୟାନେଜମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ଆଗ୍‌ସେ କହିଲେ, ଶିକ୍ଷା ଓ ମ୍ୟାନେଜମେଣ୍ଟ ଶିକ୍ଷା ବୋଧଶକ୍ତି ଉପରେ ପର୍ଯ୍ୟବସିତ। ନାଟକ ଦ୍ୱାରା ବୋଧଶକ୍ତି ସହ ଆବେଗର ମିଶ୍ରଣ ହୋଇ ମ୍ୟାନେଜମେଣ୍ଟ ଶିକ୍ଷା ଅଧିକ ଫଳପ୍ରଦ ହୋଇପାରିବ। ରାଇନା କହିଲେ, ଏହି ପଦକ୍ଷେପ ସମ୍ପ୍ରତି ଭର୍ଟିକାଲ ଶିକ୍ଷାକୁ ସାମଗ୍ରିକ ଶିକ୍ଷାରେ ପରିବର୍ତ୍ତନ କରିବ। କୁଳାଧିକ୍ଷ ପ୍ରଫେସର ପଟ୍ଟନାୟକ ସମାବେଶକୁ ସମ୍ବୋଧିତ କରି କହିଲେ, ୨୦୦୦ରୁ ସେ ଭାରତରେ ପ୍ରଥମଥର ପାଇଁ ଲଗାନ ଭଳି ଏକ ବ୍ୟବସାୟିକ ସିନେମାର ପ୍ରୟୋଗ ମ୍ୟାନେଜମେଣ୍ଟ ଶିକ୍ଷାରେ କରିଥିଲେ। ସେବେଠାରୁ ମ୍ୟାନେଜମେଣ୍ଟ ଶିକ୍ଷାରେ ସିନେମାର ବହୁଳ ପ୍ରଚଳନ ହୋଇଆସିଛି। ଏବେ ଉଦ୍‌ଘାଟିତ ହୋଇଥିବା ଏହି ନୂତନ କେନ୍ଦ୍ର ଦ୍ୱାରା ବିଶ୍ୱବିଦ୍ୟାଳୟରେ ନାଟକକୁ ବ୍ୟବହାର କରି ମ୍ୟାନେଜେଣ୍ଟ ଶିକ୍ଷା ଦିଆଯିବ।

ସମ୍ମିଳନୀରେ ଧଉଳି ରିଭ୍ୟୁ ଟ୍ରଷ୍ଟର ମନୁ ଦାଶ ସ୍ୱାଗତ ଭାଷଣ ଦେଇବାବେଳେ ଡ. ସ୍ୱାଗତ ପଟେଲ ଓ ଡ. ଏମିଲି ପାଣ୍ଡେ ସଂଯୋଜନା କରିଥିଲେ। ସମ୍ମିଳନୀର ଦୁଇଟି କର୍ମଶାଳାରେ ସିନେମାଟୋଗ୍ରାଫର ଉଦୟନ ବାଜପେୟୀ, ପ୍ରଫେସର ଅଭିଲାଷ ପିଲାଇ, ଡ. ରାଜୀବ ନାଇକ, ପ୍ରଫେସର ସତ୍ୟବ୍ରତ ରାଉତ, ସମଞ୍ଜସ ଦାସ, ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରଦୋଷ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପକୁଳାଧିକ୍ଷ ପ୍ରଫେସର କଲ୍ୟାଣ ଶଙ୍କର ରାୟ, କୁଳପତି ପ୍ରଫେସର ରଞ୍ଜନ ବଳ, ଉପ କୁଳପତି ପ୍ରଫେସର ଫଲ୍‌ଗୁ ନିରଞ୍ଜନା ଓ ପ୍ରମୁଖ ନିର୍ଦ୍ଦେଶିକା ପ୍ରଫେସର ସ୍ମାରକୀ ପଟ୍ଟନାୟକ ଉପସ୍ଥିତ ଥିଲେ।

## ରାସ୍ତା ପାର୍ଶ୍ୱରେ ଚାରା ରୋପଣ

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ସେଣ୍ଟର ଫର୍ ସୋସିଆଲ ସର୍ଭିସ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଓଡ଼ିଶା ପକ୍ଷରୁ ପୋଖରୀପୁଟ ଛକଠାରୁ ଖଣ୍ଡଗିରି ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୩ଶହରୁ ଅଧିକ ଚାରା ରୋପଣ କରାଯାଇଛି। ପରିବେଶ ସୁରକ୍ଷା ଏକ ବଡ ପ୍ରସଙ୍ଗ ଭାବେ ଉଭା ହୋଇଥିବାବେଳେ ଏହାକୁ ରୋକିବା ପାଇଁ ବ୍ୟାପକ ଚାରା ରୋପଣ ନିହାତି ଆବଶ୍ୟକ ବୋଲି ଅନୁଷ୍ଠାନର ଓଡ଼ିଶା ମୁଖ୍ୟ ସ୍ମୃତିରଞ୍ଜନ ସିଂ କହିଛନ୍ତି। ଭୁବନେଶ୍ୱରକୁ ସବୁଜ ଓ ସୁନ୍ଦର କରିବା, ବିଶ୍ୱ ତାପମାତ୍ରା ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବାକୁ ସଂଗଠନ ଦୀର୍ଘବର୍ଷ ଧରି ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି। ରୋଟାରୀ ନୀଳାଦ୍ରିର ସଭାପତି ବାସୁଦେବ ଭଞ୍ଜ, ଡ. ସତ୍ୟଜିତ୍ ରାୟ, ସୁବାସ ବେଉରା, ଆଲୋକ ସାହୁ, ବିକାଶ ମହାରଣା ଚାରା ରୋପଣ କରିଥିଲେ।

## ପ୍ରତିଟି ସାମାଜିକ କାର୍ଯ୍ୟରେ ବରିଷ୍ଠ ନାଗରିକଙ୍କ ପରାମର୍ଶ ଜରୁରୀ



ଭୁବନେଶ୍ୱର,୨୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ୱି ଫର୍ ଭୁବନେଶ୍ୱର ପକ୍ଷରୁ ବୁଧବାର ମଧୁସୂଦନ ନଗରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ମଧୁସୂଦନ ନଗରର ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିଟି ସାମାଜିକ ବା ବିକାଶ କାର୍ଯ୍ୟରେ ସେମାନଙ୍କ ସୁଚିନ୍ତିତ ପରାମର୍ଶ ନେବା ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ନରେନ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଦତ୍ତ ଦାସ, ଅମରେଶ ଜେନା, ଶିବ ସୁଆର, ଅବନିକାନ୍ତ ପତି, ନନ୍ଦଦୁଆର ଦାସ ମହାପାତ୍ର, ନଳିନୀ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିବେକାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପ୍ରତିଶୋଧ ପାଇଁ କରାଯାଇଥିଲା ହତ୍ୟା'

**ଖଜା ବ୍ୟବସାୟୀ ହରିହର ସାହୁ ହତ୍ୟା ଘଟଣା**

- ୭ ନାବାଳକଙ୍କ ସମେତ ୯ ଧରାପଡ଼ିଲେ, ୨ ଫେରାର
- ଖଣ୍ଡା, ଭୁଜାଲି ଓ ୨ କଟୁରି ଜବତ

ପୁରୀ,୨୧।୮ (ଅଜିତ୍ କୁମାର ମହାନ୍ତି)





ଖବରଦାତା ସମ୍ମିଳନୀରେ ଏସ୍‌ପି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍ ଅଞ୍ଚଳରେ ଗତ ୧୯ ତାରିଖରେ ଘଟିଥିବା ଖଜା ବ୍ୟବସାୟୀ ହରିହର ସାହୁଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ହତ୍ୟାକାଣ୍ଡରେ ୧୧ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ୯ ଜଣଙ୍କୁ ପୋଲିସ ଧରିଛି। ଦୁଇଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଧରାପଡ଼ିଥିବା ୯ଜଣଙ୍କ ମଧ୍ୟରେ ବାପ,ପୁଅଙ୍କ ସମେତ ୭ ନାବାଳକ ରହିଛନ୍ତି। ଦୀନେଶ ଖୁଣ୍ଟିଆ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ହରିହରଙ୍କୁ ହତ୍ୟା କରାଯାଇଥିଲା ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି।

ଏସ୍‌ପି ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଗତ ୧୯ ତାରିଖ ସନ୍ଧ୍ୟାରେ ଟାଉନ ଥାନା ଅନ୍ତର୍ଗତ ରାଧାଗୋବିନ୍ଦ ଲେନ୍‌ଠାରେ ହରିହରଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପୋଲିସ ଖବର ପାଇ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ୯ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ରାଧାଗୋବିନ୍ଦ ଲେନ୍‌ର ବିଜୟ ଖୁଣ୍ଟିଆ ଓ ତାଙ୍କ ପୁଅ ରାକେଶ କୁମାର ଖୁଣ୍ଟିଆଙ୍କ ସମେତ ୭ ନାବାଳକ। ଏହି ନାବାଳକମାନଙ୍କ ବୟସ ୧୫ରୁ ୧୭ବର୍ଷ ଭିତରେ ହେବ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି କଟୁରୀ ଏବଂ ଗୋଟିଏ ଭୁଜାଲି ଜବତ ହୋଇଛି। ହତ୍ୟାକାଣ୍ଡର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତିଶୋଧ। ଖଜା ବ୍ୟବସାୟ ଓ ପୁରୁଣା ବିବାଦକୁ ନେଇ ଗତ ୮ତାରିଖରେ ବିଜୟ ଖୁଣ୍ଟିଆଙ୍କ ନାବାଳକ ପୁଅ ଦିନେଶ ଖୁଣ୍ଟିଆଙ୍କୁ ହରିହର ସାହୁଙ୍କ ପୁଅ ପ୍ରଦୀପ ସାହୁ ଓ ତାଙ୍କ ସହଯୋଗୀମାନେ ଅତିନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ପ୍ରଦୀପଙ୍କ ସହ ଅନ୍ୟ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉକ୍ତ ଘଟଣାକୁ କେନ୍ଦ୍ରକରି ମୃତ ଦିନେଶଙ୍କ ବଡ଼ଭାଇ ରାକେଶ ଖୁଣ୍ଟିଆ ଓ ବାପା ବିଜୟ ଖୁଣ୍ଟିଆ ପ୍ରତିଶୋଧ ପରାୟଣ ହୋଇ ଗତ ୧୯ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ପ୍ରଦୀପ ସାହୁଙ୍କ ବାପା ହରିହର ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡରେ ଦିନେଶଙ୍କୁ ସମର୍ଥନ କରୁଥିବା କେତେଜଣ ନାବାଳକଙ୍କୁ ନିୟୋଜିତ କରିଥିଲେ। ତେବେ ଘଟଣାରେ ଆଉ ୨ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରାଯିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ। ସେହିପରି ମାରଣାସ୍ତ୍ର ଯୋଗାଇଥିବା ଦୁଇ ନାବାଳକ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ଆପରାଧିକ ମାମଲା ରହିଛି। ମୃତକ ହରିହର ମଧ୍ୟ ଆପରାଧିକ ମାମଲାରେ ଜଡ଼ିତ ଥିଲେ। ଏହି ଘଟଣାରେ ଧରାପଡ଼ିଥିବା ୮୦ ଭାଗ ଅଭିଯୁକ୍ତ ନାବାଳକ। ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ନାବାଳକମାନେ ଅପରାଧରୁ କିଭଳି ନିବୃତ୍ତ ରହିବେ ସେ ନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ପୁରୀ ସହରରେ ଥିବା ସବୁଥାନାକୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଅପରାଧ ମାମଲା ଥିବା ନାବାଳକଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ସେମାନଙ୍କୁ କାଉନସେଲିଂ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।

**ସଂକ୍ଷେପରେ**

## ପଦ୍ମକେଶରୀପୁର ଗୋଷ୍ଠୀ ସଂଘର୍ଷ ଘଟଣା: ଭଉଣୀଭାଇଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୧।୮(ସୂର୍ଯ୍ୟକାନ୍ତ ବେହେରା): ସୁଧ କାରବାରକୁ ନେଇ ଭୁବନେଶ୍ୱର ପଦ୍ମକେଶରୀପୁରରେ ସଂଗଠିତ ଗୋଷ୍ଠୀ ସଂଘର୍ଷ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ କିଛି ଦିନର ବ୍ୟବଧାନ ପରେ ଭଉଣୀଭାଇଙ୍କ ସମେତ ପୁଣି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡଳସାହିର ମୁଖ୍ୟ ଅଭିଯୁକ୍ତ ସୌଦାମିନୀ ଦାସ ଓ ତାଙ୍କ ଭାଇ ସୁରଥ ଦାସ ଏବଂ ଅନ୍ୟ ଜଣେ ହେଲେ କାବେରୀ ଦାସ। ମଞ୍ଚେଶ୍ୱର ଥାନାରେ ରୁଜୁ ହୋଇଥିବା ୩ଟି ମାମଲାରେ ମଧ ଏହି ୩ ଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଏହି ଘଟଣାରେ ସୌଦାମିନୀଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

ସୂଚନାନୁସାରେ ଗତ ଜୁଲାଇ ୬ ତାରିଖ ରାତି ସାଢେ ୧୦ ଟାରେ ସୌଦାମିନୀ, କାବେରୀ ଏବଂ ସୁରଥ କିଛି ସହଯୋଗୀଙ୍କ ଜରିଆରେ ସୁଧ ଟଙ୍କା ମାଗିବାକୁ ବିପକ୍ଷ ଗୋଷ୍ଠୀ ପାଖକୁ ଯାଇଥିଲେ। ସେଠାରେ ସୁଧ ଟଙ୍କାକୁ ନେଇ ପ୍ରଥମେ ବଚସା ପରେ ମାରପିଟ୍ ହୋଇଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ପଥର ଓ କାଚ ବୋତଲ ମାଡ କରିଥିଲେ, ଯାହାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଏବଂ ୨ ପ୍ଲାଟୁନ ଫୋର୍ସ ପହଞ୍ଚିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଘଟଣାରେ ପୋଲିସ ପରବର୍ତ୍ତୀ ସମୟରେ ୮ଜଣଙ୍କୁ ଗିରଫ କରିଥିଲା।

## ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ନିଆରା ଢଙ୍ଗରେ ଜନ୍ମ ଦିବସ ପାଳିତ

କଳାପଥର,୨୧।୮(ଗଙ୍ଗାଧର ସାହୁ)

ଡମପଡା ବ୍ଲକ ଅଧୀନ ତୁଳସୀପୁର ଗ୍ରାମରେ ବାଙ୍କୀ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ତୁଳସୀପୁର ଗ୍ରାମର ଧନଞ୍ଜୟ ମହାପାତ୍ର ଓ ଚନ୍ଦ୍ରକାନ୍ତି ମହାପାତ୍ରଙ୍କ ପୁତ୍ର ତତ୍ତ୍ୱମସୀ ଭାରତୀଙ୍କ ୨୧ତମ ଜନ୍ମ ଦିବସ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଆର୍ଯ୍ୟ ସମାଜ ନୀତି ଅନୁସାରେ ବେଦପାଠ, ମନ୍ତ୍ରଧ୍ୱନି ଓ ପୂଜା ଯଜ୍ଞ କରାଯାଇଥିଲା। ଚନ୍ଦ୍ରମଣି ମହାପାତ୍ର ପୂଜାପାଠ କରିଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ, ଖୋର୍ଦ୍ଧା ସଭାପତି ଉଦୟନାଥ ସ୍ୱାଇଁ ଯୋଗଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇ ଏପରି ଜନ୍ମ ଦିବସ ତିଥି ପାଳନ କରିବା ଆମ ସନାତନ ସଂସ୍କୃତିର ଏକ ଅନନ୍ୟ ଉଦାହରଣ ବୋଲି କହିଥିଲେ। ଅତିଥି ଭାବେ ଡମପ ବ୍ଲକର ପୂର୍ବତନ ସ୍କୁଲ ନୀରକ୍ଷକ ଭୀମସେନ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ମାଗୁଣି ଚରଣ ସାହୁ, ଗୀତିକାର ଅମୂଲ୍ୟ ଚରଣ ଦାସ, ପ୍ରକୃତିବନ୍ଧୁ ପ୍ରସନ୍ନ ସାହୁ, ଯୁବ ସାମାଜିକ କର୍ମୀ ଦୁଷ୍ମନ୍ତ ଛାଟୋଇ, ମୋନାଲିସା ମହାପାତ୍ର ଓ କୃପାସିନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇ ଭାରତୀୟ ସଂସ୍କୃତିରେ ବେଦ ଓ ଯଜ୍ଞ ଉପରେ ଆଲୋକପାତ କରିଥିଲେ। ଧନଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ‘ପ୍ରତିଶୋଧ ପାଇଁ କରାଯାଇଥିଲା ହତ୍ୟା’

ପୁରୀ,୨୧।୮(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ଏସ୍‌ପି ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଖଜା ବ୍ୟବସାୟୀ ହରିହର ସାହୁ ହତ୍ୟା ଘଟଣା**

- ୭ ନାବାଳକଙ୍କ ସମେତ ୯ ଧରାପଡ଼ିଲେ, ୨ ଫେରାର
- ଖଣ୍ଡା, ଭୁଜାଲି ଓ ୨ କଟୁରି ଜବତ



ଜବତ ହୋଇଥିବା ମାରଣାସ୍ତ୍ର।

ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡ଼ଗୋଡ଼ିଆ ସାହି ରାଧାଗୋବିନ୍ଦ ଲେନ୍ ଅଞ୍ଚଳରେ ଗତ ୧୯ ତାରିଖରେ ଘଟିଥିବା ଖଜା ବ୍ୟବସାୟୀ ହରିହର ସାହୁଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ହତ୍ୟାକାଣ୍ଡରେ ୧୧ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ୯ ଜଣଙ୍କୁ ପୋଲିସ ଧରିଛି। ଦୁଇଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଧରାପଡ଼ିଥିବା ୯ଜଣଙ୍କ ମଧ୍ୟରେ ବାପ,ପୁଅଙ୍କ ସମେତ ୭ ନାବାଳକ ରହିଛନ୍ତି। ଦୀନେଶ ଖୁଣ୍ଟିଆ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ ହରିହରଙ୍କୁ ହତ୍ୟା କରାଯାଇଥିଲା ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି।

ଏସ୍‌ପି ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଗତ ୧୯ ତାରିଖ ସନ୍ଧ୍ୟାରେ ଟାଉନ ଥାନା ଅନ୍ତର୍ଗତ ରାଧାଗୋବିନ୍ଦ ଲେନ୍‌ଠାରେ ହରିହରଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପୋଲିସ ଖବର ପାଇ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ୯ଜଣ ଧରାପଡ଼ିଛନ୍ତି। ସେମାନେ ହେଲେ ରାଧାଗୋବିନ୍ଦ ଲେନ୍‌ର ବିଜୟ ଖୁଣ୍ଟିଆ ଓ ତାଙ୍କ ପୁଅ ରାକେଶ କୁମାର ଖୁଣ୍ଟିଆଙ୍କ ସମେତ ୭ ନାବାଳକ। ଏହି ନାବାଳକମାନଙ୍କ ବୟସ ୧୫ରୁ ୧୭ବର୍ଷ ଭିତରେ ହେବ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି କଟୁରୀ ଏବଂ ଗୋଟିଏ ଭୁଜାଲି ଜବତ ହୋଇଛି। ହତ୍ୟାକାଣ୍ଡର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରତିଶୋଧ। ଖଜା ବ୍ୟବସାୟ ଓ ପୁରୁଣା ବିବାଦକୁ ନେଇ ଗତ ୮ତାରିଖରେ ବିଜୟ ଖୁଣ୍ଟିଆଙ୍କ ନାବାଳକ ପୁଅ ଦିନେଶ ଖୁଣ୍ଟିଆଙ୍କୁ ହରିହର ସାହୁଙ୍କ ପୁଅ ପ୍ରଦୀପ ସାହୁ ଓ ତାଙ୍କ ସହଯୋଗୀମାନେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ଏହି ଘଟଣାରେ ପ୍ରଦୀପଙ୍କ ସହ ଅନ୍ୟ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉକ୍ତ ଘଟଣାକୁ କେନ୍ଦ୍ରକରି ମୃତ ଦିନେଶଙ୍କ ବଡ଼ଭାଇ ରାକେଶ ଖୁଣ୍ଟିଆ ଓ ବାପା ବିଜୟ ଖୁଣ୍ଟିଆ ପ୍ରତିଶୋଧ ପରାୟଣ ହୋଇ ଗତ ୧୯ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ପ୍ରଦୀପ ସାହୁଙ୍କ ବାପା ହରିହର ସାହୁଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡରେ ଦିନେଶଙ୍କୁ ସମର୍ଥନ କରୁଥିବା କେତେଜଣ ନାବାଳକଙ୍କୁ ନିୟୋଜିତ କରିଥିଲେ। ତେବେ ଘଟଣାରେ ଆଉ ୨ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରାଯିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଆବଶ୍ୟକ ପଡ଼ିଲେ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ। ସେହିପରି ମାରଣାସ୍ତ୍ର ଯୋଗାଇଥିବା ଦୁଇ ନାବାଳକ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ଆପରାଧିକ ମାମଲା ରହିଛି। ମୃତକ ହରିହର ମଧ ଆପରାଧିକ ମାମଲାରେ ଜଡ଼ିତ ଥିଲେ। ଏହି ଘଟଣାରେ ଧରାପଡ଼ିଥିବା ୮୦ ଭାଗ ଅଭିଯୁକ୍ତ ନାବାଳକ। ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ନାବାଳକମାନେ ଅପରାଧରୁ କିଭଳି ନିବୃତ୍ତ ରହିବେ ସେ ନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ପୁରୀ ସହରରେ ଥିବା ସବୁ ଥାନାକୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଅପରାଧ ମାମଲା ଥିବା ନାବାଳକଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ ସେମାନଙ୍କୁ କାଉନସେଲିଂ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।

# ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେଉ

ଭୁବନେଶ୍ୱର, ୨୧।୮(ଅସମାପିକା ସାହୁ)

**ଆଜିଠୁ କଲେଜ, ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବ ଏବିଭିପି**

ରାଜ୍ୟ ସରକାର ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରିବେ ନାହିଁ ବୋଲି ସ୍ପଷ୍ଟ କରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଶିକ୍ଷା କ୍ୟାଲେଣ୍ଡରରେ ସରକାର ଛାତ୍ର ସଂସଦ ନିର୍ବାଚନକୁ ସାମିଲ କରି ଏବର୍ଷ ନିର୍ବାଚନ କରିବା ପାଇଁ ଏବିଭିପି ଦାବି କରିଛି। ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଗୁରୁବାରଠାରୁ ଏବିଭିପି ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ଓ ଦାବି ପ୍ରଦର୍ଶନ କରାଯିବ ବୋଲି ଏବିଭିପି ପ୍ରାନ୍ତ କାର୍ଯ୍ୟାଳୟ ସମ୍ପାଦକ ବୃନ୍ଦାବନ ପ୍ରଧାନ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି, ନେତୃତ୍ୱ ବିକାଶର ଅନ୍ତୁଡ଼ିଶାଳ ଛାତ୍ରସଂସଦ ନିର୍ବାଚନର ଆବଶ୍ୟକତା ରହିଛି। ପୂର୍ବ ସରକାର ଛାତ୍ରନେତାଙ୍କ ଭ୍ରୁଣହତ୍ୟା କରିବା ପାଇଁ ନିର୍ବାଚନ ବନ୍ଦ କରି ଏକଚ୍ଛତ୍ରବାଦ ଶାସନ ଚଳାଇଥିଲେ। କିନ୍ତୁ ଆଜି ରାଜ୍ୟରେ ସରକାର ପରିବର୍ତ୍ତିତ ହୋଇଛି। ଛାତ୍ରସଂସଦ ନିର୍ବାଚନ ହେବାଦ୍ୱାରା କଲେଜର ସାଧାରଣ ସମସ୍ୟା ସାମ୍ନାକୁ ଆସେ ଏବଂ ତା'ର ସମାଧାନ ହୁଏ। ଚଳିତବର୍ଷ ଛାତ୍ରୀଛାତ୍ର ଉତ୍ସାହିତ ଅଛନ୍ତି ଯେ, ନିର୍ବାଚନ ହେଉ ଓ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସେମାନେ ଲାଭ କରନ୍ତୁ। ଆମେ ୬ ବର୍ଷ ଧରି ଏହି ବିଷୟରେ ଦାବିକରି ଆସିଛୁ, କୋର୍ଟକୁ ମଧ ଯାଇଛୁ। ରାଜ୍ୟ ସରକାର ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ କ୍ୟାଲେଣ୍ଡରରେ ଯୋଡ଼ିବା ସହ ନିର୍ବାଚନ କରନ୍ତୁ ବୋଲି ସେ ଦାବି କରିଛନ୍ତି।



କଟକ ବାଦାମବାଡି ପାଲାମଣ୍ଡପସ୍ଥିତ ତାରିଣୀ ମନ୍ଦିରକୁ ରାସ୍ତାପାର୍ଶ୍ୱରୁ ବୁଧବାର ସିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଉଛି।

# ଆଦିମ ଯୁଗରୁ ହୋଇଛି ସଂସ୍କୃତ ଭାଷାର ପ୍ରଚଳନ

**ମାଣିଆବନ୍ଧ ମହାବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ**

ବଡ଼ମ୍ବା ୨୧।୮ ( ମାୟାଧର ମଲ୍ଲିକ)



କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ମାଣିଆବନ୍ଧ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ପରିଡ଼ା ଅଧକ୍ଷତା କରିଥିଲେ। ମାଣିଆବନ୍ଧ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ସୁରେଖା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ସଂସ୍କୃତ ଦିବସର ତାତ୍ପର୍ଯ୍ୟ ଏବଂ ସଂସ୍କୃତ ସାହିତ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧକ୍ଷ ପରିଡ଼ା ଆଦିମ ଯୁଗରୁ ସଂସ୍କୃତ ଭାଷାର ପ୍ରଚଳନ ଏବଂ ପାଶ୍ଚାତ୍ୟ ବେଦ ବିଶାରଦମାନଙ୍କ ସଂସ୍କୃତ ଭାଷାର ପ୍ରଚଳନ ବିଷୟରେ ବିଭାଗୀୟ ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେବା ସହ ଦେବଭାଷା ସଂସ୍କୃତର ପ୍ରଚାରପ୍ରସାର ଦିଗରେ ଭାରତ ସରକାରଙ୍କ ଯୋଜନା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପରିଚାଳନା କରିଥିବା ବେଳେ ଇଂରାଜୀ ବିଭାଗ ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ବେଉରା ଏବଂ ସଂଘମିତ୍ରା ପଣ୍ଡା ସଂସ୍କୃତ ବିଭାଗ ଏବଂ ଭାଷାର ମହତ୍ତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଛାତ୍ରୀ ହରପ୍ରିୟା ସାହୁ, ଅଙ୍କିତା ପାତ୍ର ଓ ଜ୍ୟୋତିର୍ମୟୀ ରଣା ପ୍ରମୁଖ ଗୁରୁବନ୍ଦନା କରିଥିବା ବେଳେ ବିଭାଗୀୟ ଛାତ୍ରୀଛାତ୍ର ସଂସ୍କୃତ ଅଭିଭାଷଣ ଏବଂ ଶ୍ଲୋକ ଆବୃତ୍ତି କରିଥିଲେ। ଏହି ଅବସରରେ ଚଳିତବର୍ଷସଂସ୍କୃତ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ସସ୍ମିତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭାଗୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜନସେବା କେନ୍ଦ୍ର ଅଧିକାରୀଙ୍କ ଏକାଦଶାହରେ ସ୍ମୃତିସଭା

କଳାପଥର,୨୧।୮(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ବଘେଇ ଜନସେବାକେନ୍ଦ୍ର ଅଧିକାରୀ ତଥା ଖଳିପଲ୍ଲୀ ଗ୍ରାମର ସ୍ୱର୍ଗତ ପବିତ୍ର ପରିଡ଼ାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତାଙ୍କ ନିଜ ବାସଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ଜିଲା ଏସ୍.ବି.ଆଇ. ସି.ଏସ୍.ପି ୟୁନିୟନର ସଭାପତି ପ୍ରମୋଦ ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଜନହିତକର କାର୍ଯ୍ୟାବଳୀ ଉପରେ ବର୍ଣ୍ଣନା କରିଥିଲେ। ସଂଘ ପକ୍ଷରୁ ସ୍ୱର୍ଗତ ପରିଡ଼ାଙ୍କ ସ୍ତ୍ରୀ କୁନିଲତା ପରିଡ଼ାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ସି.ଏସ୍.ପି ସଂଘ ସମ୍ପାଦକ ଅନୁପ କୁମାର ମଲ୍ଲ, କୋଷାଧକ୍ଷ ଅୟଶକାନ୍ତ ସାହୁ, ଉପସଭାପତି ହରପ୍ରସାଦ ଶତପଥୀ, ବଳଦେବ ସ୍ୱାଇଁ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ଜନସେବା ଓ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ପରିଡ଼ାଙ୍କ ସାନଭାଇ ରବୀନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ସାହିତ୍ୟର କ୍ରମବିକାଶରେ ପଣ୍ଡିତ ଗୋପୀନାଥ, ପଦ୍ମଶ୍ରୀ ସତ୍ୟନାରାୟଣଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୧।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ଭାଷାବିତ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ଓ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସାହିତ୍ୟିକ ନୀଳାଦ୍ରି ଭୂଷଣ ହରିଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଲେ, ଭାଷାତତ୍ତ୍ୱବିତ୍ ଓ ଗବେଷକ ପଣ୍ଡିତ ଗୋପୀନାଥଙ୍କ ଓଡ଼ିଆ ଭାଷାର ଇତିହାସରେ ଉଲ୍ଲେଖନୀୟ ଅବଦାନ ରହିଛି। ଏଥିସହ ସେ ଐତିହାସିକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ କାଳଜୟୀ ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରଫେସର ନାରାୟଣ ସାହୁ କହିଲେ, ଓଡ଼ିଆ ସାହିତ୍ୟର କ୍ରମବିକାଶରେ ପଣ୍ଡିତ ଗୋପୀନାଥ ଓ ପଦ୍ମଶ୍ରୀ ରାଜଗୁରୁଙ୍କ ଅବଦାନ ରହିଥିଲା। ସେମାନେ ଓଡ଼ିଶାରେ ଭାଷା ଓ ସାହିତ୍ୟର କୋଣାର୍କ ଗଢିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ପ୍ରେମାନନ୍ଦ ମହାପାତ୍ର ସମସାମୟିକ ଯୁବପିଢ଼ି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମର୍ପିତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ପ୍ରକଳ୍ପ ପରାମର୍ଶଦାତା ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ତଥା ଧ୍ୱନି ବିଜ୍ଞାନରେ ଉଭୟ ଗୋପୀନାଥ ଓ ରାଜଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଡ. ଜ୍ଞାନ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବ୍ୟବହାରିକ କଳା ବିଭାଗ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ‘ସ୍ୱପ୍ନ’ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ସମ୍ପୁରୁ ଶୋଭରା, ଡ. ଧୀରଜ କୁମାର ମହାପାତ୍ର, ଡ. ନୀଳାଦ୍ରି କଲ୍ୟାଣ ଦାସ, ଡ. ସସ୍ମିତା କାମିଲା ଓ ମୋନାଲିସା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟସ୍ତରୀୟ ସମ୍ମାନ

ସାଲେପୁର,୨୧।୮(ଅରବିନ୍ଦ ଭୂୟାଁ):

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ରଶ୍ମିରଞ୍ଜନ ସାମଲ ଓ ଆରାଧନା ନାୟକଙ୍କୁ ଚଳିତବର୍ଷ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ମହାବିଦ୍ୟାଳୟର ଛାତ୍ର ରଶ୍ମିରଞ୍ଜନ ଓ ଆରାଧନାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

ସୂଚନାଯୋଗ୍ୟ, ଗତବର୍ଷ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କୁ ସେମାନେ କଟକ ବଡ଼ ମେଡିକାଲରେ ରକ୍ତଦାନ ଓ ଅନ୍ୟ ସେବା ଯୋଗାଇଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇ ଏମାନେ ପ୍ରମାଣପତ୍ର ହାସଲ କରିଥିଲେ। ଚଳିତବର୍ଷ ସ୍ୱାଧୀନତା ଦିବସରେ ଲାଲକିଲ୍ଲାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଆରାଧନା ଯୋଗଦେଇଥିଲେ। ଏହି ସଫଳତାରେ ମହାବିଦ୍ୟାଳୟର ଅଧକ୍ଷ ଡ. ସଙ୍ଗୀତା ମିଶ୍ର, ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା, ପ୍ରଶାସନିକ ଅଧିକାରୀ ଡ. ସ୍ୱାତୀ ପଣ୍ଡା, ପ୍ରାଧ୍ୟାପକ ସୁଶାନ୍ତ କୁମାର ଜେନା, ପ୍ରାଧ୍ୟାପକ ଡ. ଅସିତ୍ ପରିଡ଼ା, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ଜୟବର୍ଦ୍ଧନ ଜେନା, ଡ. ସୁଶାନ୍ତ ପାଢ଼ୀ, ଜାତୀୟ ସେବା ଯୋଜନା ଅଧିକାରୀ ଆର୍ଯ୍ୟପୁତ୍ରୀ ସ୍ଥିତିପ୍ରଜ୍ଞା, ହୃଷୀକେଶ ମହାରଣା, ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ପୁରସ୍କୃତ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।




ଭୁବନେଶ୍ୱର ସୂଚନା ଭବନଠାରେ ଅନୁରାଧା ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଏସ୍‌ସି,ଏସ୍‌ଟି ସଂରକ୍ଷଣ ରାୟ୍ ବିରୋଧରେ ଭାରତ ବନ୍ଦ

କଟକ/ଚୌଦ୍ୱାର/ ସାଲେପୁର,୨୧।୮ (କାର୍ତ୍ତିକ ସାହୁ/ଆଶୁତୋଷ ଦାସ/ ଅରବିନ୍ଦ ଭୂୟାଁ)




ଭାରତ ବନ୍ଦ ଡାକରା ପରୀପ୍ରେକ୍ଷୀରେ କଟକ ଜିଲା ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମିତି ପକ୍ଷରୁ ବୁଧବାର ମଧୁପାଟଣା ଛକଠାରେ ରାସ୍ତାରୋକୋ କରାଯାଇଛି।

କଟକ ଜିଲା ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି ବୁଧବାର ଭାରତ ବନ୍ଦ ଡାକରାରେ ସାମିଲ ହୋଇଛି। ସୁପ୍ରିମକୋର୍ଟଙ୍କ ଏସ୍‌ସି,ଏସ୍‌ଟି ସଂରକ୍ଷଣ ଆଦେଶନାମାକୁ ବିରୋଧ କରି ହୋଇଥିବା ଭାରତ ବନ୍ଦ ଡାକରାରେ ଜଏଣ୍ଟ ଆକ୍ସନ କମିଟିର ସମସ୍ୟମାନେ ଏକତ୍ରିତ ଭାବେ ରାସ୍ତାରୋକ କରିଥିଲେ। ଏଥିରେ ଜିଲା ସଂଯୋଜକ ଅରବିନ୍ଦ ମଲ୍ଲିକ, ବିରଞ୍ଚି ନାଏକ, ତପନ ସାମଲ, ନୟନା ନାଏକ, ମାଗୁଣି ଚରଣ ନାଏକ, ଅଶୋକ ସାମଲ, ବିଜୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

ତଫସିଲଭୁକ୍ତ ଜାତି ଏବଂ ଜନଜାତି ମଧ୍ୟରେ ଉପବର୍ଗୀକରଣ ତଥା ସଂରକ୍ଷଣ ନେଇ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ବିରୋଧ କରିବା ସହିତ ବିଭିନ୍ନ କ୍ଷେତ୍ରରେ ତଫସିଲଭୁକ୍ତ ଜାତି ଏବଂ ଜନଜାତିଙ୍କ ସଂରକ୍ଷଣ ଦାବିରେ ଦିଆଯାଇଥିବା ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଚୌଦ୍ୱାରରେ ଶାନ୍ତିପୂର୍ଣ୍ଣ ଭାବେ ବୁଧବାର ପାଳନ କରାଯାଇଛି। ଚୌଦ୍ୱାର ପୌରପାଳିକା ଅଧୀନ ୧୯ଟି ୱାର୍ଡର ସଫେଇ କର୍ମଚାରୀ ଗାନ୍ଧୀଛକରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ୍ ଦେଇ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ଏହିଉପଲକ୍ଷେ ଗାନ୍ଧୀଛକଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫେଇ କର୍ମଚାରୀ ସଂଘ ସଭାପତି ରୋହିତ ନାଏକ, ଯୁବ ସଭାପତି ପ୍ରକାଶ ଗୋଚ୍ଛାୟତ, ଉମେଶ ନାଏକ, କୁନା ନାଏକ, କାଳିଆ ନାଏକ, ଲିଟନ ନାଏକ, ପ୍ରଦୀପ ନାଏକ, କୁନା ବେହେରା,ଚୈତନ୍ୟ ନାଏକ, ଟିକନ ଗୋଚ୍ଛାଏତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ସେହିପରି ଡ. ଆମ୍ବେଡକର ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ପରିଷଦ ଭୀମ ଆର୍ମି ଟାଙ୍ଗୀ–ସାଲେପୁର ପକ୍ଷରୁ ଭାରତ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଟାଙ୍ଗୀ–ସାଲେପୁର ସଭାପତି ସଞ୍ଜୟ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆନ୍ଦୋଳନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭୀମ ଆର୍ମିର ଶତାଧିକ ସଦସ୍ୟ କଟକ–ସାଲେପୁର ରାସ୍ତାର ତହସିଲ ଗେଟ୍ ନିକଟରେ ରାସ୍ତାରୋକୋ କରିବା ସହ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତାରୋକୋ ଯୋଗୁ କିଛି ସମୟ ପାଇଁ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଅପରପକ୍ଷରେ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ଆଦି ଖୋଲା ରହିଥିବା ଦେଖିବାକୁ ମିଳିଥିଲା।

# ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ସ୍ମୃତି ସ୍ଥାପନ ହେଉ

ପୁରୀ,୨୧।୮(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସାଂସ୍କୃତିକ ପରମ୍ପରାର ପ୍ରତିଭାଶାଳୀ ଦାର୍ଶନିକ ଥିଲେ ଆଚାର୍ଯ୍ୟ ଦିଗ୍‌ନାଗ୍। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ସେ ଭୋରଶୈଳ ବୁଦ୍ଧ ବିହାରର ପ୍ରତିଷ୍ଠାତା ଓ ଶିକ୍ଷକ ଥିଲେ। ଏହି ନାମରେ ପୁରୀ ଜିଲା ଡେଲାଙ୍ଗ ନିକଟ ପାହାଡ଼ରେ ଏକ ବିଶ୍ୱବିଦ୍ୟାଳୟ ଥିଲା ବୋଲି ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁ ମତ ଦିଅନ୍ତି। ଦୟାନଦୀ କୂଳରେ ୫ଟି ପାହାଡ଼କୁ ନେଇ ଅବସ୍ଥିତ ଥିଲା ଜଗଦଳ ପାହାଡ଼। ଏହି ପାହାଡ଼ର ଗୋଟିଏ ମୁଣ୍ଡିଆ ଅଧୁନା ବିଶ୍ୱନାଥ ମୁଣ୍ଡିଆ ଭାବେ ଦଣ୍ଡାୟମାନ। ଇଂରେଜ ଶାସନ ବେଳେ ଚାରୋଟି ପାହାଡ଼କୁ ନିଲାମଧାରୀମାନେ ଧ୍ୱସ୍ତ କରିଦେଇଥିଲେ। ୩୮୦ରୁ ୪୦୦ ମସିହା ମଧ୍ୟରେ ଆଚାର୍ଯ୍ୟ ଦିଗ୍‌ନାଗ୍ ଭୋରଶୈଳର କୁଳପତି ଥିଲେ। ଏହି ସମୟରେ ସେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିବା ପାଇଁ ନିମନ୍ତ୍ରଣ ପାଇଥିଲେ। ଜଣେ ତର୍କଶାସ୍ତ୍ରୀ ସମେତ ଭାରତରେ ଯୋଗାଚାର୍ଯ୍ୟ ବିଜ୍ଞାନବାଦର ପ୍ରବକ୍ତା ଭାବେ ତାଙ୍କର ପ୍ରସିଦ୍ଧି ଥିଲା। ଭାରତରେ ବୌଦ୍ଧ ନ୍ୟାୟଦର୍ଶନର ଭିତ୍ତିଭୂମି ସେ ପକାଇଥିଲେ। ପ୍ରାୟ ୧୭୦୦ ବର୍ଷ ପରେ ମଧ୍ୟ ତାଙ୍କ ନ୍ୟାୟଦର୍ଶନ ବିଶ୍ୱରେ ଅଧ୍ୟୟନ କରାଯାଉଛି। ସଂଖ୍ୟା ଦର୍ଶନର ପ୍ରବକ୍ତା ଶ୍ରେଷ୍ଠ ଦାର୍ଶନିକ ଆଚାର୍ଯ୍ୟ ଈଶ୍ୱରକୃଷ୍ଣଙ୍କୁ ଶାସ୍ତ୍ରାର୍ଥରେ ସେ ପରାଜିତ କରିଥିଲେ। ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ପରେ ତାଙ୍କ ଶିଷ୍ୟ ଧର୍ମପାଳ ନାଳନ୍ଦାର କୁଳପତି ପଦ ମଣ୍ଡନ କରିଥିଲେ। ପରମଗୁରୁ ରାହୁଲ ନାଳନ୍ଦା ବିଶ୍ୱବିଦ୍ୟାଳୟର ଧର୍ମଣାଧ୍ୟକ୍ଷ (ଆଜିର ସ୍ନାତକୋତର ବିଭାଗ ଅଧ୍ୟକ୍ଷ) ହୋଇଥିଲେ। ଓଡ଼ିଶାର ୧୯ଜଣ ବୌଦ୍ଧ ଦର୍ଶନ ବିଶାରଦ ବିଶ୍ୱରେ ଚର୍ଚ୍ଚିତ ଥିଲେ। ଆଚାର୍ଯ୍ୟ ପିତୋପାଦ କାଳଚକ୍ର ଯାନ ସମ୍ବନ୍ଧରେ ପ୍ରଥମେ ଓଡ଼ିଶାରେ ଗ୍ରନ୍ଥ ରଚନା କରିଥିଲେ। ବୌଦ୍ଧ ଦର୍ଶନର ନ୍ୟାୟବିନ୍ଦୁ, ପ୍ରମାଣ କର୍ତ୍ତକ କାରିକା, ପ୍ରମାଣ ସମୁଚୟ ଗ୍ରନ୍ଥ ଓଡ଼ିଶାରେ ଲେଖାଯାଇଥିଲା। ପ୍ରଥମେ ଓଡ଼ିଆ ବୌଦ୍ଧ ପଣ୍ଡିତ ଆଚାର୍ଯ୍ୟ ପ୍ରାଜ୍ଞ (୭୯୬-୭୯୮) ଚାଇନାକୁ ଯାଇଥିଲେ। ସେ ଗଣ୍ଡବ୍ୟୂହ ଅବତଂସଙ୍କ ଗ୍ରନ୍ଥ ସେଠାରେ ଦେବା ପରେ ତ୍ରିପିଟକର ବ୍ୟାଖ୍ୟା କରି ବୁଝାଇଥିଲେ। ସେ ଥିଲେ ପ୍ରସିଦ୍ଧ ଭାଷାବିଜ୍ଞାନୀ। ବୌଦ୍ଧ ଦର୍ଶନର ପ୍ରାଚୀନ ପରମ୍ପରାର ଭୂମି ଥିଲା ଓଡ଼ିଶା। ଶୀର୍ଷସ୍ତରକୁ ଯାଇଥିଲେ ଆଚାର୍ଯ୍ୟ ଦିଗ୍‌ନାଗ୍। ଏବେ ଭାରତ ସରକାର ନୂତନ ବୌଦ୍ଧିକ କଳେବରରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ କରୁଛନ୍ତି। ଆଚାର୍ଯ୍ୟ ଦିଗ୍‌ନାଗଙ୍କ ସ୍ମୃତି ସେଠାରେ ପ୍ରଭାବିତ ଢଙ୍ଗରେ ଉପସ୍ଥାପନ କରିବା ପାଇଁ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଲ୍ଲେଖ ଥାଉ କି, ଇତିହାସ ଅଧ୍ୟାପକ ପବିତ୍ର ମୋହନ ବାରିକଙ୍କ ମତରେ ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ନାମାନୁସାରେ ଡେଲାଙ୍ଗ ନାମକରଣ ହୋଇଛି। ସେହିପରି ଆଚାର୍ଯ୍ୟ ଦିଗ୍‌ନାଗ ଭାରତର ମହାନ ସଂସ୍କୃତ କବି କାଳିଦାସଙ୍କ ସମସାମୟିକ ଥିଲେ ବୋଲି ଇତିହାସ ତଥ୍ୟରୁ ସୂଚନା ମିଳେ।



ଆଚାର୍ଯ୍ୟ ଦିଗ୍‌ନାଗ୍‌ଙ୍କ ପ୍ରତିମୂର୍ତ୍ତି ।



ଡେଲାଙ୍ଗ ଅଞ୍ଚଳରେ ଥିବା ବିଶ୍ୱନାଥ ମୁଣ୍ଡିଆ ।

## ସଂକ୍ଷେପରେ

### ମନ୍ଦିର ପରିସରରୁ ଚନ୍ଦନଗଛ ଚୋରି



ବୋଲଗଡ଼,୨୧।୮(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ସଂପୁର ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଥିବା ଏକ ଚନ୍ଦନ ଗଛକୁ କେହି ଦୁର୍ବୃତ୍ତ କାଟି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବୋଲଗଡ଼ ବନପାଳ ପ୍ରଦୀପ୍ତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବନପାଳ ପଟ୍ଟନାୟକଙ୍କଠାରୁ ମିଳିଥିବା ସୁଚନା ଅନୁସାରେ, ଉକ୍ତ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ ମୂଳରୁ କରତ ଦ୍ୱାରା କାଟି ନେଇ ଯାଇଥିବା ଅଭିଯୋଗ ଖୋର୍ଦ୍ଧା ଡିଏଫ୍‌ଓଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଛି। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଚାଲିଛି।

### ଟାଙ୍ଗୀରେ ଭାରତ ବନ୍ଦ ଡାକରା ପ୍ରଭାବ ଶୂନ୍ୟ

ଟାଙ୍ଗୀ-ଖୋର୍ଦ୍ଧା,୨୧।୮(ରଘୁନାଥ ସାହୁ): ତଫସିଲଭୁକ୍ତ ଜାତି ଏବଂ ଜନଜାତିଙ୍କ ମଧ୍ୟରେ ଉପବର୍ଗୀକରଣ ତଥା ସଂରକ୍ଷଣ ନେଇ ଅଗଷ୍ଟ ୧ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ, ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେବେ ଟାଙ୍ଗୀ ଅଞ୍ଚଳରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିବା ଦେଖିବାକୁ ମିଳିଛି। ଟାଙ୍ଗୀ ବ୍ଲକ ସଦର ମହକୁମାରେ ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଖୋଲା ରହିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା। ସମସ୍ତ ଦୋକାନବଜାର ମଧ୍ୟ ଖୋଲାଥିଲା।

### ବିଧାନସଭା ଅଧିବେଶନର ସିଧା ପ୍ରସାରଣ ଦାବି

ଟାଙ୍ଗୀ-ଖୋର୍ଦ୍ଧା,୨୧।୮(ରଘୁନାଥ ସାହୁ): ବିଧାନସଭା ଅଧିବେଶନର ଦୃଶ୍ୟ ବିଭିନ୍ନ ନ୍ୟୁଜ ଚ୍ୟାନେଲରେ ସିଧା ପ୍ରସାରଣ କରିବାକୁ ବରିଷ୍ଠ ନାଗରିକ ମଞ୍ଚ ଦାବି ଜଣାଇଛି। ବିଧାନସଭାର ବିଭିନ୍ନ ଅଧିବେଶନରେ ନିଜ ନିର୍ବାଚନମଣ୍ଡଳୀର ନିର୍ବାଚିତ ପ୍ରତିନିଧିମାନେ କିଭଳି ଆଲୋଚନାରେ ଭାଗ ନେଉଛନ୍ତି, ଉପସ୍ଥିତ ରହୁଛନ୍ତି ନା ନାହିଁ ତାହା ଜନସାଧାରଣ ଜାଣିବା ଉଚିତ୍। ମୁଖ୍ୟମନ୍ତ୍ରୀ, ବାଚସ୍ପତି ଏଥିପ୍ରତି ଦୃଷ୍ଟି ଦେବାକୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

# ଏକାଠି ହେଲେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀ

 କଟକ,୨୧।୮ (କାର୍ତ୍ତିକ ସାହୁ)

ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୨ ଗୋଷ୍ଠୀକୁ ଗୋଟିଏ ମଞ୍ଚରେ ଏକାଠି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଚଳିତବର୍ଷ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେବ। ଏଥିସହ ଗଣତାନ୍ତ୍ରିକ ପଦ୍ଧତିରେ ଆସନ୍ତା ୨ ବର୍ଷ ପାଇଁ ବିଭିନ୍ନ ପଦାଧିକାରୀ ନିର୍ବାଚନ ହେବ ବୋଲି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ବୁଧବାର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷର ପଦାଧିକାରୀ ଯୋଗଦେଇ ଦୁଇ ସଂଘର ମିଶ୍ରଣ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ସଂଘରେ ବିବାଦ ଦେଖାଦେଇଥିବାରୁ ରାଜ୍ୟରେ ଆଇନଜୀବୀଙ୍କ ସମସ୍ୟା ସମାଧାନ ହୋଇପାରୁ ନ ଥିବା ଉଭୟ ପକ୍ଷ ସ୍ୱୀକାର କରିଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଗୋପାଳକୃଷ୍ଣ ମହାନ୍ତି ଓ ଧରଣୀଧର ନାୟକ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ସଂଘ ଏକତ୍ରୀକରଣ ହେବାର ଆବଶ୍ୟକତାକୁ ଉପଲବ୍ଧି କରି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିଲା। ପରିଷଦର ବରିଷ୍ଠ ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ଦେବୀପ୍ରସାଦ ଧଳ, ବିଭୁ ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ଦୀନେଶ ଚନ୍ଦ୍ର ରାୟ, ଅରୂପାନନ୍ଦ ଦାସ, ସଞ୍ଜିତ କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ପତି, ମାନସ କୁମାର ଚାନ୍ଦ, ତପନ କୁମାର ବିଶ୍ୱାଳ ଓ ପୀତବାସ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ। ଆସନ୍ତା ୨୯/୩୦ ତାରିଖରେ ମିଳିତ କାର୍ଯ୍ୟକ୍ରମ ପାଇଁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ୧୫ ଜଣିଆ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ ଉପାଧ୍ୟକ୍ଷ ରହିବେ। ଉକ୍ତ କମିଟିରେ ପରିଷଦର ୫ ଜଣ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫ ଜଣ ସଦସ୍ୟଙ୍କୁ ସାମିଲ କରାଯାଇ ଆଗାମୀ କାର୍ଯ୍ୟପନ୍ଥା କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ଓ ମାନସ ରଞ୍ଜନ ମହାପାତ୍ର ନିଃସର୍ତ୍ତ ଭାବେ ପରିଷଦର ଏକତ୍ରୀକରଣ ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ମିଳିମିଶି ଆଇନଜୀବୀଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସଂଘର ଅନ୍ୟତମ ସଦସ୍ୟ ଶିଶିର କୁମାର ପାଢ଼ୀ, ଅନିଲ କୁମାର ପରିଡ଼ା, ଭୂପେଷ ଚନ୍ଦ୍ର ପ୍ରଧାନ, ଅନନ୍ତ ବାସୁଦେବ ମିଶ୍ର, ଦିଲୀପ କୁମାର ଦାସ, ନିରଞ୍ଜନ ନାୟକ, ଜ୍ୟୋତିପ୍ରକାଶ ରଥ, ସୁବାସ ଚନ୍ଦ୍ର ମିଶ୍ର, ମନୋରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ଏହି ଉଦ୍ୟମକୁ ରାଜ୍ୟର ୧୮୦ଟି ପଞ୍ଜୀକୃତ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏଥର ୫୩ତମ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତୁତି ପାଇଁ ପରିଷଦର ଅଧ୍ୟକ୍ଷ ଉଭୟ ଗୋଷ୍ଠୀରୁ ୫ ଜଣ ଲେଖାଏ ସଦସ୍ୟଙ୍କୁ ମନୋନୀତ କରି ସେମାନଙ୍କ ନାମ ୧୦ ଦିନ ମଧ୍ୟରେ ପଠାଇବାକୁ ଅନୁରୋଧ କରାଯାଇଛି।

**୨୯ରେ ମିଳିତ ବୈଠକ ପାଇଁ ନିଷ୍ପତ୍ତି**

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଠିକା କର୍ମଚାରୀଙ୍କ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଖୋର୍ଦ୍ଧା,୨୧।୮(ପ୍ରଭାତ ପାଣିଗ୍ରାହୀ)

**ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ**

ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ବିରୋଧରେ ବୁଧବାର ସର୍ବଭାରତୀୟ ସ୍ତରରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଖୋର୍ଦ୍ଧା ଜିଲାରେ ବନ୍ଦ ପାଳନ ପ୍ରଭାବହୀନ ରହିଛି। ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଥିଲା।

ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମଚାରୀମାନେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଦେଶରେ ଅନୁସୂଚିତ ଜାତି, ଜନଜାତିଙ୍କୁ ସଙ୍କୁଚିତ କରିବାକୁ ଷଡ଼ଯନ୍ତ୍ର ଚାଲିଛି। ଏହାଦ୍ୱାରା ଆମ ପିଲାମାନେ ଉଚ୍ଚଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେବେ। ସରକାର ଏଥିପ୍ରତି ପୁନର୍ବିଚାର କରିବାକୁ ସେମାନେ ଦାବି କରିଥିଲେ। ସଂଘର ଏକାଧିକ କର୍ମକର୍ତ୍ତା ଷ୍ଟେଟ ବ୍ୟାଙ୍କକୁ ୨ଘଣ୍ଟା ବନ୍ଦ କରିବା ସହ କେନ୍ଦ୍ରୀୟ ସଂସ୍ଥା ବନ୍ଦ କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ଆବାହକ ମୋହନ ନାୟକ, ପ୍ରଶାନ୍ତ ନାୟକ, ପବିତ୍ର ନାୟକ, ରମେଶ ଚନ୍ଦ୍ର ନାୟକ, କାଳି ନାୟକ, ରଞ୍ଜନ ନାୟକ, ମହେଶ୍ୱର ନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୨୧।୮(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରୁ ବୁଧବାର ପୋଲିସ ୨ଟି ଝୁଲନ୍ତା ମୃତଦେହ ଜବତ କରିଛି। ଏନେଇ ଡେଲାଙ୍ଗ ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ଘୋରଡ଼ିଆ ଗ୍ରାମ ମହାରଣା ସାହିର ସନ୍ତୋଷ ମହାରଣା(୪୧) ମଙ୍ଗଳବାର ରାତିରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲୁଥିବା ପୋଲିସ ଖବର ପାଇଥିଲା। ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ଅନ୍ୟପଟେ ସନ୍ତୋଷ ଅବିବାହିତ ଥିବାବେଳେ ତାଙ୍କ ପରିବାର ଲୋକେ ପୁରୀରେ ରହୁଛନ୍ତି। ସେ ମାନସିକ ବିକୃତ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ ଏଠାରେ ସେ ଏକାକୀ ରହୁଥିଲେ। ସେହିପରି ବୁଧବାର ମଧ୍ୟାହ୍ନ ସମୟରେ ଚାଇଁପୁର ଗ୍ରାମର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ୧୯ ବର୍ଷୀୟ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ମୟୂରଭଞ୍ଜ ଜିଲାର ଜୀବନ କୁମାର ସିଂହ। ସେ ତାଙ୍କ ବାପାଙ୍କ ସହିତ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଚାଇଁପୁରରେ ରହୁଥିଲେ। ଛାତ୍ରଙ୍କ ବାପା ସ୍ଥାନୀୟ ଅଞ୍ଚଳରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବାବେଳେ ପୁଅ ନିକଟସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। କୌଣସି କାରଣକୁ ନେଇ ବାପ ଓ ପୁଅ ମଧ୍ୟରେ ଝଗଡ଼ା ହୋଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏନେଇ ଡେଲାଙ୍ଗ ପୋଲିସ ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ନାଟକରେ ଡାକ୍ତରଙ୍କ ସୁରକ୍ଷା ଦାବି



ଏସ୍‌ସିବି ମେଡିକାଲର ଧାରଣାସ୍ଥଳରେ ଡାକ୍ତରମାନେ ନାଟକ ପରିବେଷଣ କରୁଛନ୍ତି ।

କଟକ,୨୧।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ରେ ଜୁନିୟର ଡାକ୍ତର ସଂଘ ଆହ୍ୱାନକ୍ରମେ ଆନ୍ଦୋଳନ ଜାରି ରହିଛି। ବୁଧବାର ସପ୍ତମ ଦିନରେ ଆନ୍ଦୋଳନ ସ୍ଥଳରେ ଡାକ୍ତରମାନେ ନୁକ୍କଡ ନାଟକ 'ଦାୟୀ କିଏ' ପରିବେଷଣ କରିଥିଲେ। ଡାକ୍ତରମାନେ କିଭଳି ନିଜକୁ ରୋଗୀ ସେବାରେ ସମର୍ପିତ କରିଥାନ୍ତି, ବେଳେବେଳେ ରୋଗୀ ସେବା ସମୟରେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହୋଇଥାନ୍ତି ତାହାକୁ ଏହି ନାଟକ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଏନେଇ ଜୁନିୟର ଡାକ୍ତର ସଂଘର ସଦସ୍ୟ ଡା. ନଗେନ୍ ରାଏ ପଟ୍ଟନାୟକ କହିଛନ୍ତି, ଡାକ୍ତରଙ୍କ ପ୍ରତି ଯେଉଁ ଅନ୍ୟାୟ ଓ ଅତ୍ୟାଚାର କରାଯାଉଛି ତାହାକୁ ଏହି ନାଟକ ପରିବେଷଣ କରାଯାଇଛି। ଅପରପକ୍ଷରେ ହାଉସ ସର୍ଜନ ଡାକ୍ତର ସଂଘର ସଦସ୍ୟ ଡା. ନୀହାରିକା ମହାନ୍ତି କହିଛନ୍ତି, ଚିକିତ୍ସା ମାଧ୍ୟମରେ ରୋଗୀ ସୁସ୍ଥ ହେବା ହେବା ପାଇଁ ଡାକ୍ତର ଉଦ୍ୟମ କରିଥାନ୍ତି। ହେଲେ ଡାକ୍ତରମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ତେଣୁ ଡାକ୍ତରଙ୍କ ସୁରକ୍ଷା ଦାବି ନେଇ ଏହି ନାଟକ ପରିବେଷଣ କରାଯାଇଛି। ସୂଚନାଯୋଗ୍ୟ, କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ଏହାକୁ ଡାକ୍ତର ଛାତ୍ର ସଂଘ ଓ ହାଉସ୍ ସର୍ଜନ ସଂଘ ସହମତି ଦେଇଛି।

# ମହିଳା ଡାକ୍ତରଙ୍କୁ ନ୍ୟାୟ ଦାବିରେ ରୋଟାରି, ରୋଟ୍ରାକ୍ଟର କ୍ୟାଣ୍ଡେଲ ରାଲି

ଜଟଣୀ,୨୧।୮(ରବୀନ୍ଦ୍ରନାଥ ମହାକୁଡ଼)

କୋଲକାତାରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରି ଜଟଣୀ ରୋଟାରି ଏବଂ ରୋଟ୍ରାକ୍ଟ ପକ୍ଷରୁ ଏକ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ ସଭାପତି ଡ. ରାଜ ତ୍ରିବେଦୀ ଏଥିରେ ସଭାପତିତ୍ୱ କରିଥିଲେ। କ୍ଲବଠାରୁ ମୋ ଜଟଣୀ ସହର ମୁଖ୍ୟରାସ୍ତା ଦେଇ କ୍ୟାଣ୍ଡେଲ ରାଲି ଯିବା ସହିତ ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଶ୍ରଦ୍ଧାଞ୍ଜଳି ସଭାରେ ମହିଳାଙ୍କ ଆତ୍ମାର ସ୍ମୃତିଚରଣ କରାଯାଇଥିଲା। ଏହି ରାଲିରେ ରୋଟ୍ରାକ୍ଟର ପଦାରବିନ୍ଦ ସାହୁ, ସମ୍ପାଦକ ଶିବରତନ ଯୋଶୀ, ରାକେଶ ପଟେଲ, ପ୍ରସାଦ ଜଗଦ୍ଦେବ, ପ୍ରଦୀପ ପଟ୍ଟନାୟକଙ୍କ ସହିତ ବହୁ ରୋଟାରୀୟାନ ଯୋଗଦେଇ ସ୍ୱର୍ଗତାଙ୍କ ଆତ୍ମାର ସଦ୍‌ଗତି, ଶାନ୍ତି ସହିତ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ।

# ଚୋରି ଅଭିଯୋଗରେ ଘରୁ ଉଠାଇ ଆଣି ପରେ ଛାଡ଼ି ଦେଲା ପୋଲିସ

ନିରାକାରପୁର,୨୧।୮(ମାନସଚନ୍ଦ୍ର ପଟ୍ଟନାୟକ)

ପୋଲିସ ଚୋରିର ଡେମୋ ଦେଖିଲା ପରେ ମଧ୍ୟ ରାତିରେ ଘରୁ ଜନୈକ ଯୁବକଙ୍କୁ ଉଠେଇ ଆଣି ଥାନାରେ ଦିନ ତମାମ ରଖି ଅପରାହ୍ନରେ ଛାଡ଼ିବା ଘଟଣା ପୋଲିସ ପ୍ରତି ଆଙ୍ଗୁଠି ନିର୍ଦ୍ଦେଶ କରିଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, ସ୍ଥାନୀୟ ଥାନା ଅଧୀନ ଡିଆ ପଞ୍ଚାୟତ କାଶୀପୁର ରେଳ ଫାଟକଟି ବନ୍ଦ ହେବା ପରେ ସେଠାରେ ଅଣ୍ଡର ପାସ୍ ନିର୍ମାଣ କରାଯାଇଥିଲା। ସେଥିରେ ଯେଉଁ ଲୁହାରଡ଼, ପାଣିମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ବଳି ପଡ଼ିଥିଲା, ସେଗୁଡ଼ିକୁ ସେ ପାଖରେ ଥିବା କୁନା ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କ ବାଡ଼ିରେ ଥୁଆ ହୋଇଥିଲା। ସୋମବାର ରାତିରେ ଏକ ଟନ ଲୁହାରଡ଼ ସମେତ ଗୋଟିଏ ପାଣିମୋଟର କେହି ଦୁର୍ବୃତ୍ତ ଚୋରେଇ ନେଇଥିଲେ। ମଙ୍ଗଳବାର ଏହା ଦେଖି ତତ୍ତ୍ୱାବଧନରେ ଥିବା ବେହେରା ଥାନା ଚୋରି ହୋଇଥିବା ସାମଗ୍ରୀର ଲିଖିତ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ପଞ୍ଚାୟତ କୋଲସାହି ଗ୍ରାମରେ ଜଣେ ରଡ଼ ସିମେଣ୍ଟ ବିକୁଥିବା ବ୍ୟକ୍ତି ଯାଞ୍ଚ କରିଥିଲା। ଠିକାଦାର ଓ ଅନ୍‌ଡର ପାସ୍ ତିଆରି କରୁଥିବା ମିସ୍ତ୍ରି ଯାଇ ତାଙ୍କ ରଡ଼ ବୋଲି ଚିହ୍ନଟ କରିଥିଲେ। ଏହି ରଡ଼ ରଖିଥିବା ଯୁବକଙ୍କୁ ରଡ଼ର ସବିଶେଷ ତଥ୍ୟ ଦେଖାଇବାକୁ କହିଥିଲେ। ହେଲେ ସେ ତାହା ଦେଖାଇ ନ ପାରିବାରୁ ତାଙ୍କୁ ପୋଲିସ ଆଣି ଡେମୋ ଦେଖାଇବାକୁ କହିଥିଲେ। ସେ ଡେମୋ ଦେଖାଇବା ପରେ ପୋଲିସ ତାଙ୍କୁ ଥାନାକୁ ଆଣିଥିଲା। ହେଲେ ବୁଧବାର ଥାନାରେ ରଖି ଛାଡ଼ି ଦେଇଥିବା ସ୍ଥାନୀୟ ସରପଞ୍ଚ ପ୍ରକାଶ କରିଛନ୍ତି। ଏଥିସହ ସେ ଡେମୋଠାରୁ ଆରମ୍ଭ କରି ସବୁ ସ୍ଥାନରେ ଉପସ୍ଥିତ ଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ କେମିତି ଛାଡ଼ିଲା ବୋଲି ଲଟା ପ୍ରଶ୍ନ କରିଛନ୍ତି। ଏନେଇ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କୁ ପଚାରିବାରେ, ତାଙ୍କ ପାଖରେ ସେମିତି କିଛି ଅଭିଯୋଗ ନାହିଁ, ତୁମ ପାଖରେ ଯାହା ତଥ୍ୟ ରହିଛି, ସେୟା କର ବୋଲି ରାଉତରାୟ କହିଛନ୍ତି।



ଧରା ହୋଇଥିବା ରଡ଼ ଓ ତା'ର ଜିଏସ୍‌ଟି କାପି ।

# ଉଭୟ ସମ୍ପ୍ରଦାୟର ଲୋକଙ୍କୁ ନେଇ ଶାନ୍ତି କମିଟି ବୈଠକ

ଟାଙ୍ଗୀ-ଖୋର୍ଦ୍ଧା,୨୧।୮(ରଘୁନାଥ ସାହୁ)

**କୁହୁଡ଼ି ଗୋଷ୍ଠୀ ବିବାଦ ପ୍ରସଙ୍ଗ**



କୁହୁଡ଼ି ରତନପୁର ଗ୍ରାମରେ ଗତ ଜୁଲାଇ ୧୬ ରାତିରେ ଘଟିଥିବା ଗୋଷ୍ଠୀ ବିବାଦ ପ୍ରସଙ୍ଗରେ ପ୍ରଶାସନ, ପୋଲିସ ଉପସ୍ଥିତିରେ ଉଭୟ ଗୋଷ୍ଠୀର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ଆପୋଷ ସମାଧାନ ବୈଠକ ବୁଧବାର ଟାଙ୍ଗୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସମୟରେ ସାଧାରଣ ଘଟଣାକୁ ନେଇ ମୁସଲମାନ ସମ୍ପ୍ରଦାୟର ସଂଘବଦ୍ଧ ଆକ୍ରମଣକୁ ରୋକିବା, ଅଞ୍ଚଳରେ ବେଆଇନ ଗୋଚାଲାଣ, ବ୍ରାଉନସୁଗାର ବିକ୍ରି ବନ୍ଦ କରିବା, କୁଞ୍ଜୁରୀ ପଞ୍ଚାୟତରେ ଥିବା ଜଙ୍ଗଲ ଜମିରେ ବେଆଇନ ଭାବେ ମୁସଲିମ ଲୋକେ ବସବାସ କରି ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି। ଏମାନଙ୍କୁ ଉଚ୍ଛେଦ କରିବାକୁ ଦାବି ହୋଇଥିଲା। ସୋରଣ ରଜ ପଡ଼ିଆରେ ଇଦ୍ ପର୍ବ ପାଳନ ନ କରିବା, କଲେଜ ଓ ବିଦ୍ୟାଳୟରେ ମୁସଲିମ ଯୁବକଙ୍କର ଅନୈତିକ କାର୍ଯ୍ୟକୁ ବନ୍ଦ କରିବା ସହ ଗୋଷ୍ଠୀ ବିବାଦରେ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଥିଲା। ପ୍ରଶାସନ ଓ ପୋଲିସ ସମସ୍ତ ଦାବି ଉପରେ ଆଲୋଚନା କରି ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହିନ୍ଦୁ ବ୍ୟକ୍ତିଙ୍କ ମଧ୍ୟରୁ ୧୫ ଜଣ ଓ ମୁସଲମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି କରିଥିଲା। ଏହା ଦ୍ୱାରା ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। କୁହୁଡ଼ି କୋର କମିଟି ପକ୍ଷରୁ ଘୋଷିତ ହୋଇଥିବା ସାମାଜିକ ବାସନ୍ଦ ଉଠାଇବାକୁ ମୁସଲମାନ ଭାଇମାନେ ନିବେଦନ କରିଥିଲେ। ଯେଉଁମାନେ ଦୋଷୀ ସେମାନେ ଦଣ୍ଡିତ ହୁଅନ୍ତୁ, କିନ୍ତୁ ସେମାନଙ୍କ ଯୋଗୁ ସାଧାରଣ ଲୋକେ ଅସୁବିଧାରେ ପଡୁଥିବା କହିଥିଲେ। ଉପସ୍ଥିତ ମୁସଲିମ ସମ୍ପ୍ରଦାୟର ଭଦ୍ରବ୍ୟକ୍ତିମାନେ ସମସ୍ତ ସର୍ତ୍ତରେ ସହମତି ଜଣାଇଥିଲେ। ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ ବେହେରାଙ୍କ ସମେତ କୁହୁଡ଼ି, ସୋରଣ, ରତନପୁର, ମାନସିଂହପୁର, ବରଡ଼ି, ବିରିବାଡ଼ି, ଚଣ୍ଡେଶର, ପାରିଓରଡ, କୁଞ୍ଜୁରୀ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବିଭିନ୍ନ ରାଜନୈତିକ ଦଳର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସେହିଭଳି ଭୁବନେଶ୍ୱରଠାରୁ ବାଲୁଗାଁ ପର୍ଯ୍ୟନ୍ତ ମୁସଲିମ ସମ୍ପ୍ରଦାୟର ମୁଖ୍ୟ ବ୍ୟକ୍ତିମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଗୋଷ୍ଠୀ ବିବାଦରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ବୈଠକରେ ଉପସ୍ଥିତ ରହିଥିବାବେଳେ ପୋଲିସ ଗିରଫ ନ କରିବାରୁ ସାଧାରଣରେ ପ୍ରତିକ୍ରିୟା ଦେଖାଦେଇଥିଲା। ଆଲୋଚନା ପରେ ସମସ୍ତ ନିଷ୍ପତ୍ତିକୁ ଲିଖିତ ଭାବେ ଲିପିବଦ୍ଧ କରାଯାଇ ପୋଲିସ ପ୍ରଶାସନ ଓ ଉଭୟ ପକ୍ଷରୁ ଉପସ୍ଥିତ ଭଦ୍ର ବ୍ୟକ୍ତିଙ୍କ ଦସ୍ତଖତ କରାଯାଇ ଉଭୟ ଗୋଷ୍ଠୀଙ୍କୁ ଦିଆଯିବ ବୋଲି ପ୍ରଶାସନ ସୂଚନା ଦେଇଥିବା ଜଣାପଡ଼ିଛି।

## ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ

ପୁରୀ,(ଅଜିତ୍ କୁମାର ମହାନ୍ତି) ବିନା କାରଣରେ ମହିଳାଙ୍କୁ ଗ୍ରାମ ସଭାପତି ଲୋକଙ୍କ ଆଗରେ ଗାଳିଗୁଲଜ କରିବା ସହ ଉଲଗ୍ନ କରି ମାଡ଼ ମାରିବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ କରି ପୀଡ଼ିତାଙ୍କ ସ୍ୱାମୀ ପେଣ୍ଠକଟା ମେରାଇନ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ସେ ଦାବି କରିଛନ୍ତି।

**ସଂକ୍ଷେପରେ**

## ୨ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୨୧ ।୮(ରଶ୍ମିରଞ୍ଜନ ପ୍ରଧାନ) ଡେଲାଙ୍ଗ ଥାନା ଅଞ୍ଚଳରୁ ବୁଧବାର ପୋଲିସ ୨ଟି ଝୁଲନ୍ତା ମୃତଦେହ ଜବତ କରିଛି। ଏନେଇ ଡେଲାଙ୍ଗ ପୋଲିସ ୨ଟି ଅପମୃତ୍ୟୁ ମାଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

ସୂଚନା ଅନୁଯାୟୀ, ଘୋରଡ଼ିଆ ଗ୍ରାମ ମହାରଣା ସାହିର ସନ୍ତୋଷ ମହାରଣା(୪୧) ମଙ୍ଗଳବାର ରାତିରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲୁଥିବା ପୋଲିସ ଖବର ପାଇଥିଲା। ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ଅନ୍ୟପଟେ ସନ୍ତୋଷ ଅବିବାହିତ ଥିବାବେଳେ ତାଙ୍କ ପରିବାର ଲୋକେ ପୁରୀରେ ରହୁଛନ୍ତି। ସେ ମାନସିକ ବିକୃତ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ ଏଠାରେ ସେ ଏକାକି ରହୁଥିଲେ।

ସେହିପରି ବୁଧବାର ମଧ୍ୟାହ୍ନ ସମୟରେ ଚାଇଁପୁର ଗ୍ରାମର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ୧୯ ବର୍ଷୀୟ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ମୟୂରଭଞ୍ଜ ଜିଲାର ଜୀବନ କୁମାର ସିଂହ। ସେ ତାଙ୍କ ବାପାଙ୍କ ସହିତ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଚାଇଁପୁରରେ ରହୁଥିଲେ। ଛାତ୍ରଙ୍କ ବାପା ସ୍ଥାନୀୟ ଅଞ୍ଚଳରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବାବେଳେ ପୁଅ ନିକଟସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। କୌଣସି କାରଣକୁ ନେଇ ବାପ ଓ ପୁଅ ମଧ୍ୟରେ ଝଗଡ଼ା ହୋଇଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏନେଇ ଡେଲାଙ୍ଗ ପୋଲିସ ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଆଲମିରା ଭାଙ୍ଗି ଚୋରି

ବଲଙ୍ଗା,୨୧ ।୮(କେଦାରେଶ୍ୱର ନନ୍ଦ) ବଲଙ୍ଗା ଥାନା ଗୋପୀନାଥପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରୁ ମଙ୍ଗଳବାର ରାତିରେ ଦେଢ଼ଲକ୍ଷ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାମର ସୌମ୍ୟରଞ୍ଜନ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ସେ ଓ ତାଙ୍କ ସାନ ଭଉଣୀ, ଜେଜେ ମା' ଘରେ ଶୋଇଥିଲେ। ଭୋର ସମୟରେ ସାନ ଭଉଣୀ ଉଠି କବାଟ ଖୋଲିବାରୁ ବାହାର ପଟୁ ବନ୍ଦ ରହିଥିଲା। ସୌମ୍ୟ ତଳକୁ ଆସି କବାଟକୁ ଖୋଲିଥିଲେ। ଏଥିସହ ପାଖ ଘର ତାଲା ଭଙ୍ଗାଯାଇଥିବା ଦେଖି ଭିତରକୁ ଯିବାରୁ ଗୋଦରେଜ ଲକରକୁ ଭଙ୍ଗାଯାଇ ଦେଢ଼ଲକ୍ଷ ଟଙ୍କା ଚୋରି ହୋଇଥିବା ଦେଖିଥିଲେ।

# ଅପରାଧରେ ସାମିଲ ହେଉଛନ୍ତି ନାବାଳକ

- ହାତରେ ପଡୁଛି ହତିଆର, ମିଳୁଛି ପ୍ରୋତ୍ସାହନ
- ପୋଲିସ ପକ୍ଷରୁ କାଉନସେଲିଂ କାର୍ଯ୍ୟକ୍ରମ ହେବ: ଏସ୍‌ପି

ପୁରୀ,୨୧।୮(ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ଅଶାନ୍ତ ହେବାରେ ଲାଗିଛି ଶ୍ରୀକ୍ଷେତ୍ର। ସହରର ବିଭିନ୍ନ ସ୍ଥାନରେ ଆପରାଧିକ କାର୍ଯ୍ୟକଳାପ ଘଟୁଛି। ଅନେକ ଅପରାଧରେ ନାବାଳକମାନେ ସମ୍ପୃକ୍ତ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ନାବାଳକମାନେ ହତ୍ୟା କରିବାକୁ ପଛାଉନାହାନ୍ତି। ଗତ ୧୩ ଦିନ ଭିତରେ ସହରରେ ତିନୋଟି ହତ୍ୟା ଘଟଣା ଘଟିଥିବାରୁ ସହରବାସୀ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଏହି ୩ଟି ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟତଃ ନିଜ ନିଜ ପତିଆରା ବୃଦ୍ଧିକୁ ନେଇ ଅପରାଧ ଜଗତରେ ପାଦ ଥାପୁଛନ୍ତି ନାବାଳକ। ଅଗଷ୍ଟ ୮ତାରିଖ ରାତିରେ ଯୁବ ଖଜା ବ୍ୟବସାୟୀ ଦିନେଶ ଖୁଣ୍ଟିଆଙ୍କୁ ଟାଉନ ଥାନା ଅନ୍ତର୍ଗତ ହାଡ଼ଗୋଡ଼ିଆ ସାହିରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦିନେଶକୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସହ ଜଡ଼ିତ ୫ଜଣ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଧରିଥିବାବେଳେ ସମସ୍ତେ ନାବାଳକ। ସେହିପରି ଅଗଷ୍ଟ ୧୪ରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ବେଳାଭୂମିରେ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଯୋଡ଼ାଆମ୍ବ ଗ୍ରାମର ପ୍ରହ୍ଲାଦ ଦାସ ଓରଫ୍ ବାପିନାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତେବେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇନାହିଁ। ଅଗଷ୍ଟ ୧୯ରେ ଟାଉନ ଥାନା ଅନ୍ତର୍ଗତ ରାଧାଗୋବିନ୍ଦ ଲେନ୍ ଅଞ୍ଚଳର ଦିବ୍ୟାଙ୍ଗ ହରିହର ସାହୁଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରାଯାଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରତିଶୋଧ ନେବା ପାଇଁ ଏହି ହତ୍ୟାକାଣ୍ଡ ହୋଇଥିବାବେଳେ ଦିନେଶ୍ ଖୁଣ୍ଟିଆ ହତ୍ୟା ଘଟଣା ସହ ହରିହର ସାହୁଙ୍କ ହତ୍ୟା ଘଟଣାର ସଂପୃକ୍ତି ରହିଥିବା ପୋଲିସ ସ୍ପଷ୍ଟ କରିଛି। ଦିନେଶ ହତ୍ୟାକାଣ୍ଡରେ ସମ୍ପୃକ୍ତ ମୃତ ହରିହର ସାହୁଙ୍କ ପୁଅ ପ୍ରଦୀପ୍ତ ସାମିଲ ଥିବାରୁ ପ୍ରତିଶୋଧ ନେବାକୁ ପୁଅ ପାଇଁ ବାପାର ଜୀବନ ଯାଇଛି। ହରିହର ହତ୍ୟା ଘଟଣାରେ ୭ଅଭିଯୁକ୍ତ ନାବାଳକ ବୋଲି ପୋଲିସ କହିଛି। ତେବେ ପତିଆରାର ଲଢେଇ ଭିତରେ ନାବାଳକମାନଙ୍କୁ ଅପରାଧୀ ସଜାଇବା ପଛରେ ବଡ଼ମୁଣ୍ଡ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ମାନସିକ ଭାରସାମ୍ୟ ହରାଇବା, ପରିବାର ସହ ସୁସମ୍ପର୍କ ନ ଥିବା, ନିରକ୍ଷରତା ଓ ନିଶା କାରବାର ପ୍ରଭୃତି ନାବାଳକମାନଙ୍କୁ ଅପରାଧ ଜଗତକୁ ଟାଣି ଆଣୁଛି। ସେପଟେ ୧୮ ବର୍ଷରୁ କମ୍ ନାବାଳକ ଅପରାଧୀମାନଙ୍କୁ ଜୁଭେନାଇଲ୍ ଅନୁଯାୟୀ ବିଚାର କରାଯାଉଥିବାବେଳେ ଆଇନ୍ ପ୍ରାବଧାନରେ ସେମାନଙ୍କ ଦଣ୍ଡବିଧାନ ହାର କମ୍ ରହୁଛି। ତେଣୁ ସଂସଦରେ ବାଳ ଅପରାଧୀ ଆଇନରେ ସଂଶୋଧନ ସହ କଠୋର ଦଣ୍ଡବିଧାନ କରାଗଲେ ସେମାନେ ଅପରାଧ ଜଗତରେ ବିଶେଷ ସକ୍ରିୟ ରହିବେ ନାହିଁ ବୋଲି ଆଇନଜୀବୀ ଶରତ ରାୟଗୁରୁ ମତ ରଖିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ପୁରୀରେ ସକ୍ରିୟ ଥିବା ନାବାଳକ ଅପରାଧୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ଖୁବଶୀଘ୍ର କାଉନସେଲିଂ କରାଯିବ। ନିଜ ନିଜ ଅଞ୍ଚଳରେ ପତିଆରାକୁ ନେଇ ଅନେକ ଅପରାଧ ଘଟୁଛି। ଆଗକୁ ନାବାଳକ ଅପରାଧୀଙ୍କୁ ଅପରାଧରୁ ବାହାର କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସିଡବ୍ଲୁସି ଏବଂ ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ବୈଠକ ଅନୁଷ୍ଠିତ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦିଆଯାଇଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ମୃତକଙ୍କ ପରିଚୟ ପାଇଁ ବିଭିନ୍ନ ଥାନାକୁ ତଥ୍ୟ ମଗାଯାଇଛି

ପୁରୀ,୨୧।୮(ଅଜିତ କୁମାର ମହାନ୍ତି ) ବଳିଆପଣ୍ଡା ଥାନା ଅନ୍ତର୍ଗତ ଷ୍ଟର୍ଲିଙ୍ଗ ହୋଟେଲ ରାସ୍ତା ପାଖରେ ଜଣଙ୍କ ଖପୁରୀ ସହ ଶରୀରର କିଛି ଅଂଶ ପଡିଥିବା ମଙ୍ଗଳବାର ଦେଖିବାକୁ ମିଳିଥିଲା। ଏ ନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଖପୁରୀଟି ଜଣେ ପୁରୁଷର ବୋଲି ଶାର୍ଟରୁ ଅନୁମାନ କରାଯାଉଛି। ତେବେ ଏହି ମୃତ ଦେହ କାହାର ତାହା ଜଣାପଡ଼ିନାହିଁ। ଜବତ ଖପୁରୀ ଓ କଙ୍କାଳକୁ ପୋଲିସ ଫୋରେନସିକ ଯାଞ୍ଚ ପାଇଁ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ପଠାଯାଇଛି। ମୃତକଙ୍କ ପରିଚୟ ପାଇଁ ବିଭିନ୍ନ ଥାନାକୁ ତଥ୍ୟ ମଗାଯାଇଛି।

## ଅସ୍ତରଙ୍ଗ ପ୍ରେସ୍ କ୍ଲବର ବନ୍ଧୁମିଳନ, କର୍ମକର୍ତ୍ତା ଚୟନ


କାର୍ଯ୍ୟକ୍ରମରେ ଅତିଥି ଏବଂ ପ୍ରେସ କ୍ଲବ କର୍ମକର୍ତ୍ତା।

ଅସ୍ତରଙ୍ଗ,୨୧।୮(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପ୍ରେସ୍ କ୍ଲବର କର୍ମକର୍ତ୍ତା ଚୟନ ଓ ବନ୍ଧୁମିଳନ ବୁଧବାର ଅସ୍ତରଙ୍ଗ ପିର ଜାହାନିଆ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିଆରସିଂ ଉପସ୍ଥିତ ଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ତା'ର କାର୍ଯ୍ୟ କ୍ଷେତ୍ରରେ ସତ୍ୟ ନିରପେକ୍ଷ ଓ ସଚ୍ଚୋଟ ଖବର ପ୍ରକାଶ କରି ରାଜନୈତିକ ଚିନ୍ତାଧାରାଠାରୁ ଦୂରରେ ରହି ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିସହ ବୈଠକରେ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଦୁଃଶାସନଙ୍କୁ କ୍ଲବ ମୁଖ୍ୟ ପରାମର୍ଶଦାତା ତଥା କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ, କୋର୍ଡିନେଟର ଭାବେ ସାମ୍ବାଦିକ ଶୋଭାକର ବେହେରା, ସଭାପତି ଭାବେ ସାମ୍ବାଦିକ ଶରତ ପରିଡ଼ା, ଉପସଭାପତି ଭାବେ ମନୋଜ ବାରିକ୍,ସମ୍ପାଦକ ଭାବେ ବୃନ୍ଦାବନ ବିଶ୍ୱାଳ, ସହ ସମ୍ପାଦକ ଭାବେ ଜ୍ଞାନରଞ୍ଜନ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପ୍ରିୟବ୍ରତ ମୁଦୁଲି, ସାଂସ୍କୃତିକ ସମ୍ପାଦକ ଭାବେ ବିନୋଦ କୁମାର ସେଠୀ ଓ ସଂଗଠନ ସମ୍ପାଦକ ଭାବେ ଅକ୍ଷୟ ପ୍ରସାଦ ମହାନ୍ତିଙ୍କୁ ଚୟନ କରାଯାଇଥିଲା। ଅଲେଖ ବିଶ୍ୱାଳ ଓ ଅମୀୟ ବାରିକ୍ ସୋସିଆଲ ମିଡିଆ କାର୍ଯ୍ୟ ନିର୍ବାହ କରିବାକୁ ରହିଥିବାବେଳେ, ଆଇନ ପରାମର୍ଶଦାତା ଭାବେ ଦିବ୍ୟଦର୍ଶୀ ବିଶ୍ୱାଳ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଶୋକ ବେହେରା, ଦୁର୍ଗାଚରଣ ନାୟକ, ସତ୍ୟଜିତ୍ ରାୟ ଚୌଧୁରୀ, ଅନିଲ ବାରିକ୍, ପ୍ରଶାନ୍ତ ଜେନା ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ସାମ୍ବାଦିକ ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

## ରୋଷେଇ ହେଲାନି ମଧ୍ୟାହ୍ନ ଭୋଜନ: ଉପାସରେ ଛାତ୍ରୀଛାତ୍ର

କୋଣାର୍କ,୨୧।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧିନ ବନାଖଣ୍ଡି ପଞ୍ଚାୟତସ୍ଥିତ ଗୁଣ୍ଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନ ରୋଷେଇ ହୋଇନଥିବା ନେଇ କେତେଜଣ ଅଭିଭାବକ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ ରମାକାନ୍ତ ଜେନାଙ୍କୁ ପଚାରିବାରେ ସେ ପାଚିକାଙ୍କ ଶ୍ରାଦ୍ଧ ଥିବାରୁ ରୋଷେଇ ହୋଇନଥିବା କହିଥିଲେ ଓ ସେମାନଙ୍କ ଘରକୁ ଖାଇବାକୁ ପଠାଇ ଦିଆଯାଇଥିବା କହିବା ସହ ଘରୁ ଫେରିବା ପରେ ସେମାନଙ୍କୁ ବିସ୍କୁଟ ଦିଆଯିବ ବୋଲି ସୂଚନା ଦେଇଥିଲେ। ଅପରପକ୍ଷେ ପ୍ରଧାନଶିକ୍ଷକ ଜେନା ବିନା ଡ୍ରେସ୍ କୋଡ଼ରେ ବିଦ୍ୟାଳୟକୁ ଆସିଥିବାବେଳେ ବିଭିନ୍ନ ସମୟରେ ବ୍ୟାପକ ତ୍ରୁଟି କରୁଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା କହିଛନ୍ତି, କୌଣସି ପରିସ୍ଥିତିରେ ମଧ୍ୟାହ୍ନଭୋଜନ ବନ୍ଦ ହେବା କଥା ନୁହେଁ। ଯଦି ବନ୍ଦ ହେଲା ତେବେ ୨ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଉପାସ ରଖିବା ଅନୁଚିତ୍। ଏହା ଉପରେ ତଦନ୍ତ କରାଯାଇ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ।

## ବରିଷ୍ଠ ନାଗରିକ ସମାଜର ମୂଲ୍ୟବାନ ସମ୍ବଳ ସଦୃଶ

ସାକ୍ଷୀଗୋପାଳ,୨୧।୮(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ପଞ୍ଚସଖା ପାଠାଗାର ପରିସରରେ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନଜୀବୀ ଗୁଣ୍ଡିଚା ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଓ ଜିଲା ସମାଜିକ ସୁରକ୍ଷା କଲ୍ୟାଣ ଅଧିକାରୀ ସୁଭ୍ରାଂସୁ ଶେଖର ମହାରଣା ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନେ ସମାଜ ଉପରେ ବୋଝ ନୁହନ୍ତି। ବରଂ ସେମାନଙ୍କ ଅଭିଜ୍ଞତା ଓ ଅନୁଭବ ସମାଜର ମୂଲ୍ୟବାନ ସମ୍ବଳ ସଦୃଶ୍ୟ। ସେମାନଙ୍କ ଆନନ୍ଦ, ଖୁସି ଓ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥିମାନେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ସଖିମଣି ବରାଳ ବରିଷ୍ଠ ନାଗରିକଙ୍କ ସ୍ଥିତି ସମାଜ ପାଇଁ ଅବଦାନ ସମ୍ପର୍କରେ ମତ ଦେଇଥିଲେ। ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଏବେ ସୁଦ୍ଧା ୮୦୦ ପରିଚୟ ପତ୍ର ବଣ୍ଟା ଯାଇଛି। ସମ୍ପାଦକ ଆଇନଜୀବୀ ଅମର ନନ୍ଦ ପ୍ରକାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ଏକ ମାତ୍ର ଯାତ୍ରୀ ନିବାସକୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଦୀର୍ଘଦିନ ହେବ ଚାବି ପକାଇ ରଖିଥିବା ଘଟଣାକୁ ନିନ୍ଦା କରିବା ସହ ଆଗକୁ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଉପସଭାପତି ହୋତା ପ୍ରକାଶ କରିଛନ୍ତି। ଏଥିରେ ସହ ସମ୍ପାଦକ ଦେବବ୍ରିତ୍ତ ମିଶ୍ର, ରମାକାନ୍ତ ଶତପଥୀ, ପ୍ରଫୁଲ୍ଲ ମହାପାତ୍ର, ଜୟନ୍ତ ମିଶ୍ର, ବୁଦ୍ଧନାଥ ମଲିକ, ଧାଡ଼ିଆ ପ୍ରଧାନ ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ରାସ୍ତା କାମକୁ ନେଇ ଗୋଷ୍ଠୀ ସଂଘର୍ଷ

**ଉଭୟ ପକ୍ଷର ୪ ଗୁରୁତର**

କଣାସ,୨୧।୮(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତଥା ଗଡ଼ିଶାଗୋଦା ଥାନା ଅଧୀନ ଖଡିକା ସେତୁ ପାର୍ଶ୍ୱରେ ନିର୍ମାଣାଧୀନ ବ୍ରିଜ୍‌ର ଉଭୟପାର୍ଶ୍ୱ କାମକୁ ନେଇ ମଙ୍ଗଳବାର ଅପରାହ୍ନରେ ଠିକାଦାରଙ୍କ ଲୋକ ଓ ମାଆଙ୍କ ଗ୍ରାମବାସୀଙ୍କ ମଧ୍ୟରେ ବଚସା ହେବା ସହ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଛନ୍ତି। ଫଳରେ ଉଭୟ ପକ୍ଷର ଦୁଇଜଣ ଲେଖାଏ ଗୁରୁତର ଆହତ ହୋଇ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ମାଆଙ୍କ ଗାଁର ଗୁରୁତର ଆହତ ହୋଇଥିବା କୈଳାସ ସାହୁଙ୍କ ସ୍ତ୍ରୀ ସସ୍ମିତା ସାହୁ ଅଭିଯୋଗ କରିଛନ୍ତି ଯେ, ଠିକାଦାରଙ୍କ ଲୋକମାନେ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଛନ୍ତି। ଏ ନେଇ ସେ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଏକ କେସ୍ (ନଂ. ୧୬୪/୨୦୨୪) ରୁଜୁ କରିଛନ୍ତି। ଅପର ପକ୍ଷର କାଇପଦର ଗ୍ରାମର ଠିକାଦାରଙ୍କ ସମର୍ଥକ କିରଣ କୁମାର ସାମନ୍ତରାୟ ଆକ୍ରମଣ ନେଇ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୃଥକ ମାମଲା (ନଂ. ୧୬୫/୨୦୨୪) ରୁଜୁ ହୋଇଛି। ପୋଲିସ ଉଭୟ ଅଭିଯୋଗର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଦେଇପୁର ଠାରୁ ବାଜପଦରକୁ ଯାଉଥିବା ରାସ୍ତାର ଖଡ଼ିକା ନଦୀ ଉପରେ ସେତୁ ନିର୍ମାଣ କରାଯାଇଥିଲା। ସେତୁ ଉଭୟ ପାର୍ଶ୍ୱରେ ମାଟି ପକାଇବା ପାଇଁ ଠିକାଦାର ମାଆଙ୍କ ଗାଁର କୈଳାସଙ୍କୁ କହିବାରୁ ସେ ନିଜ ଟ୍ରାକ୍ଟରରେ ମାଟି ନେଇ ପକାଇଥିଲେ। ଠିକାଦାର ତାଙ୍କର ହିସାବ କିତାବ କରି ନ ଥିବା ଓ ଟଙ୍କା ବାକି ରଖିଥିବା ବେଳେ ଅନ୍ୟ ଲୋକଙ୍କୁ ଆଣି କାମ କରାଇଥିଲେ। କୈଳାସ ଏହାର ପ୍ରତିବାଦ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଓ ପରେ ଆକ୍ରମଣ ହେବାରୁ ୪ଜଣ ଆହତ ହୋଇଥିବା ପୋଲିସ୍ ଠାରୁ ସୂଚନା ମିଳିଛି।

## 'ନିମାପଡ଼ାର ସାମଗ୍ରିକ ବିକାଶ ମୋର ଲକ୍ଷ୍ୟ'

ନିମାପଡ଼ା,୨୧।୮(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ମୋର ମୁଖ୍ୟଲକ୍ଷ୍ୟ। ନନ୍ଦିଘୋଷ ଫାଉଣ୍ଡେଶନ ଅଧ୍ୟକ୍ଷା ବିଶିଷ୍ଟ ସ୍ୱେଚ୍ଛାସେବୀ ରୋଜାଲିନ ନାୟକ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ନିମାପଡ଼ାକୁ ତୁରନ୍ତ ସବ୍‌ଡିଭିଜନର ମାନ୍ୟତା ମିଳିବା, ଓଡ଼ିଶା ପ୍ରସିଦ୍ଧ ନିମାପଡ଼ା ଛେନାଝିଲ୍ଲୀକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ଦିଆଯିବା, ଉଠା ଦୋକାନୀ ଓ ଉଚ୍ଛେଦ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବା, ସାପ୍ତାହିତ ହାଟକୁ ଦୈନିକ ବଜାରରେ ପରିଣତ କରାଯିବା, ଭେଣ୍ଡିଂ ଜୋନ୍‌କୁ ଗୋଟିଏ ସ୍ଥାନରେ କରାଯିବା ସହ ଆବଶ୍ୟକ ପାର୍କିଂ ବ୍ୟବସ୍ଥା କରାଯିବାକୁ ନାୟକ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ସ୍ଥାନୀୟ ଏନ୍‌ଏସି ପୌରାଧ୍ୟକ୍ଷା ସସ୍ମିତା ସାହୁ ଅନାସ୍ଥା ଭୋଟରେ ତାଙ୍କ ପଦ ମର୍ଯ୍ୟାଦା ବଜାୟ ରଖିଥିବାରୁ ରୋଜାଲିନ୍ ପୌରାଧ୍ୟକ୍ଷା ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ କୋଲକାତାରେ ଘଟିଥିବା ମହିଳା ଡାକ୍ତରଙ୍କୁ ବଳାତ୍କାର, ହତ୍ୟା ଘଟଣାକୁ ନାୟକ ତୀବ୍ର ନିନ୍ଦା କରିଥିଲେ।

# ବିଭିନ୍ନ ସ୍ଥାନରେ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ

ପୁରୀ/ ଅସ୍ତରଙ୍ଗ,(ଅଜିତ୍ କୁମାର ମହାନ୍ତି/ ପ୍ରଦୀପ୍ତ ଦୀକ୍ଷିତ)/ କାକଟପୁର/ ଚାରିଛକ/ ପିପିଲି,୨୧।୮ (ଶୁଭଦର୍ଶନ ମିଶ୍ର/ ମମତା ଜେନା/ଶିଶିର ସ୍ୱାଇଁ/ ଦୁର୍ଗା ମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)

ଏସ୍‌ସି-ଏସ୍‌ଟି ସଂରକ୍ଷଣ ନେଇ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରି ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ପୁରୀରେ ଦେଖିବାକୁ ମିଳିଛି । ପୁରୀ ବସ୍‌ଷ୍ଟାଣ୍ଡରୁ ବସ୍ ଗଡି ନ ଥିବା ବେଳେ ରେଳଷ୍ଟେଶନରେ ପିକେଟିଂ କରି କେତେକ ଟ୍ରେନ ଅଟକାଯାଇଥିଲା। ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରାଯାଇଥିଲା। ଆଂଶିକ ପ୍ରଭାବ ଅସ୍ତରଙ୍ଗରେ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବଜାରରେ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ଅସ୍ତରଙ୍ଗ ବଜାରରେ କିଛି ସମୟ ପାଇଁ ଦୋକାନ ବଜାର ବନ୍ଦ କରାଯାଇଥିବାବେଳେ ଆନ୍ଦୋଳନକାରୀ ନାରାବାଜି ଦେଇଥିଲେ। କିଛି କିଛି ସ୍ଥାନରେ ରାସ୍ତାରୋକୋ ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପିକେଟିଂ ମଧ୍ୟ କରାଯାଉଛି। ତେବେ ଏହି ବନ୍ଦରୁ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଛି। ଆଇନି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ମଧ୍ୟ ଅସ୍ତରଙ୍ଗ ବଜାରରେ ମୁତୟନ ହୋଇଥିଲେ। ସେହିପରି କାକଟପୁର ବଜାରରେ କାକଟପୁର ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ କିଛି ଦୋକାନ ବଜାର ବନ୍ଦ କରାଯାଇଥିଲା। ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବଜାରରେ ପୋଲିସ ମୂତୟନ ହୋଇଥିଲେ। ଆନ୍ଦୋଳନରେ ସରଫରାଜ ଖାନ୍, ମିଥୁନ କାଣ୍ଡି, କୁମାର ତପନ, ପ୍ରଶାନ୍ତ ରାଉତ, ମନୋଜ ଭୋଇ, ବାଉରୀବନ୍ଧୁ କାଣ୍ଡି, ନରେଶ କାଣ୍ଡି ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

ଭାରତ ବନ୍ଦର ପ୍ରଭାବ ଚାରିଛକଠାରେ ଦେଖିବାକୁ ମିଳିଛି। ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଭୋଇ ସମାଜ ପକ୍ଷରୁ ଅଞ୍ଚଳରେ ବନ୍ଦ ଡାକରା ଦିଆଯାଇଥିଲା। ଅଲ୍ ଓଡ଼ିଶା ଭୋଇ ସମାଜ ସମ୍ପାଦକ ନିରଞ୍ଜନ ଭୋଇ, ଆମ୍ବେଦକର ବିକାଶ ପରିଷଦ ସାଧାରଣ ସମ୍ପାଦକ ଜୟନ୍ତ ସେଠୀ, ଓଡ଼ିଶା ଦଳିତ ସଂଘ ସାଧାରଣ ସମ୍ପାଦକ ବ୍ରହ୍ମାନନ୍ଦ ଭୋଇଙ୍କ ସମେତ ସୁମନ୍ତ ଭୋଇ, ଅଶୋକ ରାଉତ, ଆର୍ତ୍ତ ଭୋଇ, ଅମିନ ମଲ୍ଲିକ, ନିରଞ୍ଜନ ରାଉତ, ଲୁଲୁ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ପିକେଟିଂ କରାଯାଇଥିଲା। ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଗଣ୍ଡଗୋଳକୁ ଲକ୍ଷ୍ୟ ରଖି ସଦଳବଳେ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବେଦକର ବିକାଶ ପରିଷଦ, ଭୋଇ ସମାଜ ଓ ଦଳିତ ସଙ୍ଗଠନର ଶତାଧିକ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

ପିପିଲିରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। ପିପିଲି ଟୋଲ୍‌ଗେଟଠାରେ ଜାତୀୟ ଦଳିତ ମହାସଂଘ ଏବଂ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶହ ଶହ ଆନ୍ଦୋଳନକାରୀ ସାମିଲ ହୋଇ ଟାୟାର ଜାଳି ରାସ୍ତା ଅବରୋଧ କରି ପିରତିବାଦ କରିଛନ୍ତି। ଏଥିସହ ବିଭିନ୍ନ ସ୍ଲୋଗାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ କେନ୍ଦ୍ର ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଦଳିତ ମହାସଂଘ ସଭାପତି ବିଜୟ ସେଠୀ ଓ କମ୍ୟୁନିଷ୍ଟ ନେତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଗଙ୍ଗାଧର ସେଠୀ, ସର୍ବେଶ୍ୱର ଭାରତୀ, କାହ୍ନୁ ଚରଣ ବେହେରା, କିଷାନ ପଟ୍ଟନାୟକଙ୍କ ସମେତ ଅନେକ ମହିଳା ପୁରୁଷ ପ୍ଲା କାର୍ଡ ଓ ପତାକା ଧରି ଆନ୍ଦୋଳନ କରିଥିଲେ। ସକାଳ ପ୍ରାୟ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିଥିଲା। ଖବର ପାଇ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ପ୍ରତିବାଦ ଚାଲିଥିବାବେଳେ ପିପିଲି ଷ୍ଟେଟବ୍ୟାଙ୍କ, ଗ୍ରାମବ୍ୟାଙ୍କ ସହ ଅନେକ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇ କିଛି ସମୟ ବନ୍ଦ ରଖିବାକୁ ନିବେଦନ କରାଯାଇଥିଲା। ତେବେ କେନ୍ଦ୍ର ସରକାର ଏସ୍‌ସି/ଏସ୍‌ଟି କୋଟା ଉଚ୍ଛେଦ ବନ୍ଦ ନ କଲେ ଆଗାମୀ ଦିନରେ ଏଭଳି ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ ଚେତାବନୀ ଦେଇଛନ୍ତି।



କାକଟପୁରଠାରେ ବିକ୍ଷୋଭ କରାଯାଉଛି।


ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।


ପିପିଲି ଟୋଲଗେଟ୍‌ଠାରେ ଆନ୍ଦୋଳନ।

## ପ୍ରଥମ ପୃଷ୍ଠାରୁ...



ରାଜ୍ୟ ସଭା ଆସନ ଲାଗି ବୁଧବାର ବିଧାନସଭାର ରୁମ୍ ନଂ ୨୨ରେ ରିଟର୍ନିଂ ଅଫିସର ଅବନୀକାନ୍ତ ନାୟକଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାଜପା ପକ୍ଷରୁ ମମତା ମହାନ୍ତ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ରାଜ୍ୟ ସଭା ଆସନ ଲାଗି ଭାଜପା ନେତା ଜଗନ୍ନାଥ ପ୍ରଧାନ ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରୁଛନ୍ତି। ନିକଟରେ ଭାଜପାର କେତେ ଜଣ ବିଧାୟକ ଉପସ୍ଥିତ ଅଛନ୍ତି।

### ଆସନ ଗୋଟିଏ, ...

ଦଳର ଖରାପ ସମୟରେ ଯେଉଁମାନେ ଥିଲେ ସେମାନେ ଏହି ସମ୍ମାନ ପାଇବାରୁ ବଞ୍ଚିତ ହେଉଛନ୍ତି। ଭାଜପା ସରକାର ରାଜ୍ୟରେ ଆସିବା ପରେ ପ୍ରଥମ ଥର ଲାଗି ଗୋଟିଏ ରାଜ୍ୟ ସଭା ଆସନ ଦଳ ସପକ୍ଷରେ ଥିବାବେଳେ ଅନ୍ୟ ଦଳରୁ ଆସିଥିବା ମମତା ମହାନ୍ତଙ୍କୁ ବିଧିବଦ୍ଧଭାବେ ଦଳୀୟ ପ୍ରାର୍ଥୀ କରାଯାଇଥିବାବେଳେ, ଆପଣଙ୍କୁ କାହିଁକି ସ୍ୱାଧୀନ ପ୍ରାର୍ଥୀ କରାଗଲା ବୋଲି ଧରିତ୍ରୀ ପକ୍ଷରୁ ଜଗନ୍ନାଥ ପ୍ରଧାନଙ୍କୁ ପଚରାଯିବାରୁ ସେ, ହାତଯୋଡ଼ି ପ୍ରସଙ୍ଗକୁ ଏଡ଼ାଇଯାଇଥିଲେ।

# ନିମାପଡ଼ା ଏନ୍ଏସି: ଭୋଟ ନାକଚକୁ ନେଇ ରାଜନୀତି

ନିମାପଡ଼ା,୨୧।୮(ରଞ୍ଜନ ପଟ୍ଟନାୟକ)



କିଏ କଲା ନିଜ ଭୋଟକୁ ନାକଚ? ନିମାପଡ଼ା ଏନ୍ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ ଖାଇବା ପରେ ଏଠାକାର ରାଜନୀତି ରୋଚକ ମୋଡ଼ ନେଇଛି। ପ୍ରକୃତରେ କିଏ ସେହି କାଉନସିଲର ଯିଏ ନିଜ ଭୋଟକୁ ନାକଚ କରିଛନ୍ତି, ତାକୁ ନେଇ ଭାଜପା ଶିବିରରେ ଚାଲିଛି ତନାଘନା। ସୂଚନାଯୋଗ୍ୟ, ନିମାପଡ଼ା ଏନ୍ଏସିରେ ୧୧ ଜଣ ନିର୍ବାଚିତ କାଉନସିଲର ରହିଛନ୍ତି। ୭ ଜଣ ବିଜେଡି କାଉନସିଲର ଥିଲେ। ପୂର୍ବତନ ମନ୍ତ୍ରୀ ସମୀର ଦାଶ ବିଜେଡିରେ ଥିବାବେଳେ ଯେଉଁ ୭ ଜଣ ଦଳୀୟ କାଉନସିଲର ରହିଥିଲେ ସେମାନଙ୍କ ମଧ୍ୟରୁ ୬ ଜଣ ତାଙ୍କ ଖାସ ଲୋକ ବୋଲି କୁହାଯାଉଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ସମୀର ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଥିଲେ। ତାଙ୍କ ସମର୍ଥକ କାଉନସିଲରମାନେ ମଧ୍ୟ ଭାଜପାରେ ଯୋଗଦେଇଥିଲେ। ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏନ୍ଏସି କ୍ଷମତାରେ ଥିବା ବିଜେଡି ଅଧ୍ୟକ୍ଷା ସସ୍ମିତା ସାହୁଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିଲା। ସମୀରଙ୍କ ୬ ଜଣ ଅନୁଗତଙ୍କ ସହ ଭାଜପାର ୨ ଜଣକୁ ମିଶାଇଲେ ଅନାସ୍ଥା ସପକ୍ଷରେ ୮ ଜଣ ଭୋଟ ଦେବେ ବୋଲି ଆକଳନ କରାଯାଉଥିଲା। ଅନାସ୍ଥା ଭୋଟବେଳେ ୮ ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ଭୋଟ ନାକଚ କରିଦେଇଥିଲେ। ଏହା ସିକ୍ରେଟ ବ୍ୟାଲଟ ଭୋଟିଂ ହୋଇଥିବାରୁ କିଏ ନାକଚ କରିଛି ତାହା ଜାଣିବା ସମ୍ଭବ ନୁହେଁ। ଭାଜପା ସମର୍ଥିତ ଯେଉଁ ୮ଜଣ କାଉନସିଲର ଭୋଟ ଦେବାକୁ ଯାଇଥିଲେ, ସମସ୍ତଙ୍କୁ ଗୋପ ବ୍ଲକର ପ୍ରସିଦ୍ଧ ମହାଦେବ ମନ୍ଦିରକୁ ଡାକି ସେଠାରେ ଠାକୁରଙ୍କ ନିୟମ କରାଇ କିଏ ନାକଚ କରିଛି ବୋଲି ପଚରା ଉଚରା କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଅନାସ୍ଥା ଭୋଟର ୪ ଦିନ ପୂର୍ବରୁ ଏହି କାଉନସିଲରଙ୍କୁ ଅଜ୍ଞାତବାସରେ ରଖାଯାଇଥିଲା। କେତେଜଣଙ୍କୁ ଅଧ୍ୟକ୍ଷାଙ୍କ ବିରୋଧରେ ଭୋଟ ଦେବାକୁ ଅର୍ଥ ଲୋଭ ସହିତ ଧମକ ଦିଆଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅନାସ୍ଥା କାଏମ ରଖିବା ନିମନ୍ତେ ଆବଶ୍ୟକ ୮ ଜଣଙ୍କ ସମର୍ଥନ ମିଳିପାରି ନ ପାରିବାରୁ ଏହା କାଟ ଖାଇଯାଇଥିଲା। ଏହାକୁ ନେଇ ଏଠାକାର ରାଜନୀତି ସରଗରମ ହୋଇଛି।

# କେନ୍ଦ୍ରର ନୀରବତା ଏସ୍‌ସି, ଏସ୍‌ଟିଙ୍କୁ ବ୍ୟଥିତ କରିଛି: ବିଜେଡି

ଭୁବନେଶ୍ୱର,୨୧।୮(ଅନିଲଦାସ)

ସମଗ୍ର ଦେଶରେ ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକମାନେ ଜୋରଦାର ଆନ୍ଦୋଳନ କରୁଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିକଟରେ ଦିଆଯାଇଥିବା ଏକ ଅର୍ଡରରେ ରିଜରଭେଶନ ଭିତରେ ସବ୍ କାଟାଗୋରି ଗଠନ କରିବା ଓ କ୍ରିମିଲେୟାରବର୍ଗଙ୍କୁ ରିଜରଭେଶନରୁ ବାଦ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦେଶର ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ବୋଲି ବିଜେଡି କହିଛି। ଏ ନେଇ କେନ୍ଦ୍ର ସରକାରଙ୍କ ନୀରବତା ଏସ୍‌ସି ଓ ଏସ୍‌ଟି ବର୍ଗଙ୍କୁ ବ୍ୟଥିତ କରିଛି ବୋଲି ବିଜେଡି ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝି କହିଛନ୍ତି।

ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜୁ ଜନତା ଦଳ ସବୁ ସମୟରେ ଏସ୍‌ସି ଓ ଏସ୍‌ଟି ବର୍ଗର ମଙ୍ଗଳ ସହ ତାଙ୍କର ସମସ୍ତ ନ୍ୟାଯ୍ୟ ଦାବି ପୂରଣ ପାଇଁ ଲଢ଼େଇ ଜାରି ରଖିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆଦିବାସୀ ଓ ଦଳିତ ବର୍ଗର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ କାର୍ଯ୍ୟ ହୋଇଛି। ରାଜ୍ୟର ୩ଟି ମେଡିକାଲ କଲେଜ ଆଦିବାସୀ ସମ୍ପ୍ରଦାୟର ବରପୁତ୍ରଙ୍କ ନାମରେ ନାମିତ ହୋଇଥିବା ବେଳେ ରାଉରକେଲାରେ ନିର୍ମିତ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମକୁ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ କରାଯାଇଛି। ଆଦିବାସୀ ଓ ଦଳିତବର୍ଗର ଲୋକଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ତତ୍ପର ରହିଛି ଓ ଅଦାଲତର ରାୟକୁ ଅନୁଧ୍ୟାନ କରି ଅତିଶୀଘ୍ର ବିଜେଡି ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ପ୍ରିୟବ୍ରତ କହିଛନ୍ତି।

# ଏଭଳି 'ଭାରତ ବନ୍ଦ' ନିନ୍ଦନୀୟ: ଭାଜପା

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀଙ୍କ ଉପରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ଆସ୍ଥା ଓ ଭରସା ରହିଛି। ୨୦୧୪ରେ ମୋଦି ଦେଶର ପ୍ରଧାନମନ୍ତ୍ରୀ ହେବାପରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସ୍ୱାର୍ଥରକ୍ଷା କରିବା ଦିଗରେ କାର୍ଯ୍ୟ କରିଥିଲେ। ଏହାସହ ସାମାଜିକ, ରାଜନୈତିକ, ମନ୍ତ୍ରିମଣ୍ଡଳର ସବୁ ଜାଗାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରହିବା ଦିଗରେ ଚେଷ୍ଟା କରିଥିଲେ। ମୋଦି ଆମ୍ବେଡକରଙ୍କୁ ସମ୍ମାନ ଦେବା ପାଇଁ ପଞ୍ଚତୀର୍ଥର ବ୍ୟବସ୍ଥା କରିଛନ୍ତି। ଅପରପକ୍ଷେ ଆମ୍ବେଡକରଙ୍କୁ ଅତୀତରେ ଯେଉଁ ଦଳଗୁଡ଼ିକ ସମ୍ମାନ ଦେଇ ନ ଥିଲେ ବର୍ତ୍ତମାନ ସେମାନଙ୍କ ଇଙ୍ଗିତରେ ଭାରତ ବନ୍ଦ କାର୍ଯ୍ୟକ୍ରମ ଚାଲୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁପ୍ରସାଦ କହିଛନ୍ତି, ଭାଜପା ସରକାରକୁ ବଦନାମ କରିବା ପାଇଁ ଭାରତ ବନ୍ଦ ଡାକରା ଦିଆଯାଇଛି। ଭାରତ ବନ୍ଦ ଡାକରାରେ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ଯୋଡ଼ି ନ ହେବା ସହ ଆନ୍ଦୋଳନକୁ ସଫଳ କରିବାକୁ ଦେଇନାହାନ୍ତି। 'ଭାରତ ବନ୍ଦ' ଡାକରାକୁ ଅସଫଳ କରିଥିବାରୁ ରାଜ୍ୟବାସୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତିର ବର୍ଗୀକରଣ ଆଧାରରେ କ୍ରିମି ଲେୟରମାନଙ୍କୁ ସଂରକ୍ଷଣରୁ ବାଦ୍‌ଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପ୍ରଦାନ କରିବା ପରିପ୍ରେକ୍ଷୀରେ ଭାଜପାର ସମସ୍ତ ଏସ୍‌ସି ଓ ଏସ୍‌ଟି ଏମ୍‌ପି ପ୍ରଧାନମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କ୍ରିମି ଲେୟର ଆଧାରରେ ଏସ୍‌ସି, ଏସ୍‌ଟିଙ୍କ ମଧ୍ୟରେ ବର୍ଗୀକରଣକରି ବିଭେଦ ସୃଷ୍ଟି ନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଟିପ୍ପଣୀକୁ ନେଇ ବିଚଳିତ କିମ୍ବା ଭୟଭୀତ ନ ହେବା ପାଇଁ ପ୍ରଧାନମନ୍ତ୍ରୀ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ବୋଲି ବିଭୁପ୍ରସାଦ କହିଛନ୍ତି।

# ଆଜି ଇଡି ଅଫିସ୍ ଆଗରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଆହ୍ୱାନକ୍ରମେ ଦେଶବ୍ୟାପୀ ଇଡି ଅଫିସ୍(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯିବ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ନୟାପଲ୍ଲୀସ୍ଥିତ ଇଡି ଅଫିସ୍ ସମ୍ମୁଖରେ ପୂର୍ବାହ୍ନ ୧୧ଟା ସମୟରେ ବିକ୍ଷୋଭ ହେବ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରବିବାର କଂଗ୍ରେସ ଭବନଠାରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ନିଆଯାଇଛି।

# ନର୍ଲା ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ ୧୭ ଯାଏ ସ୍ଥଗିତ

ଭବାନୀପାଟଣା,୨୧।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ନର୍ଲା ବ୍ଲକରେ ଗୁରୁବାର ଅଧ୍ୟକ୍ଷ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନ ଆସନ୍ତା ୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରହିଛି। ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଉଚ୍ଚ ନ୍ୟାୟାଳୟରେ କରିଥିବା ଆବେଦନର ବିଚାର କରି ବିଚାରପତି ବି.ପି. ରାଉତରାୟ ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ ସେପ୍ଟେମ୍ବର ୧୭ ଯାଏ ସ୍ଥଗିତ ରହିଥିବା ନେଇ ଶୁଣାଣି କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନର ସମଗ୍ର ଓଡ଼ିଶାରେ ଖାଲି ପଡ଼ିଥିବା ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ନିମନ୍ତେ ଅଗଷ୍ଟ ୨୨ତାରିଖ ଘୋଷଣା କରିଥିଲେ। ହେଲେ ନର୍ଲା ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ କର୍ମେ ପଞ୍ଚାୟତର ସମିତି ସଦସ୍ୟ ପଦବୀ ଖାଲି ପଡ଼ିଛି, ଯେଉଁଠାରେ ନର୍ଲା ବ୍ଲକ ପୂର୍ବତନ ଅଧ୍ୟକ୍ଷା ମନୋରମା ମହାନ୍ତି ନିର୍ବାଚିତ ହୋଇଥିଲେ। ସେ ବିଧାୟିକା ଭାବରେ ନିର୍ବାଚିତ ହେବା ପରେ ବ୍ଲକ ଅଧ୍ୟକ୍ଷା ପଦବୀରୁ ଇସ୍ତଫା ଦେଇଥିଲେ। ଏଣୁ ଖାଲିଥିବା ସମିତି ସଦସ୍ୟ ପଦବୀ ପୂରଣ ହୋଇ ନ ଥିବାବେଳେ ବ୍ଲକ ଅଧ୍ୟକ୍ଷା ପଦବୀ ନିର୍ବାଚନ ସ୍ଥଗିତ ରଖିବା ପାଇଁ ଉପାଧ୍ୟକ୍ଷ ମହାନ୍ତି ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ।



ଏନ୍‌ଡିଏ ପ୍ରାର୍ଥୀ ଉପେନ୍ଦ୍ର କୁଶ୍ୱାହ ଓ ମନନ୍ କୁମାର ମିଶ୍ର ବୁଧବାର ବିହାର ବିଧାନସଭାରେ ରାଜ୍ୟ ସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଦୁଇ ପ୍ରାର୍ଥୀଙ୍କ ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

# ମଦ ମୃତ୍ୟୁର ଅନୁଧ୍ୟାନ କରିବ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର,୨୧।୮(ଅନିଲ ଦାସ)

**ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଚିକିଟି ଯିବ**

ଭାଜପା ସରକାର ଦାୟିତ୍ୱ ନେବାର ୧୦୦ ଦିନ ନ ପୂରୁଣୁ ଅପମିଶ୍ରିତ ମଦ ପିଇ ଗଞ୍ଜାମ ଜିଲା ଅନ୍ତର୍ଗତ ଚିକିଟିଠାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଅନେକଲୋକମୃତ୍ୟୁସହସଂଗ୍ରାମକରୁଛନ୍ତି। ଏହି ଘଟଣାକୁ ନେଇ ବିଜେଡି ବିଧାନସଭାରେ ପ୍ରଶ୍ନ ଉଠାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ମଦ ମୃତ୍ୟୁ ଘଟଣାର ଅନୁଧ୍ୟାନ ପାଇଁ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ପୂଜାରୀଙ୍କ ସହ ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ବିକ୍ରମ କୁମାର ପଣ୍ଡା ରହିଛନ୍ତି। ଏହି ଟିମ୍ ଗୁରୁବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସଭାପତିଙ୍କୁ ମଦ ମୃତ୍ୟୁ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିବେ। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି।

## ବିଧାନସଭା ଖବର

# ୧୦ ବର୍ଷରେ ଫୁଡ୍ ସବ୍‌ସିଡି ବକେୟା ୯୫୬୪ କୋଟି

**ମିଳିଛି ୨୫୦୦ କୋଟି**

ଭୁବନେଶ୍ୱର,୨୧।୮(ଅନିଲ ଦାସ)

ଫୁଡ୍ ସବ୍‌ସିଡି ବାବଦରେ କେନ୍ଦ୍ର ସରକାରଙ୍କ ନିକଟରେ ୨୦୧୪ରୁ ୨୦୨୪ ମଧ୍ୟରେ ରାଜ୍ୟର ୯୫୬୪ କୋଟି ଟଙ୍କା ବକେୟା ରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନାରେ ରାଜ୍ୟରେ ବିନିଯୋଗ ହୋଇଥିବା ଚାଉଳ ବାବଦରେ ଭାରତ ସରକାର ସବ୍‌ସିଡି ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ଭାରତ ସରକାରଙ୍କ ସହ ବୁଝାମଣା ଅନୁସାରେ ଅଗ୍ରିମ ସବ୍‌ସିଡି ରାଶି ତ୍ରୈମାସିକ ଭିତ୍ତିରେ ରାଜ୍ୟ ସରକାର ପାଇବାର ବ୍ୟବସ୍ଥା ଅଛି। ଧାନ ସଂଗ୍ରହଣ ପ୍ରକ୍ରିୟା ପ୍ରଭାବିତ ନ ହେବା ପାଇଁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକଠାରୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଋଣ ଆକାରରେ ଅର୍ଥ ରାଶି ସଂଗ୍ରହ କରି ଧାନକ୍ରୟ ବାବଦ ଖର୍ଚ୍ଚ ଆଗୁଆ ବହନ କରିଥାନ୍ତି। ଧାନକିଣା ବାବଦରେ କେନ୍ଦ୍ର ସରକାର କୌଣସି ଅର୍ଥ ପ୍ରତ୍ୟକ୍ଷ ଭାବେ ଦେଇ ନ ଥାନ୍ତି। ସଂଗୃହୀତ ଧାନକୁ ଚାଉଳ କରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀଙ୍କୁ ବାଣ୍ଟି ସାରିବା ପରେ ରାଜ୍ୟ ସରକାର ତ୍ରୈମାସିକ ସବ୍‌ସିଡି ବିଲ୍‌କୁ କେନ୍ଦ୍ର ସରକାରଙ୍କ ପାଖରେ ଜମା କରିଥାନ୍ତି। ଗତ ଧାନ ସଂଗ୍ରହ ବର୍ଷ ୨୦୨୩-୨୪ରେ ଚାଉଳ ବାବଦକୁ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୫୮୭୧କୋଟି ଟଙ୍କା ପୈଠ କରିଛନ୍ତି। ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ଗୌତମବୁଦ୍ଧ ଦାସଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସବ୍‌ସିଡି ବାବଦରେ ରାଜ୍ୟର ବକେୟା ଅର୍ଥରୁ କେନ୍ଦ୍ର ସରକାର ୨୫୦୦କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ୫୦୦ ଆଦିବାସୀ ଗାଁକୁ ଆଦର୍ଶ ଗ୍ରାମ କରାଯିବ: ମନ୍ତ୍ରୀ ନିତ୍ୟାନନ୍ଦ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଆସନ୍ତା ୫ ବର୍ଷରେ ୫ ଶହ ଆଦିବାସୀ ଗ୍ରାମକୁ ଆଦର୍ଶ ଆଦିବାସୀ ଗ୍ରାମରେ ପରିଣତ କରାଯିବ। ସେହିପରି ଆଦିବାସୀ ବହୁଳ ଜିଲା ଯଥା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଆଦିବାସୀ ସଂଗ୍ରହାଳୟ ସ୍ଥାପନ କରିବାର ଯୋଜନା ରହିଛି। ୧୬ ଶହ ପ୍ରାଥମିକ ସ୍କୁଲରେ ନୂଆ ହଷ୍ଟେଲ ନିର୍ମାଣ କରାଯିବ। ପ୍ରତି ହଷ୍ଟେଲ ପିଛା ୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଥମ ପର୍ଯ୍ୟାୟରେ ୩୦୧ଟି ହଷ୍ଟେଲର ଉନ୍ନତୀକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ନୂଆ ୫ ଶହ ପ୍ରାଥମିକ ସ୍କୁଲରେ ହଷ୍ଟେଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି। ରାଜ୍ୟରେ ୧୩ ପ୍ରକାରର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ(ପିଭିଟିଜି) ଲୋକ ୧୪ ଜିଲାର ୧୬୭୯ଟି ଗାଁରେ ବସବାସ କରୁଛନ୍ତି। ତେବେ ସେମାନେ ରହୁଥିବା ଗାଁଗୁଡ଼ିକ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଓ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନରେ ସାମିଲ ହେବ। ଚଳିତ ଆର୍ଥିକ ବର୍ଷରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ପରିମାଣ ବୃଦ୍ଧି ପାଇବ। ସେଥିଲାଗି ୫୩୨ କୋଟି ୪୮ ଲକ୍ଷ ୭୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଦୈନିକ ମିଲ୍ ବାବଦରେ ଅର୍ଥରାଶିକୁ ବୃଦ୍ଧି କରାଯିବ। ୫୦ ଟଙ୍କାରୁ ଅଧିକ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଡ୍ରପ୍‌ଆଉଟ୍ ରୋକିବାକୁ ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ସମେତ ଦ୍ୱାଦଶ ପର୍ଯ୍ୟନ୍ତ ଅନ୍ୱେଷା ଯୋଜନା ବୃଦ୍ଧି ପାଇବ। ରାଜ୍ୟର ବିଭିନ୍ନ ସ୍ଥାନରେ ସଂଖ୍ୟାଲଘୁ ସଂସ୍କୃତି କେନ୍ଦ୍ର ନିର୍ମାଣ କରାଯିବା ସହ ଓବିସି ହଷ୍ଟେଲ ମଧ୍ୟ ଗଢ଼ାହେବ। ଶହେ ସ୍କୁଲରେ ଦ୍ୱାଦଶ ପର୍ଯ୍ୟନ୍ତ ପାଠପଢ଼ା ନେଇ ବ୍ୟବସ୍ଥା କରାଯିବ। ତେବେ ଚଳିତ ଆର୍ଥିକ ବର୍ଷରେ ଏହି ବିଭାଗର କାର୍ଯ୍ୟକ୍ରମ ବ୍ୟୟ ଅଟକଳ ବାବଦରେ ୪୫୫୭ କୋଟି ୩୩ ଲକ୍ଷ ୧ ହଜାର ଟଙ୍କା, ପ୍ରଶାସନିକ ବ୍ୟୟ ବାବଦରେ ୧୧୯୨ କୋଟି ୪୪ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ମୋଟ ୫୭୪୯ କୋଟି ୭୯ ଲକ୍ଷ ୯୧ ହଜାର ଟଙ୍କାର ବ୍ୟୟବରାଦ ହୋଇଛି; ଯାହା ଗତ ଆର୍ଥିକ ବର୍ଷର ମୂଳ ବଜେଟ ଅଟକଳର ପରିମାଣରୁ ୨୩ ପ୍ରତିଶତ ଅଧିକ। ଗତବର୍ଷ ଏହା ୪୬୫୧.୭୭ କୋଟି ଥିବା ମନ୍ତ୍ରୀ ଗଣ୍ଡ ଉଲ୍ଲେଖ କରିଛନ୍ତି।

# ଖର୍ଚ୍ଚଦାବି ଆଲୋଚନା: ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)



- ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଟଙ୍କା କେବେ ଫେରାଇବ: ରଣେନ୍ଦ୍ର
- ଆସନ ବଦଳିବା ପରେ ଜ୍ଞାନଭଣ୍ଡାର ଖୋଲିଯାଇଛି: ସନାତନ
- ସରକାରଙ୍କ କାର୍ତ୍ତି ସମସ୍ତେ ଜାଣନ୍ତି: କାଡାମ

ଭାଜପା ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ବିରୋଧୀ। ଓଡ଼ିଶାରେ ଭାଜପା ସରକାର ପେସା ଆଇନ କେବେ ଲାଗୁକରିବେ ତା'ର ଉତ୍ତର ବିଭାଗୀୟ ମନ୍ତ୍ରୀ କୁହନ୍ତୁ। ସାରା ଦେଶରେ ଭାଜପାର ମୁଖା ବର୍ତ୍ତମାନ ଖୋଲିଗଲାଣି। ଓଡ଼ିଶାରେ ଓଡ଼ିଆ ସଂସ୍କୃତିର ସ୍ଲୋଗାନ ଦେଇ ସରକାରକୁ ଆସିଥିବା ଭାଜପା ସଂଖ୍ୟାଲଘୁଙ୍କ କଲ୍ୟାଣ ପାଇଁ କ'ଣ କଲେଣି କୁହନ୍ତୁ। ଦାଦନ ସମସ୍ୟା ଦୂରକରିବା ଲାଗି ବୁଲ୍‌ଡୋଜର ଲଗାଇବେ ଏବଂ ଜେସିବି ବନ୍ଦ କରିବେ ବୋଲି ସ୍ଲୋଗାନ ଦେଉଥିଲେ। ବୁଲ୍‌ଡୋଜର ଲଗାଇବା ଲାଗି କ'ଣ ସ୍ୱତନ୍ତ୍ର ଅନୁମତି ପାଇଛନ୍ତି କି ବୋଲି ବିରୋଧୀ ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ ଅଟକଳ ଖର୍ଚ୍ଚଦାବି ଆଲୋଚନା ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ଅବସରରେ ରଣେନ୍ଦ୍ର ଆହୁରି କହିଛନ୍ତି, ସରକାର ଆସିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବେ ବୋଲି କହିଥିଲେ, ସେକଥା କ'ଣ ହେଲା ତା'ର ଉତ୍ତର ଦିଅନ୍ତୁ। ରଣେନ୍ଦ୍ର ତାଙ୍କ ବକ୍ତବ୍ୟ ରଖି ସାରିବା ପରେ ଶାସକ ଦଳ ସଦସ୍ୟମାନେ ପାଲଟା ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ। ଶାସକ ଦଳ ସଦସ୍ୟ ସନାତନ ବିଜୁଳି କହିଛନ୍ତି, ବରିଷ୍ଠ ବିଜେଡି ନେତା ଯାହା କହିଲେ ସେଥିରେ ତାଙ୍କର କିଛି ଦୋଷ ନାହିଁ। ସେ ଯେଉଁ ଆସନରେ ବସିଛନ୍ତି ତା'ର ଦୋଷ। ଗତଥର ସେମାନେ ସରକାରରେ ଥିବାବେଳେ କାହିଁ ଥରେ ହେଲେ ତାଙ୍କ ମୁହଁରୁ ଏସବୁ କଥା ଶୁଣିବାକୁ ମିଳିନାହିଁ। ଏବେ ସେପଟ ଆସନକୁ ଯିବା ପରେ ତାଙ୍କ ଜ୍ଞାନର ଭଣ୍ଡାର ବାହାରକୁ ଚାଲିଆସୁଛି। ସେ ଚିଟ୍‌ଫଣ୍ଡ କଥା ଉଠାଉଥିଲେ। ଚିଟ୍‌ଫଣ୍ଡ କେଲେଙ୍କାରୀ ବିଜେଡି ସରକାର ସମୟରେ ଆରମ୍ଭ ହୋଇଛି। ଏହାର ବ୍ରାଣ୍ଡ ଆମ୍ବାସାଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଥିଲେ। ଏହି ଚିଟ୍‌ଫଣ୍ଡ ଦୁର୍ନୀତିରେ ଆଦିବାସୀ ଓ ହରିଜନମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏବେ ବି ଚିଟ୍‌ଫଣ୍ଡ କଥା ଉଠିଲେ ବହୁ ବିଜେଡି ନେତାଙ୍କ ଛାତି ଧଡ଼ ଧଡ଼ ହୁଏ। ବିଜେଡି ସରକାର ସମୟରେ ଏକ କ୍ୟାବିନେଟ୍ ନିଷ୍ପତ୍ତି ହେଲା ଆଦିବାସୀମାନଙ୍କ ଜମି ଅଣଆଦିବାସୀମାନେ କିଣିପାରିବେ। ହେଲେ ଆମେ ସେତେବେଳେ ବିରୋଧୀ ଦଳରେ ଥିଲୁ, ଏହାକୁ ପ୍ରବଳ ବିରୋଧ କରିଥିଲୁ। ଶେଷରେ ସେମାନେ ଏହି କ୍ୟାବିନେଟ୍ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ବାଧହେଲେ। ଶିଳ୍ପପତିମାନଙ୍କୁଖୁସିକରିବାକୁ ବିଜେଡିର ଏହି ଷଡ଼ଯନ୍ତ୍ର ଆଦିବାସୀମାନେ ବୁଝିପାରି ଭାଜପାକୁ ଭୋଟ ଦେଇ ସରକାରକୁ ଆଣିଥିବା ସନାତନ କହିଛନ୍ତି।

ଶାସକ ଦଳ ସଦସ୍ୟ ରଘୁନାଥ ଜଗଦଳା କହିଛନ୍ତି, ବରିଷ୍ଠ ବିଜେଡି ସଦସ୍ୟଙ୍କ କଥା ଶୁଣିବା ପରେ ଗୋଟିଏ କଥା ବୁଝାପଡୁଛି ଏଠି ଚାଲୁଣି କହୁଛି ଛୁଞ୍ଚିକୁ। ବିରୋଧୀ ସଦସ୍ୟ ବହୁ ଜଲ୍‌ଦି ବ୍ୟସ୍ତ ହୋଇପଡୁଛନ୍ତି ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏ ବିଭାଗ ହେଉଛି ଏ ରାଜ୍ୟରେ ବସବାସ କରୁଥିବା ଓବିସି, ଅନୁସୂଚିତ ଜନଜାତି, ଜାତି ବର୍ଗ ଲୋକଙ୍କ ବିକାଶ ପାଇଁ। ଆଦିବାସୀ ବର୍ଗଙ୍କ ବିକାଶ ପାଇଁ ସରକାର କ'ଣ କରିବେ ସେକଥା କୁହନ୍ତୁ। ମୋହନ ଚରଣ ମାଝୀଙ୍କୁ ଆଦିବାସୀ ସମ୍ପ୍ରଦାୟରୁ ମୁଖ୍ୟମନ୍ତ୍ରୀ କଲେ, ମାତ୍ର ତାଙ୍କର ସରକାରରେ କେତେ କାର୍ତ୍ତି ସେକଥା ସମସ୍ତେ ଜାଣିଛନ୍ତି। ଆଦିବାସୀ ବର୍ଗରୁ ଜଣଙ୍କୁ ରାଷ୍ଟ୍ରପତି କଲେ ବୋଲି ଭାଜପା ଡିଣ୍ଡିମ ପିଟୁଛି ହେଲେ ରାମ ମନ୍ଦିରକୁ ପ୍ରବେଶ କରିବା ବିଷୟ କେହି ଭୁଲିନାହାନ୍ତି। ପାର୍ଲାମେଣ୍ଟ ଉଦ୍‌ଘାଟନ ସମୟରେ ରାଷ୍ଟ୍ରପତିଙ୍କୁ କେତେ ସମ୍ମାନ ମିଳିଲା ସେକଥା ମଧ୍ୟ ସମସ୍ତେ ଜାଣିଛନ୍ତି ବୋଲି କାଡାମ କହିଛନ୍ତି। ଶାସକ ଦଳ ସଦସ୍ୟ ଭାସ୍କର ମଢ଼େଇ କହିଛନ୍ତି, ଭାଜପା ଏକ ମାତ୍ର ଦଳ ଯିଏ ଆଦିବାସୀଙ୍କ କଥାକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ରାଜ୍ୟ ମନ୍ତ୍ରିମଣ୍ଡଳକୁ ଦେଖିଲେ ସେକଥା ବୁଝିହେବ। ବିରୋଧୀଙ୍କ କାମ ବିରୋଧ କରିବେ, ସେଥିରେ କିଛି ଅସୁବିଧା ନାହିଁ। ହେଲେ ବିରୋଧୀମାନେ ଗଠନମୂଳକ ପ୍ରସ୍ତାବ ମଧ୍ୟ ଦେବା ଦରକାର ବୋଲି ସେ କହିଛନ୍ତି। ବିଜେଡି ସଦସ୍ୟ ମନୋହର ରନ୍ଧାରୀ କହିଛନ୍ତି, ଗତଥର ତୁଳନାରେ ଏଥର ଏହି ବିଭାଗର ବଜେଟ ଦୁଇଗୁଣା ହେବ ବୋଲି ଆଶା କରୁଥିଲୁ। ହେଲେ ତାହା ହେଲାନାହିଁ। ରାଜ୍ୟରେ ୧୯,୬୩୧ଟି ଆଦିବାସୀ ଗ୍ରାମ ରହିଛି। ସେଥିରୁ ୫୦୦ ଗ୍ରାମକୁ ୫ ବର୍ଷରେ ଆଦର୍ଶ ଗ୍ରାମ କରିବା କଥା ସରକାର କହୁଛନ୍ତି। ତେବେ ଏ କଥାର ସତ୍ୟତା କେତେ ସେକଥା ଜଣାପଡୁଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସି.ଏସ୍. ରାଜନ ଏକ୍କା, ରମେଶ ଚନ୍ଦ୍ର ବେହେରା, ନରସିଂହ ଭତ୍ରା, ରୂପୁ ଭତ୍ରା ଏବଂ ଜଲେନ୍ ନାଏକ ଆଲୋଚନାରେ ଭାଗନେଇଥିଲେ।

**ଶେୟାର ବଜାରରେ ଉତ୍ସାହ**
ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୦୨ (୧୦୨.୪୪) ପଏଣ୍ଟ ବଢ଼ି ୮୦,୯୦୫(୮୦,୯୦୫.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୭୧ (୭୧.୩୫) ପଏଣ୍ଟ ବୃଦ୍ଧି ଘଟି ୨୪,୭୭୦ (୨୪,୭୭୦.୨୦) ଅଙ୍କରେ କାରବାର ଶେଷ କରିଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆମାଜନ ଡଟ୍ ଇନ୍‌ରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର

**ଭୁବନେଶ୍ୱର,୨୧।୮**

ଦେଶର ଅଗ୍ରଣୀ ଇ-କର୍ମସ ପ୍ଲାଟ୍‌ଫର୍ମ ଆମାଜନ ଡଟ୍ ଇନ୍‌ରେ କ୍ରମାଗତ ଭାବେ ଅନ୍‌ଲାଇନ କାରବାର ବୃଦ୍ଧି ପାଇଛି। ଏପରିକି କ୍ରମାଗତ ଭାବେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ମଧ୍ୟ ଅନ୍‌ଲାଇନ କାରବାର ପ୍ରତି ଆଗ୍ରହ ବଢ଼ିଛି। ସର୍ବଭାରତୀୟସ୍ତରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଭାବେ ଉଭା ହୋଇଛି ଏବଂ ଏହା ଆମାଜନ ଡଟ୍ ଇନ୍‌ର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭାରତର ସବୁଠାରୁ ପ୍ରିୟ ବଜାର ଭାବେ ଆମାଜନ ଡଟ୍ ଇନ୍ ରାଜ୍ୟ ଏବଂ ଦେଶରେ ସ୍ଥାନୀୟ ଷ୍ଟୋର ଏବଂ ଏମ୍ଏସ୍ଏମ୍ଇ ସହ ନୂତନ ଉପକରଣ, ଜ୍ଞାନକୌଶଳ, ଉଦ୍ଭାବନ ଏବଂ ପଦକ୍ଷେପ ଆଣିବା ଜାରି ରଖିବ।



କେ.ଏନ୍.ଶ୍ରୀକାନ୍ତ

ଏହା ଭାରତୀୟ ବ୍ୟବସାୟର ଉଦ୍ୟୋଗୀ ଭାବନାକୁ ଉନ୍ମୋଚନ କରିବ। ରାଜ୍ୟରେ ଅନ୍‌ଲାଇନ ମାର୍କେଟ ପ୍ଲେସ୍‌ରେ ୫୧ଜଣ ସର୍ଭିସ ପାର୍ଟନର, ୫୨ଡେଲିଭରି ଷ୍ଟେଶନ ଏବଂ ପ୍ରାୟ ୧୬,୦୦୦ ସେଲର ରହିଛନ୍ତି ବୋଲି ଆମାଜନ ଡଟ୍ ଇନ୍ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ଓଡ଼ିଶା ଓ ଭୁବନେଶ୍ୱର ବଜାରରେ ପ୍ଲାଟ୍‌ଫର୍ମର ହୋମ୍, କିଚେନ୍ ଏବଂ ଆଉଟଡୋର ବ୍ୟବସାୟ ବାର୍ଷିକ ଆଧାରରେ ପ୍ରାୟ ୨୫% ଅଭିବୃଦ୍ଧି ଘଟିଥିବା ବେଳେ ନୂଆ ଗ୍ରାହକଙ୍କ ସଂଖ୍ୟାରେ ମଧ୍ୟ ପ୍ରାୟ ୧୫% ଅଭିବୃଦ୍ଧି ଘଟିଛି ; ଯେଉଁମାନେ ଭାରତର ସବୁଠାରୁ ବିଶ୍ୱସନୀୟ ଅନ୍‌ଲାଇନ ଡେଷ୍ଟିନେଶନରେ ଶପିଙ୍ଗ୍ କରିଛନ୍ତି। ଏହି ଅଞ୍ଚଳରେ କ୍ରୀଡ଼ା ଓ କ୍ରୀଡ଼ା ଉପକରଣର ଚାହିଦା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଗ୍ରାହକଙ୍କ ମଧ୍ୟରେ କ୍ରିକେଟ ଏକ ପ୍ରିୟ ଖେଳ ହୋଇ ରହିଥିବା ବେଳେ କ୍ରିକେଟ ଗିୟରରେ ବାର୍ଷିକ ୮୦%ରୁ ଅଧିକ ଅଭିବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ବ୍ୟାଡ୍‌ମିଣ୍ଟନ, ଟେନିସ ଓ ଟେବୁଲ ଟେନିସ ସମେତ ରାକେଟ୍ ସ୍ପୋର୍ଟରେ ବାର୍ଷିକ ଆଧାରରେ ପ୍ରାୟ ୧୫୦% ବୃଦ୍ଧି ଘଟିଛି, ଯାହା ଆଉଟଡୋର ସ୍ପୋର୍ଟସ ଉପରେ ଅଧିକ ଧ୍ୟାନକୁ ଦର୍ଶାଉଛି ବୋଲି ଆମାଜନ ଇଣ୍ଡିଆର ହୋମ୍, କିଚେନ୍ ଆଣ୍ଡ ଆଉଟଡୋର ବିଭାଗର ନିର୍ଦ୍ଦେଶକ କେ.ଏନ୍. ଶ୍ରୀକାନ୍ତ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିପରି ଆମେ ଭୁବନେଶ୍ୱରଠାରେ ଆମାଜନ ଡଟ୍ ଇନ୍‌ର ହୋମ୍ ଆଣ୍ଡ କିଚେନ୍ ଏକ୍ସପେରିଏନ୍ସ ଏରିନାକୁ ପ୍ରଦର୍ଶନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭୁବନେଶ୍ୱରର ଗ୍ରାହକମାନେ ପରିବେଶ ପ୍ରତି ଅଧିକ ସଚେତନ ହେଉଛନ୍ତି। ଏହି ଧାରା ସୋଲାର ପ୍ରଡକ୍ଟରେ ମଧ୍ୟ ଦେଖିବାକୁ ମିଳୁଛି। ଏପରିକି ସୋଲାର ବିକ୍ରିରେ ବାର୍ଷିକ ୫୦% ରୁ ଅଧିକ ଅଭିବୃଦ୍ଧି ଘଟାଇଛି ଏବଂ ଓଡ଼ିଶାରେ ସୋଲାର ପ୍ୟାନେଲ ବାର୍ଷିକ ଆଧାରରେ ୨ଗୁଣରୁ ଅଧିକ ବୃଦ୍ଧି ପାଇଛି। ଏହାବ୍ୟତୀତ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମାଜନ ଡଟ୍ ଇନ୍ ବର୍ତ୍ତମାନ ଓଡ଼ିଶାର ୧୦ରୁ ଅଧିକ ସହରରେ ୯ଟି ଇଭି ବ୍ରାଣ୍ଡ ଉପଲବ୍ଧ କରୁଛି।

# ରିଲାଏନ୍ସ ଜିଓର ଆକର୍ଷଣୀୟ ଅଫର

**ମୁମ୍ବାଇ,୨୧।୮**

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ପ୍ଲାନ୍ ତଥା ଆକର୍ଷଣୀୟ ଅଫର 'ଜିଓ ଟିଭି ପ୍ଲସ୍ ଟୁ ଇନ୍ ୱାନ୍ ଅଫର'ର ଉନ୍ମୋଚନ ନିକଟରେ ହୋଇଯାଇଛି। ଏପରିକି ଗ୍ରାହକଙ୍କ ପାଇଁ ଜିଓ ଟିଭି ପ୍ଲସ୍ ଟୁ ଇନ୍ ୱାନ୍ ଅଫରର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବର୍ତ୍ତମାନ ଏହି ଅଫର ଅନୁଯାୟୀ ଗ୍ରାହକମାନେ ଗୋଟିଏ ଜିଓ ଏୟାର ଫାଇବର ସଂଯୋଗରେ ଦୁଇଟି ଟିଭି ଏକା ସାଙ୍ଗରେ ଚଳାଇପାରିବେ। ସେହିଭଳି ଏହି ଅଫର ଜରିଆରେ ଗ୍ରାହକମାନେ ୮୦୦ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ ଏବଂ ୧୩ ଓଟିଟି ଆପ୍ ମଧ୍ୟ ଉପଭୋଗ କରିପାରିବେ। ଏହି ସେବା ଜିଓ ଟିଭି ପ୍ଲସ୍ ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି। ସେହିପରି ଜିଓ ଟିଭି ପ୍ଲସ୍ ଆପ୍ ୧୦ଟି ଭାଷା ଏବଂ ୨୦ଟି ବର୍ଗରେ ୮୦୦ ଡିଜିଟାଲ ଟିଭି ଚ୍ୟାନେଲ ଉପଭୋଗ କରିବାର ସୁବିଧା ପ୍ରଦାନ କରିଥାଏ। ଏଥିସହ ଉପଭୋକ୍ତାମାନେ ଅତିରିକ୍ତ ଭାବେ ଗୋଟିଏ ଲଗ୍‌ଇନ୍‌ରୁ ୧୩ରୁ ଅଧିକ ଲୋକପ୍ରିୟ ଓଟିଟି ଆପ୍ ମଧ୍ୟ ଉପଭୋଗ କରିପାରିବେ। ଜିଓ ଟିଭି ପ୍ଲସ୍ ଆପ୍‌ର ପ୍ରମୁଖ ବିଶେଷତାଗୁଡ଼ିକ ମଧ୍ୟରେ ଏକକ ସାଇନ୍-ଅପ୍ ବିକଳ୍ପ, ସ୍ମାର୍ଟ ଟିଭି ରିମୋଟ ସୁସଙ୍ଗତତା ଏବଂ ବ୍ୟକ୍ତିଗତ ପସନ୍ଦ ଅନୁଯାୟୀ ବିଷୟବସ୍ତୁ ଆଦି ସାମିଲ ରହିଛି। ଏପରିକି ଗ୍ରାହକମାନେ ସ୍ମାର୍ଟ ଫିଲ୍‌ଟର ବ୍ୟବହାରକରି ଚ୍ୟାନେଲଗୁଡ଼ିକୁ ସହଜରେ ଖୋଜିପାରିବେ ଏବଂ ପ୍ଲେ ବ୍ୟାକ୍ ସ୍ପିଡ୍ ନିୟନ୍ତ୍ରଣ ସହ ପୂର୍ବରୁ ପ୍ରସାରିତ ଶୋ ଗୁଡ଼ିକ ମଧ୍ୟ ଦେଖିପାରିବେ। ଏହି ସେବା ସମସ୍ତ ଜିଓ ଏୟାର ଫାଇବର ପ୍ଲାନ୍ ସହିତ ଉପଲବ୍ଧ ହେଉଛି, ଜିଓ ଫାଇବର ପୋଷ୍ଟପେଡ୍ ସଂଯୋଗରେ ଏହା ୫୯୯ ଟଙ୍କ, ୮୯୯ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ପ୍ଲାନ୍ ଉପରେ ଉପଲବ୍ଧ ହେଉଛି। ଜିଓ ଫାଇବର ପ୍ରିପେଡ୍‌ରେ ଏହା ୯୯୯ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ପ୍ଲାନ୍‌ଗୁଡ଼ିକ ଉପରେ ଉପଲବ୍ଧ ହେଉଛି।


## ଆର୍.ସି.ଇ.ଏମ୍. ପ୍ରଫେସରଙ୍କ ପିଏଚ୍.ଡି. ଲାଭ



ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟାପିକା ଡଃ ପ୍ରଜ୍ଞା ପାରମିତା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରାପ୍ତ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ଗବେଷଣା ସନ୍ଦର୍ଭ "A Study on Internal and Interactive Marketing of Banking Service in Odisha" ବିଷୟଟି ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେସନ ଉପରେ ଆଧାରିତ। ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମହେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସନ୍ଦର୍ଭଟି ରଚନା କରାଯାଇଥିଲା। ସନ୍ଦର୍ଭଟିକୁ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଡୋମୁଖ ପ୍ରଫେସର ଡକ୍ଟର ରାମଚନ୍ଦ୍ର ପରିଡ଼ା ଓ ଉତ୍ତର ବେଙ୍ଗଲ ବିଶ୍ୱବିଦ୍ୟାଳୟର ପ୍ରଫେସର ସାମିରେନ୍ଦ୍ର ନାଥଙ୍କ ଦ୍ୱାରା ମୂଲ୍ୟାୟନ ହୋଇ ପ୍ରଶଂସିତ ହୋଇଅଛି। ଡଃ ପ୍ରଜ୍ଞା ପାରମିତାଙ୍କ ସ୍ୱାମୀ ଅଭେଦାନନ୍ଦ ମହାନ୍ତି ଜଣେ ଆକାଉଣ୍ଟ ଡେଭ୍‌ଲପମେଣ୍ଟ ମ୍ୟାନେଜର ଭାବେ ଟେକ୍‌ଡାଟାରେ କାର୍ଯ୍ୟରତ। ଡଃ ପ୍ରଜ୍ଞା ପାରମିତା ପିତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପରିଡ଼ା ଓ ମାତା ସ୍ୱର୍ଗତା ହରପ୍ରିୟା ମହାନ୍ତିଙ୍କ ସୁକନ୍ୟା ଓ ଡଃ ପ୍ରଫୁଲ୍ଲ କୁମାର ମହାନ୍ତି ତଥା ସ୍ୱର୍ଗତା ଛବି କାନୁନଗୋଙ୍କର ପୁତ୍ରବଧୂ ଅଟନ୍ତି ଏବଂ ଡଃ ପ୍ରଜ୍ଞାଙ୍କର ଏକମାତ୍ର ପୁତ୍ର ଅଭିନନ୍ଦନ ମହାନ୍ତି ସ୍କୁଲ ଶିକ୍ଷା ଗ୍ରହଣ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ କରିଥିବାରୁ କଲେଜର ସେକ୍ରେଟାରୀ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ସାମଲ ଓ ଡିନ୍ ଡଃ ମାନସ ରଞ୍ଜନ ମଲିକଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି। ସର୍ବୋପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ସମସ୍ତ ଶୁଭାକାଂକ୍ଷୀମାନଙ୍କ ଯଥେଷ୍ଟ ସହଯୋଗ ଦ୍ୱାରା ଏହା ସମ୍ଭବ ହୋଇପାରିଅଛି।

**ପ୍ରିନ୍ସିପାଲ୍**

ଧ-୧୦୯୬


# ଆର୍‌ବିଆଇ ଗଭର୍ନରଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**୨ୟ ଥର ପାଇଁ ଶକ୍ତିକାନ୍ତଙ୍କୁ 'ଏ +'ଗଭର୍ନର ମାନ୍ୟତା**

**ଭୁବନେଶ୍ୱର,୨୧।୮(ଅନୁରାଧା ମହାରଣା)**

ଆମେରିକାସ୍ଥିତ 'ଗ୍ଲୋବାଲ ଫାଇନାନ୍ସ' ପତ୍ରିକା ପକ୍ଷରୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସର୍ବଭାରତୀୟ ସ୍ତରରେ ସର୍ବୋଚ୍ଚ କେନ୍ଦ୍ରୀୟ ବ୍ୟାଙ୍କର ଭାବରେ ମନୋନୀତ ହୋଇଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଗଭର୍ନର ଦାସଙ୍କୁ କେନ୍ଦ୍ରୀୟ ବ୍ୟାଙ୍କର ବିଶ୍ୱ ମାନ୍ୟତାରେ ଶୀର୍ଷ ମାନ୍ୟତା ପାଇଥିବାରୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ



ଶକ୍ତିକାନ୍ତ ଦାସ

ଏହାକୁ ତାଙ୍କ ନେତୃତ୍ୱର ସ୍ୱୀକୃତି ବୋଲି କହିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ଏକ ପୋଷ୍ଟରେ ମୋଦି ଉଲ୍ଲେଖ କରିଛନ୍ତି, ଦ୍ୱିତୀୟ ଥର ଏହି ସଫଳତା ପାଇଁ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଅଭିନନ୍ଦନ। ଆର୍‌ବିଆଇରେ ତାଙ୍କର ନେତୃତ୍ୱ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସ୍ଥିରତା ସୁନିଶ୍ଚିତ କରିବା ଦିଗରେ ଏହା ଏକ ସ୍ୱୀକୃତି ବୋଲି ସେ କହିଛନ୍ତି। ସୂଚନା ଥାଉକି, ଆମେରିକାର 'ଗ୍ଲୋବାଲ ଫାଇନାନ୍ସ' ପତ୍ରିକା ଦ୍ୱାରା କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦାସ ସର୍ବଭାରତୀୟ ସ୍ତରରେ ଶୀର୍ଷ କେନ୍ଦ୍ରୀୟ ବ୍ୟାଙ୍କର ଭାବରେ ମନୋନୀତ ହୋଇଛନ୍ତି। 'ଏ +' ରେଟିଂ ଦିଆଯାଇଥିବା ଅନ୍ୟ ୨ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରଙ୍କ ସହ ଦାସ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। 'ଗ୍ଲୋବାଲ ଫାଇନାନ୍ସ' ପତ୍ରିକାର ଏକ ବିବୃତି ଅନୁଯାୟୀ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ, ମୁଦ୍ରା ସ୍ଥିରତା ଏବଂ ସୁଧ ହାର ପରିଚାଳନାରେ ସଫଳତାକୁ ଆଧାରକରି 'ଏ' ରୁ 'ଏଫ୍' ଗ୍ରେଡ୍ ଦିଆଯାଏ।

# ୬ ମାସରେ ଆସିବ ନୂଆ ଟ୍ୟାକ୍ସ କୋଡ୍

**ଭୁବନେଶ୍ୱର,୨୧।୮(ଅନୁରାଧା ମହାରଣା)**

ଆୟକର ହାର ହ୍ରାସ ପାଇବାରେ ଲାଗିଛି ଏବଂ ଟିକସ ବ୍ୟବସ୍ଥା ସରଳୀକୃତ ହୋଇଛି ସୁନିଶ୍ଚିତ କରିବା ଦ୍ୱାରା ଏହା ଟିକସଦାତାଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ଆସନ୍ତା ୬ ମାସ ମଧ୍ୟରେ ଆମ ସାମ୍ନାରେ ଏକ ନୂଆ ଟ୍ୟାକ୍ସ କୋଡ୍ କିମ୍ବା ଏକ ନୂତନ ଆୟକର ଆଇନ ଆସିବ, ଯାହା ଅତି ସରଳ ହେବ ଏବଂ ଟିକସଦାତାମାନେ ଏହାର ଭାଷା ସହଜରେ ବୁଝିପାରିବେ। ସିବିଡିଟି କମିଟି ଏହା ଉପରେ କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି। ଆୟକର ବିଭାଗର ୧୬୫ ତମ ବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତକରି ଅର୍ଥମନ୍ତ୍ରୀ କହିଛନ୍ତି, ନୂତନ ଆୟକର ବ୍ୟବସ୍ଥା ଦ୍ୱାରା ମାତ୍ର ୨ବର୍ଷ ମଧ୍ୟରେ ୭୨% ଟିକସଦାତା ନୂତନ ଆୟକର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପୁରୁଣା ଶାସନ ଭଳି ନୂଆ ବ୍ୟବସ୍ଥାରେ କୌଣସି ରିହାତି ନାହିଁ ବୋଲି ଅନେକ ଲୋକ କହୁଛନ୍ତି। ମାତ୍ର ବାସ୍ତବରେ ନୂତନ ବ୍ୟବସ୍ଥାରେ ଟିକସଦାତାଙ୍କୁ ବିକଳ୍ପ ପ୍ରଦାନ କରାଯାଉଥିବା ସୀତାରାମନ କହିଛନ୍ତି। ଏହି ବ୍ୟବସ୍ଥା ଗ୍ରହଣ କରିବାକୁ କାହା ଉପରେ ଚାପ ପଡୁନାହିଁ ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ଆୟକର ରିଟର୍ନ ଦାଖଲ କରୁଥିବା ଟିକସଦାତାଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଏପରି ୫୯.୫୭ ଲକ୍ଷ ଟିକସଦାତା ଅଛନ୍ତି ଯେଉଁମାନେ ପ୍ରଥମ ଥର ପାଇଁ ଆୟକର ରିଟର୍ନ ଦାଖଲ କରିଛନ୍ତି। ଅର୍ଥମନ୍ତ୍ରୀ ଟିକସ ବିଭାଗ ଏବଂ ଏହାର ଅଧିକାରୀମାନଙ୍କୁ ଟିକସଦାତାମାନଙ୍କ ନିରପେକ୍ଷ ଏବଂ ବନ୍ଧୁତ୍ୱପୂର୍ଣ୍ଣ ହେବାକୁ କହିଛନ୍ତି।


# Classified Everyday
**0674-2580101, 2549949**





Newly open health benefits SPA by expert therapist. Contact- 6371861658. D-76146

Newly open health benefits SPA special offer @ 999 Bapuji Nagar. 8018429809. D-76145

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

## AFFIDAVIT

I, Subham Das, S/o Late Sisir Kumar Das, permanent resident of At-Ramanpada, P.O./P.S.- Bhawanipatna, Dist.- Kalahandi, presently residing At- Bye-Pass Road near Bapujinagar, P.O./P.S.- Jeypore Town, Dist.- Koraput (Odisha) do hereby solemnly affirm and oath that my original Sale Deed along (Document No. 3221/1995) along with original RoR (Khata No.988/406) and Survey Plot No.874/1483/2136 measuring to extent of Ac-0.0510 decimals under Mouza Laxmanpur, Tahasil- Jeypore (Koraput), has been misplaced / lost by me on dated 18.08.2024 while I was coming from Bhawanipatna to Jeypore. D-1095

By virtue of an affidavit sworn before the Executive Magistrate, Bhubaneswar judicial stamp No.- 14AA 226603 on dated 14.08.2024, Enclosure No.- 18/2009 Declare that I, Smt. Urmila Mohapatra, Plot No.- 570/54, near Poonama Gate, P.O.- Oldtown, P.S.- Shree Lingaraj, Bhubanesar do hereby solemnly affirm and state as that my son Abhisek Panigrahi's all education certificates my name has been Mentioned Ranusaya Panigrahi. Now as I have divorced from my husband Benudhar Panigrahi I have rectified my Name like before Urmila Mohapatra. From both above the name Urmila Mohapatra and Ranusaya Panigrahi is same and one person i.e myself. Henceforth, I shall be known as Urmila Mohapatra for all purpose instead of Ranusaya Panigrahi. Urmila Mohapatra for all purpose.

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ବିଦ୍ୟୁତ୍‌ଲତା ସାହୁ**
ଜୟଦୁର୍ଗା ନଗର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଆପଣଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।

ଧ-୧୦୮୫

**ଏକାଦଶାହ ଉପଲକ୍ଷେ**



**୰ ତିଲୋତ୍ତମା ଦେବୀ**
କୋରଡ଼କଣ୍ଟା, ଭୁବନେଶ୍ୱର
ଆବିର୍ଭାବ : ୧୧.୦୫.୧୯୨୧
ତିରୋଧାନ : ୧୨.୦୮.୨୦୨୪
ବୋଉ, ଦେଖୁଁ ଦେଖୁଁ ୧୧ ଦିନ ବିତିଗଲା, କାଲିପରି ଲାଗୁଛି । ଏଇ ବୋଉ ଡାକ ଆଉ ଶୁଭିବନି । ତୋର ସ୍ନେହପୂର୍ଣ୍ଣ ବ୍ୟବହାର, ସମସ୍ତଙ୍କୁ ନିଃସ୍ୱାର୍ଥପର ଭଲପାଇବା, ପରୋପକାର, ତ୍ୟାଗ ଓ କଷ୍ଟସହିଷ୍ଣୁ ସ୍ୱଭାବ ଚିରଦିନ ପାଇଁ ଅଭୁଲାସ୍ମୃତି ହୋଇ ରହିଥିବ । ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପୁତ୍ର - କୈଳାସ ଚନ୍ଦ୍ର ଜେନା, ପୁତ୍ରବଧୂ - ବିନୋଦିନୀ ଜେନା
ପୁତ୍ର - ନିରଞ୍ଜନ ଜେନା, ପୁତ୍ରବଧୂ, ନାତି-ନାତୁଣୀ ବୋହୂ
ଅଣନାତି-ନାତୁଣୀ ଓ ବନ୍ଧୁପରିଜନ

ଧ-୧୦୭୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ବିଚିତ୍ରା ନନ୍ଦ ପାତ୍ର**
ଗଡ ଇଟାପୋଖରୀ, ନିମାପଡା, ପୁରୀ
ଆବିର୍ଭାବ: ୧୧.୦୧.୧୯୫୯
ତିରୋଧାନ: ୧୨.୦୮.୨୦୨୪
ବାବା, କୁଆଡେ ଚାଲିଗଲ ଆମମାନଙ୍କୁ ଛାଡି। ତୁମର ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ବାବା, ତୁମେ ସଂସାର ପାଇଁ ଚାଲିଯାଇଛ ସତ, କିନ୍ତୁ ତୁମେ ସଦାସର୍ବଦା ଆମମାନଙ୍କର ପାଖରେ ରହିବ। ଆଜିର ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁଅ-ବବୁଲ, ବାବୁ, ମାନସ, ଟିକୁନ, ବିକାଶ
ଭାଇ- ସଚି, ଜଚି, ଜାନୁ
ବନ୍ଧୁ ଓ ପରିବାର ବର୍ଗ

ଧ-୧୦୯୪

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନାରାୟଣ ଜେନା (ଟିକ ସାର୍)**
ନହରକଣ୍ଟା, ପାହାଳ, ଭୁବନେଶ୍ୱର
ଆବିର୍ଭାବ : ୦୫.୦୬.୧୯୩୩
ତିରୋଧାନ : ୨୨.୦୮.୨୦୧୪
ଦେଖୁଁ ଦେଖୁଁ ଦଶବର୍ଷ ବିତିଗଲାଣି । ଆପଣଙ୍କର ଶ୍ରଦ୍ଧା, ସ୍ନେହ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଆମପାଇଁ ଚିର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ
ପତ୍ନୀ - ମାଣିକ ଜେନା ଓ ଆତ୍ମୀୟସ୍ୱଜନ

ଧ-୧୦୯୩

## LEGAL NOTICE

**ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, ନୟାଗଡ଼**
ସି.ଏସ. କେସ ନମ୍ବର- ୩୩୧/୨୦୨୩ ଓ (ଆଇ ଏ ନମ୍ବର- ୧୦୫/୨୦୨୩)
**ମୁସ୍ତାକ ମଲ୍ଲିକ ଆଣ୍ଡ ଅଦର୍ସ ... ... ... ବାଦୀମାନେ**
**ବନାମ**
**ସୁଷମା ଦେବୀ ଆଣ୍ଡ ଅଦର୍ସ ... ... ... ପ୍ରତିବାଦୀମାନେ**
**ନୋଟିସ**
ଏତଦ୍ୱାରା ଅପରପକ୍ଷ ପ୍ରତିବାଦୀ ପ୍ରମୋଦ କୁମାର ତ୍ରିପାଠୀ, ପିତା- ମୃତ ଗଙ୍ଗାଧର ତ୍ରିପାଠୀ, ନୟାଗଡ଼ ମେନ ରୋଡ୍, ୱାର୍ଡ ନଂ - ୧୩, ପୋଷ୍ଟ/ଥାନା/ଜିଲ୍ଲା - ନୟାଗଡ଼, ପିନ୍ - ୭୫୨୦୬୯, ବର୍ତ୍ତମାନ ଠିକଣା - ଅରୟାଳୟ ଆପାର୍ଟମେଣ୍ଟ, ଫ୍ଲଟ ନଂ - ୪୫୫, ଲେନ - ୨, ଅଜିତ ବାର୍ ସାମ୍ନା, ସିଆର୍‌ପି ସ୍କୋୟାର, ନିୟର ଏଚଡିଏଫସି ବ୍ୟାଙ୍କ ନିକଟ, ପୋଷ୍ଟ - ନୟାପଲ୍ଲୀ, ଥାନା - ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା, ପିନ୍ - ୭୫୧୦୧୨ଙ୍କୁ ଜଣାଇ ଦିଆଯାଉଛି ଯେ ଆପଣ ଏହି କେସ୍‌ରେ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ ଅଛନ୍ତି। ବାରମ୍ବାର ନୋଟିସ ସତ୍ତ୍ୱେ ଆପଣ ଅଦାଲତରେ ହାଜର ହେଉ ନ ଥିବାରୁ ଉକ୍ତ ମକଦ୍ଦମାଟିକୁ ଆସନ୍ତା ତା ୦୨.୦୯.୨୦୨୪ ରିଖ ଦିବା ୧୦ ଘଟିକା ୩୦ ମିନିଟ ସମୟକୁ ଧାର୍ଯ୍ୟ କରାଯାଇଛି। ଆପଣ ପ୍ରତିବାଦୀ ବ୍ୟକ୍ତିଗତ ଭାବେ କିମ୍ବା ଆପଣଙ୍କ ଓକିଲଙ୍କ ମାଧ୍ୟମରେ ଅଦାଲତରେ ହାଜର ହେବେ। ଏଥିରେ ଖିଲାପ କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
**ସ୍ୱା./-ବରିଷ୍ଠ ଦେୱାନୀ ଜଜ୍, ନୟାଗଡ଼**

ଧ-୧୦୯୧

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# କଟକରେ ହିରୋ ପ୍ରେମିଆର ନୂଆ ଷ୍ଟୋର



**ଭୁବନେଶ୍ୱର,୨୧।୮**

ହିରୋ ମୋଟୋକର୍ପର ପ୍ରିମିୟମ ରିଟେଲ ଏକ୍ସପେରିଏନ୍ସ ସେଣ୍ଟର 'ହିରୋ ପ୍ରେମିଆ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ବୁଧବାର କଟକରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଏସେନ୍ ଅଟୋମୋବାଇଲ୍ସ ଆନୁକୂଲ୍ୟରେ କଟକର ପୁରୀଘାଟ ନିକଟସ୍ଥ ନୂତନ ହିରୋ ପ୍ରେମିଆ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ହିରୋ ମୋଟୋକର୍ପର ଜାତୀୟ ବିକ୍ରି ମୁଖ୍ୟ ଆଶୁତୋଷ ବର୍ମା, ଜୋନାଲ ହେଡ୍(ଇଷ୍ଟ) ଲକ୍ଷ୍ମୀଶା ଉର୍ମି ନାଲୁରାୟା, ଜୋନାଲ ମ୍ୟାନେଜର ସେଲ୍‌ସ ଅବଦୁଲ ଅହଦ ଏବଂ ଏରିଆ ମ୍ୟାନେଜର ଓଡ଼ିଶା ଉଜ୍ଜଳ କୋହିଲଙ୍କ ସମେତ ଏସେନ୍ ଅଟୋମୋବାଇଲ୍ସର ଏମ୍‌ଡି ସୌରଭ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ହିରୋ ପ୍ରେମିଆରେ ହିରୋ ବ୍ରାଣ୍ଡର ସମସ୍ତ ପ୍ରିମିୟମ ମୋଟର ସାଇକେଲ ଯଥା ହାର୍ଲି ଡାଭିଡସନ (ଏଚ୍‌ଡି-ଏକ୍ସ୪୪୦) ଭିଡା (ଭି୧ଆଣ୍ଡ ଭି୧ ପ୍ରୋ) ସାଙ୍ଗକୁ ମାଭ୍‌ରିକ୍ ଏକ୍ସପ୍ଲସ୍ ୨୦୦ କରିଜ୍‌ମା ଏକ୍ସଏମ୍ଆର୍ ଏବଂ ଏକ୍ସଟ୍ରିମ୍୧୬୦ଆର ଭଳି ମଡେଲ ଉପଲବ୍ଧ। ସେହିଭଳି ଏହି ସେଣ୍ଟର ଉଭୟ ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ଗ୍ରାହକଙ୍କୁ ଯୋଗାଇଦେବ। ଏପରିକି ଏଠାରେ ହିରୋର ସମସ୍ତ ପ୍ରିମିୟମ ମଡେଲ ସାଙ୍ଗକୁ ଇଭି (ବୈଦ୍ୟୁତିକ ଯାନ) ବାଇକ୍ ମଧ୍ୟ ଉପଲବ୍ଧ କରାଇବ।

# ଡେଲ୍ ଟେକ୍ନୋଲୋଜିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



**ଭୁବନେଶ୍ୱର,୨୧।୮**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଆଇଟି ବ୍ରାଣ୍ଡ ଡେଲ୍ ଟେକ୍ନୋଲୋଜିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ବୁଧବାର ଭୁବନେଶ୍ୱରର ଶହୀଦନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଇ ମାର୍ଟ କମ୍ପ୍ୟୁଟର ଆନୁକୂଲ୍ୟରେ ଏହି ନୂତନ ତଥା ପ୍ରଥମ ଡେଲ୍ ଗେମିଂ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇ ମାର୍ଟ କମ୍ପ୍ୟୁଟର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଡେଲ୍ ଇଣ୍ଡିଆର ଜେଡ୍ଏମ୍ ଶ୍ୟାମ ସରାଫ, ଆର୍ଏସ୍ଏମ୍ ସୁଧୀର ଗୁପ୍ତା, ଏଏସ୍ଏମ୍ ଅମରଜିତ ମହାପାତ୍ରଙ୍କ ସମେତ ଇ ମାର୍ଟ କମ୍ପ୍ୟୁଟର ଓନର ଦେବାଶିଷ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ୩୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ଏକ୍ସକ୍ଲୁସିଭ ଡେଲ୍ ଗେମିଂ ଷ୍ଟୋରରେ ଉଭୟ ସେବା ଓ ସୁବିଧା ସାଙ୍ଗକୁ ଗ୍ରାହକଙ୍କୁ ଆକୃଷ୍ଟ କଲା ଭଳି ଗେମିଂ ସୁବିଧା ଯୋଗାଇ ଦିଆଯିବ। ସେହିଭଳି ଏଠାରେ ଡେଲ୍‌ର ସମସ୍ତ ଉତ୍ପାଦ ଯଥା ଲାପ୍‌ଟପ୍, ଡେକ୍ସଟପ୍, ନୋଟ୍‌ବୁକ୍ ସମେତ ଅନ୍ୟାନ୍ୟ ଡେଲ୍ ସାମଗ୍ରୀ ସୁଲଭ ମୂଲ୍ୟରେ ଉପଲବ୍ଧ ବୋଲି ଇ ମାର୍ଟ କମ୍ପ୍ୟୁଟର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

**ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ ଘରକୁ ବିଜୁଳି**

ଭୁବନେଶ୍ୱର,(ଅନିଲ ଦାସ): ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଘରେ ବିଜୁଳି ପହଞ୍ଚିବ। ରାଜ୍ୟ ସରକାର ବିଦ୍ୟୁତୀକରଣ ହୋଇ ନ ଥିବା ଘରଗୁଡ଼ିକୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବିଜୁଳି ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ସବୁ ଘରକୁ ବିଜୁଳି ଯୋଗାଇ ଦେବା ପାଇଁ ସମସ୍ତ ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ରାଜ୍ୟ ସରକାର ୪୧୫ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ବୁଧବାର ବିଧାନସଭାରେ କଂଗ୍ରେସ ସଦସ୍ୟ ପବିତ୍ର ସାଉଁଟାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୂଚନା ଦେଇଛନ୍ତି।

# ଅନିଶ୍ଚିତତାରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ

- ଶିଳାନ୍ୟାସର ୮ ମାସ ପରେ ଟେଣ୍ଡର ହୋଇନି
- ୧୩ ଜିଲାରେ ୧୯ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଥାନ୍ତା ୪୬୦୦ କୋଟି

ସୋନପୁର,୨୧।୮
(ମୃତ୍ୟୁଞ୍ଜୟ ଶତପଥୀ)

କୃଷିକ୍ଷେତ୍ରରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କୃଷକମାନଙ୍କ ଆୟ ବୃଦ୍ଧି ସକାଶେ ରାଜ୍ୟରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଓଡ଼ିଶାର ୧୩ଟି ଜିଲାରେ ୧୯ ପ୍ରକଳ୍ପ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁୟାରୀ ୨୦ରେ ଶିଳାନ୍ୟାସ କରିଥିଲେ। ଏଥିପାଇଁ ମୋଟ ୪୬୦୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ସରକାରଙ୍କ ବିଳମ୍ବିତ କାର୍ଯ୍ୟ ପାଇଁ ପ୍ରକଳ୍ପଗୁଡ଼ିକ ଅନିଶ୍ଚିତତା ମଧ୍ୟରେ ରହିଛି। ଶିଳାନ୍ୟାସର ୮ ମାସ ପରେ ୧୯ ପ୍ରକଳ୍ପର ଟେଣ୍ଡର ଆହ୍ୱାନ ହୋଇନାହିଁ। ଡିଜାଇନ ଓ ଏଷ୍ଟିମେଟ୍ ପ୍ରସ୍ତୁତ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ମାଟି ପରୀକ୍ଷା ଚାଲିଥିବା କୁହାଯାଉଛି। ଏଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ସୁବର୍ଣ୍ଣପୁର, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଳାହାଣ୍ଡି, ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଓ କେନ୍ଦୁଝର ଜିଲାରେ ଇଣ୍ଟିଗ୍ରେଟେଡ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର(ଆଇଏସ୍ଏସ୍) ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ବିନା ବିସ୍ଥାପନରେ ନଦୀଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବା ଲକ୍ଷ୍ୟ ଥିଲା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ୍‌ର ଗୋଧନେଶ୍ୱର ଓ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ୍‌ର ଖଇରମାଳଠାରେ ମହାନଦୀ ଗର୍ଭରେ ଆଇଏସ୍ଏସ୍ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଥିଲା। ଏହି ୨ ପ୍ରକଳ୍ପ ପାଇଁ ପ୍ରାୟ ୧୯୫୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଜଳ ସମ୍ପଦ ବିଭାଗ ସୂଚନା ଦେଇଥିଲା। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରିବା ପରେ ମହାନଦୀରେ ଅଣମୌସୁମୀ ସମୟରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ସେହିପରି ମହାନଦୀର ପାଣି ବର୍ଷାଦିନେ ସମୁଦ୍ରକୁ ବହିଯାଉଥିଲା। ଓଡ଼ିଶାରେ ଜଳର ଠିକ୍ ଉପଯୋଗ ହୋଇପାରୁ ନ ଥିଲା। ଖରାଦିନେ ନଦୀ ଶୁଖିଲା ପଡୁଥିଲା। ତେଣୁ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ଓଡ଼ିଶା ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ ପାଇଁ ୨୦୧୭ରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ ରାଜ୍ୟ ସରକାର ଏ କ୍ଷେତ୍ରରେ ଅହେତୁକ ବିଳମ୍ବ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ ହୋଇଥିବା ରାଜ୍ୟ ବଜେଟରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ଆଇଏସ୍ଏସ୍ ପ୍ରକଳ୍ପ ସମ୍ପର୍କରେ ଘୋଷଣା ହୋଇଥିଲା। ପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡିପିଆର୍ ପ୍ରସ୍ତୁତ ହୋଇଥିଲା। ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବା ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକଶନ) କଣ୍ଟ୍ରାକ୍ଟ ବେସିସ୍‌ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପରେ କୌଣସି କାରଣରୁ ରାଜ୍ୟ ସରକାର ଏହି ଟେଣ୍ଡରଗୁଡ଼ିକୁ ହଠାତ୍ ବାତିଲ କରିଦେଇଥିଲେ। ପି ୧ ମୋଡ୍‌ରେ ପୁଣି ଟେଣ୍ଡର ଆହ୍ୱାନ ପାଇଁ ସର୍ଭେ ଚାଲିଥିବା କୁହାଯାଉଥିଲେ ମଧ୍ୟ ଏଥିରେ ଦୀର୍ଘ ମାସ ବିଳମ୍ବ ହେଲାଣି। ଅନ୍ୟପକ୍ଷେ ବିକାଶକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୀତି ଆରମ୍ଭ ହୋଇଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଥିଲା ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଅଛନ୍ତି। ତେଣୁ ଏହି ସବୁ ପ୍ରକଳ୍ପ କାମ କିଭଳି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।


ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱରଠାରେ ମହାନଦୀ ଗର୍ଭରେ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳ।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଆଣିବାକୁ ପରିବାର ପୋଲିସର ଦ୍ୱାରସ୍ଥ

କୋକସରା,୨୧।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)


ଲାଲୁ ମାଝି

ରୋଜଗାର ପାଇଁ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିବା କଳାହାଣ୍ଡିର ଜଣେ ଓଡ଼ିଆ ଶ୍ରମିକଙ୍କ ବୁଧବାର ସେଠାରେ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଆମପାଣି ଥାନା ଖଳିଗଡ ଗ୍ରାମ ଗୋଇମାରୁପଡ଼ାର ଲାଲୁ ମାଝି (୩୦)। ପରିବାରର ଅର୍ଥାଭାବ ଯୋଗୁ ଗତ ୧୦ଦିନ ତଳେ କେତେଜଣ ସାଥୀଙ୍କ ସହ ଲାଲୁ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇ ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଦୁଇଦିନ ତଳେ ତାଙ୍କୁ ଜ୍ୱର ହୋଇଥିବା ବେଳେ ବୁଧବାର ସେ ରହୁଥିବା କଲୋନିରେ ପ୍ରାଣ ହରାଇଛନ୍ତି। ଏ ନେଇ ସାଥୀ ଶ୍ରମିକମାନେ ଫୋନରେ ସୂଚନା ଦେବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଘଟଣା ପରେ ମୃତଦେହ ଫେରାଇ ଆଣିବା ନେଇ ମୃତକଙ୍କ ସମ୍ପର୍କୀୟ ବନୁ ମାଝି, ବିରେନ କନ୍ଧ, ପଦ୍ମନ ଚଲାନ ଠିକାଦାରଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଠିକାଦାର ମନା କରିବାରୁ ସେମାନେ ଆମପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପ୍ରଶାସନ ଓ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ମୃତଦେହ ଫେରାଇଆଣିବା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଆମପାଣି ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କାଙ୍କୁ ପଚାରିବାରୁ ଖବର ମିଳିଛି, ଠିକାଦାରଙ୍କୁ ଯୋଗାଯୋଗ କରି ମୃତଦେହ ଆଣିବା ବ୍ୟବସ୍ଥା କରାଯିବା ନେଇ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

# ଭାରତ ବନ୍ଦ: ଆଂଶିକ ପ୍ରଭାବିତ

ଭୁବନେଶ୍ୱର,୨୧।୮
(ଅନୁରାଧା ମହାରଣା)

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାନ ସଂରକ୍ଷଣ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧକରି ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ତେବେ ରାଜ୍ୟରେ ଏହି ୧୨ ଘଣ୍ଟିଆ ବନ୍ଦ ଡାକରାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ଗାଡିମୋଟର ଓ ରେଳ ଚଳାଚଳ ପ୍ରଭାବିତ ହୋଇଥିଲେ ମଧ୍ୟ ବିଭିନ୍ନ ସେବା ପ୍ରାୟତଃ ସ୍ୱାଭାବିକ ଥିଲା। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ସେବା ଅଧିକ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାଘାଟରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ପିକେଟିଂ ଯୋଗୁ କିଛି ଘଣ୍ଟା ପାଇଁ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ସମ୍ବଲପୁର, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବଲାଙ୍ଗୀର, କୋରାପୁଟ, ସୁବର୍ଣ୍ଣପୁର, କନ୍ଧମାଳ, ଗଜପତି ସହ ଯାଜପୁର, ମୟୂରଭଞ୍ଜ ଅନୁଗୋଳ ଓ ଅନ୍ୟ କେତେକ ଜିଲାରେ ଏପରିସ୍ଥିତି ଦେଖିବାକୁ ମିଳିଥିଲା। ଭୀମ ଆର୍ମି, ନ୍ୟାଶନାଲ କନ୍‌ଫେଡେରେଶନ ଅଫ୍ ଦଳିତ ଅର୍ଗାନାଇଜେଶନ ଓ ଆଦିବାସୀ କଲ୍ୟାଣ ମହାସଂଘ, ଆଦିବାସୀ ଏକତା ପରିଷଦ ଓ ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ଭୁବନେଶ୍ୱରର କେତେକ ସ୍ଥାନରେ ମଧ୍ୟ ସକାଳୁ ପିକେଟିଂ ଓ ରାସ୍ତା ଅବରୋଧ କରାଯାଇଥିଲା। ରେଳ ଷ୍ଟେଶନରେ ବିକ୍ଷୋଭକାରୀ ରେଳରୋକୋ କରିଥିଲେ। ବିଶାଖା ଏକ୍ସପ୍ରେସକୁ ବିକ୍ଷୋଭକାରୀମାନେ ରେଳଷ୍ଟେଶନରେ ଅଟକାଇବା ଫଳରେ ଉକ୍ତ ଟ୍ରେନ୍ ସହ ଆଉ କେତେକ ଟ୍ରେନ୍ ଆଗକୁ ଗଡ଼ିପାରି ନ ଥିଲା। କେତେକ ସ୍ଥାନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କଟକର ଲିଙ୍କ୍‌ରୋଡ୍ ସହ କିଛି ସ୍ଥାନରେ ରାସ୍ତା ଅବରୋଧ ହୋଇଥିଲା। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ ଓ ସରକାରୀ ସେବାଗୁଡିକ ଜାରି ରହିଥିବାରୁ କୌଣସି ବିଶେଷ ସମସ୍ୟା ସୃଷ୍ଟି ହୋଇ ନ ଥିଲା। ସରକାରୀ ଓ ଘରୋଇ ଅଫିସ୍, ସଂସ୍ଥା, ବ୍ୟାଙ୍କ, ସ୍କୁଲ, କଲେଜ, ପେଟ୍ରୋଲ ପମ୍ପ ମଧ୍ୟ ସ୍ୱାଭାବିକ ଭାବେ ଖୋଲାରହିଥିଲା।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମଧ୍ୟାହ୍ନଭୋଜନ ଖର୍ଚ୍ଚ ବଢ଼ିଲା

ଭୁବନେଶ୍ୱର,୨୧।୮(ଅନିଲ ଦାସ)

ରାଜ୍ୟ ସରକାର ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ସହାୟତା ରାଶି ବୃଦ୍ଧି କରିଛନ୍ତି। ସରକାର ପ୍ରତି ମିଲ୍ ପିଛା ୧ ଟଙ୍କା ଅଧିକ ଖର୍ଚ୍ଚ କରିବେ। ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଏହାଦ୍ୱାରା ପିଲାଙ୍କ ଖାଦ୍ୟରେ ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଚଳିତ ବଜେଟରେ ଏଥିପାଇଁ ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଛନ୍ତି।

ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହୋଇଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ସ୍କୁଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସ୍କୁଲ କର୍ତ୍ତୃପକ୍ଷ ଉପାୟଶୂନ୍ୟ ହୋଇ ପିଲାଙ୍କୁ ଖାଦ୍ୟ ଦେଉଛନ୍ତି। ମାତ୍ର ଅନେକ ସମୟରେ ଖାଦ୍ୟର ମାନ ଖରାପ ହେଉଥିବା ଅଭିଯୋଗ ଆସୁଛି। ଏହାକୁ ଦୃଷ୍ଟିରେ ରଖି ସରକାର ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ସ୍କୁଲ ଓ ଉଚ୍ଚ ପ୍ରାଥମିକ ସ୍କୁଲ ପିଲାଙ୍କ ପାଇଁ ସରକାର ମଧ୍ୟାହ୍ନ ଭୋଜନ ଦର ନିର୍ଦ୍ଧାରଣ କରିଛନ୍ତି। ବର୍ତ୍ତମାନ ସରକାର ପ୍ରାଥମିକ ସ୍କୁଲ୍ ପିଲାଙ୍କ ପାଇଁ ଗୋଟିଏ ମିଲ୍ ପିଛା ୫ ଟଙ୍କା ୯୦ ପଇସା ଖର୍ଚ୍ଚ କରୁଥିବା ବେଳେ ଉଚ୍ଚ ପ୍ରାଥମିକ ସ୍କୁଲ ପିଲାଙ୍କ ପାଇଁ ମୁଣ୍ଡପିଛା ୮ଟଙ୍କା ୮୨ ପଇସା ରହିଛି। ଏହି ଅର୍ଥରେ ପିଲାଙ୍କ ପାଇଁ ଭଲ ଖାଦ୍ୟ ଯୋଗାଇବା ସମ୍ଭବ ହୋଇପାରୁ ନାହିଁ। ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି ପାଇଁ ଦାବି ହୋଇ ଆସୁଥିଲା।

# ଇ-ଚାଷ ଆପ୍, ପୋର୍ଟାଲର ଶୁଭାରମ୍ଭ


ଇ-ଚାଷ ଆପ୍ ଓ ପୋର୍ଟାଲର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୧।୮
(ଅସମାପିକା ସାହୁ)

କୃଷି କ୍ଷେତ୍ରରେ ଡିଜିଟାଲ ସର୍ବେକ୍ଷଣ ନୀତି ଆପଣାଇ ଫସଲ ଉତ୍ପାଦନ ଓ ପ୍ରକ୍ରିୟାକରଣକୁ ସହଜ କରିବା ପାଇଁ ରାଜ୍ୟ ସରକାର ଇ-ଚାଷ ଆପ୍ ଓ ପୋର୍ଟାଲ ଖୋଲିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଓୟୁଏଟି ପରିସର ରିସର୍ଚ୍ଚ ଫ୍ଲୋର୍‌ରେ ଏହାର ଶୁଭାରମ୍ଭ କରିଛନ୍ତି। ଇ-ଚାଷ ଆପ୍ ଓ ପୋର୍ଟାଲ ଡିଜିଟାଲ ଫସଲ ସର୍ବେକ୍ଷଣ ଓଡ଼ିଶାରେ ପ୍ରଯୁକ୍ତିଭିତ୍ତିକ କୃଷି ସେବାକୁ ତ୍ୱରାନ୍ୱିତ କରିବ। କୃଷି କ୍ଷେତ୍ରରେ ଡିଜିଟାଲ ସର୍ବେକ୍ଷଣ ନୀତି ଆପଣେଇବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଏହାଦ୍ୱାରା ରାଜ୍ୟର ପ୍ରାୟ ୪୮ ଲକ୍ଷ ଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଉପସ୍ଥିତ ରହି କହିଲେ, କୃଷି କ୍ଷେତ୍ରରେ ଇ-ଚାଷ ଆପ୍ ଓ ପୋର୍ଟାଲ ଏକ ନିର୍ଣ୍ଣାୟକ ପଦକ୍ଷେପ। ଏହା କୃଷକମାନଙ୍କୁ ଏକ ବିସ୍ତୃତ, ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଏହାଦ୍ୱାରା ଯେକୌଣସି ସମୟରେ ଓ ପାଣିପାଗରେ ମଧ୍ୟ ଫସଲ ସମ୍ବନ୍ଧୀୟ ତଥ୍ୟ ଓ ସୂଚନା ଯାଞ୍ଚ କରାଯାଇପାରିବ। ୨୦୨୩ରେ ଭଦ୍ରକ, ଦେବଗଡ଼, ନୂଆପଡ଼ା ଓ ନୟାଗଡ଼ ଜିଲାରେ ପରୀକ୍ଷାମୂଳକ ଭାବେ ଏହି ସର୍ବେକ୍ଷଣକୁ ପାଇଲଟ ପ୍ରୋଜେକ୍ଟ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରାୟ ୩୦ ଲକ୍ଷ ପ୍ଲଟ୍‌କୁ ସଫଳ ଭାବେ ସର୍ବେକ୍ଷଣ କରିବା ପରେ ବର୍ତ୍ତମାନ ସାରା ଓଡ଼ିଶାରେ ଏହାକୁ ସମ୍ପ୍ରସାରିତ କରାଯାଇଛି। ଏବେ ପ୍ରାୟ ୩ କୋଟି ଭୂ-ପ୍ରସଙ୍ଗ କୃଷି ପ୍ଲଟ୍‌ର ୪୮ ଲକ୍ଷ ହେକ୍ଟର ଜମିରେ ସର୍ବେକ୍ଷଣ କରାଯିବ। ଏଥିପାଇଁ ୨୮ ହଜାର ସର୍ବେକ୍ଷଣକାରୀ, ୮ ହଜାର ସୁପରଭାଇଜର ଓ ୧୪୦୦ ଯାଞ୍ଚକାରୀ ନିୟୋଜିତ ହୋଇଛନ୍ତି ବୋଲି ପାଢ଼ୀ କହିଥିଲେ। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଲେ, ଚାଷୀ ଭାଇମାନେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ବନ୍ଧରେ ଠିକ ତଥ୍ୟ ପାଇପାରିବେ। ସେମାନଙ୍କ ସମସ୍ୟା ବିଷୟରେ ଜଣାଇପାରିବେ ଓ ମାର୍ଗଦର୍ଶନ ପାଇପାରିବେ। ଏଥି ନିମନ୍ତେ କୃଷକ ସମୃଦ୍ଧି ହେଲ୍ପଲାଇନ୍ ନଂ.୧୫୫୩୩୩ ମାଧ୍ୟମରେ ଚାଷୀମାନେ ସୂଚନା ଓ ପରାମର୍ଶ ପାଇପାରିବେ ବୋଲି ଚୌଧାରୀ ମତବ୍ୟକ୍ତ କରିଥିଲେ। ଏହି ଆପ୍ ଶୁଭାରମ୍ଭ ସମୟରେ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ବୈଜ୍ଞାନିକ, କୃଷି ବିଶେଷଜ୍ଞ ଓ ଚାଷୀ ଭଉଣୀଭାଇ ଉପସ୍ଥିତ ଥିଲେ।

## ଫୁର୍‌ସତ୍

# ସିଂହୀକୁ ଝିଅ କରିଛନ୍ତି ବନ କର୍ମଚାରୀ



ଗୋବୋରନ୍

ଆଫ୍ରିକୀୟ ଦେଶ ବୋତ୍‌ସ୍ୱାନାର ଏକ ଜଙ୍ଗଲରେ ଭାଲ୍ ନାମକ ଜଣେ ବନ କର୍ମଚାରୀ ସିଗ୍ରା ନାମ୍ନୀ ଏକ ସିଂହୀକୁ ନିଜର ଝିଅ କରିଛନ୍ତି। ଜନ୍ମ ହେବା ପରଠାରୁ ସେ ସିଗ୍ରାକୁ ସ୍ନେହର ସହ ଲାଳନପାଳନ କରି ବଡ଼ କରିଛନ୍ତି। ଭାଲ୍ ଏବଂ ସିଗ୍ରାଙ୍କ ମଧ୍ୟରେ ରହିଥିବା ଅନନ୍ୟ ପ୍ରେମ ଏବଂ ସ୍ନେହର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଅନନ୍ୟ ବାପ ଓ ଝିଅଙ୍କ ଯୋଡ଼ିକୁ ଦେଖି ବହୁ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ସିଗ୍ରା ୨୦୧୨ରେ ବୋତ୍‌ସ୍ୱାନାର ଏକ ଫାସିଲିଟି ସେଣ୍ଟରରେ ଜନ୍ମଗ୍ରହଣ କରିଥିଲା। ଯେଉଁ ସିଂହମାନେ ସ୍ଥାନୀୟ ଗୋରୁମାନଙ୍କୁ ଆକ୍ରମଣ କରି ହତ୍ୟା କରୁଥିଲେ, ସେମାନଙ୍କୁ ଏହି ଫାସିଲିଟି ସେଣ୍ଟରରେ ରଖାଯାଉଥିଲା ବୋଲି ଭାଲ୍ କହିଛନ୍ତି। ଜନ୍ମ ହେବା ସମୟରେ ସିଗ୍ରା ବହୁତ ଦୁର୍ବଳ ଥିଲା। ତେବେ ଜନ୍ମ ହେବାର କିଛି ଦିନ ମଧ୍ୟରେ ସିଗ୍ରାର ମା' ଓ ତା'ର ଭାଇମାନଙ୍କର ମୃତ୍ୟୁ ଘଟିଥିଲା। ଫଳରେ ସିଗ୍ରା ଏକାକୀ ହୋଇ ପଡ଼ିଥିଲା। ସେବେଠାରୁ ସେ ତା'ର ଯତ୍ନ ନେଇ ଆସୁଥିବା ଭାଲ୍ କହିଛନ୍ତି। ସେ ସିଗ୍ରାକୁ ନିଜ ଝିଅ ସ୍ୱରୂପ ଭାବି ତା'ର ଲାଳନପାଳନ କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ଦୁର୍ବଳ ଥିବା ସିଗ୍ରାର ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିଲା। ତେବେ କିଛି ବର୍ଷ ମଧ୍ୟରେ ସିଗ୍ରା ଧୀରେ ଧୀରେ ବଡ଼ ହୋଇଥିଲା। ତେଣୁ ସିଗ୍ରାକୁ କିପରି ଜଙ୍ଗଲରେ ଛଡ଼ାଯିବ ସେ ନେଇ ଭାଲ୍ ଚିନ୍ତିତ ହୋଇ ପଡ଼ିଥିଲେ। ଫାସିଲିଟି ସେଣ୍ଟରର ଏକ ଛୋଟ ଏନକ୍ଲୋଜରରେ ନୁହେଁ ବରଂ ସିଗ୍ରା ଏକ ଜଙ୍ଗଲରେ ମୁକ୍ତ ଭାବେ ଜୀବନ ବିତାଉ ବୋଲି ଭାଲ୍ ଚାହୁଁଥିଲେ। ତେବେ ଦୀର୍ଘ ଦିନ ଧରି ଫାସିଲିଟି ସେଣ୍ଟରରେ ରହିଥିବାରୁ ସିଗ୍ରାକୁ ଜଙ୍ଗଲରେ ଛାଡ଼ିବା ବିପଜ୍ଜନକ ହୋଇପାରେ ବୋଲି ଭାଲ୍ ଆଶଙ୍କା କରିଥିଲେ। ଏଭଳି ପରିସ୍ଥିତିରେ ଭାଲ୍ ଏବଂ ତାଙ୍କର ଟିମ୍ ବୋତ୍‌ସ୍ୱାନାର କାଲାହରି ଅଭୟାରଣ୍ୟ ନିକଟରେ ୨,୦୦୦ ହେକ୍ଟରର ବୈଜ୍ଞାନିକ ସ୍ୱୀକୃତିପ୍ରାପ୍ତ ସିଂହମାନଙ୍କ ରହିବା ପାଇଁ ଉଦ୍ଦିଷ୍ଟ ଏକ ରିଜର୍ଭ ପ୍ରତିଷ୍ଠା କରିଥିଲେ। ଏହି ରିଜର୍ଭର ଆୟତନ ନ୍ୟୁୟର୍କ ସହରର ପ୍ରସିଦ୍ଧ ସେଣ୍ଟ୍ରାଲ ପାର୍କଠାରୁ ୬ ଗୁଣା ଅଧିକ ହେବ ବୋଲି ଭାଲ କହିଛନ୍ତି। ଉକ୍ତ ରିଜର୍ଭରେ ଭାଲ୍ ଓ ତାଙ୍କ ସହଯୋଗୀ ସିଗ୍ରାକୁ ଛାଡ଼ିବା ସହ ତା'ର ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ। ଇତିମଧ୍ୟରେ ସିଗ୍ରା ଏବେ ୧୨ ବର୍ଷର ହୋଇଯାଇଛି। ସିଗ୍ରାର ପ୍ରତ୍ୟେକ ମୁହୂର୍ତ୍ତର କାର୍ଯ୍ୟକଳାପକୁ ଟ୍ରାକ୍ କରିବା ପାଇଁ ତା' ବେକରେ ଭାଲ୍ ଏକ ସାଟେଲାଇଟ୍ ଟ୍ରାକିଂ କଲର୍ ପିନ୍ଧାଇଛନ୍ତି। ମଙ୍ଗଳବାର ଭାଲ୍ ସିଗ୍ରା ସହିତ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସିଗ୍ରା ଓ ଭାଲ୍ ମିଶି ମଜା କରୁଥିବାର ନଜର ଆସିଛନ୍ତି। ସୋସିଆଲ ମିଡିଆ ୟୁଜର୍ସମାନେ ଏହି ଭିଡିଓକୁ ବେଶ୍ ପସନ୍ଦ କରିଛନ୍ତି।

# ଅଲଗା ହେବେ ଜେନିଫର୍, ବେନ୍

ୱାଶିଂଟନ



ଆମେରିକୀୟ ଅଭିନେତ୍ରୀ ତଥା ସଙ୍ଗୀତଜ୍ଞ ଜେନିଫର୍ ଲୋପେଜ୍ (୫୫) ଏବଂ ଆମେରିକୀୟ ଅଭିନେତା ତଥା ଫିଲ୍ମ ନିର୍ମାତା ବେନ୍ ଆଫ୍ଲେକ୍(୫୨)ଙ୍କୁ ହଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଯୋଡ଼ି ଭାବେ ଗଣା ଯାଇଥାଏ। ତେବେ ବିବାହର ୨ ବର୍ଷ ପରେ ଏହି ଷ୍ଟାର ଯୋଡ଼ି ପରସ୍ପରଠାରୁ ଅଲଗା ହେବାକୁ ଯାଉଛନ୍ତି। ଜେନିଫର୍ ବୁଧବାର ଲସ୍ ଏଞ୍ଜେଲସ୍‌ସ୍ଥିତ କୋର୍ଟରେ ଛାଡ଼ପତ୍ର ଆବେଦନ କରିଛନ୍ତି। ଏପ୍ରିଲ ୨୬ ସେମାନଙ୍କ ବିଚ୍ଛେଦର ତାରିଖ ହୋଇଥିବା ଜେନିଫର୍ ଅଦାଲତରେ ଦାଖଲ କରିଥିବା ଦସ୍ତାବିଜରେ ଦର୍ଶାଇଛନ୍ତି। ଠିକ୍ ୨ ବର୍ଷ ପୂର୍ବେ ୨୦୨୨ ଅଗଷ୍ଟରେ ଆମେରିକାର ଜର୍ଜିଆରେ ଉଭୟ ଜେନିଫର୍ ଓ ବେନ୍‌ଙ୍କ ଭବ୍ୟ ବିବାହ ଆୟୋଜନ ହୋଇଥିଲା। ଉଭୟେ ପ୍ରଥମ ଥର ପାଇଁ ୨୦୦୩ରେ ପରସ୍ପରକୁ ପ୍ରେମ ନିବେଦନ କରିଥିଲେ। ୨୦୦୩ରେ ରିଲିଜ୍ ହୋଇଥିବା ହଲିଉଡ୍ ଫିଲ୍ମ 'କ୍ରାଇମ୍ କ୍ୟାପର୍ ଗିଗ୍‌ଲି'ର ସେଟ୍‌ରେ କାମ କରିବାବେଳେ ଜେନିଫର୍ ଓ ବେନ୍ ପରସ୍ପରକୁ ଭଲ ପାଇ ବିବାହ କରିବାକୁ ଯୋଜନା କରିଥିଲେ। ତେବେ ୨୦୦୪ରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ଏହାର ପ୍ରାୟ ୨ ଦଶନ୍ଧି ପରେ ଜେନିଫର୍ ଓ ବେନ୍ ପୁଣି ଥରେ ସେମାନଙ୍କ ସମ୍ପର୍କକୁ ଯୋଡ଼ିଥିଲେ। ୨୦୨୨ ଜୁଲାଇରେ ଲାସ୍‌ଭେଗାସର ଏକ କାର୍ଯ୍ୟକ୍ରମରେ ବେନ୍‌ଙ୍କୁ ବିବାହ କରିବେ ବୋଲି ଜେନିଫର୍ ଘୋଷଣା କରିଥିଲେ।

# କାଦୁଅରେ ଗାଧୋଇ ପ୍ରତିବାଦ

ଅହମଦନଗର

ମହାରାଷ୍ଟ୍ର ଅହମଦନଗର ଜିଲା ଶେବଗାଓଁ ଅଞ୍ଚଳରେ ଗତ କିଛିଦିନ ଧରି ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇଯାଇଛି। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସ୍ଥାନୀୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନେତା ସଞ୍ଜୟ ନାଙ୍ଗ୍ରେ ବୁଧବାର ଏକ ନିଆରା ଉପାୟରେ ପ୍ରତିବାଦ କରିଛନ୍ତି। ସେ ଶେବ୍‌ଗାଓଁର ପାଣି ଜମି ରହିଥିବା ଏକ ରାସ୍ତା ମଝିରେ ବସି କାଦୁଅ ପାଣିରେ ଗାଧୋଇ ନିଜର ବିରୋଧ ପ୍ରଦର୍ଶନ କରିଛନ୍ତି।



# ପୁଣି ଅପେକ୍ଷା

ରଶ୍ମିକା ମନ୍ଦାନା କେତେ ଆଶା ବାନ୍ଧି ବସିଥିଲେ। ଯାହାହେଉ ଏଥର ସ୍ୱାଧୀନତା ଦିବସରେ 'ପୁଷ୍ପା–୨' ରିଲିଜ ହେବ। ହେଲେ ପୁଣି ଥରେ ଏହାର ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଚଳିତ ବର୍ଷ ଡିସେମ୍ବର ୬ରେ ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବିଗ୍ ବଜେଟ୍‌ବିଶିଷ୍ଟ ଏହି ତେଲୁଗୁ ଫିଲ୍ମର ନିର୍ମାଣରେ ପାଖାପାଖି ୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସୁକୁମାର ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସବୁଠାରୁ ଖାସ୍ କଥା ହେଲା 'ପୁଷ୍ପା'ରେ ନାୟକ ଭାବରେ ଅବତୀର୍ଣ୍ଣ ହୋଇଥିବା ଅଲ୍ଲୁ ଅର୍ଜୁନଙ୍କୁ ଏଥିରେ ମଧ୍ୟ ରିପିଟ୍ କରାଯାଇଛି। ନବୀର ୟେରନେନି ଏବଂ ୟାମାନଚିଲ୍ଲି ରବି ଶଙ୍କର ଏହାର ପ୍ରଯୋଜନା କରିଛନ୍ତି। ଫିଲ୍ମ ବିଷୟରେ ରଶ୍ମିକା କହନ୍ତି, 'ଏହି ଫିଲ୍ମର ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବା ପାଇଁ ଚେଷ୍ଟା କରାଯାଇଛି। ଅଭିନୟ କରିଥିବା କଳାକାରମାନେ ନିଜ ଭୂମିକାକୁ ଠିକ୍ ଭାବରେ ତୁଲାଇଛନ୍ତି। ବର୍ତ୍ତମାନ ସବୁକିଛି ଦର୍ଶକଙ୍କ ଉପରେ ନିର୍ଭର କରେ। ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ।'


ରଶ୍ମିକା

## କେବଳ ଜନ୍‌ଙ୍କ ପାଇଁ..

ଏକଦା ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ଜ୍ୟାକଲିନ୍ ଫର୍ନାଣ୍ଡିସ ଏବେ ଅଭିନୟ ସହ ନିଜକୁ ଜଡିତ ରଖିଛନ୍ତି। ଇତିମଧ୍ୟରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଆକ୍ଟିଂ କରିସାରିଲେଣି। ତେବେ ନିଜ ଫିଟ୍‌ନେସ ବିଷୟରେ କହିବା ବେଳେ ସେ ଜଣଙ୍କୁ ପ୍ରଶଂସା ନ କରି ରହିପାରୁ ନାହାନ୍ତି। ସେ କିଏ ଜାଣନ୍ତି ? ଜନ୍ ଆବ୍ରାହମ୍। ଏ ବିଷୟରେ ଜ୍ୟାକଲିନ୍ କହନ୍ତି, 'ମୋ ଫିଟ୍‌ନେସ ପାଇଁ ଯଦି କାହାର ଅବଦାନ ଅଧିକ ଥାଏ ତେବେ ସେ ହେଉଛନ୍ତି ଜନ୍ ଆବ୍ରାହମ୍। ଏବେ ମଧ୍ୟ ମୁଁ ନିୟମିତ ସମୟ ଅନ୍ତରାଳରେ ତାଙ୍କଠାରୁ ଫିଟ୍‌ନେସ୍ ଟିପ୍ସ ନେଇଥାଏ। ତେଣୁ ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଅଭିନୟରେ ପାଦ ଦେବା ପୂର୍ବରୁ ଜ୍ୟାକଲିନ୍ ଟିଭି ରିପୋର୍ଟର ଭାବରେ କାର୍ଯ୍ୟ କରୁଥିଲେ। ତା' ପୂର୍ବରୁ ସେ ୟୁନିଭର୍ସିଟି ଅଫ୍ ସିଡନୀରୁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଆଲ୍ଲାଦିନ' (୨୦୦୯)। କେବଳ ଇଂଲିଶ ନୁହେଁ, ସେ ଭଲ ଭାବରେ ହିନ୍ଦୀ, ସ୍ପାନିସ ଏବଂ ଆରବିକ୍ ଭାଷା କହିପାରନ୍ତି।


ଜ୍ୟାକଲିନ୍

ଅପେରା ହାଲ୍‌ଚାଲ୍

## ନୂଆ ରୂପରେ ସ୍ୱର୍ଣ୍ଣମନ୍ଦିର

ଏଥର ଯାତ୍ରା ସିଜନରେ ଯାତ୍ରା ଜୁଏଲ ସ୍ୱର୍ଣ୍ଣମନ୍ଦିର ନୂଆ ରୂପରେ ମଇଦାନକୁ ଓହ୍ଲାଇବାକୁ ଯାଉଛି। ମୁକ୍ତିକାନ୍ତ ସାମଲଙ୍କ ପ୍ରଯୋଜିତ ଏହି ଅପେରା ପାର୍ଟିର ମୁଖ୍ୟ ପରିଚାଳକ ଅଛନ୍ତି ବାବୁଲି ମହାନ୍ତି। ପାର୍ଟି ବିଷୟରେ ବାବୁଲି କହନ୍ତି, 'ଏଥର ସାଜସଜ୍ଜା ବ୍ୟତୀତ ନାଟକ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ଭଲ କାହାଣୀ ସାଙ୍ଗକୁ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ନାଟକ ରଚନା କରାଯାଇଛି। ଅତ୍ୟାଧୁନିକ ଲାଇଟ୍, ମଞ୍ଚ ଏବଂ ଅଭିଜ୍ଞ କଳାକାରଙ୍କୁ ନେଇ ଏଥର ପାର୍ଟି ଗଠିତ ହୋଇଛି। ଚଳିତ ମାସ ୨୮ ତାରିଖରୁ ଯାଜପୁର ଜିଲା ବଡଚଣାସ୍ଥିତ କଡେଇରେ ଏହି ପାର୍ଟି ତାହାର ଏବର୍ଷର ପ୍ରଥମ କ୍ୟାମ୍ପ କରିବାକୁ ଯାଉଛି।' ଏଥର ସ୍ୱର୍ଣ୍ଣମନ୍ଦିରରେ ବୈକୁଣ୍ଠ–ବାସନ୍ତୀ (ବାରେକ), ବିଜୟ–ପୂର୍ଣ୍ଣିମାଙ୍କ ବ୍ୟତୀତ ସୁଇଟି, ସୀମା, ଟିକି, ସିଡୁ ଧାରାବାହିକ ଅଭିନେତା ସୋମେଶ, ସିରିଏଲ କୁଇନ ଛନ୍ଦିତା (ଲିସା), ବିଚିତ୍ର, କୁନା, କୁଳ ସହିତ ଅନ୍ୟାନ୍ୟ କଳାକାର ଅଛନ୍ତି। ନୂଆ ନାଟକଗୁଡିକ ହେଉଛି ମନୋଜ ପଣ୍ଡାଙ୍କ 'ପ୍ରଥମ ରାତିର ଶେଷ ପୁରୁଷ', ଦୀପକ ଜେନାଙ୍କ ଦୁଇଟି ନାଟକ ବ୍ୟତୀତ 'ବେଳେ ବେଳେ ଏମିତି ଭୁଲ୍ ହୁଏ' 'ମୋ ଆଖିର ଲୁହ ତୋରି ପାଇଁ' ଏବଂ 'ସେ ମୋ ସ୍ତ୍ରୀ'। ତେବେ ନାଟକଗୁଡିକ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ବାବୁଲି ମହାନ୍ତି

## ଆଶାରେ ସୋନା

ନବାଗତା ସୋନା ମଲ୍ଲିକ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଆଭା'କୁ ନେଇ ଢେର ଆଶା ରଖିଛନ୍ତି। ଏଥିରେ ସେ ଜଣେ ଭିନ୍ନକ୍ଷମ ଝିଅ ଚରିତ୍ରରେ ଅଭିନୟ କରିଛନ୍ତି। କାହାଣୀ ଅନୁସାରେ ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଜଣେ ଶାରୀରିକ ଭିନ୍ନକ୍ଷମ ଝିଅ। ଭିନ୍ନକ୍ଷମ ହେଲେ ବି ତା' ଆଖିରେ ପୁଳାଏ ସ୍ୱପ୍ନ। ବାଧାବିଘ୍ନକୁ ସାମନା କରି ତାକୁ କିପରି ସାହସର ସହ ମୁକାବିଲା କରିବାକୁ ପଡ଼ିବ ସେ ନେଇ ଆଭା ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଛି। ତେବେ ପରବର୍ତ୍ତୀ ସମୟରେ ସେ କିପରି ନିଜ ଜୀବନକୁ ଆଗେଇ ନେଇଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ନେଇ ଓମ୍ ବାବା ପ୍ରଡକସନ୍ସ ବ୍ୟାନରରେ ଏହି ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଉକ୍ତ ଚିତ୍ରର ଅନ୍ୟାନ୍ୟ ଭୂମିକାରେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର, ଶତୋ ଆଚାର୍ଯ୍ୟ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ପଶ୍ଚିମବଙ୍ଗର ମେଦିନାପୁରର ଜଙ୍ଗଲ ଘେରା ଏକ ଆଦିବାସୀ ଗ୍ରାମରେ ଏହାର ଶୁଟିଂ କରାଯାଇଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ପ୍ରବୀର ମହାପାତ୍ର। ସଂଳାପ ଲେଖିଛନ୍ତି ମୋହିତ ଚକ୍ରବର୍ତ୍ତୀ। ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ପଲ୍ଲ ରୟ।


'ଆଭା' ଫିଲ୍ମରେ ସୋନା

# ଦମନ: ଓଡ଼ିଆ ସିନେମା ପାଇଁ ନୂଆ ସନ୍ଦେଶ

"କୋଭିଡ୍ ମହାମାରୀ ପରେ ନିକଟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା 'ଦମନ' ଓଡ଼ିଆ ସିନେମା ପ୍ରଯୋଜକଙ୍କୁ ନୂଆ ରାସ୍ତା ଦେଖାଇଥିଲା। 'ଭଲ ସିନେମା କଲେ ଓଡ଼ିଆ ଦର୍ଶକ ଫେରିବେ'–ଏହି କଥାକୁ ଚିତ୍ରଟି ପ୍ରମାଣ କରି ଦେଖାଇ ସାରିଛି। ନିଛକ କାହାଣୀ ଉପରେ ଠିକ୍ ଭାବରେ ସିନେମା ନିର୍ମାଣ କଲେ ଓଡିଆ ସିନେମା ପୁଣି ଥରେ ଦର୍ଶକାଦୃତ ହୋଇପାରିବ।"

ନବାଗତ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ ଏବଂ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଦମନ' ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର' ଭାବେ ପୁରସ୍କୃତ ହେବାକୁ ଘୋଷଣା ହୋଇଛି। ଏହା ଓଡ଼ିଆ ସିନେଜଗତ ପାଇଁ ଦମ୍ଭ ଯୋଗାଇବା ସହ ଏକ ନୂଆ ସନ୍ଦେଶ ମଧ୍ୟ ଦେଇଛି। ଉକ୍ତ ଚିତ୍ରଟିକୁ ପୂର୍ବରୁ ରାଜ୍ୟ ସରକାର ଟିକସମୁକ୍ତ କରିଥିଲେ। ଏହାର ମୁଖ୍ୟ ଚରିତ୍ରରେ ବାବୁସାନ୍ ମହାନ୍ତି ଓ ଦ୍ୱୀପାନ୍ୱିତ ଦାଶମହାପାତ୍ର ଅଭିନୟ କରିଛନ୍ତି।

କୋଭିଡ୍ ମହାମାରୀ ପରେ 'ଦମନ' ଓଡ଼ିଆ ସିନେମା ପ୍ରଯୋଜକଙ୍କୁ ନୂଆ ରାସ୍ତା ଦେଖାଇଥିଲା। 'ଭଲ ସିନେମା କଲେ ଓଡ଼ିଆ ଦର୍ଶକ ଫେରିବେ'–ଏହି କଥାକୁ ଚିତ୍ରଟି ପ୍ରମାଣ କରି ଦେଖାଇ ସାରିଛି। ଭିନ୍ନ ଭିନ୍ନ ଭାଷାଭାଷୀ ସିନେମାରୁ ନକଲ କଲେ କେହି କେବେ ସମ୍ମାନ ଦେବେନାହିଁ। ନିଛକ କାହାଣୀ ଉପରେ ଠିକ୍ ଭାବରେ ସିନେମା ନିର୍ମାଣ କଲେ ଓଡିଆ ସିନେମା ପୁଣି ଥରେ ଦର୍ଶକାଦୃତ ହୋଇପାରିବ। ଅନ୍ୟପକ୍ଷରେ ଏହି ଫିଲ୍ମରେ ଜଣେ ଡାକ୍ତର ଭୂମିକାରେ ବାବୁସାନ୍ ନିଖୁଣ ଅଭିନୟ ପ୍ରଦର୍ଶନ କରିଛନ୍ତି। ଏବେ ତାଙ୍କ ଫିଲ୍ମଗୁଡିକ ନିଆରା ଢଙ୍ଗରେ ଦର୍ଶକଙ୍କୁ ପ୍ରଭାବିତ କରୁଥିବାର ଦେଖିବାକୁ ମିଳୁଛି। ଚଳିତ ବର୍ଷ ରଜରେ ତାଙ୍କର ହୋମ ବ୍ୟାନରରେ ପ୍ରସ୍ତୁତ 'ପାବାର' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଛି ଏବଂ ଆସନ୍ତା ଦୁର୍ଗାପୂଜା ପାଇଁ ସେ ଆଉ ଏକ ନୂଆ ସିନେମା 'ସୋନକ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

ଓଡ଼ିଆ ସିନେମା 'ଦମନ'ର କଥାବସ୍ତୁ ହେଲା–ମ୍ୟାଲେରିଆ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଦୁର୍ଗମ ଅଞ୍ଚଳରେ 'ଦମନ' ନାମରେ ଏକ ଯୋଜନା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିଲା। ଏହି ଯୋଜନାରେ ସ୍ୱତନ୍ତ୍ର ଭାବେ ମ୍ୟାଲେରିଆ କ୍ୟାମ୍ପ କରାଯାଇ ଏହାର ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାରେ ସଚେତନତାର ବାର୍ତ୍ତା ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସାଧାରଣ ବ୍ୟକ୍ତିବିଶେଷଙ୍କ ପାଖରେ ପହଞ୍ଚିବା ଦରକାର। ଜନ ସଚେତନତା ସିନେମା ମାଧ୍ୟମରେ ହେଲେ ଏହା ଉଭୟ ସମାଜ ଏବଂ ବ୍ୟକ୍ତିବିଶେଷଙ୍କ ଠାରେ ବିଶେଷ ପ୍ରଭାବ ପକାଇଥାଏ।

ସିନେମା ହେଉଛି ବୃହତ୍ ଏକ ଗଣମାଧ୍ୟମ। ୮୭ ବର୍ଷର ଓଡ଼ିଆ ସିନେମାର ପ୍ରଭାବ ବେଳକୁ ବେଳ ହ୍ରାସ ପାଉଥିବା ବେଳେ ମଝିରେ ମଝିରେ ଜାତୀୟସ୍ତରରେ ଏପରି ପ୍ରୋତ୍ସାହନ ନୂତନ ପିଢିଙ୍କୁ ଭଲ ସିନେମା ନିର୍ମାଣ କରିବା ନିମନ୍ତେ ପ୍ରେରଣା ଯୋଗାଇବ। ଜନହିତକର ସଚେତନତା ପାଇଁ ଯଦି ଓଡିଶା ସରକାର ସିନେମା ମାଧ୍ୟମରେ କାର୍ଯ୍ୟକ୍ରମ କରାଇବା ଦିଗରେ ଅଧିକ ଗୁରୁତ୍ୱ ଦିଅନ୍ତେ, ତେବେ ସରକାରଙ୍କ କାର୍ଯ୍ୟଧାରା ବିଶେଷ ଫଳପ୍ରଦ ହୁଅନ୍ତା।

ଏହା ବ୍ୟତୀତ ଓଡ଼ିଆ ସିନେମାର ପ୍ରଦର୍ଶନକୁ ସୁଦୂର ପ୍ରସାରୀ କରିବା ନିମନ୍ତେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧିକୁ ସରକାରଙ୍କ ଶିଳ୍ପ ବିଭାଗ ପ୍ରାଥମିକତା ଦେବା ଦରକାର। ୮୭ ବର୍ଷର ଓଡ଼ିଆ ସିନେମାର ବୟସ ବେଳେ ୮୭ଟି ସିନେମା ହଲ୍ ନାହିଁ। ଓଡ଼ିଶା ପରି ରାଜ୍ୟରେ ପ୍ରତି ବ୍ଲକ ଓ ସହରାଞ୍ଚଳ ଅଧିକ ସଂଖ୍ୟକ ସିନେମା ହଲ୍ ନହେଲେ ଓଡ଼ିଆ ସିନେମାର ପ୍ରଗତି ଆଶା ନିରର୍ଥକ ହେବ। ଉତ୍ତାରୁ ସିନେମାର ମୋହ ଭଙ୍ଗ ହୋଇଛି। 'ଦମନ' ଦମ୍ଭ ବଳରେ ଓଡ଼ିଆ ସିନେମାକୁ ଆଗକୁ ବଢିବାକୁ ହେଲେ ଶିଳ୍ପ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହେବା ଉଚିତ୍। ଭଲ ସିନେମାର ଶ୍ରୀବୃଦ୍ଧି ପାଇଁ ପ୍ରଯୋଜକ–ନିର୍ଦ୍ଦେଶକ–କଳାକାର ଓ ଟେକ୍ନିସିଆନମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରାଗଲେ ତାହା ଭଲ ତଥା ଦର୍ଶକାଦୃତ ସିନେମା ପାଇଁ ଦ୍ୱାର ଉନ୍ମୁକ୍ତ କରିବ।




–ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

## କଥା ତ୍ୟାଗ, ସଂଘର୍ଷର

ମଣିଷ ଜୀବନରେ ତ୍ୟାଗ ଆଉ ସଂଘର୍ଷର ବିଶେଷ ଭୂମିକା ରହିଛି। ସେଭଳି କଥାବସ୍ତୁକୁ ନେଇ କାହାଣୀ ଗତିଶୀଳ। ଜଣେ ଅସୁସ୍ଥ ବୃଦ୍ଧଙ୍କର ମାନସିକ ଓ ଶାରୀରିକ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ପରିବର୍ତ୍ତିତ ସାମାଜିକ ସମସ୍ୟା କିପରି ଧୀରେ ଧୀରେ ବୟସ୍କଙ୍କୁ ଏକା ବଞ୍ଚିବାକୁ ଓ ମରିବାକୁ ବାଧ୍ୟ କରେ ଏବଂ କିପରି ଏହି ସମସ୍ୟାର ସମାଧାନ ହୋଇଛି ତାହାକୁ 'ସମୀକ୍ଷା' ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଛି। ଉକ୍ତ ସିନେମା ଏଥର ଗଣେଶ ପୂଜାରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି ପ୍ରଭାସିନୀ ପାଟଯୋଶୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରଞ୍ଜନ ମିଶ୍ର। ସଂଳାପ ଓ ଗୀତ ରଚନା କରିଛନ୍ତି ଅଭିଜ୍ଞ ସଚ୍ଚି ମହାନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ ଏବଂ ବିଦ୍ୟାଧର। କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ ଏବଂ କରୁଣାକର। ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ, ପ୍ରଭଞ୍ଜନ ମିଶ୍ର, ଅଭିଳାଷ ହୋତା, ବିକାଶ ପଟ୍ଟନାୟକ, ବବ୍ଲି, ବୁଲଟି, ଭରଦ୍ୱାଜ, ମମତା, କ୍ରିଷ୍ଣା ଓ ଶିଶୁ କଳାକାର ଆନିକା ପଟ୍ଟନାୟକ ପ୍ରମୁଖ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ।


'ସମୀକ୍ଷା' ଫିଲ୍ମର ଏକ ଦୃଶ୍ୟ

## ସଲ୍ଲୁଙ୍କ ଆକ୍ସନ ସଜବାଜ

ସଲମାନ ଖାଁ ଓରଫ ସଲ୍ଲୁଙ୍କୁ ନେଇ ଏବେ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଅଭିନୟ କରୁଥିବା ବିଗ୍–ବଜେଟ୍ ଫିଲ୍ମ 'ସିକନ୍ଦର'ର ୪୦ଦିନିଆ ଶୁଟିଂ ଆଜିଠାରୁ ଆରମ୍ଭ ହେବ। ହେଲେ ଏହି ସମୟରେ କେବଳ ଆକ୍ସନ ସିକ୍ୱେନ୍ସଗୁଡିକର ଶୁଟିଂ ହେବ ବୋଲି ସୂଚନା ଦେଇଛନ୍ତି ସଲମାନ। ଖାସ୍ କଥା ହେଲା ଏଥିରେ ୧୦,୦୦୦ ବନ୍ଧୁକ ଏବଂ ଗୁଳି ବ୍ୟବହାର କରାଯିବ। ଅନ୍ୟପକ୍ଷରେ ଏହାର ଶୁଟିଂ ପାଇଁ ସଲମାନ୍ ସ୍ୱତନ୍ତ୍ର ଭାବେ ସଜ ହେଉଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସାଜିଦ ନାଦିଓ୍ୱାଦଓ୍ୱାଲା। ନିର୍ଦ୍ଦେଶନା ଦେଉଛନ୍ତି ଦକ୍ଷିଣ ଭାରତୀୟ ସିନେମାର ନାମୀ ନିର୍ଦ୍ଦେଶକ ଏ.ଆର.ମୁରୁଗୋଡସ। ସଲମାନଙ୍କ ବ୍ୟତୀତ ଏଥିରେ ସୁନୀଲ ସେଟ୍ଟି, ରଶ୍ମିକା ମନ୍ଦାନା, ସତ୍ୟରାଜ, ପ୍ରତୀକ ବବ୍ବର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବାର ଯୋଜନା ରହିଛି।


ସଲମାନ୍

ନୂଆ ସିନେମା

## ଆଶ୍ରମ

କୌଣସି କ୍ଷେତ୍ରରେ ସଫଳତା ପାଇବା ସହଜ କଥା ନୁହେଁ। ଏଥିପାଇଁ ଲୋଡା ଏକାଗ୍ରତା, ଚେଷ୍ଟା ଆଉ ପ୍ରଗାଢ଼ ନିଷ୍ଠା। ପାଠପଢ଼ା ସମୟରେ ସେ ନିଜକୁ ନୃତ୍ୟ କଳା ସହ ଜଡିତ ରଖିଥିଲେ। ତଥାପି ସେ ନିଜର ଲକ୍ଷ୍ୟ ହାସଲ କରିବା ସହ ଜଣେ ଆଇଏଏସ ଅଫିସର ହୋଇପାରିଛନ୍ତି। ନିଜ କର୍ତ୍ତବ୍ୟମୟ ଜୀବନରେ ସେ କିପରି ଲୋକମାନଙ୍କର ସେବା କରିଛନ୍ତି ଆଉ ଚାକିରିରୁ ଅବସର ନେଇ ନିଜ ପ୍ରିୟ ଘରକୁ ଫେରିବା ପରେ ତାଙ୍କ ମନରେ ଅତୀତର ସ୍ମୃତି ଉଜାଗର ହୋଇଉଠିଛି। ଆଉ ତା'ପରେ କ'ଣ ହେଉଛି ତାହାକୁ ନେଇ କାହାଣୀ ଆଗକୁ ଗତି କରିଛି। ହଁ, ଏଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଶ୍ରମ'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ତପନ ଦାସ ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ଅସିତ ତ୍ରିପାଠୀ, ବିଶ୍ୱଜିତ ମହାପାତ୍ର, ରୂପକ ପରିଡା ଓ ସୋହିନୀ ମିଶ୍ର। ଏହାର ବିଭିନ୍ନ ଭୂମିକାରେ ମହାଶ୍ୱେତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ ମହାପାତ୍ର, ଶତୋ ଆଚାର୍ଯ୍ୟ, ତନୁଶ୍ରୀ, ସୌମ୍ୟା, ବିଜୟିନୀ ମିଶ୍ର, ଶଙ୍କର ଓ ତୁଷାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟିର କ୍ରିଏଟିଭ ଉପଦେଷ୍ଟା ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ର।


'ଆଶ୍ରମ' ଫିଲ୍ମରେ ସୂର୍ଯ୍ୟମୟୀ

# ‘କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ’



ପି.ଆର୍. ଶ୍ରୀଜେଶଙ୍କୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରୁଛନ୍ତି।


ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶାର ଅମିତ ରୋହିଦାସ।

## ଭାରତୀୟ ହକି ଦଳକୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ
## ଶ୍ରୀଜେଶଙ୍କୁ ‘ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ’ ପୁରସ୍କାର

ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)

ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ବୁଧବାର ଲୋକସେବା ଭବନର କନ୍‌ଭେନଶନ୍ ହଲ୍‌ରେ ପୁରସ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବ ଘୋଷଣା ଅନୁସାରେ ସପୋର୍ଟ ଷ୍ଟାଫ୍‌ଙ୍କୁ ୧୦ ଲକ୍ଷ ଓ ଖେଳାଳିଙ୍କୁ ୧୫ ଲକ୍ଷ ଲେଖାଏ ଏବଂ ଭାରତୀୟ ଦଳର ଓଡ଼ିଆ ତାରକା ଅମିତ ରୋହିଦାସଙ୍କୁ ୪ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଥିବା ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ‘ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ’ ପୁରସ୍କାର ଭାବେ ମୁଖ୍ୟମନ୍ତ୍ରୀ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ‘‘ଭାରତୀୟ ଦଳର ଏହି ସଫଳତା ଦେଶକୁ ଗର୍ବିତ କରିବା ସହ ଯୁବ ପିଢ଼ିଙ୍କୁ ଉତ୍ସାହିତ କରିଛି। କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ ସହ ଭବିଷ୍ୟତର କ୍ରୀଡ଼ା ପ୍ରତିଭାଙ୍କୁ ଗଢ଼ି ତୋଳିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଖେଳ କହିଲେ କେବଳ ପ୍ରତିଯୋଗିତାକୁ ବୁଝାଏ ନାହିଁ, ଏହା ରାଷ୍ଟ୍ରୀୟ ଏକତା ପାଇଁ ଏକ ବଳିଷ୍ଠ ମାଧ୍ୟମ ମଧ୍ୟ। ହକି ଆମକୁ ଏକତା, ଅନୁଶାସନ ଓ ସଂଘର୍ଷ ଭାବନା ଶିଖାଇଥାଏ। ହକିକୁ କ୍ୟାରିୟର କରୁଥିବା ଖେଳାଳିମାନେ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ସକ୍ଷମ। ହକି ଖେଳାଳିମାନେ ନିଜର ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିଥାନ୍ତି। ଖେଳାଳିମାନେ ହେଉଛନ୍ତି ଆମ ପ୍ରେରଣାର ଉତ୍ସ। ସରକାର ସମ୍ପୂର୍ଣ୍ଣ ଭାବରେ ଆମର ଖେଳାଳିମାନଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ସେମାନେ ଯେପରି ଆହୁରି ବଡ ସଫଳତା ହାସଲ କରିବେ, ସେଥିପାଇଁ ସେମାନଙ୍କୁ ସବୁପ୍ରକାର ସୁବିଧା ଓ ପ୍ରୋତ୍ସାହନ ଦିଆଯିବ। ହକିର ବିକାଶ ପାଇଁ ଆମେ ଆହୁରି ନୂଆ ନୂଆ ପଦକ୍ଷେପ ନେବୁ। ଆମର ଖେଳାଳିମାନେ ଯେପରି ବିଶ୍ୱସ୍ତରରେ ଶୀର୍ଷରେ ରହିବେ, ତାହା ଆମେ ସୁନିଶ୍ଚିତ କରିବୁ। ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ଉପାନ୍ତ ଅଞ୍ଚଳରୁ ଆସୁଥିବା କ୍ରୀଡ଼ାବିତ୍‌ମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନିଜର ଗାଁ ମାଟିରୁ ହିଁ ଆମର କ୍ରୀଡ଼ାବିତ୍‌ମାନେ ନିଜର ଦୃଢ଼ନିଷ୍ଠ ସ୍ୱର୍ଣ୍ଣିମ ଭବିଷ୍ୟତର ଯାତ୍ରା ଆରମ୍ଭ କରିଥାନ୍ତି। ତେଣୁ ତୃଣମୂଳ ସ୍ତରରୁ ଆସୁଥିବା ଏହି କ୍ରୀଡ଼ା ପ୍ରତିଭା ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ’’।

ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଜିତି ସୁନାମ ଅର୍ଜନ କରିଛି। ଏହି ବ୍ରୋଞ୍ଜ ପଦକ ଦୃଢ଼ନିଷ୍ଠ, ସ୍ୱର୍ଣ୍ଣିମ ଭବିଷ୍ୟତର ଶୁଭାରମ୍ଭ ପାଇଁ ଏକ ଆହ୍ୱାନ ପ୍ରଦାନ କରିଛି। ଖେଳାଳିଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଯୋଗୁ ଭାରତୀୟ ଦଳ କ୍ରମାଗତ ୨ଟି ଅଲିମ୍ପିକ୍ସ ଟୋକିଓ-୨୦୨୦ ଓ ପ୍ୟାରିସ-୨୦୨୪ରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛି। ଅଲିମ୍ପିକ୍ସ ଇତିହାସରେ ଭାରତୀୟ ହକି ଦଳର ବିଜୟ ଗାଥା ସର୍ବବିଦିତ। ୧୯୨୮ରୁ ସ୍ୱର୍ଣ୍ଣିମ ସଫଳତାରୁ ଭାରତୀୟ ଦଳର ପଦକ ଅଭିଯାନ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଭାରତ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିସାରିଛି। ୧୯୮୦ରେ ଭାରତ ଶେଷଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା। ବିଶ୍ୱର ଏହି ବଡ଼ ମଞ୍ଚରେ ଭାରତ ପୁଣି କେବେ ପଦକ ଜିତିବ ବୋଲି ସମସ୍ତଙ୍କ ଉତ୍କଣ୍ଠା ରହିଥିଲା। ମାତ୍ର ଏହି ସ୍ୱପ୍ନ ସାକାର ପାଇଁ ୪୧ ବର୍ଷ ଲାଗି ଯାଇଥିଲା। ଏହା ମଧ୍ୟରେ ଯେ ଆମେ ଉଦ୍ୟମ କରି ନ ଥିଲୁ ତା’ ନୁହେଁ। ସିଡ୍‌ନୀରେ ମିଳିଥିବା ଯନ୍ତ୍ରଣାକୁ ଦିଲୀପ ତିର୍କୀଙ୍କ ଅପେକ୍ଷା ଆଉ କିଏ ବା ଅଧିକ ଭଲଭାବେ ଅନୁଭବ କରିପାରିବ। ସେ ଯାହା ହେଉ ୪୧ ବର୍ଷ ପରେ ଟୋକିଓରେ ପଦକ ଶୂନ୍ୟତାକୁ ଭାରତ ଭରଣ କରିପାରିଥିଲା। ଭାରତ ଲଗାତର ପଦକ ଜିତିବାକୁ ସକ୍ଷମ କି ନୁହେଁ ପ୍ୟାରିସ ତା’ର ଜବାବ ଥିଲା। କ୍ରମାଗତ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଦଳ ୫୨ ବର୍ଷ ତଳର ସଫଳତାକୁ ଦୋହରାଇଥିଲା। ଭାରତୀୟ ହକିର ପୁନର୍ଜନ୍ମରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଭୂମିକା ପାଇଁ ମୁଁ ଗର୍ବିତ, ଜାତୀୟ ହକି ଦଳ ପ୍ରତି ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କର ଦୃଢ଼ ସମର୍ଥନ ଜାରି ରହିବ। ଆଗକୁ ଆସୁଥିବା ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ମୁଁ ଶୁଭ କାମନା ଜଣାଉଛି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ବିଧାୟକ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଅବସରରେ କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ, ଭାରତୀୟ ହକି ଦଳର ବ୍ରୋଞ୍ଜ ପଦକ ଆମ ପାଇଁ ସ୍ୱର୍ଣ୍ଣଠାରୁ କିଛି କମ୍ ନୁହେଁ। ଗୋଲକିପର ପି.ଆର. ଶ୍ରୀଜେଶ ଯଦିଓ ହକିରୁ ଅବସର ନେଇଛନ୍ତି ତେବେ ସେ ସବୁଦିନ ଆମ ହୃଦୟରେ ରହିବେ। ଶେଷରେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶାର ଭଲପାଇବା କେଉଁଠି ନାହିଁ: ଶ୍ରୀଜେଶ

‘‘ହକିକୁ ସହାୟତାର ହାତ ବଢ଼ାଇ ଓଡ଼ିଶା ସରକାର ଉଦାହରଣ ସୃଷ୍ଟି କରିଛନ୍ତି। ଓଡ଼ିଶା ବିଶେଷ କରି ଭୁବନେଶ୍ୱର ପରିବେଶ ମୋତେ ବହୁତ ଭଲ ଲାଗେ। ମୁଁ ଓଡ଼ିଶାକୁ ନିଜର ଦ୍ୱିତୀୟ ଘର ବୋଲି ଅନୁଭବ କରେ। ଭୁବନେଶ୍ୱର ଓ ରାଉରକେଲାରେ ଲୋକମାନଙ୍କର ଭଲପାଇବା ଯେପରି ମିଳିଥାଏ ତାହା ମୁଁ ଅନ୍ୟ କେଉଁଠାରେ ଦେଖିବାକୁ ପାଇନାହିଁ। ଏଠାରେ ଦର୍ଶକ ସମର୍ଥନ ଅଭୂତପୂର୍ବ। ଅନେକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆମକୁ ଓଡ଼ିଶା ଦର୍ଶକଙ୍କ କୋଳାହଳ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରେରିତ କରିଥାଏ। ଏହା ଅନେକ ସମୟରେ ଆମକୁ ବିଜୟ ସ୍ୱାଦ ଚଖାଇଥାଏ’’ ବୋଲି ନିକଟରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିବା ତାରକା ଗୋଲକିପର ପି.ଆର. ଶ୍ରୀଜେଶ ପ୍ରକାଶ କରିଛନ୍ତି।


ଭୁବନେଶ୍ୱର ବିମାନବନ୍ଦରରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ରୋଡ୍ ଶୋ’।

# ହକି ହିରୋଙ୍କୁ ଭବ୍ୟ ସ୍ୱାଗତ

ଅପରାହ୍ନ ୧୨ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଭାରତୀୟ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ ଭାରତୀୟ ହକି ହିରୋମାନଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଭାରତୀୟ ହକି ଦଳକୁ ଏକ ରୋଡ୍ ଶୋ’ ମାଧ୍ୟମରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ବିମାନ ବନ୍ଦରରେ ଶହ ଶହ ସଂଖ୍ୟାରେ ହକିପ୍ରେମୀ ଉପସ୍ଥିତ ରହି ସେମାନଙ୍କ ପ୍ରିୟ ଖେଳାଳିଙ୍କୁ ନିକଟରୁ ଦେଖିଥିଲେ ଏବଂ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଶଂସକମାନଙ୍କର ‘ଟିମ୍ ଇଣ୍ଡିଆ’ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଲୋକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଜନସାଧାରଣ ଭାରତୀୟ ହକି ଟିମ୍‌କୁ ଅଭିବାଦନ ଜଣାଇଥିଲେ। ଖେଳାଳିଙ୍କୁ ସ୍ୱାଗତ ଅବସରରେ କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ, ‘‘ଓଡ଼ିଶା ମାଟିରେ ଭାରତୀୟ ହକି ଦଳର ଖେଳାଳିଙ୍କୁ ସ୍ୱାଗତ ଜଣାଉଛି। ଆପଣମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଆପଣମାନେ ଇତିହାସ ରଚିଛନ୍ତି। ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଆପଣମାନେ ଆଗାମୀ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ବିଜୟ ଲାଭ କରି ଆମ ଦେଶ ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିବେ ବୋଲି ମୁଁ ଆଶା କରୁଛି’’।

ପ୍ରକାଶଯୋଗ୍ୟ ଯେ, ଟୋକିଓ ଅଲିମ୍ପିକ୍ସ -୨୦୨୦ ଓ ପ୍ୟାରିସ ଅଲିମ୍ପିକ୍ସ - ୨୦୨୪ରେ ଭାରତୀୟ ହକି ଦଳ ଲଗାତର ୨ଥର ବ୍ରୋଞ୍ଜ ପଦକ ଜିତି ଭାରତ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ୧୯୨୮ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ ବ୍ରୋଞ୍ଜ ଏହିପରି ମୋଟ ୧୩ଟି ପଦକ ହାସଲ କରିଛି।

### ସୁଦର୍ଶନ ପଟ୍ଟନାୟକଙ୍କ ଫଟୋଚିତ୍ର ଉପହାର



ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଭାରତୀୟ ହକି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ ପାଇଁ ଆୟୋଜିତ ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳାର ଏକ ଫଟୋଚିତ୍ର ଭାରତୀୟ ହକି ଦଳକୁ ଉପହାର ସ୍ୱରୂପ ଦେଇଥିଲେ। ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ଗୋଲକିପର ପି.ଆର. ଶ୍ରୀଜେଶ ଏହାକୁ ଗ୍ରହଣ କରିଥିଲେ। ହକି ଇଣ୍ଡିଆ ପକ୍ଷରୁ ସୁଦର୍ଶନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂଙ୍କ ଉପସ୍ଥିତିରେ ସୁଦର୍ଶନଙ୍କୁ ପି.ଆର. ଶ୍ରୀଜେଶ ସମ୍ବର୍ଦ୍ଧିତ କରିଥିଲେ।

## କଳିଙ୍ଗରେ ସମ୍ବର୍ଦ୍ଧନା

ଭାରତୀୟ ହକି ଦଳର ସଦସ୍ୟମାନେ ବସ୍ ଯୋଗେ କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଫଟୋ ଶୁଟ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତଭାବେ ବିଭିନ୍ନ ଖେଳାଳିଙ୍କ ସହ ଫଟୋ ଉଠାଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଏକମାତ୍ର ଖେଳାଳି ଅମିତ ରୋହିଦାସ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ସହିତ ବେଶ୍ କିଛି ସମୟ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ପାରମ୍ପରିକ ବାଦ୍ୟ, ନୃତ୍ୟରେ ପରିବେଶ ମୁଖରିତ

ଭାରତୀୟ ହକି ଦଳର ଖେଳାଳିଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ କରାଯିବା ଅବସରରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ପରିବେଶ ମୁଖରିତ ହୋଇଥିଲା। ସଂକୀର୍ତ୍ତନ ସହ ଆଦିବାସୀ ନୃତ୍ୟ, ଛଉ ନୃତ୍ୟ ଆଦି ଆକର୍ଷଣର କେନ୍ଦ୍ରରେ ରହିଥିଲା। ବିଶାଳ ବାଇକ ରାଲି ସହ ଭାରତୀୟ ହକି ଦଳକୁ ଏକ ବସ୍‌ରେ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଅଣାଯାଇଥିଲା। ଏହି ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଲୋକମାନେ ଉପସ୍ଥିତ ରହି ହକି ଖେଳାଳିଙ୍କୁ ସ୍ୱାଗତ କରିଥିଲେ।



କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତୀୟ ହକି ଦଳର ସଦସ୍ୟଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ: ବିକାଶ ନାୟକ)

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୨୪ Bhubaneswar, Thursday, August 22/ 2024

# ପ୍ୟାରିସ୍ ଗଲେ ୧୬ ଭାରତୀୟ ଆଥ୍‌ଲେଟ୍

ନୂଆଦିଲ୍ଲୀ,୨୧।୮(ପି.ଟି.)

ପାରାଲିମ୍ପିକ୍ସ ୨୦୨୪ ପୂର୍ବରୁ ଭାରତୀୟ ଆଥଲେଟିକ୍ସ ଦଳ ବୁଧବାର ପ୍ୟାରିସ୍‌କୁ ଆଗୁଆ ଯାତ୍ରା କରିଛି। ସ୍ଥାନୀୟ ପରିବେଶ ସହ ନିଜକୁ ଖାପ ଖୁଆଇବା ପାଇଁ ଭାରତୀୟ ଆଥଲେଟିକ୍ସ ଦଳ ପ୍ରଥମ ବ୍ୟାଚର ଖେଳାଳି ଭାବରେ ଯାତ୍ରା କରିଛନ୍ତି। ଜାଭେଲିନ୍ ଥ୍ରୋୟର ସୁମିତ ଆଣ୍ଟିଲଙ୍କ ନେତୃତ୍ୱରେ ୧୬ ଜଣ ଭାରତୀୟ ଆଥଲେଟ ଯାତ୍ରା କରିଛନ୍ତି। ୧୬ ଜଣ ପାରା ଆଥଲେଟ ପ୍ରଥମ କିଛି ଦିନ ହୋଟେଲରେ ଅବସ୍ଥାନ କରିବେ। ଅଗଷ୍ଟ ୨୫ ତାରିଖରୁ ଗେମ୍ସ ଭିଲେଜ ଖୋଲିବା ପରେ ଖେଳାଳିମାନେ ସେଠାକୁ ଯାତ୍ରା କରିବେ। ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ତାରିଖ ମଧ୍ୟରେ ପାରାଲିମ୍ପିକ୍ସ ଅନୁଷ୍ଠିତ ହେବ। ଆଥଲେଟିକ୍ସର ପ୍ରତିଯୋଗିତା ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ଉଦ୍‌ଯାପନୀ ସମାରୋହ ପର୍ଯ୍ୟନ୍ତ ଚାଲିବ। ସ୍ଥାନୀୟ ପରିବେଶ ସହିତ ଖାପଖୁଆଇବା ପାଇଁ ସୁମିତଙ୍କ ସମେତ ଅନ୍ୟ ଆଥଲେଟମାନେ ନେଲସନ୍ ମଣ୍ଡେଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅଭ୍ୟାସ କରିବେ ବୋଲି କୋଚ୍ ସତ୍ୟନାରାୟଣ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଭାରତ ଏହାର ଆଥଲେଟିକ୍ସ ଦଳ


ସୁମିତ ଆଣ୍ଟିଲ

## ପାରାଲିମ୍ପିକ୍ସ ୨୦୨୪

ନିକଟରୁ ୫ ସ୍ୱର୍ଣ୍ଣ ସହ ୧୨ଟି ପଦକ ଆଶା କରୁଛି ବୋଲି ସତ୍ୟନାରାୟଣ କହିଛନ୍ତି। ଜାପାନର କୋବରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପରେ ସମାନ ଖେଳାଳିମାନେ ୧୭ ପଦକ ହାସଲ କରିଥିଲେ। ଆଥଲେଟିକ୍ସରେ ୬ଟି ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ସହିତ ୫ ରୌପ୍ୟ ପଦକ ଭାରତ ହାତକୁ ଆସିଥିଲା। ସୁମିତ ଆଣ୍ଟିଲ, ଦୀପ୍ତି ଜୀବନଜୀ, ସଚିନ୍ ଖିଲାରୀ, ଏକତା ଭ୍ୟାନ୍, ସିମରନ୍ ଶର୍ମା ଓ ମରିୟାପ୍ପାନ ଥଙ୍ଗାଭେଲୁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଦଳ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହିତ ମୋଟ ୧୯ ପଦକ ଜିତିଥିଲା। ଚଳିତ ବର୍ଷ ଭାରତ ଏହାର ପାରାଲିମ୍ପିକ୍ସ ଇତିହାସର ସର୍ବବୃହତ ୮୪ ଜଣିଆ ଦଳ ପ୍ରେରଣ କରିଛି। ଏହା ମଧ୍ୟରୁ ୩୮ ଜଣ ପାରା ଆଥଲେଟ ରହିଛନ୍ତି। ପୂର୍ବରୁ ପାରାଲିମ୍ପିକ୍ସ କମିଟି ସଭାପତି ଦେବେନ୍ଦ୍ର ଝାଝରିଆ ଭାରତ ସମୁଦାୟ ୨୫ ପଦକ ଜିତିବାର ସମ୍ଭାବନା ଥିବା ମତ ଦେଇଥିଲେ। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସ ପରି ପାରାଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ମଧ୍ୟ ଷ୍ଟାଡିୟମ ବାହାରେ ଅନୁଷ୍ଠିତ ହେବ। ଚାମ୍ପ ଡି ଏଲିସ୍‌ରୁ ପ୍ଲେସ୍ ଡି ଲା କନକର୍ଡ ଯାଏ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଜାଭେଲିନ୍ ତାରକା ସୁମିତ ଆଣ୍ଟିଲ ଓ ଶଟ୍‌ପୁଟର ଭାଗ୍ୟଶ୍ରୀ ଯାଦବ ଭାରତର ପତାକା ବାହକ ରହିବେ।

# ଡୋପିଂରେ ବିଫଳ ସତ୍ତ୍ୱେ ବାସନ୍ଦ ହେଲେନି

ମାଞ୍ଚେଷ୍ଟର,୨୧।୮(ପି.ଟି.)

ଇଟାଲୀର ଟେନିସ୍ ଖେଳାଳି ଜାନିକ ସିନର ଦୁଇ ଥର ଡୋପ ଟେଷ୍ଟରେ ବିଫଳ ହୋଇଥିଲେ ହେଁ ତାଙ୍କୁ ବାସନ୍ଦ କରାଯାଇ ନାହିଁ। ଏହାକୁ ନେଇ ସମଗ୍ର ବିଶ୍ୱର ଖେଳାଳି ମାନଙ୍କ ମଧ୍ୟରେ କଡା ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଇଥର ଡୋପ ଟେଷ୍ଟରେ ବିଫଳ ହୋଇଥିଲେ ହେଁ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଥିବା ୟୁଏସ୍ ଓପନରେ ତାଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳୁଛି। ସିନର ଆନାବଲିକ ଷ୍ଟେରଏଡ ସେବନ କରିଥିବା ନେଇ ପ୍ରଥମ ଥର ମାର୍ଚ୍ଚ ମାସରେ ଜଣା ପଡିଥିଲା। ମଙ୍ଗଳବାର ସିନର ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ଧରା ପଡିବା ପରେ ଅନେକ ଖେଳାଳି ଏହା ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ଡେନିସ୍ ଶାପୋଭାଲୋଭ ଏକ୍ସରେ ପୋଷ୍ଟ କରିବା ସହ ଭିନ୍ନ ଖେଳାଳିଙ୍କ ପାଇଁ କାହିଁକି ଭିନ୍ନ ନିୟମ ବୋଲି ପ୍ରଶ୍ନ ଉଠାଇଥିଲେ। ପରେ ନିକ୍ କିର୍ଗିଓସ୍, ଲିଆମ ବ୍ରୋଡି ଓ ଜନ୍ ମିଲମ୍ୟାନ୍ ଏହି ଧାରାରେ ସାମିଲ ହୋଇଥିଲେ। କିର୍ଗିଓସ ଲେଖିଥିଲେ 'ଏହା ଯୋଜନା ବଦ୍ଧ କି ଦୁର୍ଘଟଣା ତାହା ଜଣାନାହିଁ। ମାତ୍ର ଜଣେ ଖେଳାଳି ୨ ଥର ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି ମାନେ ୨ ବର୍ଷ ବାସନ୍ଦ ହେବା ଉଚିତ୍। ପ୍ରଦର୍ଶନ ବୃଦ୍ଧିର ଷ୍ଟେରଏଡ୍ ଶରୀରରେ ମିଳିଥିବା କାରଣରୁ ଏପରି କରାଯିବା ଉଚିତ୍। ଯେଉଁଭଳି ମସାଜ କ୍ରିମ୍‌ର ବାହାନା ଦିଆଯାଉଛି ତାହା ଗ୍ରହଣୀୟ ନୁହେଁ। ଅନ୍ୟତମ ଖେଳାଳି ଲିଆମ୍ ବ୍ରୋଡି ଏହାକୁ ଅଭାବନୀୟ ବୋଲି କହିଛନ୍ତି। ଅନେକ ଖେଳାଳିଙ୍କୁ ପୂର୍ବରୁ ସମାନ କାରଣ ପାଇଁ ବ୍ୟାନ କରାଯାଇଛି। ସିନର ଡୋପିଂ କରୁଥିଲେ କି ନାହିଁ ତାହା ଭିନ୍ନ ମାମଲା। ମାତ୍ର ବ୍ୟାନ


ଜାନିକ ସିନର

## କଡ଼ା ପ୍ରତିକ୍ରିୟା ପ୍ରକାଶ କଲେ ଖେଳାଳି

କରାଯିବା ଉଚିତ୍ ଥିଲା ବୋଲି ବ୍ରୋଡି ପୋଷ୍ଟ କରିଛନ୍ତି। ଜନ୍ ମିଲମ୍ୟାନ୍ ମଧ୍ୟ ପୋଷ୍ଟ କରିବା ସହ ସିନରଙ୍କୁ ସମାଲୋଚନା କରିଛନ୍ତି। ମସାଜ କ୍ରିମରେ ଶରୀର ମଧ୍ୟକୁ ୧ ଗ୍ରାମରୁ ଅଧିକ ଷ୍ଟେରଏଡ କିଭଳି ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଶ୍ୱ ମାନ୍ୟତାର ଏକ ନମ୍ବର ଟେନିସ ଖେଳାଳି ଜାନିକ ସିନର ଷ୍ଟେରଏଡ ପାଇଁ ଦୁଇଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ହେ ଏକ ସ୍ୱାଧୀନ ଟ୍ରିବ୍ୟୁନାଲ ଏହି ମାମଲାର ବିଚାର କରି ମଙ୍ଗଳବାର ତାଙ୍କୁ ଦୋଷମୁକ୍ତ କରିଥିଲା। ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ହାର୍ଡକୋର୍ଟ ଇଭେଣ୍ଟ ବେଳେ ସିନରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସମ୍ପଲରୁ ନିଷିଦ୍ଧ ଆନାବୋଲି ଷ୍ଟେରଏଡ୍‌ର ମାତ୍ରା ଠାବ କରାଯାଇଥିଲା। ଏହି ଡ୍ରଗ୍ ପାଇଁ ସାନ ଡିଏଗୋ ପାଡ୍ରେସ ବେସ୍‌ବଲ ଷ୍ଟାର ଫର୍ନାଣ୍ଡୋ ଟାଟିସ ଜୁନିୟର ମେଜର ବେସ୍‌ବଲ ଲିଗ୍ ଦ୍ୱାରା ସସ୍‌ପେଣ୍ଡ ହୋଇଥିଲେ। ପୁଣି ୮ଦିନ ପରେ ପ୍ରତିଯୋଗିତା ବାହାରେ ସିନରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ଏହିଥିରେ ପଜିଟିଭ ଆସିବାରୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। କିନ୍ତୁ ସେ ଏହି ଦଣ୍ଡ ବିରୋଧରେ ଅପିଲ କରି ସଫଳ ହୋଇଥିଲେ। ଟୁର୍‌ରେ ଖେଳ ଜାରି ରଖିବା ଲାଗି ତାଙ୍କୁ ଅନୁମତି ମିଳିଥିଲା। ସିନର ଯୁକ୍ତି ଦର୍ଶାଇଥିଲେ ତାଙ୍କ ଶରରରେ ଏକ ଛୋଟ କ୍ଷତର ଚିକିତ୍ସା ପାଇଁ ତାଙ୍କର ଜଣେ ସପୋର୍ଟ ଟିମ୍ ଷ୍ଟାଫ୍ କ୍ଲୋଷ୍ଟେବଲ ଉପାଦାନ ଥିବା ଏକ ସ୍ପ୍ରେ ବ୍ୟବହାର କରିଥିଲେ। ଏହାଛଡ଼ା ସେ ସିନରଙ୍କ କ୍ଷତ ସ୍ଥାନରେ ମାଲିସ କରିଥିଲେ। ସିନରଙ୍କ ସଫେଇକୁ ଟ୍ରିବ୍ୟୁନାଲ ଗ୍ରହଣ କରିଥିଲା ଓ ସେ ଉଦ୍ଦେଶ୍ୟମୂଳକ ଭାବେ ନିୟମ ଉଲ୍ଲଂଘନ କରି ନାହାନ୍ତି ବୋଲି ଆଇଟିଏ ପକ୍ଷରୁ କୁହାଯାଇଛି।

# ଭାରତୀୟ ଦଳକୁ ନାସିରିଙ୍କୁ ଡାକରା

ନୂଆଦିଲ୍ଲୀ,୨୧।୮(ପି.ଟି.)

ଭାରତୀୟ ଦଳର ନବନିଯୁକ୍ତ କୋଚ୍ ମାନୋଲୋ ମାର୍କ୍ୱେଜ୍ ଆସନ୍ତା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ବୁଧବାର ଭାରତୀୟ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ମାର୍କ୍ୱେଜଙ୍କର ଏହା ପ୍ରଥମ ଟୁର୍ନାମେଣ୍ଟ ହୋଇଥିବା ବେଳେ ଭାରତୀୟ ଦଳକୁ ପ୍ରଥମ ଥର ଡାକରା ପାଇଛନ୍ତି କିୟାନ ନାସିରି। ୨୩ ବର୍ଷୀୟ ନାସିରି ପୂର୍ବରୁ ଆଇଏସ୍‌ଏଲ୍ ଚାମ୍ପିୟନ ମୋହନବାଗାନ ସୁପର ଜାଏଣ୍ଟ୍ସର ସଦସ୍ୟ ରହିଥିବା ବେଳେ ଚଳିତ ସିଜନରେ ଚେନ୍ନାଇନ୍ ଏଫ୍‌ସି ତାଙ୍କୁ ସାଇନ୍ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ

## ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ


କିୟାନ ନାସିରି

ଖେଳୁଥିବା ଇରାନର କିମ୍ବଦନ୍ତୀ ଖେଳାଳି ଜମଶିଦ୍ ନାସିରି ହେଉଛନ୍ତି କିୟାନଙ୍କ ପିତା। ଭାରତର ତାରକା ଡିଫେଣ୍ଡର ସନ୍ଦେଶ ଝିଙ୍ଗନଙ୍କ ନାମ ଏହି ତାଲିକାରେ ନାହିଁ। ଏସିଆନ୍ କପ୍‌ର ସିରିଆ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ସମୟରେ ଝିଙ୍ଗନଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ସେ ଏହି ଆହତ ସମସ୍ୟାରୁ ବାହାରି ନ ଥିବା କାରଣରୁ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନାହିଁ। ୨୬ ଜଣିଆ ସମ୍ଭାବ୍ୟ ଦଳରେ ମୋହନବାଗାନର ସେଣ୍ଟର ବ୍ୟାକ୍ ଆଶିଷ ରାୟ ଓ ଇଷ୍ଟ ବେଙ୍ଗଲ ଗୋଲକିପର ପ୍ରଭସୁଖରନ ଗିଲ୍‌ଙ୍କୁ ମଧ୍ୟ ପ୍ରଥମ ଥର ପାଇଁ ଡାକରା ମିଳିଛି। ସେପ୍ଟେମ୍ବର ୩-୯ ତାରିଖ ମଧ୍ୟରେ ହାଇଦ୍ରାବାଦରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

ଭାରତ ବ୍ୟତୀତ ସିରିଆ ଓ ମରିସସ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତ ଫିଫା ର୍ୟାଙ୍କିଙ୍ଗରେ ୧୨୪ ତମ ସ୍ଥାନରେ ରହିଥିବା ବେଳେ ସିରିଆ ୯୩ ଓ ମରିସସ୍ ୧୭୯ ତମ ସ୍ଥାନରେ ରହିଛି।

# ରୋନକ୍ ଦହିୟାଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଜିତିବା ପରେ ରୋନକ୍ ଦହିୟା।

ଅମ୍ମାନ,୨୧।୮(ପି.ଟି.)

ଜୋର୍ଡାନରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତର ରୋନକ୍ ଦହିୟା। ୧୧୦ କିଗ୍ରାର ଗ୍ରୀକୋ ରୋମାନ ଇଭେଣ୍ଟରେ ରୋନକ୍ ବ୍ରୋଞ୍ଜ ପଦକ ପ୍ଲେ ଅଫ୍

## ୧୭ ବର୍ଷରୁ କମ୍ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍

ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ଥିବା ରୋନକ୍ ତୁର୍କୀର ଏମରୁଲ୍ଲା କାପକାନଙ୍କୁ ୬-୧ରେ ପରାସ୍ତ କରିଥିଲେ। ଚଳିତ ବିଶ୍ୱ ଚାମ୍ପିୟନଶିପରେ ଏହା ଭାରତର ପ୍ରଥମ ପଦକ। ପୂର୍ବରୁ ହଙ୍ଗେରୀର ଜୋଲଟାନ୍ କାକୋଙ୍କଠାରୁ ପରାଜିତ ହୋଇ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଖେଳିଥିଲେ ରୋନକ୍। ଅନ୍ୟପକ୍ଷରେ ୟୁକ୍ରେନ୍‌ର ଇଭାନ୍ ୟାଙ୍କୋଭିସ୍କି ୧୩-୪ରେ ଜୋଲଟାନଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ୫୧ କିଗ୍ରା ଓଜନ ବର୍ଗରେ ଭାରତ ନିକଟରେ ଦ୍ୱିତୀୟ ପଦକ ହାସଲର ସୁଯୋଗ ରହିଛି। ସାଇନାଥ ପର୍ଦ୍ଧି ରିପିଚେଜ୍ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ଦୁଇଟି ମୁକାବିଲାରେ ବିଜୟୀ ହେଲେ ବ୍ରୋଞ୍ଜ ପଦକ ହାସଲ କରିପାରିବେ। ପ୍ରଥମ ମ୍ୟାଚ୍‌ରେ ସେ ଆମେରିକାର ଡୋମିନିକ୍ ମାଇକେଲ ମୁନାରେଟ୍ଟୋଙ୍କୁ ଭେଟିବେ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ କାଜାଖସ୍ତାନର ମୁସାନ ୟେରାସିଲ ଓ ଇରାନର ଆବୋଲଫଜଲ ମେହର୍ଦ୍ଦଦ କରାମିଏଗୀଙ୍କ ବିଜେତାକୁ ଭେଟିବେ।

# ଡ୍ରାଭିଡ୍, ରୋହିତଙ୍କୁ ସିଏଟ୍ ପୁରସ୍କାର

ମୁମ୍ବାଇ,୨୧।୮(ପି.ଟି)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଓ ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଡ୍ରାଭିଡଙ୍କୁ ସିଏଟ୍ ଆୱାର୍ଡ୍ସରେ ସମ୍ମାନିତ କରାଯାଇଛି। ରୋହିତ ଶର୍ମାଙ୍କୁ ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟର ସମ୍ମାନ ମିଳିଥିବା ବେଳେ ରାହୁଲ ଡ୍ରାଭିଡଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିରାଟ କୋହଲିଙ୍କୁ ଶ୍ରେଷ୍ଠ ଦିନିକିଆ ବ୍ୟାଟର ଓ ମହମ୍ମଦ ଶାମିଙ୍କୁ ଶ୍ରେଷ୍ଠ ଦିନିକିଆ ବୋଲର ଭାବରେ ସମ୍ମାନିତ କରାଯାଇଥିଲା। ଯଶସ୍ୱୀ ଜୟସ୍ୱାଲ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଟେଷ୍ଟ ବ୍ୟାଟର ଓ ବୋଲର ଭାବରେ ସମ୍ମାନିତ କରାଯାଇଥିଲା। ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ଶ୍ରେଷ୍ଠ କ୍ରୀଡା ପ୍ରଶାସକ ଭାବରେ ସମ୍ମାନିତ କରାଯାଇଥିଲା। ତାମିଲନାଡୁର ଆର. ସାଇ କିଶୋରଙ୍କୁ ଶ୍ରେଷ୍ଠ ଘରୋଇ କ୍ରିକେଟର, ଟିମ୍ ସାଉଦି ଶ୍ରେଷ୍ଠ ଟି୨୦ ବୋଲର ଓ ଫିଲ ସଲ୍ଟ ଶ୍ରେଷ୍ଠ ଟି୨୦ ବ୍ୟାଟର ଭାବରେ ସମ୍ମାନିତ ହୋଇଥିଲେ।

# ଫୋଡେନ୍, ଖାଡିଜା ଶ୍ରେଷ୍ଠ ଖେଳାଳି


ଫିଲ୍ ଫୋଡେନ


ଖାଡିଜା ଶ'


ଗ୍ରେସ୍ କ୍ଲିଣ୍ଟନ


କୋଲ୍ ପାଲମର

ମାଞ୍ଚେଷ୍ଟର,୨୧।୮(ପି.ଟି.)

ପ୍ରଫେଶନାଲ ଫୁଟବଲର୍ସ ଆସୋସିଏଶନ (ପିଏଫ୍‌ଏ) ପକ୍ଷରୁ ବୁଧବାର ଇଂଲିଶ ସକ୍କରର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ମାଞ୍ଚେଷ୍ଟର ସିଟି ପକ୍ଷରୁ ଖେଳୁଥିବା ଫିଲ ଫୋଡେନ ପୁରୁଷ ବର୍ଗରେ ଓ ମହିଳା ବର୍ଗରେ ଖାଡିଜା ଶ'ଙ୍କୁ ସମ୍ମାନିତ କରାଯାଇଛି। ଫୋଡେନ୍ ଚଳିତ ସିଜନରେ ୧୯ଟି ଗୋଲ ସ୍କୋର କରିଥିଲେ। ମାଞ୍ଚେଷ୍ଟର ସିଟି ପକ୍ଷରୁ ୧୯ ଗୋଲ ସ୍କୋର କରିବା ସହ କ୍ରମାଗତ ଚତୁର୍ଥ ଥର ପ୍ରିମିୟର ଲିଗ୍ ଟାଇଟଲ ବିଜୟୀ କରିଥିଲେ। ଏହା ସହିତ ସେ ୮ଟି ଗୋଲରେ ଆସିଷ୍ଟ ମଧ୍ୟ କରିଥିଲେ। ଅନ୍ୟ ପକ୍ଷରେ ଜାମାଇକା ପକ୍ଷରୁ ଖେଳୁଥିବା ଖାଡିଜା ଶ' ଚମତ୍କାର ପ୍ରଦର୍ଶନ କରି ଚଳିତ ସିଜନର ଓମେନ୍ସ ସୁପର ଲିଗ୍‌ରେ ୨୧ ଗୋଲ ସ୍କୋର କରିଥିଲେ। ଗୋଲ ବ୍ୟବଧାନରେ ପଛୁଆ ରହିଥିବା ସିଟି ଅଳ୍ପକେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ଚେଲ୍‌ସୀ ଓମେନ୍ସ ସୁପର ଲିଗ୍ ବିଜୟୀ ହୋଇଥିଲା। ପ୍ରଫେଶନାଲ ଖେଳାଳିଙ୍କ ଭୋଟ ଜରିଆରେ ଉଭୟଙ୍କୁ ଏହି ପୁରସ୍କାର ମିଳିଥିଲା।

ସେହିପରି କ୍ରିକେଟ୍‌ମାନଙ୍କ ପକ୍ଷରୁ ମଧ୍ୟ ଉଭୟଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଚେଲ୍‌ସୀର ଆଟାକିଂ ମିଡଫିଲ୍ଡର କୋଲ୍ ପାଲମରଙ୍କୁ ଶ୍ରେଷ୍ଠ ଯୁବ ଖେଳାଳି ଭାବରେ ସମ୍ମାନିତ କରାଯାଇଛି। ମାଞ୍ଚେଷ୍ଟର ୟୁନାଇଟେଡ୍ ମହିଳା ଦଳର ମିଡଫିଲ୍ଡର ଗ୍ରେସ୍ କ୍ଲିଣ୍ଟନଙ୍କୁ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ମିଳିଛି। ପାଲ୍‌ମର ଚେଲ୍‌ସୀ ପକ୍ଷରୁ ୨୨ଟି ଗୋଲ୍ ସ୍କୋର କରିଥିବା ବେଳେ ୧୧ଟି ଆସିଷ୍ଟ କରିଛନ୍ତି। ଦ୍ୱିତୀୟ ଚେଲ୍‌ସୀ ଖେଳାଳି ଭାବରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୦୨୩ରେ ଚେଲ୍‌ସୀ ପକ୍ଷରୁ ଖେଳୁଥିବା ଏର୍ଲିଙ୍ଗ ହାଲାଣ୍ଡ ଏହି ପୁରସ୍କାର ହାସଲ କରିଥିଲେ। ଅନ୍ୟ ପକ୍ଷରେ ଗ୍ରେସ୍ କ୍ଲିଣ୍ଟନ ବର୍ତ୍ତମାନ ଟଟେନହାମ୍ ପକ୍ଷରୁ ଲୋନରେ ଖେଳୁଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ